# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୧/୨୦୨୩ (୧୮ ପୃଷ୍ଠା) | Bhubaneswar, Wednesday, October 11/2023 | Page 18 | ₹ 7.00

୪୯ଶ ଭାଗ ୩୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 317 | ମୂଲ୍ୟ ₹୭/-



DSPL-276

5T | ଓଡ଼ିଶା ଶାସନ | ମିଶନ ଶକ୍ତି — ସଶକ୍ତ ମହିଳା | ସଶକ୍ତ ଓଡ଼ିଶା














ଗତିଶୀଳତା ହିଁ ସଶକ୍ତିକରଣ

## ମିଶନ ଶକ୍ତି
## ସ୍କୁଟର ଯୋଜନା

- **₹ 528 Cr.**
  ସ୍କୁଟର ଯୋଜନା ସୁଧ ଛାଡ଼
- **₹ 250 Cr.**
  ଜିପିଏଲ୍ଏଫ୍ ଅଫିସ୍ ଗୃହ
- **₹ 150 Cr.**
  2.5 ଲକ୍ଷ ଏସ.ଏଚ.ଜିଙ୍କୁ ସୁଧ ଫେରସ୍ତ
- BLF ଓ DLF ନିମନ୍ତେ ଗାଡ଼ି ବ୍ୟବସ୍ଥା

ସଶକ୍ତ ମହିଳା | ସଶକ୍ତ ଓଡ଼ିଶା



OIPR-48001/13/0006/2324

ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

ସ୍ୱତନ୍ତ୍ର



ଗାଜାର ଏକ ସହର ଉପରେ ଆକାଶମାର୍ଗରୁ ଇସ୍ରାଏଲ ସେନାର ପ୍ରତି ଆକ୍ରମଣ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୧ ଅକ୍ଟୋବର , ୨୦୨୩

## ଇସ୍ରାଏଲ୍‌କୁ ଭାରତର ଦୃଢ଼ ସମର୍ଥନ



ବେଞ୍ଜାମିନ୍ ନେତାନ୍ୟାହୁ



ନରେନ୍ଦ୍ର ମୋଦି

କଠିନ ସମୟରେ ଭାରତ ଇସ୍ରାଏଲ୍ ସହ ଦୃଢ଼ ଭାବେ ଛିଡ଼ାହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ କହିଛନ୍ତି। ମଙ୍ଗଳବାର ନେତାନ୍ୟାହୁ ଫୋନ୍ ଯୋଗେ ମୋଦିଙ୍କୁ ଇସ୍ରାଏଲ୍-ହମାସ ଯୁଦ୍ଧ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସବୁ ପ୍ରକାର ଆତଙ୍କବାଦକୁ ଭାରତ ଦୃଢ଼ ବିରୋଧ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଇସ୍ରାଏଲ୍‌କୁ ସମର୍ଥନ ବାର୍ତ୍ତା ଉଲ୍ଲେଖନୀୟ, କାରଣ ଭାରତ ପୂର୍ବରୁ ପାଲେଷ୍ଟାଇନ ସମସ୍ୟାକୁ ସମର୍ଥନ କରିଆସୁଥିଲା। ବିଗତ କିଛିବର୍ଷ ହେଲା ଏହା ଇସ୍ରାଏଲ୍‌ର ନିକଟତର ହୋଇଛି। ଭାରତ ମଧ୍ୟପ୍ରାଚ୍ୟରେ ବଡ଼ ଭୂମିକା ନେବା ସ୍ଥିତିରେ ପହଞ୍ଚିଥିବା ସମୟରେ ଯୁଦ୍ଧ ଆରମ୍ଭ ହୋଇଥିବାରୁ କଠିନ କୂଟନୈତିକ ସ୍ଥିତିକୁ ଅତିକ୍ରମ କରିବାକୁ ହେବ। ସଙ୍କଟ ସମାଧାନରେ ବନ୍ଧୁ ରାଷ୍ଟ୍ର ଭାରତ ସହଯୋଗ କରିବ ବୋଲି ଉଭୟ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ଆଶାବାଦୀ ଅଛନ୍ତି।

# ୩ ହଜାର ଟପିଲା ମୃତ୍ୟୁ

## ସୀମାନ୍ତ ଅଞ୍ଚଳକୁ ପୁନଃ ଦଖଲ କଲା ଇସ୍ରାଏଲ୍
## ଗାଜାରୁ ୨ ଲକ୍ଷ ଘର ଛାଡ଼ି ପଳାଇଲେଣି

ଜେରୁଜେଲମ୍/ ଗାଜା ସିଟି,୧୦।୧୦

ପାଲେଷ୍ଟାଇନ୍‌ର ହମାସ୍ ଆତଙ୍କବାଦୀ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୩,୦୦୦ ଅତିକ୍ରମ କରିଛି। ହମାସ୍ ବିଦ୍ରୋହୀମାନେ ଶନିବାର ଅଚାନକ ଆକ୍ରମଣ କରି ଅକ୍ତିଆର କରିଥିବା ଗାଜା ସୀମନ୍ତବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଇସ୍ରାଏଲ୍ ପୁଣିଥରେ ନିଜ ଦଖଲକୁ ନେଇଛି। ଇସ୍ରାଏଲର ଘନଘନ ଆକାଶ ମାର୍ଗରୁ ଆକ୍ରମଣ ଜାରି ରହିଥିବାବେଳେ ଗାଜାର ମୋଟ ୭୬୫ ଜଣଙ୍କ ମୃତ୍ୟୁ ଘଟିବା ସହ ୪,୦୦୦ରୁ ଅଧିକ ଆହତ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଅନ୍ୟ ପକ୍ଷରେ ହମାସ୍ ବିଦ୍ରୋହୀଙ୍କ ଆକ୍ରମଣରେ ଇସ୍ରାଏଲ୍‌ର ଅନ୍ୟୁନ ୯୦୦ ଲୋକ ନିହତ ଓ ୨,୬୦୦ ଆହତ ହୋଇଛନ୍ତି। ବିଦ୍ରୋହୀମାନେ ୧୫୦ ଜଣ ଏସ୍ରାଏଲୀଙ୍କୁ ବନ୍ଦୀକରି ରଖିଥିବା ଦାବି କରିଛନ୍ତି। ଏହା ବ୍ୟତୀତ ଇସ୍ରାଏଲ୍‌ରୁ ୧,୫୦୦ ହମାସ୍ ବିଦ୍ରୋହୀଙ୍କ ମୃତଦେହ ମିଳିଥିବା ସୈନ୍ୟବାହିନୀ ଦାବି କରିଛି। ଇସ୍ରାଏଲ୍ ଜୋର୍‌ଦାର ବୋମାମାଡ଼ ଜାରି ରଖିଥିବାରୁ ଗାଜାରୁ ୧,୮୭,୫୧୮ ଲୋକ ଜୀବନ ଭୟରେ ଘରଦ୍ୱାର ଛାଡ଼ି ପଳାଇଗଲେଣି ବୋଲି ଜାତିସଂଘ ମାନବୀୟ ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୧,୩୭,୪୨୭ ଜଣ ୟୁଏନ୍‌ଆର୍‌ଡବ୍ଲ୍ୟୁଏର ୮୩ ସ୍କୁଲ୍‌ରେ ଆଶ୍ରୟ ନେଇଛନ୍ତି।

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ୍ ଆତଙ୍କବାଦୀଙ୍କ ଗୁପ୍ତ ଆଡ୍ଡାକୁ ଧ୍ୱଂସ କରିବାକୁ ସଂକଳ୍ପ କରିଛନ୍ତି। ସେ କହିଛନ୍ତି, ଆମେ ଯୁଦ୍ଧ ଚାହୁଁ ନ ଥିଲୁ, ଆମକୁ ଏଥିପାଇଁ ବାଧ କରାଯାଇଛି। ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରି ନ ଥିଲା, କିନ୍ତୁ ଏହାର ପରିସମାପ୍ତ ଘଟାଇବ ବୋଲି ସେ କହିଛନ୍ତି। ନେତାନ୍ୟାହୁ ହମାସ୍‌କୁ ଇସ୍‌ଲାମୀୟ ଆତଙ୍କବାଦୀ ସଂଗଠନ ଆଇଏସ୍ ସହ ତୁଳନା କରିଛନ୍ତି। ହମାସକୁ ପରାଜିତ କରିବା ଲାଗି ସବୁ ଶକ୍ତି ଏକଜୁଟ୍ ହେବେ ବୋଲି ସେ ଏକ୍ସରେ ପୋଷ୍ଟ କରିଛନ୍ତି। ଗାଜା ଷ୍ଟ୍ରିପ୍‌କୁ ଚାରିପଟୁ ସମ୍ପୂର୍ଣ୍ଣ ଅବରୋଧ କରିବା ସହ ସେଠାକୁ ଖାଦ୍ୟ, ଇନ୍ଧନ, ବିଦ୍ୟୁତ୍ ବନ୍ଦ କରିଦେବ ବୋଲି ସୋମବାର ଇସ୍ରାଏଲ୍ କହିଥିଲା। ଇତିମଧ୍ୟରେ ଗାଜାକୁ ଇସ୍ରାଏଲ୍ ବିଦ୍ୟୁତ୍ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। ଗାଜାର ନିରୀହ ଲୋକଙ୍କ ଘର ଉପରେ ଇସ୍ରାଏଲ୍ ବୋମାମାଡ଼ କଲେ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ହମାସ୍ ମୁଖପାତ୍ର ଅବୁ ଉବାଇଡା କହିଛନ୍ତି। ଏହାର ଜବାବରେ ହମାସ୍ ବନ୍ଦୀ କରି ରଖିଥିବା ଇସ୍ରାଏଲୀଙ୍କ ମୁଣ୍ଡକାଟ କରିବ ବୋଲି ସୋମବାର ଧମକ ଦେଇଥିଲା। ଇତିମଧ୍ୟରେ ଇସ୍ରାଏଲ୍‌କୁ ଆମେରିକା ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମରିକ ସହାୟତା ଯୋଗାଇ ଦେଇଥିବାବେଳେ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବାସ୍ ରୁଷିଆ ଗସ୍ତରେ ଯିବେ ବୋଲି ଆଶା କରାଯାଉଛି। ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଅନ୍ୟୁନ ୧୧ ଆମେରିକୀୟ ନିହତ ହେଲେଣି। ହମାସ୍ ଅପହରଣ କରିନେଇଥିବା ଲୋକଙ୍କ ମଧ୍ୟରେ ଆମେରିକୀୟ ଥାଇପାରନ୍ତି ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି।

ଆମେରିକା, ଫ୍ରାନ୍ସ, ଜର୍ମାନୀ, ଇଟାଲି ଓ ବ୍ରିଟେନ୍ ଯୁଦ୍ଧରେ ଇସ୍ରାଏଲ୍‌କୁ ସମର୍ଥନ କରୁଥିବା ମଙ୍ଗଳବାର ଏକ ମିଳିତ ବିବୃତିରେ ଘୋଷଣା କରିଛନ୍ତି। ହମାସ୍‌ର ଆତଙ୍କବାଦୀ କାର୍ଯ୍ୟାନୁଷ୍ଠାନର କୌଣସି ଯଥାର୍ଥତା ନାହିଁ। ଏହା ବିଶ୍ୱବ୍ୟାପୀ ନିନ୍ଦା କରାଯିବା ଆବଶ୍ୟକ। ଏଭଳି ଅତ୍ୟାଚାରରୁ ଆମେ ଆମ ନାଗରିକମାନଙ୍କ ସୁରକ୍ଷା ପାଇଁ ଇସ୍ରାଏଲ୍‌ର ଉଦ୍ୟମକୁ ସମର୍ଥନ କରୁଛୁ ବୋଲି ଉପରୋକ୍ତ ଦେଶଗୁଡ଼ିକ କହିଛନ୍ତି।

### ୪୦ ଶିଶୁଙ୍କୁ ହତ୍ୟା କରିଛି ହମାସ୍

ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଇସ୍ରାଏଲ୍‌ର ୪୦ ଶିଶୁଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ଏକ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ଆତଙ୍କବାଦୀମାନେ ଘରେ ପଶି ଶିଶୁ ସମେତ ତାଙ୍କୁ ମାଆବାପାଙ୍କୁ ହତ୍ୟା କରିଛନ୍ତି। କେତେଜଣ ଶିଶୁଙ୍କ ମୁଣ୍ଡକାଟ୍ ହୋଇଥିବା ବେଳେ କେଉଁଠି ପୂରା ପରିବାରକୁ ସେମାନଙ୍କ ବେଡ୍‌ରେ ମାରିଦିଆଯାଇଥିବା ଇସ୍ରାଏଲୀ ସୈନ୍ୟ ଦେଖିବାକୁ ପାଇଛନ୍ତି।



ଇସ୍ରାଏଲର ରକେଟ୍ ମାଡ଼ରେ ବିଧ୍ୱସ୍ତ ଗାଜା ଷ୍ଟ୍ରିପର ଖାନ୍ ୟୁନିସ୍‌ରେ ମ୍ରିୟମାଣ ଜନସାଧାରଣ।

### ୫ ପାଲେଷ୍ଟିନୀୟ ଖବରଦାତା ନିହତ

ଇସ୍ରାଏଲ୍ ଆକ୍ରମଣରେ ପାଲେଷ୍ଟାଇନ୍‌ର ୫ ଖବରଦାତା ନିହତ ହେବା ସହ ୨ ଜଣ ଫଟୋଗ୍ରାଫର ନିଖୋଜ ହୋଇଛନ୍ତି। ମଙ୍ଗଳବାର ଗାଜା ସିଟି ଉପରେ ଇସ୍ରାଏଲ୍ ବିମାନରୁ ବୋମାମାଡ଼ କରାଯିବାରୁ ୨ ପାଲେଷ୍ଟିନୀୟ ଖବରଦାତାଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ନ୍ୟୁଜ୍ ସଂସ୍ଥା ୱାଫା ପକ୍ଷରୁ କୁହାଯାଇଛି। ମୃତକ ହେଲେ ସମ୍ପାଦକ ସଇଦ୍ ଅଲ୍ ତାୱିଲ୍ ଏବଂ ଫଟୋଗ୍ରାଫର ମହମ୍ମଦ ସୋବିହ। ଏକାଧିକ ଗଣମାଧ୍ୟମ କାର୍ଯ୍ୟାଳୟ ଥିବା ଏକ ଅଞ୍ଚଳ ଉପରେ ଇସ୍ରାଏଲ୍ ବୋମାମାଡ଼ କରିଥିଲା। ଶନିବାର ଗାଜାରେ ଖବର ସଂଗ୍ରହ କରୁଥିବା ୩ ପାଲେଷ୍ଟିନୀୟ ଖବରଦାତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ମୃତକ ହେଲେ ଇବ୍ରାହିମ ମହମ୍ମଦ ଲଫି, ମହମ୍ମଦ ଜରଘୌନ ଏବଂ ମୁକ୍ତବୃତ୍ତ ସାମ୍ବାଦିକ ମହମ୍ମଦ ଏଲ୍-ସାଲି।

## ଗୋଇନ୍ଦା ବିଫଳତା ପରେ କାର୍ଯ୍ୟାନୁଷ୍ଠାନରେ ବିଫଳ ଇସ୍ରାଏଲ୍



ଆମୋସ୍ ୟାଡଲିନ୍

ଇସ୍ରାଏଲ୍‌ର ଗୋଇନ୍ଦା ବିଫଳତା ସାଙ୍ଗକୁ କାର୍ଯ୍ୟାନୁଷ୍ଠାନରେ ବିଫଳ ହେବାରୁ ଶନିବାର ହମାସ୍ ଆକ୍ରମଣରେ ଏତେ ସଂଖ୍ୟାରେ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଲା ବୋଲି ଏହାର ପୂର୍ବତନ ସାମରିକ ଗୋଇନ୍ଦା ମୁଖ୍ୟ ମେଜର ଜେନେରାଲ ଆମୋସ୍ ୟାଡଲିନ୍ କହିଛନ୍ତି। ୟାଡଲିନ୍ ଦୀର୍ଘ ୪୦ ବର୍ଷ ଇସ୍ରାଏଲ୍ ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରିଛନ୍ତି। ସେ ୩୩ ବର୍ଷ ଯୁଦ୍ଧବିମାନ ପାଇଲଟ୍ ଥିବାବେଳେ ବାୟୁସେନାର ଉପକମାଣ୍ଡର ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଆଇଡିଏଫ୍ ମିଲିଟାରୀ ଇଣ୍ଟେଲିଜେନ୍ସ ଡାଇରେକ୍ଟୋରେଟ୍‌ର ମୁଖ୍ୟ ଥିଲେ। ହମାସ୍ ଜଳ, ସ୍ଥଳ ଓ ଆକାଶ ପଥରେ ଆକ୍ରମଣ କରିବା ବିସ୍ମୟକର। ଏନେଇ ଇସ୍ରାଏଲ୍ ଗୋଇନ୍ଦା ବିଭାଗ ପାଖରେ ପୂର୍ବରୁ କୌଣସି ସୂଚନା ନ ଥିଲା। ଯୁଦ୍ଧ ଶେଷ ହେବା ପରେ ଗୋଇନ୍ଦା ବିଫଳତାର କାରଣ ସମ୍ପର୍କରେ ତଦନ୍ତ ହେବା ଆବଶ୍ୟକ ବୋଲି ୟାଡଲିନ୍ କହିଛନ୍ତି। ଆଗୁଆ ଗୋଇନ୍ଦା ସୂଚନା ନ ଥିଲେ ମଧ୍ୟ ଅତ୍ୟାଧୁନିକ ଫେଞ୍ଚ୍ ବ୍ୟବସ୍ଥା ମଧ୍ୟ ଶତ୍ରୁକୁ ଅଟକାଇବା ପାଇଁ ସମୟ ଦେଇପାରିଥାନ୍ତା। ସୀମାରେ ସେନ୍‌ସର ଲାଗିଥିବା ସତ୍ତ୍ୱେ କେହି ସେଗୁଡ଼ିକୁ ନିଷ୍କ୍ରିୟ କରିଦେଇଥିଲେ। ତାହାର ମଧ୍ୟ ତଦନ୍ତ ହେବା ଜରୁରୀ ବୋଲି ପୂର୍ବତନ ଗୋଇନ୍ଦା ମୁଖ୍ୟ କହିଛନ୍ତି। ଆଇଏସ୍ ଭଳି ହମାସ୍‌ମାନେ ଅତି ନିର୍ଦ୍ଦୟ ଭାବେ ମହିଳା ଓ ଶିଶୁମାନଙ୍କୁ ହତ୍ୟା କରିଛନ୍ତି। ଇସ୍ରାଏଲ୍ ଏହାକୁ ବରଦାସ୍ତ କରିବ ନାହିଁ। ଆମେ ଏବେ ଖେଳର ନିୟମ ବଦଳାଇବାକୁ ଯାଉଛୁ ବୋଲି ସେ ଏକ ଗଣମାଧ୍ୟମକୁ କହିଛନ୍ତି।

## ‘ଭାରତ ଚାହିଁଲେ ହମାସ୍ ସହ ଶାନ୍ତି ବୁଝାମଣା ହୋଇପାରିବ’

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧକୁ ୪ ଦିନ ବିତିଥିବାବେଳେ ୧,୬୦୦ରୁ ଅଧିକ ଲୋକଙ୍କ ଜୀବନ ଯିବା ସହ ୬,୦୦୦ ଆହତ ହେଲେଣି। ଶାନ୍ତି ସ୍ଥାପନ କିମ୍ବା ଯୁଦ୍ଧ ବନ୍ଦ ହେବାର କୌଣସି ସଙ୍କେତ ମିଳୁ ନାହିଁ। ଜି-୨୦ ରାଷ୍ଟ୍ରଗୋଷ୍ଠୀରେ ଆଫ୍ରିକୀୟ ୟୁନିୟନକୁ ଯୋଡ଼ିବା ଏବଂ ବ୍ରିକ୍ସ ସଦସ୍ୟ ସଂଖ୍ୟା ୬କୁ ବଢ଼ାଇବାରେ ଆମେରିକା ସଫଳ ବୁଝାମଣା କରିଥିଲା। ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧର ଅବସାନ ପାଇଁ ଭାରତ ପ୍ରମୁଖ ଭୂମିକା ନେଇପାରିବ ବୋଲି ଇସ୍ରାଏଲ୍‌ର ପୂର୍ବତନ ସାମରିକ ଗୋଇନ୍ଦା ମୁଖ୍ୟ ମେଜର ଜେନେରାଲ ଆମୋସ୍ ୟାଡଲିନ୍ କହିଛନ୍ତି। ହମାସ୍ କୌଣସି ଶାନ୍ତି ବୁଝାମଣା ପାଇଁ ରାଜି ହେବନାହିଁ। ଆଇଏସ୍ ଭଳି ଏହା ଏକ ଆତଙ୍କବାଦୀ ସଂଗଠନ, ଯିଏ ମହିଳା ଓ ଶିଶୁମାନଙ୍କୁ ହତ୍ୟା କରୁଛି। ଯଦି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚମତ୍କାରୀ କରିପାରନ୍ତି, ତେବେ ଆମେ ତାଙ୍କୁ ସମର୍ଥନ ଜଣାଇବୁ ବୋଲି ୟାଡଲିନ୍ ଏକ ଗଣମାଧ୍ୟମକୁ କହିଛନ୍ତି।

# ଯୁଦ୍ଧରୁ ଅସ୍ଥିରତା, ଅର୍ଥପୀଡ଼ା

୫୯୪ ଦିନ ଧରି ଲାଗିରହିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ବହୁଳ ପ୍ରଭାବ ସର୍ବତ୍ର ଅନୁଭୂତ। ଗତ ୨୦ ମାସ ମଧ୍ୟରେ ପୃଥିବୀର ବିଭିନ୍ନ କ୍ଷେତ୍ରରେ ସନ୍ତୁଳନ ନଷ୍ଟହେବା ସହ ରାଜନୈତିକ ଅସ୍ଥିରତା, ଆର୍ଥିକ ସଙ୍କଟ ଦେଖାଦେଇଛି। ଖାଦ୍ୟାଭାବ, ମୁଦ୍ରାସ୍ଫୀତି, ପରିବେଶ ବିପର୍ଯ୍ୟୟ, ଦାରିଦ୍ର୍ୟର ସାନ୍ଦ୍ରତା ବୃଦ୍ଧି ଭଳି ଅନେକ ଆହ୍ୱାନ ସୃଷ୍ଟି ହୋଇଛି। ଏଥିରେ ଆମେରିକା, ଚାଇନା ଭଳି ବୃହତ୍ ଅର୍ଥନୀତି ଏବଂ ଭାରତ ପରି ଦ୍ରୁତତମ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଘୋର ପ୍ରଭାବିତ ହୋଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଘନଘଟା ଭିତରେ ଇସ୍ରାଏଲ-ହମାସ୍ ଯୁଦ୍ଧ ପୂର୍ବ ଆର୍ଥିକ କ୍ଷତକୁ ଆହୁରି ପୀଡ଼ାଦାୟକ କରିପାରେ ବୋଲି ଅର୍ଥନୀତିଜ୍ଞମାନେ ଚେତାଇ ଦେଇଛନ୍ତି।

ନୂଆଦିଲ୍ଲୀ,୧୦।୧୦
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଇସ୍ରାଏଲ-ପାଲେଷ୍ଟାଇନ୍ ମଧ୍ୟରେ ଅନେକ ଦଶନ୍ଧି ଧରି କୁହୁଳୁଥିବା ଅସନ୍ତୋଷର ନିଆଁ ୨୦୨୩ ଅକ୍ଟୋବର ୬ରେ ହୁ ହୁ ଜଳିଉଠିଥିଲା। ଗାଜା ଶାସକ ହମାସ୍ ୨୦ ମିନିଟ୍ ମଧ୍ୟରେ ଇସ୍ରାଏଲ ଉପରେ ୫ ହଜାରରୁ ଊର୍ଦ୍ଧ୍ୱ ରକେଟ ମାଡ଼ କରିଥିଲା। ଇରାନ୍ ସମର୍ଥିତ ହମାସ୍ ଆତଙ୍କବାଦୀଙ୍କ ମୂଳପୋଛ ପାଇଁ ପଣ କରିଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବିଧିବଦ୍ଧ ଯୁଦ୍ଧର ନିର୍ଦ୍ଦେଶ ଦେଲେ। ଏହି ଯୁଦ୍ଧରେ ଉଭୟ ପକ୍ଷର ୩ ହଜାରରୁ ଅଧିକ ଲୋକ ନିହତ ହେଲେଣି। ଜାତିସଂଘର ଏକ ରିପୋର୍ଟ ଅନୁସାରେ ଗାଜାରୁ ପ୍ରାୟ ୨ ଲକ୍ଷ ବିସ୍ଥାପିତ ହୋଇଛନ୍ତି, ଯାହାକି ୨୦୧୪ ପରେ ସର୍ବାଧିକ। ୟୁଏନ୍ କୋଅର୍ଡିନେଶନ୍ ଅଫ୍ ହ୍ୟୁମାନିଟାରିଆନ୍ ଆଫେୟାର୍ସ ଅଫିସ ତଥ୍ୟାନୁସାରେ, ସୋମବାର ସୁଦ୍ଧା ଗାଜାରୁ ୧୮୭,୫୧୮ ଲୋକଙ୍କୁ ସେମାନଙ୍କ ଘରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ୟୁଏନ୍‌ଆର୍‌ଡବ୍ଲ୍ୟୁଏର ୮୩ ସ୍କୁଲରେ ୧୩୭,୪୨୭ ଶରଣାର୍ଥୀ ଆଶ୍ରୟ ନେଇଛନ୍ତି। ଯୁଦ୍ଧର ଚତୁର୍ଥ ଦିନ ଇସ୍ରାଏଲ ପକ୍ଷରୁ ଗାଜାକୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନର ବାଟ ବନ୍ଦ କରାଯିବା ଏବଂ ଆକାଶମାର୍ଗରୁ ତୁହାକୁ ତୁହା ଏୟାରଷ୍ଟ୍ରାଇକ୍ ହମାସ୍ ବିଦ୍ରୋହୀଙ୍କୁ ଆହୁରି ରକ୍ତମୁଖା କରିଦେଇଛି। ଏହି ସଂଘର୍ଷ କେବଳ ସମ୍ପୃକ୍ତ କ୍ଷେତ୍ରରେ ମାନବୀୟ ସଙ୍କଟ ସୃଷ୍ଟି କରିନାହିଁ, ବରଂ ସାରା ବିଶ୍ୱରେ ଏକ ସମ୍ଭାବ୍ୟ ଆର୍ଥିକ ସଂଘାତର କାରଣ ପାଲଟିଛି। ଏହାକୁ ଦେଖି ମଙ୍ଗଳବାର ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ମଧ୍ୟ ସତର୍କ କରାଇଛି। ଆଇଏମ୍‌ଏଫ୍ ଅନୁସାରେ ଅନ୍ତର୍ଜାତୀୟ ସ୍ତରରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଉଚ୍ଚ ସୁଧହାର ଲଗାଯିବା, ୟୁକ୍ରେନ୍ ଯୁଦ୍ଧ ଲମ୍ବିଚାଲିବା ଏବଂ ଭୂରାଜନୈତିକ ଫାଟର ବ୍ୟବଧାନ ବଢ଼ିବା ଯୋଗୁ ବିଶ୍ୱ ଅର୍ଥନୀତି ଗତିଶୀଳତା ହରାଇସାରିଛି। ଚଳିତବର୍ଷ ବୈଶ୍ୱିକ ଆର୍ଥିକ ଅଭିବୃଦ୍ଧି ୩% ଥିବାବେଳେ ୨୦୨୪ରେ ଏହା ୨.୯%କୁ ଖସିବ। ମଧ୍ୟପ୍ରାଚ୍ୟରେ ନୂଆ ଯୁଦ୍ଧ ଲମ୍ବିଚାଲିଥିଲେ ନୀତି ନିର୍ଦ୍ଧାରକମାନଙ୍କ ଯୋଜନା ସଫଳ ହୋଇ ନ ପାରେ। ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗାଙ୍କ ମତରେ ବର୍ତ୍ତମାନ ଅର୍ଥନୀତିଗୁଡ଼ିକ ପାଇଁ ଭଙ୍ଗୁର ସ୍ଥିତି ରହିଛି। ଯୁଦ୍ଧ ଜାରି ରହିଲେ ସୁଧହାର ହ୍ରାସ ପାଇଁ ଚିନ୍ତା କରୁଥିବା କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସକାଶେ ଆହ୍ୱାନ ସୃଷ୍ଟି ହେବ। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଓ ମାନ୍ଦାବସ୍ଥାକୁ ଏଡ଼ାଇବା କଷ୍ଟକର ହୋଇପଡ଼ିବ। ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ୟୁକ୍ରେନ୍ ଯୁଦ୍ଧ ଭଳି ସୁଦୂରପ୍ରସାରୀ ହୋଇ ନ ପାରେ। କିନ୍ତୁ ସଦ୍ୟ ସଂଘର୍ଷ ଯୋଗୁ ତୈଳ ଓ ଖାଦ୍ୟ ଦର ବଢ଼ିଛି। ଲଣ୍ଡନ୍ ବିଜନେସ୍ ସ୍କୁଲ ପ୍ରଫେସର ତଥା ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କର ପୂର୍ବତନ ମହାନିର୍ଦ୍ଦେଶକ ଲୁକ୍ରେଜିଆ ରିଚ୍‌ଲିନ୍ କହିଛନ୍ତି, ତୈଳ ଦର ବଢ଼ିଲେ ଆମେରିକାର ଫେଡେରାଲ ରିଜର୍ଭ ଓ ଅନ୍ୟ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ରେପୋ ରେଟ୍ ବଢ଼ାଇବାକୁ ବାଧହେବେ। କାରଣ ଶକ୍ତି କ୍ଷେତ୍ରରେ ଅନେକ ଦେଶ ଉଭୟ ରୁଷିଆ ଓ ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳ।

ଯୁଦ୍ଧ ଲମ୍ବିଲେ ଇରାନ ଓ ସାଉଦି ଆରବ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ରରୁ ହୋର୍ମୁଜ, ବବ୍-ଏଲ୍-ମାଣ୍ଡବ ଓ ସୁଏଜ୍ କେନାଲ ଦେଇ ଇନ୍ଧନ ପରିବହନ ବାଧାପ୍ରାପ୍ତ ହେବ। ଏହାଦ୍ୱାରା ଅଏଲ୍ ଏବଂ ଇକ୍ୱିଟି ମାର୍କେଟ ପ୍ରଭାବିତ ହେବ ବୋଲି ବ୍ୟାଙ୍କ ଅଫ୍ ଇଣ୍ଟରନ୍ୟାଶନାଲ ସେଟଲମେଣ୍ଟ୍ସ ଜେନେରାଲ ମ୍ୟାନେଜର ଅଗଷ୍ଟିନ୍ କାର୍ଷ୍ଟେନ୍ସ କହିଛନ୍ତି। ଯୁଦ୍ଧ, ଆର୍ଥିକ ଅସ୍ଥିରତା, ସଙ୍କଟ ଓ ସଂଘର୍ଷ ସମୟରେ ୟୁଏସ୍ ଟ୍ରେଜେରିକୁ ସୁରକ୍ଷିତ ମନେକରାଯାଇଥାଏ। ସୁଧହାର ହ୍ରାସ ଖାଉଟି ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକ ପାଇଁ ଆଶ୍ୱସ୍ତି ଆଣିଦେଇପାରେ। କିନ୍ତୁ ସଦ୍ୟ ଯୁଦ୍ଧ ଯୋଗୁ ଆମେରିକୀୟ ବଣ୍ଡ୍ ପ୍ରାଇସ୍ ବଢ଼ିବାରେ ଲାଗିଛି, ଯାହାକି ଏକ ଅଶୁଭ ସଙ୍କେତ। ଅନ୍ୟପକ୍ଷେ ଆମେରିକା ଟ୍ରେଜେରି ସେକ୍ରେଟାରି ଜନେଟ୍ ଏଲ୍. ୟେଲେନ୍ କହିଛନ୍ତି, ଏଭଳି ଜଟିଳ ଆର୍ଥିକ ଚ୍ୟାଲେଞ୍ଜର ସମାଧାନ ଦିଗରେ ଚାଇନା ବଡ଼ ଭୂମିକା ନେଇପାରେ। ତେବେ ନୂଆ ଆହ୍ୱାନ ଆମେରିକା ଉପରେ ମାନ୍ଦାବସ୍ଥା ବଡ଼ ବୋଝ ସାଜିବ ନ ପାରେ। ତେବେ ହମାସ ସମର୍ଥନରେ ବାହାରିଥିବା ଇରାନ ଓ ମଧ୍ୟପ୍ରାଚ୍ୟ ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ହେଲେ ଅବସ୍ଥା ଆହୁରି ଅସମ୍ଭାଳ ହୋଇପଡ଼ିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

### ତୈଳ ଉପରେ ପ୍ରଭାବ

ଇସ୍ରାଏଲ ଓ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟପ୍ରାଚ୍ୟର ସ୍ଥିରତା ଉପରେ ଘନକଳା ବାଦଲ ଆଚ୍ଛାଦିତ କରିଦେଇଛି। ଏହି ଘଟଣାକ୍ରମ ବିଶ୍ୱ ଅର୍ଥନୀତି ପାଇଁ ଚିନ୍ତା ବଢ଼ାଇଛି। ଆଗକୁ ଯୁଦ୍ଧ ଯୋଗୁ ଭାରତର କ୍ରୁଡ୍ ଅଏଲ୍ ନିର୍ଭରଶୀଳତା ଏବଂ ଇସ୍ରାଏଲ ସହ ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହେବ। ଅଶୋଧିତ ତୈଳ ବଜାରରେ ନିଆଁ ଲାଗିଲେ ମୁଦ୍ରାସ୍ଫୀତି ଉପରମୁହାଁ ହେବ। ଯୁଦ୍ଧ ପ୍ରଭାବରେ ସୋମବାର କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୩.୮୫% ବୃଦ୍ଧି ପାଇ ୮୫.୯୮ ଆମେରିକୀୟ ଡଲାରରେ ପହଞ୍ଚିଥିବାବେଳେ ବ୍ରେଣ୍ଟ୍ ଅଏଲ୍ ୩.୪୪% ବୃଦ୍ଧି ପାଇ ୮୭.୪୯ ଡଲାର ଛୁଇଁଥିଲା। ତୈଳ ମୂଲ୍ୟରେ ବୃଦ୍ଧି ବିଶ୍ୱ ଅର୍ଥନୀତିରେ ଉଚ୍ଚ ମୁଦ୍ରାସ୍ଫୀତିକୁ ବଢ଼ାଇପାରେ। ଆମେରିକା, ଭାରତ, ଚାଇନା ଓ ଅନ୍ୟ ବଡ଼ ଅର୍ଥନୀତିଗୁଡ଼ିକ ସର୍ବାଧିକ ତୈଳ ଆମଦାନୀକାରୀ ହୋଇଥିବାରୁ ଏହି ଦେଶର ଜନତାଙ୍କୁ ପେଟ୍ରୋଲ, ଡିଜେଲ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ପରିବହନ ଖର୍ଚ୍ଚ ମଧ୍ୟ ବଢ଼ିଚାଲିବ। ଅନେକ ଶିଳ୍ପର ଉତ୍ପାଦନ ଖର୍ଚ୍ଚ ବଢ଼ିଯିବ। ଫଳରେ ସାଧାରଣ ନାଗରିକଙ୍କ ବଜେଟ ଉପରେ ଏହାର ସିଧା ପ୍ରଭାବ ପଡ଼ିବ। ଫଳରେ ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତର ଅଭିବୃଦ୍ଧି ଧିମେଇଯାଇପାରେ। ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ଏସୀୟ ପୁଞ୍ଜିବଜାରକୁ ମଧ ଦୁର୍ବଳ କରିଦେବା ଆଶଙ୍କା ଉପୁଜାଇଛି।



### ଭାରତ-ଇସ୍ରାଏଲ୍ ବାଣିଜ୍ୟ

ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁ ଇସ୍ରାଏଲ ସହ ଭାରତର ବାଣିଜ୍ୟିକ କାରବାର ପ୍ରଭାବିତ ହେବ। ଯୋଗାଣ ସୁଗମ ହୋଇ ନ ପାରିଲେ ନାନା ଅସୁବିଧା ହେବ ବୋଲି ବିଶ୍ଲେଷକମାନେ ମତ ଦେଇଛନ୍ତି। ଭାରତ ନିଜ ରପ୍ତାନିର ପ୍ରାୟ ୧.୮% ଇସ୍ରାଏଲକୁ କରିଥାଏ। ଇସ୍ରାଏଲ ୫.୫-୬ ବିଲିୟନ୍ ଡଲାର ମୂଲ୍ୟର ପେଟ୍ରୋଲିୟମ୍ ଉତ୍ପାଦ ଭାରତଠାରୁ ନେଇଥାଏ। ୨୦୨୩ ଆର୍ଥିକବର୍ଷରେ ଭାରତ ଇସ୍ରାଏଲକୁ ପଠାଇଥିବା ସାମଗ୍ରୀର ମୂଲ୍ୟ ୮.୪ ବିଲିୟନ ଡଲାର ରହିଥିଲା। ଯୁଦ୍ଧ ବଢ଼ିଲେ ଟଙ୍କା ଆହୁରି ଦୁର୍ବଳ ହୋଇ ୮୪ ଉପରକୁ ଚଢ଼ିବ। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ଚିନ୍ତାରେ ପକାଇଦେବ। ଅନ୍ୟପକ୍ଷେ ଇସ୍ରାଏଲରୁ ଭାରତ ଆମଦାନୀ କରୁଥିବା ଯାନ୍ତ୍ରିକ ଉପକରଣ, ମୁକ୍ତା, ହୀରା ଓ ଅନ୍ୟ ଦାମୀ ତଥା ଅର୍ଦ୍ଧଦାମୀ ପଥରଗୁଡ଼ିକର ମୂଲ୍ୟ ମଧ ବଢ଼ିଯିବ। ୨୦୨୩ ଆର୍ଥିକବର୍ଷରେ ଭାରତ ଇସ୍ରାଏଲରୁ ୨.୩ ବିଲିୟନ୍ ଡଲାରର ସାମଗ୍ରୀ ଆମଦାନୀ କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୧/୨୦୨୩ | Bhubaneswar, Wednesday, October 11/2023 | ପୃଷ୍ଠା-୧



**ମଲାନଙ୍କ ଶତକରେ ଇଂଲଣ୍ଡ ବିଜୟୀ**

ଦାଓ୍ୱିଦ ମଲାନଙ୍କ ଆକର୍ଷଣୀୟ ଶତକ ଯୋଗୁ ବାଂଲାଦେଶ ବିପକ୍ଷ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଇଂଲଣ୍ଡ ବିଜୟୀ ହୋଇଛି।

୧୫

୦୫

**ରାମ ଚରିତ୍ର ପାଇଁ ଛାଡ଼ିବେ ମଦ-ମାଂସ**

ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଆଗାମୀ ଫିଲ୍ମ 'ରାମାୟଣ'ରେ ସେ ରାମଙ୍କ ଭୂମିକା ନିଭାଉଥିବାବେଳେ ମଦ-ମାଂସ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି।



# ୨୭ ଖଣିଜ ନିୟମ ଅପରାଧମୁକ୍ତ



**ନୂଆଦିଲ୍ଲୀ,୧୦।୧୦**

ଖଣି ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଆଟମିକ୍ ମିନେରାଲ କନ୍‌ସେଶନ୍ ରୁଲ୍ସ, ୨୦୧୬ରେ ସଂଶୋଧନ ଅଣାଯାଇଛି। ଆଇନର ସରଳୀକରଣ ଓ ବ୍ୟବସାୟିକ କାର୍ଯ୍ୟକଳାପକୁ ସୁଗମ କରିବା ପାଇଁ ଏଥିରେ ୨୭ଟି ନିୟମକୁ ଅପରାଧମୁକ୍ତ କରାଯାଇଛି। ନିୟମଗୁଡ଼ିକୁ ସହଜ କରିବା ନେଇ ରହିଥିବା ଲକ୍ଷ୍ୟ ୧୦୦% ପୂରଣ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ (ବ୍ୟବସାୟରେ ସହଜତା)କୁ ସୁନିଶ୍ଚିତ କରି ଅନୁପାଳନ ବୋଝ ହ୍ରାସ ଅଭିଯାନର ଏକ ଅଂଶବିଶେଷ ସ୍ୱରୂପ ନିୟମଗୁଡ଼ିକୁ ଅପରାଧମୁକ୍ତ କରାଯାଇଛି। ୨୦୨୩ ଅକ୍ଟୋବର ୨ରେ ଏହି ସ୍ୱତନ୍ତ୍ର ଅଭିଯାନ ୩.୦ ଆରମ୍ଭ ହୋଇଥିଲା। ସରଳୀକରଣ ପ୍ରକ୍ରିୟା ପାଇଁ ଧାର୍ଯ୍ୟ ଲକ୍ଷ୍ୟର ଶତପ୍ରତିଶତ ହାସଲ କରିବାରେ ମନ୍ତ୍ରଣାଳୟ ସକ୍ଷମ ହୋଇଛି ବୋଲି ଏକ ବିବୃତିରେ କୁହାଯାଇଛି। ଏହି କ୍ୟାମ୍ପେନ୍ ଅଧୀନରେ ଖଣି ମନ୍ତ୍ରଣାଳୟ ପଡ଼ିରହିଥିବା ସବୁ ବିଷୟର ସମାଧାନ ଓ ଏହାର ଅଫିସଗୁଡ଼ିକର କାର୍ଯ୍ୟସ୍ଥଳରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି।

ପ୍ରଥମ ସପ୍ତାହରେ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ବିଚାରାଧୀନ ସାଧାରଣ ଅଭିଯୋଗର ୯୫.୪୫% ସମାଧାନ ଏବଂ ରେକର୍ଡ୍ସ ମ୍ୟାନେଜ୍‌ମେଣ୍ଟ ସମ୍ପର୍କିତ କାମର ୫୨% ସମ୍ପୂର୍ଣ୍ଣ ହେଲାଣି। ତେବେ ମନ୍ତ୍ରଣାଳୟ ପକ୍ଷରୁ ଫାଇଲ ହଟାଇବା କାର୍ଯ୍ୟ ୪୩% ସରିଛି। ଫଳରେ ଅଫିସ ଏରିଆର ୯,୨୧୨ ବର୍ଗ କି.ମି. ସ୍ଥାନ ମୁକ୍ତ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ୩୪୪ ସ୍ୱଚ୍ଛତା ଅଭିଯାନ ମଧ୍ୟରୁ ୧୦୩ କ୍ୟାମ୍ପେନ୍ ଦେଶରେ ଆୟୋଜନ ହୋଇଛି। ଅଭିଯାନ ପର୍ଯ୍ୟାୟ ଅବଧି ମଧ୍ୟରେ ୧୦୦% ଲକ୍ଷ୍ୟ ହାସଲ ପାଇଁ ମନ୍ତ୍ରଣାଳୟ ପ୍ରତିଶ୍ରୁତିବଦ୍ଧ।

**ଆଜିର ସମ୍ପାଦକୀୟ | ବାଉଁଶ ନୀତି**

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା

**ନିଶା କବଳରେ ପ୍ରଭାବିତ ହୋଇ ଜୀବନ ଧାରାକୁ ଭୁଲିଯାଇଥିବା ଲୋକମାନଙ୍କୁ ଠିକ୍ ରାସ୍ତାକୁ ଆଣିବା ନିଶା ନିବାରଣ କେନ୍ଦ୍ରର କାମ। ଏଠାରେ ରହୁଥିବା ଅନ୍ତେବାସୀଙ୍କୁ ନିଶା ବର୍ଜନର ମାର୍ଗ ଦେଖାଇ ସେମାନେ କିପରି ଏକ ସୁସ୍ଥ ଜୀବନ ଜିଇଁ ପାରିବେ ସେନେଇ ଶିକ୍ଷା ଦିଆଯାଇଥାଏ। ଏଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ମଧ ରହିଛି। ହେଲେ କେତେକ ସ୍ଥଳରେ ନିଶା ନିବାରଣ କେନ୍ଦ୍ରରେ ଶିକ୍ଷା ପରିବର୍ତ୍ତେ ବର୍ବର ଆଚରଣ ସହ ମାଡ଼ମରା ଯାଉଛି। ଏପରି କି ଏହି ବର୍ବରତାରୁ ଅନେକଙ୍କ ଜୀବନ ମଧ ଯାଉଛି।**

**ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ)**

ରାଜଧାନୀ ଧଉଳି ଥାନା ଅଞ୍ଚଳରେ ଥିବା 'ସ୍ୱୀକାର' ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ଝରଣାସାହିର କାଲୁନାୟକ(୪୮)। କାଲୁଙ୍କୁ ଉକ୍ତ କେନ୍ଦ୍ରରେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସ୍ତ୍ରୀ ଝୁନି ନାୟକଙ୍କ ଏତଲାକୁ ଭିତ୍ତି କରି ଧଉଳି ପୋଲିସ ଏକ ହତ୍ୟା ମାମଲା (ନଂ.୧୯୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କାଲୁ ମାତ୍ରାଧିକ ନିଶା ସେବନ କରୁଥିବାରୁ ପରିବାର ଲୋକେ ତାଙ୍କୁ ୩ ମାସ ତଳେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ଏଥିପାଇଁ ପରିବାର ଲୋକେ ପ୍ରଥମେ ୨୦ ହଜାର ଟଙ୍କା ଦେଇଥିଲେ। ପରେ ଆଉ ୨୦ ହଜାର ଟଙ୍କା ଦେବା ପାଇଁ ମାଲିକ ଦାବି କରୁଥିଲେ ବୋଲି ସ୍ତ୍ରୀ ଝୁନି କହିଛନ୍ତି। ଝୁନିଙ୍କ କହିବା ଅନୁଯାୟୀ, ଭୋର ୪ଟା ବେଳେ ତାଙ୍କ ସ୍ୱାମୀଙ୍କ ହୃତ୍‌ସ୍ପନ୍ଦନ ଅଟକି ଯାଇଥିବା କର୍ମଚାରୀମାନେ ଫୋନ୍ ଦ୍ୱାରା ଖବର ଦେଇଥିଲେ। ପ୍ରଥମେ ଶ୍ରୀ ହସ୍ପିଟାଲକୁ ଆସିବାକୁ ତାଙ୍କୁ କୁହାଯାଇଥିଲା। ହେଲେ କିଛି ସମୟ ପରେ ତାଙ୍କ ସ୍ୱାମୀଙ୍କ ମୃତଦେହ କ୍ୟାପିଟାଲ ହସ୍ପିଟାଲ ଅଣାଯାଇଥିଲା ବୋଲି ସେ ଜାଣିବାକୁ ପାଇଥିଲେ। ହସ୍ପିଟାଲକୁ ଆସିବା ପରେ ମୃତ କାଲୁଙ୍କ ପାଟି ଓ ନାକରୁ ଫେଣ ବାହାରୁଥିବା ସହ ପିଠିରେ ପାଇପ୍ ମାଡ଼ ଚିହ୍ନ ଥିଲା ବୋଲି ସେ କହିଛନ୍ତି। ଅଭିଯୋଗକାରିଣୀ ଝୁନି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏନେଇ ଥାନାଧିକାରୀ ଚିତ୍ତରଞ୍ଜନ ରାଉତ କହିଛନ୍ତି, ସିସିଟିଭି ଫୁଟେଜ୍ ଯାଞ୍ଚରୁ କାଲୁଙ୍କୁ ମାଡ଼ ମରାଯାଇଥିବା କୌଣସି ପ୍ରମାଣ ମିଳିନାହିଁ। ମୃତଦେହରେ ମାଡ଼ର ଆଘାତ ଚିହ୍ନ ନ ଥିବା ଡାକ୍ତର କହିଛନ୍ତି। ତେବେ ହୃଦ୍‌ଘାତରୁ ତାଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ରାଉତ କହିଛନ୍ତି।

**୬ ମାସରେ ଦ୍ୱିତୀୟ ଘଟଣା**


କାଲୁ ନାୟକ

## ମାନୁନାହାନ୍ତି ନିର୍ଦ୍ଦେଶାବଳୀ, ବଢୁଛି ନିର୍ଯାତନା

ରାଜଧାନୀରେ ପୂର୍ବରୁ ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ନିର୍ଯାତନା ଦିଆଯାଇଥିବା ଘଟଣା ନଜରକୁ ଆସିଛି। ୨୦୨୩ ଏପ୍ରିଲ ପ୍ରଥମ ସପ୍ତାହରେ ଧଉଳି ଥାନା ଅନ୍ତର୍ଗତ ଶ୍ରଦ୍ଧା ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ହତ୍ୟା ଅଭିଯୋଗ ହୋଇଥିଲା। ସେହିଭଳି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡ଼ାସ୍ଥିତ ସାଇକୃପା ନିଶା ନିବାରଣ କେନ୍ଦ୍ରରେ ଜାନୁୟାରୀ ୩୦ରେ ଅନ୍ତେବାସୀ ସର୍ବେଶ୍ୱର ବେହେରାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ମାଲିକଙ୍କ ସମେତ ୩ ଜଣ ଗିରଫ ହୋଇଥିଲେ। ୨୦୨୧ଅଗଷ୍ଟରେ ପାଣ୍ଡରା ନିକଟରେ ଥିବା କୃପା ଫାଉଣ୍ଡେଶନରେ ତ୍ରିନାଥ ସେଠୀଙ୍କ ମୃତ୍ୟୁ ମାମଲାରେ ମାଲିକ ଗିରଫ ହୋଇଥିଲେ। ସେହିଭଳି ୨୦୧୯ ଅଗଷ୍ଟରେ ତମାଣ୍ଡୋ କଳିଙ୍ଗବିହାରସ୍ଥିତ ସିଏଫ୍‌ଆଇର ନିଶା ନିବାରଣ କେନ୍ଦ୍ରରେ ଅକ୍ଷୟ ମାଝିଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ସାମାଜିକ ଓ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ଜରିଆରେ ଏନ୍‌ଜିଓ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଏହି କେନ୍ଦ୍ର କରିବାକୁ ଦାୟିତ୍ୱ ଦିଆଯାଉଛି। ଏପରି କି ଏହି କେନ୍ଦ୍ରଗୁଡ଼ିକ କେମିତି ଚାଲିବ ସେନେଇ ନିର୍ଦ୍ଦେଶାବଳୀ ମଧ ରହିଛି। ପ୍ରତି ରୁମ୍‌ରେ ସିସି କ୍ୟାମେରା, ମାଡ଼ ନ ଦେଇ ନିଶା ଛଡ଼ାଇବା, ଯୋଗ, ବ୍ୟାୟାମ ଓ ଆଧାତ୍ମିକ ଶିକ୍ଷା ବ୍ୟବସ୍ଥା, ସୁରକ୍ଷାକର୍ମୀ ରହିବା ଆଦି ଗାଇଡ୍‌ଲାଇନ୍ ରହିଛି। ହେଲେ ଏହାକୁ ବିଭିନ୍ନ କେନ୍ଦ୍ରର ମାଲିକ ମାନୁନାହାନ୍ତି। ଏପରି କି ଏନେଇ ସରକାରଙ୍କ ପକ୍ଷରୁ ଠିକ୍ ଭାବେ ତଦାରଖ କରାଯାଉ ନ ଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ଅନ୍ତେବାସୀଙ୍କ ସକାରାତ୍ମକ ଶକ୍ତି ବଢ଼ାଇବା ଦରକାର

ମାନସିକ ରୋଗ ବିଶେଷଜ୍ଞ ସମ୍ରାଟ କରଙ୍କ କହିବା କଥା, ନିଶା ନିବାରଣ ଏକ ମାନସିକ ସମସ୍ୟା। ଯେଉଁମାନଙ୍କ କିଛି ମାନସିକ ଚାପ ଥାଏ, ସେମାନେ ନିଶା ସେବନ କରିଥାନ୍ତି। ନିଶା ଛାଡ଼ିଲା ପରେ ସେମାନଙ୍କ ଛାତି ଧଡ଼ଧଡ଼ ହେବା ସହ ହାତ ଥରିବା ଆଦି ସମସ୍ୟା ଦେଖା ଦେଇଥାଏ। ଔଷଧ ସେବନ ଓ କାଉନ୍‌ସେଲିଂ ଦ୍ୱାରା ସେମାନେ ଭଲ ହୋଇଥାନ୍ତି। ନିଶା ଛଡ଼ାଇବା ପାଇଁ ମାଡ଼ ମାରିଲେ, ସେମାନେ ଅଧିକ ସମସ୍ୟାରେ ପଡ଼ିବେ। ତେଣୁ ସେମାନଙ୍କୁ ସହାନୁଭୂତି ଦେବା ସହ ସେମାନଙ୍କ ମନରେ ଉତ୍ସାହ ଭରିବା ଦରକାର। ନିଶା ନିବାରଣ କେନ୍ଦ୍ରଗୁଡ଼ିକ ମାନସିକ ରୋଗ ବିଶେଷଜ୍ଞ (ମେଣ୍ଟାଲ ହେଲ୍‌ଥ ପ୍ରଫେସନାଲ)ଙ୍କ ସାହାଯ୍ୟ ନେବା ଦରକାର। ଅନ୍ତେବାସୀଙ୍କୁ ବାଡ଼େଇଲେ ଭଲ ହୋଇଯିବ ବୋଲି ନିଶା ନିବାରଣ କେନ୍ଦ୍ର କର୍ମଚାରୀ ଭାବୁଛନ୍ତି। ହେଲେ ଏହାଦ୍ୱାରା ରୋଗ ଅଧିକ ବଢ଼ିଯାଏ। ତେଣୁ ନିଶା ଛଡ଼ାଇବା ପାଇଁ ଅନ୍ତେବାସୀଙ୍କ ସକାରାତ୍ମକ ଶକ୍ତି ବଢ଼ାଇବା ଦରକାର ବୋଲି ଡାକ୍ତର କର କହିଛନ୍ତି।







**ଆଜିର ମନ୍ତବ୍ୟ**

"ତେଲଙ୍ଗାନାରେ ୧୦ବର୍ଷର ଶାସନକାଳରେ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଚାଷୀ ଆତ୍ମହତ୍ୟା ଓ ଦୁର୍ନୀତି କ୍ଷେତ୍ରରେ ରାଜ୍ୟକୁ ୧ ନମ୍ବର କରିଛନ୍ତି।
– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠାକୁର ଘରେ ବାଜିଲା ଘଣ୍ଟ
ପୋଲାଖିଆଙ୍କର ଉଠିଲା ଆଣ୍ଟ।**

ମାହାଲିଆ ଖାଇବାକୁ ଯିଏ ଆଶା କରିଥାନ୍ତି, ସେ ସର୍ବଦା ଠାକୁରଙ୍କ ଘଣ୍ଟ ଆଳତି ଦେଖି ହାଜର ହୋଇଯାଆନ୍ତି। ମାଗଣାରେ ଖାଦ୍ୟ ମିଳୁଥିବା ସ୍ଥାନକୁ ଆଖେଇ ରହୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଠକ ପଣକୁ ତ ସରିଛି,
ଠାକୁରଙ୍କ ଘରେ ନିତି ପାଣି ଢଳା
ହଳଦୀ ସିନ୍ଦୂର କରିଛି।**

ସାଧାରଣତଃ ମଠ, ମନ୍ଦିର ତଥା ଆଶ୍ରମମାନଙ୍କରେ କେତେକ ଭଣ୍ଡ ସାଧୁ ଲୋକଙ୍କ ଧର୍ମୀୟ ଭାବନା ସହ ବିଶ୍ୱାସଘାତ କରୁଥିବାର ଦେଖିବାକୁ ମିଳିଥାଏ। ଉପରେ ଉପରେ ସାଧୁର ସମସ୍ତ ବେଶ ଏବଂ କର୍ମକୁ ଅନୁସରଣ କରି ଭିତରେ ଭିତରେ ଠକୁଥିବା ଭଣ୍ଡ ସାଧୁଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ବିଏସ୍ଏଫ୍ ଯବାନଙ୍କ ଦ୍ୱାରା ୫ ଟିଫିନ୍ ବୋମା ଜବତ



**ମାଲକାନଗିରି, ୧୦।୧୦(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ପଡ଼ିଆ ସଦର ବ୍ଲକରେ ଥିବା ୧୪୨ ବାଟାଲିୟନ ବିଏସ୍ଏଫ୍ ଯବାନଙ୍କ ଦ୍ୱାରା ୫ ଟିଫିନ ବୋମା ଜବତ କରାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ସକାଳେ ପଡ଼ିଆସ୍ଥିତ ୧୪୨ ବାଟାଲିୟନ ବିଏସ୍ଏଫ୍ ଯବାନମାନେ ଦୁର୍ଗମ ମୋଟେରୁ ପଞ୍ଚାୟତ ପର୍ସନପାଲ୍ଲୀ ଲିଙ୍କ୍ ରୋଡ୍‌ଠାରୁ ଅଢ଼େଇ କି.ମି. ଦୂରରେ ଥିବା କମାରଗୁଡ଼ା ଜଙ୍ଗଲରେ କୋମ୍ବିଂ କରୁଥିବା ସମୟରେ ଏକ ଗଛ ମୂଳେ ମେଟାଲ ଡିଟେକ୍ଟର ସାହାଯ୍ୟରେ ଉକ୍ତ ଟିଫିନ୍ ବୋମା ଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ସ୍ଥାନରୁ ୫ଟି ଟିଫିନ୍ ବୋମା ଜବତ କରି ବୋମା ନିଷ୍କ୍ରିୟକାରୀ ଦଳକୁ ଖବର ଦେଇଥିଲେ। ନିଷ୍କ୍ରିୟକାରୀ ଦଳ ବୋମାଗୁଡ଼ିକୁ ନିଷ୍କ୍ରିୟ କରିଥିବା ଜଣାପଡ଼ିଛି।

# ଅସ୍ତବ୍ୟସ୍ତ କରୁଛି ଅକ୍ଟୋବର ତାତି

## ୩୬ ଡିଗ୍ରୀ ଉପରେ ୫ ସହର

**ଭୁବନେଶ୍ୱର, ୧୦।୧୦(ଅନିଲ ଦାସ)**

ସେପ୍ଟେମ୍ବର ଶେଷ ସପ୍ତାହରେ ବର୍ଷା ଛାଡ଼ିଯିବା ପରେ ଅକ୍ଟୋବର ଆରମ୍ଭରୁ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସକୁ ଟପି ଯାଉଛି। ଅକ୍ଟୋବରରେ ସାଧାରଣ ବାୟୁର ଦିଗ ପରିବର୍ତ୍ତନ ହୋଇଥାଏ। ଉତ୍ତର-ପୂର୍ବ ଦିଗରୁ ବାୟୁ ପ୍ରବାହିତ ହୋଇଥାଏ। ଫଳରେ ଦିନର ତାପମାତ୍ରା ୩୦ରୁ ୩୨ ଡିଗ୍ରୀ ମଧ୍ୟରେ ରହିବା ବେଳେ ରାତ୍ରିରେ ୧୮ରୁ ୨୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସି ଆସିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଦିନର ତାପମାତ୍ରା ସ୍ୱାଭାବିକଠାରୁ ୪ରୁ ୬ ଡିଗ୍ରୀ ସେଲ୍‌ସିୟସ ଯାଏ ବଢ଼ି ଯାଉଛି।

ଆଞ୍ଚଳିକ ପାଣିପାଗ ସୂଚନା ଅନୁଯାୟୀ ମଙ୍ଗଳବାର ଚାନ୍ଦବାଲିରେ ସର୍ବାଧିକ ତାପମାତ୍ରା ୩୬.୭ ଡିଗ୍ରୀ ସେଲ୍‌ସିୟସ ହୋଇଥିବା ବେଳେ ବାଲେଶ୍ୱରରେ ୩୬.୩, ପୁରୀ ୩୬.୧, ଝାରସୁଗୁଡ଼ା ୩୬.୨ ଏବଂ ନୟାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଛି। ଆକାଶ ମେଘମୁକ୍ତ ରହିବା ସହ ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଛି। ଏଥିସହିତ ବାୟୁମଣ୍ଡଳରେ ଜଳୀୟ କଣା ଥିଲେ ମଧ୍ୟ ତାହା ବର୍ଷା ପାଇଁ ପର୍ଯ୍ୟାପ୍ତ ହେଉ ନାହିଁ। ଫଳରେ ପରିବେଶ ଉଷ୍ମ ରହୁଛି। ଆସନ୍ତା ୨୦ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନର ସୂଚନା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିଲ ମଝିରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**କୁଜଙ୍ଗ, ୧୦।୧୦ (ମନୋଜ ପ୍ରଧାନ)**

ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ନନ୍ଦ କିଶୋର ନାୟକ (୫୧)ସୋମବାରଠାରୁ ନିଖୋଜ ଥିଲେ। ମଙ୍ଗଳବାର ସକାଳେ କୁଜଙ୍ଗ ଥାନା ଅନ୍ତର୍ଗତ ଏକ ବିଲ ମଝିରୁ ତାଙ୍କ ମୃତଦେହ ମିଳିଛି। ଖବରପାଇ କୁଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛି। ରିପୋର୍ଟ ଲେଖାହେଲା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା। ଏ ସମ୍ପର୍କରେ କୁଜଙ୍ଗ ସବ୍‌ଇନ୍ସପେକ୍ଟର ବିବେକାନନ୍ଦ ସାହୁ କହିଛନ୍ତି, ପରିବାର ଲୋକେ ରିପୋର୍ଟ ଦେଲାପରେ ମାମଲା ରୁଜୁ କରାଯାଇ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସକାଳୁ ପିମ୍ପୁଳା ଘାସ କାଟିବା ପାଇଁ ନନ୍ଦକିଶୋର ଏରସମା ବ୍ଲକ ଅନ୍ତର୍ଗତ ଅନ୍ଧାରି ଗ୍ରାମ ଆଡକୁ ଯାଉଥିବା କହିଥିଲେ। ଏନେଇ ସେ ଘରୁ ଏକ ସାଇକେଲ ନେଇଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମାତ୍ର ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ପରିବାର ପକ୍ଷରୁ ନନ୍ଦକିଶୋରଙ୍କ ନିଖୋଜ ସମ୍ପର୍କରେ ମଙ୍ଗଳବାର ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରାଯାଇଥିଲା। ଏହାର କିଛି ସମୟପରେ କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ଗବପୁରସ୍ଥିତ ଏକ ବିଲ ହୁଡାରେ କିଶୋରଙ୍କ ସାଇକେଲ ପଡ଼ିଥିବା ନେଇ ପରିବାର ଲୋକଙ୍କୁ ଖବର ମିଳିଥିଲା। ତୁରନ୍ତ ସେମାନେ ସେଠାରେ ପହଞ୍ଚି ନନ୍ଦକିଶୋରଙ୍କ ସାଇକେଲ ଚିହ୍ନଟ କରି ଆଖପାଖରେ ଖୋଜାଖୋଜି କରିଥିଲେ। ସାଇକେଲ ପଡ଼ିଥିବା ସ୍ଥଳରୁ ପ୍ରାୟ ୧ କିଲୋମିଟର ଦୂର ଗହୀର ବିଲର ଏକ ମାଟି ଡ୍ରେନ ମଝିରୁ ନନ୍ଦକିଶୋରଙ୍କ ମୃତଦେହ ମିଳିଥିଲା। ମୃତ୍ୟୁର କାରଣ ଜଣା ପଡ଼ି ନ ଥିବା ବେଳେ ସାପ କାମୁଡ଼ା କିମ୍ବା ଅଂଶୁଘାତ ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ନନ୍ଦକିଶୋର ଜଣେ ଗରିବ ଶ୍ରେଣୀର ହୋଇଥିବାବେଳେ ପରିବାରରେ ସ୍ତ୍ରୀ, ୪ ଝିଅ ଓ ପୁଅ ଅଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାମାଜିକ କର୍ମୀ ରଞ୍ଜନ ବର୍ଦ୍ଧନ ଦାବି କରିଛନ୍ତି।

# 'ଛାଡ଼ପତ୍ରକୁ ସ୍ୱୀକାର କରନ୍ତୁ ବର୍ଷା'

## ସୋସିଆଲ ମିଡିଆରେ ନିବେଦନ କଲେ ଅନୁଭବ

**କଟକ, ୧୦।୧୦(କାର୍ତ୍ତିକ ସାହୁ)**



କୌଣସି ପ୍ରକାର ଚରିତ୍ର ସଂହାର କରିବାର ଉଦ୍ଦେଶ୍ୟ ମୋର ନାହିଁ। ଏ ଭିଡିଓ ମୁଁ ସମ୍ମାନର ସହ ସୁଟ୍ କରୁଛି। ମୋ ବାପା ବହୁତ କଷ୍ଟରେ ଅଛନ୍ତି। ପରିବାରର କେହି ଶୋଇବି ପାରୁ ନାହାନ୍ତି। ଆମ ପରିବାର ତରଫରୁ ଅନୁରୋଧ କରୁଛୁ ଆପଣ ଛାଡ଼ପତ୍ରକୁ ସ୍ୱୀକାର କରନ୍ତୁ। ସାଂସଦ ଅନୁଭବ ମହାନ୍ତି ସୋସିଆଲ ମିଡିଆରେ ପୁଣି ଏକ ଭିଡିଓ ଜାରି କରି ବର୍ଷା ପ୍ରିୟଦର୍ଶିନୀଙ୍କୁ ନିବେଦନ କରିଛନ୍ତି। ଏଥିସହିତ ଏହି ପୋଷ୍ଟକୁ ନେଇ କୌଣସି ଥଟ୍ଟମଜା ନ କରିବାକୁ ଅନୁଭବ ମଧ୍ୟ କହିଛନ୍ତି।

ସୂଚନା ଅନୁସାରେ, କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଅତ୍ୟନ୍ତ ଦୁଃଖ ତଥା ଆବେଗର ସହ ଭିଡିଓ ଜରିଆରେ ନିଜର ସମସ୍ୟା ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷାଙ୍କୁ କହିଛନ୍ତି। ଅନୁଭବ କହିଛନ୍ତି, ମୋ ବାପାଙ୍କ ଦେହ ଅସୁସ୍ଥ। ଘରେ ପାଳିଥିବା ପଶୁର ଦେହ ମଧ୍ୟ ଅସୁସ୍ଥ। ବାପାଙ୍କ କିଡ୍‌ନୀ ଡାଏଲିସିସ୍ ହେଉଛି। ବାପା ହୋସ୍‌ରେ ରହୁନାହାନ୍ତି। କାହାରିକୁ ଚିହ୍ନି ପାରୁନାହାନ୍ତି। ରାତିରେ ବାପା ଶୋଇପାରୁ ନାହାନ୍ତି। ବାପା ଶୋଇପାରୁ ନ ଥିବାରୁ ମା' ମଧ୍ୟ ଶୋଇପାରୁ ନାହାନ୍ତି। ଆଉ ବାପାମାଆ ଶୋଇ ନ ପାରିଲେ ପୃଥିବୀରେ କୌଣସି ପୁଅ ବା ଝିଅ କେବେ ଶୋଇ ପାରିବେ ନାହିଁ। ସେ ପୂର୍ବରୁ ମଧ୍ୟ ଟୁଇଟର ଜରିଆରେ ବର୍ଷାଙ୍କୁ ଅନୁରୋଧ କରିଥିଲେ ସ୍ୱାମୀସ୍ତ୍ରୀ ଭାବରେ ରହିପାରିଲେ ନାହିଁ, ଭଲ ବନ୍ଧୁ ଭାବରେ ସାରା ଜୀବନ ରହିବାକୁ। ହେଲେ ବର୍ଷା ଏହାର କୌଣସି ଉତ୍ତର ରଖି ନ ଥିଲେ। ଓଲଟି ଅନୁଭବଙ୍କ ଆକାଉଣ୍ଟକୁ ବର୍ଷା ବ୍ଲକ୍ କରିଦେଇଥିଲେ ବୋଲି ଅନୁଭବ କହିଛନ୍ତି। ଏବେ ପୁଣି ଥରେ ଅନୁରୋଧ କରି ଛାଡ଼ପତ୍ର ଦ୍ୱାରା ପରସ୍ପରଠାରୁ ଅଲଗା ହୋଇଯିବା ନିମନ୍ତେ ଅନୁଭବ ଏହି ଭିଡିଓ ଜାରି କରିଥିବା ଭିଡିଓ ଜରିଆରେ କହିଛନ୍ତି।

# ୨୫ ପୌରସଂସ୍ଥାରେ କାର୍ଯ୍ୟକାରୀ ହେବ 'ମୁକ୍ତା ସଫ୍ଟ ୧.୦'

**ଭୁବନେଶ୍ୱର, ୧୦।୧୦(ଅସମାପିକା ସାହୁ)**

ସହରାଞ୍ଚଳର ଗରିବ ଅଧିବାସୀଙ୍କ ଜୀବିକା ସୁରକ୍ଷା ନିମନ୍ତେ ଗୋଷ୍ଠୀ ଦ୍ୱାରା ସଞ୍ଚାଳିତ ତଥା ସମାଜର ସାଧାରଣ ସ୍ତରରୁ ଯୋଜନା ପ୍ରସ୍ତୁତ କରୁଥିବା 'ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ-ମୁକ୍ତା' ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ ରୂପେ ଆଦୃତ ହୋଇଛି। ରାଜ୍ୟର ୧୧୫ଟି ପୌର ସଂସ୍ଥା ଅନ୍ତର୍ଗତ କାମ କରୁଥିବା ସହରାଞ୍ଚଳ ଶ୍ରମିକ ଓ ବିଭିନ୍ନ ସ୍ଥାନକୁ କାମ ସନ୍ଧାନରେ ଯାଉଥିବା ଶ୍ରମିକ (ପ୍ରବାସୀ ଶ୍ରମିକ)ଗୋଷ୍ଠୀଙ୍କୁ ଜୀବିକା ସୁଯୋଗ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ଯୋଜନାର ଠିକ୍ ରୂପାୟନ ପାଇଁ ତଥା କାର୍ଯ୍ୟରତ ଶ୍ରମିକମାନଙ୍କୁ ଠିକ ସମୟରେ ତାଙ୍କ ପ୍ରାପ୍ୟ ମଜୁରି ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଏକ ୱେବ୍ ଆପ୍ 'ମୁକ୍ତା ସଫ୍ଟ' ଆରମ୍ଭ କରିଛନ୍ତି। ଏହି ୱେବ୍ ଆପ୍‌ର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ ନିମନ୍ତେ ପାଇଲଟ୍ ପରୀକ୍ଷଣ ଢେଙ୍କାନାଳ ଓ ଜଟଣୀ ପୌରପାଳିକାରେ କରାଯାଇଛି। ପାଇଲଟ୍ ପରୀକ୍ଷଣର ସଫଳତା ପରେ ମୁକ୍ତା ସଫ୍ଟ ଏବେ ରାଜ୍ୟର ୨୫ଟି ପୌରସଂସ୍ଥାରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ। ଏଥିମଧ୍ୟରେ ୫ ମହାନଗର ନିଗମ, ୧୪ ପ୍ରମୁଖ ପୌରପାଳିକା ଓ ୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଭୁକ୍ତ ବୋଲି ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

'ମୁକ୍ତା ସଫ୍ଟ ୧.୦'ର ସଫଳ ରୂପାୟନ ନିମନ୍ତେ ରାଜ୍ୟସ୍ତରୀୟ ମୁକ୍ତା ପି.ଏମ୍.ୟୁ ତଥା ରାଜ୍ୟବ୍ୟାପୀ ୨୫ଟି ପୌରସଂସ୍ଥାର ମାଷ୍ଟର ଟ୍ରେନରମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ପରବର୍ତ୍ତୀ ସ୍ତରରେ ୨୫ଟି ପୌର ସଂସ୍ଥାର କର୍ମଚାରୀଙ୍କୁ ଏହି ମାଷ୍ଟର ଟ୍ରେନରମାନେ ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି। 'ମୁକ୍ତା ସଫ୍ଟ ୧.୦'ର ବିଭିନ୍ନ ଦିଗକୁ ପରବର୍ତ୍ତୀ ସ୍ତରରେ ପୌର ସଂସ୍ଥାର କର୍ମଚାରୀଙ୍କୁ ପରିଚିତ କରାଇବାରେ ଏହି ମାଷ୍ଟର ଟ୍ରେନର୍‌ମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି.ମାଥିଭାଥାନନ୍ ମଙ୍ଗଳବାର ଏହି ମାଷ୍ଟର୍ ଟ୍ରେନରମାନଙ୍କୁ ଅଭିଭାଷଣ ଦେଇ ଏଭଳି ପ୍ରମୁଖ ମଜୁରି ଭିତ୍ତିକ ସହରାଞ୍ଚଳ ଜୀବିକା ସୁରକ୍ଷା କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ରାଜ୍ୟ ବୋଲି କହିଥିଲେ। ଜନସାଧାରଣଙ୍କ ମତାମତ ଭିତ୍ତିରେ କାର୍ଯ୍ୟକ୍ରମରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି ଏବଂ ସହରାଞ୍ଚଳ ଗରିବ ଶ୍ରମିକଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ ଦିଗରେ ଏହି ୱେବ୍ ଆଧାରିତ ଆପ୍ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। ଏହି ମାଷ୍ଟର ଟ୍ରେନରମାନଙ୍କୁ ପ୍ରମୁଖ ସମ୍ବଳ ବ୍ୟକ୍ତି ହିସାବରେ ଚୟନ କରାଯାଇଥିବାରୁ 'ମୁକ୍ତା ସଫ୍ଟ ୧.୦' ର ସଫଳ ରୂପାୟନ ଦିଗରେ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ମାଥିଭାଥାନନ୍ ପ୍ରକାଶ କରିଥିଲେ। ରାଜ୍ୟର ୨୫ଟି ପୌର ସଂସ୍ଥାର ୩୦୦ ସମ୍ବଳ ବ୍ୟକ୍ତିଙ୍କୁ ପାଞ୍ଚଟି ବ୍ୟାଚ୍‌ରେ ପ୍ରଶିକ୍ଷଣ ଦିଆଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ସୂଚନା ଦେଇଥିଲେ।




କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଜି.ମାଥିଭାଥାନନ୍ ଉଦ୍‌ବୋଧନ ଦେଉଛନ୍ତି।

# ନିର୍ବାଚିତ ହୋଇଛନ୍ତି ଜଣେ ମାତ୍ର ବିଧାୟିକା

**ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ**

**ବ୍ରହ୍ମପୁର, ୧୦।୧୦(ନରସିଂହ ସାହୁ)**

ଭାରତ ସ୍ୱାଧୀନତା ପରେ ୧୯୫୧-୧୯୫୨ରୁ ୨୦୧୯ ମଧ୍ୟରେ ରାଜ୍ୟରେ ୧୬ ବିଧାନସଭା ନିର୍ବାଚନ ହୋଇଛି। ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ଜଣେ ମାତ୍ର ବିଧାୟିକା ନିର୍ବାଚିତ ହୋଇଛନ୍ତି। ସେ ହେଉଛନ୍ତି ମହୁରୀ ରାଣୀ ରତ୍ନ ମଞ୍ଜରୀ ଦେବୀ। ୧୯୭୭ ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥିନୀ ଭାବେ ଲଢ଼େଇ କରିଥିଲେ। କଂଗ୍ରେସ ପ୍ରାର୍ଥୀ ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କୁ ବିପୁଳ ଭୋଟରେ ପରାସ୍ତ କରିଥିଲେ। ନିର୍ବାଚନ ବେଳେ ଆଚାର୍ଯ୍ୟ କ୍ଷମତାରେ ଥିଲେ। ସେ ସମୟରେ ବ୍ରହ୍ମପୁର ସହରର ୨୭ ୱାର୍ଡ ଏବଂ କୁକୁଡ଼ାଖଣ୍ଡି ବ୍ଲକର ୧୦ ପଞ୍ଚାୟତକୁ ନେଇ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ହୋଇଥିଲା।

ବର୍ତ୍ତମାନ ବିଜେଡି ସରକାର ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ଅଗ୍ରାଧିକାର ଦେଉଛନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନରେ ୫୦% ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ତେଣୁ ଆଗାମୀ ୨୦୨୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହେବାକୁ ଏକାଧିକ ମହିଳା ଆଗ୍ରହ ପ୍ରକାଶ କରିଛନ୍ତି। ବ୍ରହ୍ମପୁର ଆସନ ପାଇଁ ସେମାନେ ଆବେଦନ କରିବାରେ ଲାଗିଛନ୍ତି। ଦରଖାସ୍ତକାରୀଙ୍କ ମଧ୍ୟରେ ଜଣେ ମହାନଗର ନିଗମର ପୂର୍ବତନ ମହିଳା ମେୟର ଅଛନ୍ତି। ଦଳୀୟ ସଂଗଠନର ପଦପଦବୀରେ ଥିବା ଆଉ କେତେ ଜଣ ଆଶାୟୀ ଅଛନ୍ତି। ଅନ୍ୟପକ୍ଷରେ ଲୋକସଭା ଓ ବିଧାନସଭା ନିର୍ବାଚନରେ ୩୩% ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷିତ ହେବାର ବିଧେୟକ ପାର୍ଲାମେଣ୍ଟରେ ପାରିତ ହୋଇ ଆଇନରେ ପରିଣତ ହୋଇଛି। ତେବେ ସେହି ଆଇନ ୨୦୨୯ ନିର୍ବାଚନଠାରୁ ଲାଗୁ ହେବା ଆଶା କରାଯାଉଛି।

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ନିର୍ବାଚନରେ ଗଞ୍ଜାମର ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୫ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିଥିଲେ। ଖଲ୍ଲିକୋଟ, କବିସୂର୍ଯ୍ୟନଗର, ଆସିକା, ସାନଖେମୁଣ୍ଡି ଓ ଚିକିଟି ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମହିଳାଙ୍କ ମଧ୍ୟରୁ ୪ଜଣ ନିର୍ବାଚିତ ହୋଇଥିଲେ। ସାନଖେମୁଣ୍ଡି ଆସନରେ ବିଜେଡି ମହିଳା ପ୍ରାର୍ଥୀ ପରାସ୍ତ ହୋଇଥିଲେ। ଆଗାମୀ ନିର୍ବାଚନରେ ୧୩ ନିର୍ବାଚନ ମଣ୍ଡଳୀରୁ ଅର୍ଦ୍ଧାଧିକ ଆସନରେ ବିଜେଡି ମହିଳାଙ୍କୁ ପ୍ରାର୍ଥୀ କରିପାରେ ବୋଲି କର୍ମୀ ମହଲରେ ଚର୍ଚ୍ଚା ହେଉଛି। ତେଣୁ ଏବେଠୁ ମହିଳା କର୍ମୀ ଓ ନେତ୍ରୀଙ୍କ ଆଗ୍ରହ ବଢ଼ି ଯାଇଥିବା ଲକ୍ଷ୍ୟ କରାଯାଇଛି। ବିଜେଡି ସୁପ୍ରିମୋଙ୍କ ପଦକ୍ଷେପକୁ ଅପେକ୍ଷା କରାଯାଇଛି।

ସୂଚନାଯୋଗ୍ୟ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ୧୯୩୭ରେ ହୋଇଥିବା ନିର୍ବାଚନରେ ବ୍ରହ୍ମପୁର ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ସ୍ୱର୍ଗତ ରାଷ୍ଟ୍ରପତି ଭିଭି ଗିରିଙ୍କ ସାନ ଭଉଣୀ ଡି. ଲକ୍ଷ୍ମୀବାଇ କଂଗ୍ରେସର ବିଧାୟିକା ହୋଇଥିଲେ। ପରବର୍ତ୍ତୀ ଦ୍ୱିତୀୟ ନିର୍ବାଚନରେ ମଧ୍ୟ ଲକ୍ଷ୍ମୀବାଇ ଏହି ଆସନରୁ କଂଗ୍ରେସରୁ ଜିତିବା ପରେ ବିଧାନସଭାର ପ୍ରଥମ ମହିଳା ଉପବାଚସ୍ପତି ହୋଇଥିଲେ। ଏବେ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଅତି ସୁବିଧା ହୋଇଛି। ମହାନଗରର ୪୨ ୱାର୍ଡରୁ ୩୬ଟିକୁ ନେଇ ନିର୍ବାଚନ ମଣ୍ଡଳୀ ହୋଇଛି। ଅବଶିଷ୍ଟ ୱାର୍ଡ ଗୋପାଳପୁର କ୍ଷେତ୍ରରେ ଅଛି। ତେଣୁ ଏହି ଆସନ ଉପରେ ମହିଳାଙ୍କ ନଜର ପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଧନାଧିପ ଯୁକ୍ତ ଚନ୍ଦ୍ର ହେତୁ ପ୍ରତ୍ୟେକ ଦିଗରୁ ମନ ଖୁସି ରହିବ, କାମଗୁଡ଼ିକୁ ମଧ୍ୟ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ, ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ବିବାଦରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** – ଆଜି ନୀଚାରୋହୀ ରାଶ୍ୟାଧିପ ଚନ୍ଦ୍ର ସଂଯୋଗରୁ ଶାରୀରିକ ଓ ମାନସିକ ଅସୁସ୍ଥତା ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ। ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ମିଥୁନ** – ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ କରି କୃତକାର୍ଯ୍ୟ ହେବେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। କିଛି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**କର୍କଟ** – ମୁଖଭାବରେ ଚନ୍ଦ୍ର ଓ ଶୁକ୍ର ଆପଣଙ୍କୁ ଗୁଣଗ୍ରାହୀମାନଙ୍କୁ ସନ୍ତୁଷ୍ଟ କରାଇବାରେ ସହାୟକ ହେବେ। କେହି ଜଣେ ବିନା କାରଣରେ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ; ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବ। ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** – ଧନାଧିପ ସ୍ୱଗୃହସ୍ଥ ଯୋଗୁ ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳି ଯିବାରୁ ଏକ ପ୍ରକାର ମନ ହାଲୁକା ହୋଇଯିବ। କିନ୍ତୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। କଳା, ସାହିତ୍ୟ, ସଂଗଠନ, ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା** – ସ୍ୱରାଶିରେ ବୁଧଙ୍କ ଯୋଗୁ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ବୁଝିବିଚାରି କାମ ନ କଲେ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ଆଜି ସୁଦ୍ଧା ପାଇ ନ ଥିବା ଜିନିଷଟି ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉକ୍ଟ ହେବ ନାହିଁ।

**ତୁଳା** – ରାଶିରେ ମଙ୍ଗଳ ଓ କେତୁଜନିତ ଦୁର୍ଭାବନାରେ ମନରେ ଉତ୍ତେଜନା ଭରି ରହିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** – ଦୁଃସ୍ଥାନରେ ମଙ୍ଗଳ ପାପଯୁକ୍ତ ହେତୁ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ସନ୍ତାନଙ୍କ ସମସ୍ୟା ସଙ୍ଗକୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା, ସାହିତ୍ୟ, ସାମ୍ବାଦିକତାରେ ବେଶ୍ ଆଦୃତି ସହ ପ୍ରତିଷ୍ଠା ମିଳିବ। ପରିସ୍ଥିତିରେ ପଡ଼ି ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ** – ଗୁରୁଚଣ୍ଡାଳ ଯୋଗ ପ୍ରଭାବରୁ ବିଭିନ୍ନ ସମସ୍ୟାରେ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାରୁ ସମସ୍ୟା ଆସିପାରେ। ଆଲୋଚନା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର** – ପାରିବାରିକ ସମସ୍ୟା ହେତୁ ମାନସିକ ସ୍ଥିତି ଭଲ ରହିବନାହିଁ। ତଥାପି ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମଟି ସହଜରେ ହାସଲ କରିବେ।

**କୁମ୍ଭ** – ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ, ଏଣୁ ସତର୍କ ରହିବା ଭଲ। ସନ୍ଧ୍ୟାରେ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବ।

**ମୀନ** – ଦିନ ଭିତରେ ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା କାରନରୁ ମନ ହାଲୁକା ହୋଇଯିବ। ପୂର୍ବ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

ଆଜି ଆଶ୍ୱିନ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର, ଅକ୍ଟୋବର ୧୧ ତାରିଖ, ବିଶ୍ୱ କନ୍ୟା ସନ୍ତାନ ଦିବସ, ଅନ୍ତର୍ଜାତୀୟ ବାଳିକା ଦିବସ, ବାଜିରାଉତ ଶହୀଦ ଦିବସ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ, ରାଶିନକ୍ଷତ୍ର, ଦିବା ଘ.୦୮.୪୪ମି. ଗତେ, ପୂର୍ବା ଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୩ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୩ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୩ମି. ଗତେ ଘ.୦୧.୦୦ମି. ମଧ୍ୟେ ରାହୁକାଳ।

# ଗାଁ ହେବ ସଶକ୍ତ ଓଡ଼ିଶାର ପ୍ରତିଛବି: ମୁଖ୍ୟମନ୍ତ୍ରୀ




## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ

- କେନ୍ଦୁଝର, ଭଦ୍ରକ ଜିଲାରେ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଖର୍ଚ୍ଚ ହେବ ୩୩୯୭ କୋଟି
- ପ୍ରତି ପଞ୍ଚାୟତକୁ ମିଳିବ ୫୦ ଲକ୍ଷ
- ସଂସ୍କୃତିର ସୁରକ୍ଷା ସହ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ ହେବ
- ଲୋକଙ୍କ ଆବଶ୍ୟକତାକୁ ନେଇ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଅନୁମୋଦନ କରିଛନ୍ତି: ୫-ଟି ସଚିବ

**ଭୁବନେଶ୍ୱର,୧୦।୧୦ (ଅନିଲ ଦାସ)**

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଞ୍ଚାୟତ ଓ ଗାଁ। ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର ଓ ଭଦ୍ରକ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୬୭୯୪ ପଞ୍ଚାୟତ ସାମିଲ ହେବ ଏବଂ ୯୦,୭୨୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ୩୩୯୭ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍‌ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ। ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ସମସ୍ତ ଗାଁ ହେବ ସଶକ୍ତ ଓଡ଼ିଶାର ପ୍ରତିଛବି। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଗାଁରେ ଇଣ୍ଟରନେଟ୍ ସଂଯୋଗ ମିଳିବ। ବିଜ୍ଞାନ ପାର୍କ ହେବ। ଦକ୍ଷତା ବିକାଶ କେନ୍ଦ୍ର ହେବ। ଓ୍ୱାର୍କସ ହବ୍ ସହ ବ୍ୟାଙ୍କିଙ୍ଗ୍ ସୁବିଧା ମିଳିବ। ଏହି କାର୍ଯ୍ୟକ୍ରମରେ ଗାଁର ପ୍ରାଥମିକ ସ୍କୁଲଗୁଡ଼ିକ ମଧ୍ୟ ସାମିଲ ହେବ। ଏହା ଯୁବଗୋଷ୍ଠୀ, ମହିଳା, ଚାଷୀ ଓ ଛାତ୍ରୀଛାତ୍ରଙ୍କ ପାଇଁ ଅମାପ ସୁଯୋଗ ଆଣିବ। ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡ଼ିଶାର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ। ଏହି ନୂଆ ଓଡ଼ିଶାରେ ଭିତ୍ତିଭୂମି ସୁଦୃଢ଼ ସହ ଆକାଂକ୍ଷୀ ଓଡ଼ିଶା ପରିକଳ୍ପନା ସାକାର ରୂପ ପାଇବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାର ୬ଟି ନିର୍ବାଚନମଣ୍ଡଳୀର ୨୯୭ଟି ଗ୍ରାମ ପଞ୍ଚାୟତର ୩୫୬୮ ପ୍ରକଳ୍ପ ପାଇଁ ୧୪୮ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାବେଳେ, ଭଦ୍ରକ ଜିଲାର ୫ଟି ନିର୍ବାଚନମଣ୍ଡଳୀର ୨୧୮ଟି ଗ୍ରାମ ପଞ୍ଚାୟତର ୩୩୩୭ ପ୍ରକଳ୍ପ ପାଇଁ ୧୦୯ କୋଟି ଟଙ୍କା ମଞ୍ଜୁର କରାଯାଇଛି।

୫-ଟି ସଚିବ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରତ୍ୟେକ ଜିଲାର ନିର୍ବାଚନମଣ୍ଡଳୀର ବିଧାୟକ, ଜିଲା ପରିଷଦ ସଭାପତି, ଜିଲା ପରିଷଦ ସଦସ୍ୟ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଭର୍ଚୁଆଲ ମାଧ୍ୟମରେ ଆଲୋଚନାରେ ଭାଗନେଇ ଗାଁ ଗାଁରେ ବିକାଶର ନୂଆ ପର୍ବର ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଯୋଗୁ ଗରିବ ଓ ଅବହେଳିତ ଲୋକମାନଙ୍କ ମୁହଁରେ ହସ ଫୁଟିଛି ବୋଲି ସେମାନେ କହିଛନ୍ତି। ଏଥିସହିତ ୫-ଟି ସଚିବଙ୍କ ଗସ୍ତ ଯୋଗୁ ଜିଲାସ୍ତରରେ ବିକାଶ ତ୍ୱରାନ୍ୱିତ ହେବା ସହିତ ଅନେକ ଦିନରୁ ପଡ଼ିରହିଥିବା ସମସ୍ୟାଗୁଡ଼ିକ ମଧ୍ୟ ଦୂର ହୋଇଛି ବୋଲି କହିଛନ୍ତି। ଆଲୋଚନାରେ ଭାଗନେଇ ୫-ଟି ସଚିବ ପାଣ୍ଡିଆନ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ସମସ୍ୟା ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ତତ୍ପର। ଓଡ଼ିଶାର ପ୍ରତି ଗାଁର ବିକାଶ ପାଇଁ କାମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳ ପାଇଁ ଯେଉଁ ଯେଉଁ ପ୍ରକଳ୍ପ ସବୁ ମଞ୍ଜୁର କରିଛନ୍ତି, ସେ ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଥିଲେ। ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକତାକୁ ଦେଖି ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ଏହାକୁ ସମସ୍ତେ ସ୍ୱଚ୍ଛତାର ସହ ଓ ଠିକ୍ ସମୟରେ ଶେଷ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଦେଇଛନ୍ତି।

# ପଡ଼ିଆରେ ଶୋଇଥିବା ବେଳେ ଚଢ଼ିଗଲା ଟ୍ରକ୍


ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ନାତୁଣୀ ନାତିଙ୍କ ସହ ଚିତ୍ର ପଧାନ।

**କାମାକ୍ଷାନଗର, ୧୦।୧୦ (ସୁଧୀର ପରିଡ଼ା)**

## ଆଦିବାସୀ ମଲ୍ଲାର ପରିବାରର ୨ ମୃତ

ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା କୁଟୁରିଆ ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପଡ଼ିଆରେ ଶୋଇଥିବା ଏକ ଆଦିବାସୀ ମଲ୍ଲାର ପରିବାରର ୨ ସଦସ୍ୟଙ୍କ ଉପରେ ଏକ ଟ୍ରକ୍ ଚଢ଼ିଯିବାରୁ ସେମାନଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାମାକ୍ଷାନଗର ଥାନା ଜୟପୁରାକାଟେଣି ପଞ୍ଚାୟତ ବେଲବସନ୍ତ ଗ୍ରାମର ରୁନୁ ପଧାନ (୩୫) ଓ ସାନ ପୁଅ ଲିପୁ ପଧାନ (୮)। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ନେଇ ସେଠାରୁ ଚମ୍ପଟ ମାରିଥିବା ବେଳେ ଖବରପାଇ ମଙ୍ଗଳବାର ସକାଳେ ମହାବିରୋଡ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜୟପୁରାକାଟେଣି ପଞ୍ଚାୟତ ବେଲବସନ୍ତ ଗ୍ରାମର ଆଦିବାସୀ ମଲ୍ଲାର ପରିବାରର ଚିତ୍ର ପଧାନ (୬୫), ଜ୍ୱାଇଁ ତ୍ରିନାଥ ପଧାନ (୪୦), ଝିଅ ରୁନୁ ପଧାନ (୩୫) ସେମାନଙ୍କ ୪ ସନ୍ତାନ କୁଟୁରିଆ ଯାତ୍ରା ପଡିଆରେ ରହୁଥିଲେ। ବଣ ଜଙ୍ଗଲ ବୁଲି ମହୁ ସଂଗ୍ରହ ଓ ମୂଲ ମଜୁରି ଲାଗି ସେମାନେ ଜୀବିକା ନିର୍ବାହ କରୁଥିଲେ। ରୁନୁଙ୍କ ବଡ଼ଝିଅ ବାହାରେ ରହି କାମ କରନ୍ତି। ସୋମବାର ରାତିରେ ପରିବାରର ସଦସ୍ୟମାନେ ପଡ଼ିଆରେ ଖୋଲା ଆକାଶ ତଳେ ଶୋଇଥିଲା ବେଳେ ଏକ ଟ୍ରକ୍ ରୁନୁ ଓ ତାଙ୍କ ସାନ ପୁଅ ଲିପୁ ଉପରେ ଚଢ଼ିଯାଇଥିଲା। ପାଖରେ ଶୋଇଥିବା ଚିତ୍ର, ଜ୍ୱାଇଁ ତ୍ରିନାଥ ଓ ୨ ପିଲା ଠୁରୁ ପଧାନ (୧୦ବର୍ଷ), ସାନ ଝିଅ ସମ୍ବାରୀ(୩ବର୍ଷ) ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ଏ ନେଇ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବା ପରେ ଆମ୍ବୁଲାନ୍ସ ଯୋଗେ ରୁନୁ ଓ ପୁଅ ଲିପୁକୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ରୁନୁଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଲିପୁଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ମହାବିରୋଡ୍ ଥାନାରେ ନଂ. ୧୬୯/୨୩ରେ ଏକ ମାମଲା ରୁଜୁ କରାଯାଇଛି। କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହିତ ରେଡ୍‌କ୍ରସରୁ ତୁରନ୍ତ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସମୟରେ ସରକାରଙ୍କ ନିୟମ ଅନୁସାରେ ସହାୟତା ଦିଆଯିବ ବୋଲି ଉପଜିଲାପାଳ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଦମ୍ପତି ମୃତ

**ନୂଆପଡ଼ା,୧୦।୧୦(ମକାରୁ ବେମାଲ)**

## ଚେକ୍‌ଡ୍ୟାମ୍‌ରୁ ପାଣି ଉଠାଇ ଚାଷ କରୁଥିଲେ

ନୂଆପଡ଼ା ଜିଲା ଜୋଙ୍କ ଥାନା ଅଧୀନ ପରକୋଡ଼ ଗାଁରେ ଚାଷ କାମ କରିବା ବେଳେ ମଙ୍ଗଳବାର ଏକ ଅଘଟଣ ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସ୍ତ୍ରୀ ଓ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମେଶ୍ୱର ରାଉତ (୩୯) ଓ ତାଙ୍କ ସ୍ତ୍ରୀ ବିମଳା ରାଉତ (୩୫)। ସୂଚନା ଅନୁସାରେ ପୂର୍ବାହ୍ନରେ ପରକୋଡ଼ ଗାଁର ଦମ୍ପତି ନିଜ ଚାଷ ଜମିକୁ କାମ ପାଇଁ ଯାଇଥିଲେ। ଚାଷ ଜମି ନିକଟରେ ଜାତୀୟ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏକ ଚେକ୍‌ଡ୍ୟାମ୍ ତିଆରି ହୋଇଛି। ଏହି ଚେକ୍‌ଡ୍ୟାମରୁ ମୋଟର ସାହାଯ୍ୟରେ ପାଣି ଉଠାଇ ଚାଷ କାମ କରୁଥିଲେ। ଏହି ସମୟରେ ମୋଟରର ବିଦ୍ୟୁତ୍ ଆଘାତ ପାଇ ଉଭୟେ ଚେକଡ୍ୟାମ୍ ଭିତରେ ପଡ଼ିଯାଇଥିଲେ। ନିକଟରେ କାମ କରୁଥିବା କେତେଜଣ ଲୋକ ଏହା ଦେଖି ଜଣାଇବା ପରେ ଗାଁର ଯୁବକମାନେ ମୋଟରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ଖରିଆରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଜୋଙ୍କ ଥାନା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ଆଇଆଇସି ଗୁରୁଦେବ କର୍ମୀ କହିଛନ୍ତି।

# ଦୁଇ ଭଉଣୀଙ୍କ ପ୍ରତିଭାକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୦।୧୦(ଅନିଲ ଦାସ)**

ଯୁବବର୍ଗଙ୍କ ପ୍ରତିଭାକୁ ନେଇ ଭାରତ ଆଗାମୀ ଭବିଷ୍ୟତର ସମ୍ଭାବନା ଓ ଆହ୍ୱାନକୁ ସାମ୍ନା କରିବାର ସାମର୍ଥ୍ୟ ରଖିଛି। ମଙ୍ଗଳବାର ନୂଆଦିଲ୍ଲୀଠାରେ ଏନ୍‌ରିଚ୍-୨୦୨୩ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ସେ କହିଛନ୍ତି ଯେ, କେପିଏମ୍‌ଜି ଇଣ୍ଡିଆ ଚଳିତବର୍ଷ ନବ ସୃଜନ, ଦକ୍ଷତା ଏବଂ ଉଦ୍ୟମିତା ଉପରେ ପ୍ରାଥମିକତା ଦେବା ଖୁସିର ବିଷୟ। ଆମ ଯୁବବର୍ଗଙ୍କ ମଧ୍ୟରେ ଥିବା ପ୍ରତିଭା ଯୋଗୁ ଭାରତ ଆଗାମୀ ଭବିଷ୍ୟତର ସମ୍ଭାବନା ଓ ଆହ୍ୱାନକୁ ସାମ୍ନା କରିବାର ସାମର୍ଥ୍ୟ ରଖୁଛି। ଯୁବବର୍ଗଙ୍କୁ ଏକବିଂଶ ଶତାବ୍ଦୀର ଦକ୍ଷତା ପ୍ରଦାନ କରି ଭାରତକୁ ବୈଶ୍ୱିକ ନବ ସୃଜନ, ଉଦ୍ୟମିତା, କୌଶଳ ଓ ରୋଜଗାରର ପେଣ୍ଠସ୍ଥଳୀ ଭାବରେ ରୂପାନ୍ତରଣ କରି ଏକ ବିକଶିତ ଦେଶ ଗଢ଼ିପାରିବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଆୟୋଜିତ ଷ୍ଟାର୍ଟଅପ୍ ପ୍ରଦର୍ଶନୀରେ ଅନେକ ଯୁବପିଢ଼ିଙ୍କଠାରୁ ନୂତନ ଷ୍ଟାର୍ଟଅପ୍ ବିଷୟରେ ଅବଗତ ହୋଇଥିଲେ। ଓଡ଼ିଶାର ଦୁଇ ଭଉଣୀ ତଥା ନେକ୍ସସ୍ ପାୱାର ଷ୍ଟାର୍ଟଅପ୍‌ର ସିଇଓ ଏବଂ ସହ-ପ୍ରତିଷ୍ଠାତା ନିଶିତା ଓ ନିକିତା ବଳିୟାରସିଂଙ୍କୁ ଭେଟି ଖୁସିବ୍ୟକ୍ତ କରିଥିଲେ।

ସେ କହିଥିଲେ ଯେ, ସବୁଜ ଇନ୍ଧନ ତଥା ସ୍ୱଚ୍ଛ ଉର୍ଜା ଭଳି କ୍ଷେତ୍ରରେ ଏହି ଦୁଇ ଭଉଣୀ ଆରମ୍ଭ କରିଥିବା ଷ୍ଟାର୍ଟଅପ୍ ଆମ ଓଡ଼ିଶାର ଉଦ୍ୟୋଗୀ ମନୋଭାବ ଓ ପ୍ରତିଭାକୁ ଦର୍ଶାଉଛି। ଲୋକଙ୍କ ଜୀବନଶୈଳୀକୁ ସୁଗମ କରିବା ତଥା ପରିବେଶକୁ ସ୍ୱଚ୍ଛ ରଖିବା ସହ ଅଙ୍ଗାରକାମ୍ଳକୁ ହ୍ରାସ କରିବା ପାଇଁ ଟେକ୍ନୋଲୋଜି ମାଧ୍ୟମରେ ସମାଧାନର ସୂତ୍ର ବାହାର କରିବା ଦିଗରେ ଉଭୟଙ୍କ ପ୍ରଚେଷ୍ଟା ଆମ ପାଇଁ ଗର୍ବର ବିଷୟ।


**ଏନ୍‌ରିଚ୍-୨୦୨୩ ସମ୍ମିଳନୀ**

# ପୂର୍ବତନ ଡିଜିପି ଶରତ ଚନ୍ଦ୍ର ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)**



ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ତଥା ଲେଖକ ଶରତ ଚନ୍ଦ୍ର ମିଶ୍ରଙ୍କର ମଙ୍ଗଳବାର ସକାଳ ୭ଟା ୨୨ ମିନିଟ୍‌ରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ବର୍ଷ ବୟସ ହୋଇଥିଲା। ଏନେଇ ତାଙ୍କ ଭାଇ ତଥା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର ସୂଚନା ଦେଇଛନ୍ତି। ୧୯୫୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ଶରତ ଚନ୍ଦ୍ର ମିଶ୍ର ଗତ କିଛିଦିନ ଧରି ଡେଙ୍ଗୁରେ ଆକ୍ରାନ୍ତ ହୋଇ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ଦକ୍ଷ ତଥା ସଚ୍ଚୋଟ ପୋଲିସ ଅଧିକାରୀ ଭାବେ ସୁନାମ ଅର୍ଜନ କରିଥିଲେ। ପୋଲିସ କର୍ମଚାରୀଙ୍କ ଉନ୍ନତି ପାଇଁ ବହୁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ। ସେ ଦୀର୍ଘଦିନ ଧରି ର'ର ବରିଷ୍ଠ ଅଧିକାରୀ ଭାବେ ମଧ୍ୟ କାମ କରିଥିଲେ। ଅବସର ପରେ ସେ ଷ୍ଟାଫ୍ ସିଲେକ୍ସନ କମିଶନ୍‌ର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ। ସେ ଆଇଆଇପି ରିଜିଓନାଲ ବ୍ରାଞ୍ଚର ଚେୟାରମ୍ୟାନ ଭାବେ ଦାୟିତ୍ୱ ତୁଲାଇବା ସହିତ ବିଭିନ୍ନ ଡିଏଭି ସ୍କୁଲର ଚେୟାରମ୍ୟାନ୍ ଭାବେ କାମ କରିଥିଲେ। ଏହବ୍ୟତୀତ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅତ୍ୟନ୍ତ ରୁଚି ରହିଥିଲା। ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ତାଙ୍କର ଅନେକ ସାହିତ୍ୟକୃତି ପାଠକଙ୍କ ମଧ୍ୟରେ ଆଦୃତ ହୋଇପାରିଛି। ତାଙ୍କ ଆତ୍ମଜୀବନୀ 'ଜୀବନର ପଥପ୍ରାନ୍ତେ' ପାଇଁ ୨୦୦୭ରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। କିଛିବର୍ଷ ଧରି 'ଧରିତ୍ରୀ'ରେ ତାଙ୍କର ଲେଖା ପ୍ରକାଶ ପାଇଥିଲା। ତାଙ୍କ ମରଶରୀରକୁ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ, ୟୁନିଟ୍-୮ ସ୍କୁଲ ଏବଂ କଳିଙ୍ଗ ଡିଏଭି ସ୍କୁଲକୁ ଶେଷଦର୍ଶନ ପାଇଁ ନିଆଯାଇଥିଲା। ଏହାପରେ ବିଜେବି ନଗରସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ପୋଲିସ କମିଶନରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଏବଂ ବିଶିଷ୍ଟ ସାହିତ୍ୟିକମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ମାନସ ମଙ୍ଗରାଜ, ଶର୍ମିଷ୍ଠା ଓବିସି ସଂସଦୀୟ କମିଟି ସଦସ୍ୟ

**ନୂଆଦିଲ୍ଲୀ,୧୦।୧୦**


ମାନସ ମଙ୍ଗରାଜ


ଶର୍ମିଷ୍ଠା ସେଠୀ

ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଏବଂ ଲୋକ ସଭା ସଦସ୍ୟ ଶର୍ମିଷ୍ଠା ସେଠୀ ୨୦୨୩-୨୪ ବର୍ଷ ପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କଲ୍ୟାଣ ସଂସଦୀୟ କମିଟିର ସଦସ୍ୟ ନିଯୁକ୍ତ ହୋଇଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଭାଜପା ଏମ୍‌ପି ରାଜେଶ ବର୍ମାଙ୍କୁ ଉକ୍ତ କମିଟିର ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। କମିଟିର ୩୦ ସଦସ୍ୟଙ୍କ ମଧ୍ୟରୁ ଲୋକ ସଭାରୁ ୨୦ ଏବଂ ରାଜ୍ୟ ସଭାରୁ ୧୦ ଜଣ ରହିଛନ୍ତି। ସେମାନଙ୍କ କାର୍ଯ୍ୟକାଳ ୧ ବର୍ଷ। ଅନ୍ୟାନ୍ୟ ପଛୁଆ ବର୍ଗ ବିଶେଷ କରି ଅତ୍ୟଧିକ ପଛୁଆ ବର୍ଗଙ୍କୁ ସେବା କ୍ଷେତ୍ରରେ ତଥା ରାଷ୍ଟ୍ରାୟତ୍ତ, ବୈଧାନିକ ଓ ଅର୍ଦ୍ଧସରକାରୀ ସଂସ୍ଥାରେ ନିଯୁକ୍ତିରେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତିନିଧିତ୍ୱ ଦେବାରେ କେନ୍ଦ୍ର ସରକାର କ'ଣ ପଦକ୍ଷେପ ନେଉଛନ୍ତି, ତାହା ଅନୁଧ୍ୟାନ କରିବା ଉକ୍ତ କମିଟିର କାର୍ଯ୍ୟ। ଏହା ବ୍ୟତୀତ ଜାତୀୟ ପଛୁଆ ବର୍ଗ ଦାଖଲ କରୁଥିବା ରିପୋର୍ଟ ଏବଂ ସରକାରଙ୍କ ପଦକ୍ଷେପ ସମ୍ପର୍କିତ ଉଭୟ ଗୃହର ରିପୋର୍ଟକୁ ମଧ୍ୟ କମିଟି ବିଚାର କରିବ। କମିଟିର ପ୍ରସ୍ତାବ ଏବଂ ଉଭୟ ଗୃହର ରିପୋର୍ଟ ଅନୁଯାୟୀ କେନ୍ଦ୍ର ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ପଦକ୍ଷେପ ଗ୍ରହଣ କରୁଛନ୍ତି କି ନାହିଁ, ତାହା ମଧ୍ୟ କମିଟି ତଦାରଖ କରିବ।

# ସ୍ତ୍ରୀଙ୍କ ତଣ୍ଟିଚିପି ରାସ୍ତାକଡ଼ରେ ଫିଙ୍ଗିଦେଲେ


ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

**ବାସୁଦେବପୁର, ୧୦।୧୦ (ନାରାୟଣ ପ୍ରସାଦ ବାରିକ୍)**

## ଥାନାରେ ସ୍ୱାମୀଙ୍କ ଆତ୍ମସମର୍ପଣ

ସ୍ତ୍ରୀଙ୍କ ତଣ୍ଟିଚିପି ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗିଦେଲେ ସ୍ୱାମୀ। ଏଭଳି ଏକ ନୃଶଂସ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତର ବାଗ୍‌ଦା ବିନାୟକପୁର ଗ୍ରାମରେ। ପରେ ଅଭିଯୁକ୍ତ ସ୍ୱାମୀ ବାସୁଦେବପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତ ମହିଳା ହେଲେ ରାଧାରାଣୀ ବେହେରା(୨୫)। ସୋମବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି। ମଙ୍ଗଳବାର ପଞ୍ଚାୟତର ପ୍ରବେଶ ପଥ ରାସ୍ତାକଡ଼ରୁ ରାଧାରାଣୀଙ୍କ ମୃତଦେହ ପୋଲିସ ଜବତ କରିଛି। ଅଭିଯୁକ୍ତ ସ୍ୱାମୀ ଦୀପକ ବେହେରାଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଛି। ଦୀପକ ରାଧାରାଣୀଙ୍କ ବେକକୁ ଗାମୁଛାରେ ଭିଡ଼ି ହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିପାରିଛି।

୫ବର୍ଷ ପୂର୍ବେ ଖରିଦା ବିନାୟକପୁର ଗ୍ରାମର ଦିବାକର ବେହେରାଙ୍କ ଝିଅ ରାଧାରାଣୀଙ୍କ ସହ ଦୀପକଙ୍କର ପ୍ରେମବିବାହ ହୋଇଥିଲା। ସେମାନଙ୍କର ୩ବର୍ଷର ଏକ ଶିଶୁକନ୍ୟା ମଧ୍ୟ ଅଛି। ପ୍ରାୟ ୧ ମାସ ତଳେ ଦୀପକ ଓ ରାଧାରାଣୀ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିବା ପାଇଁ ତାମିଲନାଡୁ ଯାଇଥିଲେ। ସେଠାରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଘରକୁ ଫେରିଆସିଥିଲେ। ସୋମବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ଗାଁମୁଣ୍ଡ ଛକରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଉକ୍ତ ସ୍ଥାନରେ ଦୀପକ ଉତ୍ତେଜିତ ହୋଇ ଏକ ଗାମୁଛାରେ ରାଧାରାଣୀଙ୍କ ତଣ୍ଟି ଚିପି ମାରି ଦେଇଥିବା ସ୍ୱୀକାର କରିଛନ୍ତି। ପରେ ଶିଶୁକନ୍ୟାକୁ ନିଜ ଘରେ ସମ୍ପର୍କୀୟଙ୍କ ପାଖରେ ଛାଡ଼ି ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣାସ୍ଥଳରୁ ଦମ୍ପତିଙ୍କ ଆସବାବପତ୍ର ଓ ଲୁଗାପଟା ଭର୍ତ୍ତି ଏକ ଟ୍ରଲି ବ୍ୟାଗ୍ ପୋଲିସ ଜବତ କରିଛି। ଅପରପକ୍ଷେ ଏନେଇ ମୃତ ରାଧାରାଣୀଙ୍କ ବାପା ଦିବାକରଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ଏକ ହତ୍ୟା ମାମଲା (ନଂ. ୫୭୦/୨୩) ରୁଜୁ ହୋଇଛି। ବିବାହ ପରେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ରାଧାରାଣୀଙ୍କୁ ନିର୍ଯାତନା ଦେବା ସହ ଯୋଜନାବଦ୍ଧ ଭାବେ ସ୍ୱାମୀ ଓ ପରିବାର ଲୋକ ତାଙ୍କୁ ମାରି ଫୋପାଡ଼ି ଦେଇଥିବା ସେ ଅଭିଯୋଗ କରିଛନ୍ତି। ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରିଛନ୍ତି।

# 'ସମ୍ବିଧାନର ୮ମ ଅନୁଚ୍ଛେଦରେ ମୁଣ୍ଡାରୀ ଭାଷା ସାମିଲ ହେଉ'

**ଭୁବନେଶ୍ୱର, ୧୦।୧୦ (ଅସମାପିକା ସାହୁ)**

ମୁଣ୍ଡା ସମାଜର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଭେଟି ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କୁ ସୁପାରିସ ନିମନ୍ତେ ଏହି ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍‌ଙ୍କ ସହିତ ଅନୁସୂଚିତ ଜାତି ତଥା ଅନୁସୂଚିତ ଜନଜାତି କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ରାଜ୍ୟ ସରକାର ଏ ବାବଦରେ ଖୁବ୍‌ଶୀଘ୍ର ସକାରାତ୍ମକ ପଦକ୍ଷେପ ନେବେ ବୋଲି ବାଲକ୍ରିଷ୍ଣନ୍ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭାରତ ମୁଣ୍ଡା ସମାଜର ସଭାପତି ରବୀନ୍ଦ୍ରନାଥ ସିଂ, ମୁଣ୍ଡାରୀ ସମାଜ ସାୱାଁର ଜାମଡ଼ା, ବିର୍ସାମୁଣ୍ଡା ମେମୋରିଆଲ କଲ୍‌ଚର ଫାଉଣ୍ଡେଶନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସିଂ, ନନ୍ଦଲାଲ ସିଂ, ଶିବପ୍ରସାଦ ସିଂ, ସନ୍ତୋଷ କୁମାର ସିଂ, ରାଜେନ୍ଦ୍ରନାଥ ସିଂ, ଶବରନ୍ ସିଂ, ଡ. ମହେନ୍ଦ୍ର ସିଂ, ବଳରାମ ସିଂ, ରୋହିଆ ସିଂ, ଅରୁଣ ସିଂ, ଜେନାପ୍ରସାଦ ସିଂ, ତପନ ସିଂ, ଭାରତୀ ସିଂ ଏବଂ ମଞ୍ଜୁଲତା ସିଂଙ୍କ ସମେତ ଓଡ଼ିଶାର ବିଭିନ୍ନ ସମ୍ପ୍ରଦାୟର ମୁଣ୍ଡା ସମାଜର ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଆର୍. ବାଲକ୍ରିଷ୍ଣନ୍‌ଙ୍କୁ ମୁଣ୍ଡା ସମାଜର ପ୍ରତିନିଧି ମଣ୍ଡଳୀ ଦାବିପତ୍ର ଦେଉଛନ୍ତି।

ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

# ବାଉଁଶ ନୀତି

ବାଉଁଶରୁ ଅଧିକ ଲାଭ ପାଇବା ଲାଗି ନୀତି ଆୟୋଗ ଏକ ବ୍ୟାପକ ଯୋଜନା ଉପରେ କାମ କରୁଛି। ସରକାରୀ ସୂତ୍ରରୁ ପ୍ରକାଶ ଯେ, ବାଉଁଶ ଚାଷ ଓ ଏହାର ବ୍ୟବହାରକୁ ବ୍ୟାପକ କରିବା ଲାଗି ନକ୍ସା ପ୍ରସ୍ତୁତ କରିବାକୁ ଆୟୋଗ ଦ୍ୱାରା ଅନେକ ବୈଠକ କରାଯାଇଛି। ଉତ୍ପାଦନ ବୃଦ୍ଧିକରି ବିଭିନ୍ନ କ୍ଷେତ୍ରରେ ବାଉଁଶର ବ୍ୟବହାରକୁ ବଢ଼ାଇବା ପାଇଁ ସମ୍ଭାବ୍ୟ ରଣନୀତିରେ ଏହାର ଚାଷ, ଉତ୍ପାଦନ, ପ୍ରକ୍ରିୟାକରଣ, ମାନକୀକରଣ ଓ ବ୍ୟବହାରକୁ ସାମିଲ କରିଥିବା ଜଣାପଡ଼ିଛି। ତେବେ ପ୍ରକୃତ କଥା ହେଉଛି, ଜୀବାଶ୍ମ ଇନ୍ଧନ ଉପରେ ଅଧିକ ନିର୍ଭରଶୀଳ ନ ହେବା ଲାଗି ସରକାର ବାଉଁଶରୁ ଜୈବ ଇନ୍ଧନ ଉତ୍ପାଦନ ପ୍ରତି ଆଗ୍ରହୀ ଥିବାରୁ ନୀତି ଆୟୋଗର ତତ୍ପରତା ପ୍ରକାଶ ପାଇଛି। ଏହି କାର୍ଯ୍ୟରେ ମାଲେସିଆ ପୃଥିବୀର ଅଗ୍ରଣୀ ଦେଶ ଭାବେ ପରିଚିତ। ଏଥିପାଇଁ ମାଲେସିଆ ବିଭିନ୍ନ ପ୍ରଜାତିର ବାଉଁଶ ଉପରେ ଅନେକ ଗବେଷଣାକରି ସଫଳ ହୋଇଛି। ନୀତି ଆୟୋଗର ଏହି ଯୋଜନା ଶୁଣିବାକୁ ଭଲ ଲାଗୁଛି, କିନ୍ତୁ ଭାରତରେ ଏ ଦିଗରେ ଏ ପର୍ଯ୍ୟନ୍ତ ଗବେଷଣା କରିବା ଲାଗି ସରକାର କିମ୍ବା କୌଣସି ବୃହତ୍ ଘରୋଇ କମ୍ପାନୀ ଅର୍ଥ ଖର୍ଚ୍ଚ କରିନାହାନ୍ତି ବୋଲି ଜଣାପଡ଼ିଛି। ସବୁବେଳେ ଅନ୍ୟ ଦେଶରେ କରାଯାଉଥିବା ପାଇଲଟ ପ୍ରୋଜେକ୍ଟକୁ ନିଜର ବୋଲି କହି ଉତ୍ତାରିବା ବା କପିକରିବା ଫଳରେ ସେଗୁଡ଼ିକର ଉନ୍ନତି ବା ଅପ୍‌ଗ୍ରେଡେଶନ ଭାରତରେ କରାଯାଉ ନ ଥିବାରୁ ଅନେକ ବାଧା ସୃଷ୍ଟି ହେଉଛି। ଉଲ୍ଲେଖନୀୟ ଯେ, ବାଉଁଶକୁ ଘାସ ଜାତୀୟ ଉଦ୍ଭିଦ ପ୍ରଜାତିରେ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବରୁ ୧୯୨୭ ଜଙ୍ଗଲ ଆଇନ ଅନୁଯାୟୀ ଏହାକୁ ଏକ ଗଛ ଭାବେ ଶ୍ରେଣୀଭୁକ୍ତ କରାଯାଇଥିଲା। କିନ୍ତୁ ୨୦୧୭ରେ ମୋଦି ସରକାର ଅମଳରେ ଜଙ୍ଗଲ ଆଇନରେ ସଂଶୋଧନ କରାଯାଇ ବାଉଁଶକୁ ଘାସ ଭାବେ ସ୍ଥାନିତ କରାଯାଇଛି। ଏହାକୁ କାଟିବା ଏବଂ ପରିବହନ କ୍ଷେତ୍ରରେ ଥିବା ବାଧା ହଟାଇବା ଲାଗି ଏଭଳି କରାଯାଇଥିଲା। ଲକ୍ଷ୍ୟ ଥିଲା ବାଉଁଶ ଚାଷ ବ୍ୟାପକ ହେବ ଓ ଲୋକମାନେ ଏହାର ଆର୍ଥିକ ଦିଗ ପ୍ରତି ଅଧିକ ଆକର୍ଷିତ ହେବେ। କିନ୍ତୁ ତାହା ଆଶାନୁରୂପ ହୋଇ ନ ଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡୁଛି। ୨୦୧୮-୧୯ରେ ଜାତୀୟ ବାଉଁଶ ମିଶନର ପୁନର୍ଗଠନ ହେବା ପରେ ଉତ୍ପାଦକ ଓ ବାଉଁଶ ଶିଳ୍ପ ସହ ଜଡ଼ିତ ଅଂଶୀଦାରଙ୍କୁ ଆବଶ୍ୟକ ପ୍ରୋତ୍ସାହନ ମିଳୁ ନ ଥିବାରୁ ଏହାର ଉତ୍ପାଦନରେ ଆଖିଦୃଶିଆ ଅଗ୍ରଗତି ହୋଇପାରିନାହିଁ ବୋଲି ରିପୋର୍ଟରୁ ଜଣାପଡ଼ିଛି।

ବାଉଁଶ ସମ୍ପଦରେ ସମୃଦ୍ଧ ଭାରତରେ ୧୪୮ ପ୍ରଜାତିର ବାଉଁଶ ଅଛି। ମୁଖ୍ୟତଃ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକର ଜଙ୍ଗଲ ଓ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ଏହା ଅଧିକ ଦେଖାଦିଏ। ଏହା ବ୍ୟତୀତ ବିଭିନ୍ନ ରାଜ୍ୟର ଗାଁଗହଳିର ଘରୋଇ ଜମି କିମ୍ବା ସର୍ବସାଧାରଣ ଜମିରେ ମଧ୍ୟ ବାଉଁଶ ଚାଷ କରାଯାଏ। ବାଉଁଶ ଉତ୍ପାଦନ କ୍ଷେତ୍ରରେ ଚାଇନା ପରେ ଭାରତର ସ୍ଥାନ ଦ୍ୱିତୀୟ। ଏହି ୨ ଦେଶ ଓ ମ୍ୟାନ୍‌ମାରରେ ବିଶ୍ୱର ମୋଟ ବାଉଁଶ ଜମିର ୮୦% ରହିଛି। ଚାଇନା ବାଉଁଶ ଶିଳ୍ପ ଓ ଏହାର ଯୋଗାଣରେ ବିଶ୍ୱରେ ଆଧିପତ୍ୟ ବିସ୍ତାର କରିଥିବାବେଳେ ଦ୍ୱିତୀୟ ଉତ୍ପାଦନକାରୀ ଦେଶ ଭାବେ ଭାରତ ଏଥିରେ ଆଖିଦୃଶିଆ ଅଗ୍ରଗତି କରିପାରିନାହିଁ। ଅପରପକ୍ଷରେ ବାଉଁଶ ଜଙ୍ଗଲର ପରିସୀମା କମିବାରେ ଲାଗିଛି। ଆମ ରାଜ୍ୟରେ ଦଶପଲ୍ଲା ବାଉଁଶ ଜଙ୍ଗଲ ଏହାର ଏକ ଉଦାହରଣ। କେବଳ ଯୋଜନା ଦ୍ୱାରା ସବୁକିଛି ସଫଳ ହେବ ବୋଲି ଆଶା କରିବା ବୃଥା। କାରଣ ଉତ୍ତର ପୂର୍ବ ରାଜ୍ୟ ଓ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳର ଲୋକମାନଙ୍କୁ ବାଦ୍ ଦେଲେ ଘରୋଇ ଭାବେ ବାଉଁଶ ଚାଷ ଓ ଏହାର ବ୍ୟବହାର କମୁଛି। ଅତୀତକୁ ଦେଖିଲେ ଗାଁ ଗହଳିରେ ସବୁଠି ବାଉଁଶର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା। ଘରର ଅନେକ ବ୍ୟବହାର୍ଯ୍ୟ ଉପକରଣଠାରୁ ଆରମ୍ଭକରି ଚାଷ, ଘର ନିର୍ମାଣ ଆଦି କ୍ଷେତ୍ରରେ ଏହା ବ୍ୟବହାର ହେଉଥିଲା। ଘରବାଡ଼ିରେ ବାଉଁଶ ବୁଦାଟିଏ ବି ଥିଲା`। ଏବେ ତାହା ଦେଖିବାକୁ ମିଳୁନାହିଁ। ସରକାରୀ ଭାବେ ଜଙ୍ଗଲ ଜମିରେ ଯେତିକି କରାଯାଉଛି ତାହା ହିଁ ବାଉଁଶ ଚାଷର ପରିସୀମା। ସମଗ୍ର ଭାରତରେ ଏହି ଚାଷ ଲାଗି ଅନୁକୂଳ ପରିବେଶ ଥିବାବେଳେ ଏହାକୁ ସମ୍ପ୍ରସାରିତ କରିବାରେ ସରକାରୀ ଉଦ୍ୟମ ବ୍ୟତୀତ ଘରୋଇ ଭାଗୀଦାରି ଆବଶ୍ୟକ। ଅନ୍ୟପକ୍ଷରେ ଭାରତରେ ବିଶ୍ୱର ସବୁଠୁ ନିପୁଣ ବାଉଁଶ କାରିଗର ସମ୍ପ୍ରଦାୟ ଅଛନ୍ତି, ହେଲେ ସେମାନେ ପ୍ରାୟତଃ ଆର୍ଥିକ ଅନଗ୍ରସର ବର୍ଗର । ଏଭଳି ପ୍ରଚ୍ଛଦପଟରେ ନୀତି ଆୟୋଗ ଦେଶର ବାସ୍ତବତାଠାରୁ ଯଥେଷ୍ଟ ଦୂରରେ ଯାଇ ବିଭିନ୍ନ ନୀତି ସୃଷ୍ଟି କରିବା ପାଇଁ ଚେଷ୍ଟିତ ଭଳି ମନେହୁଏ। ବାଉଁଶରୁ ଇନ୍ଧନ ସୃଷ୍ଟି କରିବା କେବଳ ଆକର୍ଷଣୀୟ ଶୁଣାଯାଉନାହିଁ, ସେଥିରୁ ଅର୍ଥନୈତିକ ଉନ୍ନତି ମଧ୍ୟ କରାଯାଇପାରିବ ଯେଉଁଥିରେ ବାଉଁଶ ଚାଷକୁ ପ୍ରଥମେ ପ୍ରୋତ୍ସାହନ ଦେବା ଆବଶ୍ୟକ। ତାହା ନ ହେବା ପର୍ଯ୍ୟନ୍ତ ସବୁ ନୀତି ଅବାସ୍ତବ ବୋଲି କହିହେବ।

# ଗୋଲ୍ଡିନଙ୍କ ଦୃଷ୍ଟିରେ ଲିଙ୍ଗଗତ ମଜୁରି ବ୍ୟବଧାନ



ରୁଦ୍ରପ୍ରସନ୍ନ ମିଶ୍ର

ପ୍ରିୟଙ୍କା ଚୋପ୍ରା ବିବିସିକୁ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଥିଲେ, ବଲିଉଡ୍‌ରେ ପୁରୁଷ ଓ ମହିଳା କଳାକାରଙ୍କ ଦରମାରେ ସମାନତା ନାହିଁ। ଏହା କେବଳ ବଲିଉଡ୍ କିମ୍ବା ଭାରତର ପରିସ୍ଥିତି ନୁହେଁ। ସମଗ୍ର ବିଶ୍ୱରେ ଏବଂ ସମସ୍ତ କ୍ଷେତ୍ରରେ ମହିଳାମାନେ ବେତନ ସମାନତାରେ ଭେଦଭାବର ସମ୍ମୁଖୀନ ହୁଅନ୍ତି।

ମହିଳାମାନେ ଘର ଓ କର୍ମକ୍ଷେତ୍ରରେ ବିଭିନ୍ନ ଦାୟିତ୍ୱ ତୁଲାଇ ଥାଆନ୍ତି। ସେମାନେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ସମୃଦ୍ଧିରେ ବ୍ୟାପକ ଯୋଗଦାନ କରନ୍ତି। ବର୍ତ୍ତମାନ ଭାରତରେ ପାଖାପାଖି ୪୩୫ ନିୟୁତ କର୍ମଜୀବୀ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୩୪୦ ନିୟୁତ ଅସଂଗଠିତ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ମାକେଞ୍ଜି ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟର ଏକ ରିପୋର୍ଟରେ ଆକଳନ କରାଯାଇଛି ଯେ, କେବଳ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରି ଭାରତ ୨୦୨୫ ସୁଦ୍ଧା ଏହାର ଜିଡିପିରେ ୭୭୦ ବିଲିୟନ ଆମେରିକୀୟ ଡଲାର ଯୋଡ଼ିପାରିବ। ତଥାପି ଜିଡିପିରେ ମହିଳାଙ୍କ ଯୋଗଦାନ ଏବେ ମାତ୍ର ୧୮% ରହିଛି।

ସମଗ୍ର ବିଶ୍ୱରେ ପ୍ରାୟ ଅଧା (୫୦ ପ୍ରତିଶତ) ମହିଳା ଚାକିରି କରୁଥିବା ବେଳେ ପାଖାପାଖି ୮୦ ପ୍ରତିଶତ ପୁରୁଷ ବେତନଭୋଗୀ । ଦେଖାଯାଇଛି ଯେ, ମହିଳାମାନେ ସାଧାରଣତଃ ପୁରୁଷମାନଙ୍କ ତୁଳନାରେ କମ୍ ରୋଜଗାର କରନ୍ତି ବା କମ୍ ଆୟ କରନ୍ତି। ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ନିଯୁକ୍ତି ଏବଂ ରୋଜଗାରର ସ୍ତର କିପରି ଏବଂ କାହିଁକି ଭିନ୍ନ ହୁଏ, ତାହା ବୁଝିବା ଉଭୟ କ୍ଷୁଦ୍ର ଏବଂ ଦୀର୍ଘକାଳୀନ ସାମାଜିକ କାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ପ୍ରସଙ୍ଗ ସମାଜର ସମ୍ବଳର ସବୁଠାରୁ ଦକ୍ଷ ବ୍ୟବହାର ସହିତ ଜଡ଼ିତ। ଯଦି ମହିଳାମାନଙ୍କୁ ଶ୍ରମ ବଜାରରେ ଅଂଶଗ୍ରହଣ କରିବାର ସମାନ ସୁଯୋଗ ନ ଥାଏ, କିମ୍ବା ସେମାନେ ଅସମାନ ସର୍ତ୍ତରେ ଅଂଶଗ୍ରହଣ କରନ୍ତି, ତେବେ ଶ୍ରମ ଏବଂ ଦକ୍ଷତା ନଷ୍ଟ ହୋଇଯାଏ। ଯଦି ଚାକିରି ସବୁଠାରୁ ଯୋଗ୍ୟ ବ୍ୟକ୍ତିଙ୍କୁ ନ ମିଳେ, ତେବେ ତାହା ଅର୍ଥନୀତିକୁ ପଙ୍ଗୁ କରିଥାଏ ଏବଂ ଯଦି ସମାନ କାମ କରିବା ପାଇଁ ମହିଳାମାନଙ୍କ ଦରମା ଅଲଗା ହୁଏ, ତେବେ ମହିଳାମାନେ କାମ କରିବାକୁ ଏବଂ କ୍ୟାରିୟର କରିବାକୁ ଅନୁତ୍ସାହିତ ହୋଇଯିବେ।

ଚଳିତବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାର ଆମେରିକୀୟ ଅର୍ଥନୀତିଜ୍ଞ କ୍ଲାଉଡିଆ ଗୋଲ୍ଡିନ ଜିତିଛନ୍ତି। ସେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ମଜୁରି ଅସମାନତା ଉପରେ ତାଙ୍କର କାର୍ଯ୍ୟ ପାଇଁ ଏହି ପୁରସ୍କାର ଜିତିଛନ୍ତି। ଗୋଲ୍ଡିନ ମହିଳାଙ୍କ କର୍ମ ଜୀବନ ଏବଂ ଆୟକୁ ଗ୍ରାଫ୍ କରି ଦର୍ଶାଇଛନ୍ତି ଯେ, ଶିଳ୍ପ ବିପ୍ଳବ ପୁରୁଷଙ୍କ ତୁଳନାରେ ମହିଳାଙ୍କର ସ୍ୱାଧୀନ ରୋଜଗାରରେ ବିପୁଳ ହ୍ରାସ ଆଣିଥିଲା; ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଲୋକଙ୍କ ମନୋଭାବ ପରିବର୍ତ୍ତନ ଦ୍ୱାରା ତ୍ୱରାନ୍ୱିତ ହୋଇଥିଲା।

ଗୋଲ୍ଡିନ ୧୯୯୦ରେ ପ୍ରକାଶିତ ତାଙ୍କ



ପୁସ୍ତକ, ଅଣ୍ଡରଷ୍ଟାଣ୍ଡିଂ ଦି ଜେଣ୍ଡର ଗ୍ୟାପ୍ : ଆନ୍ ଇକୋନୋମିକ ହିଷ୍ଟ୍ରି ଅଫ୍ ଆମେରିକାନ୍ ଓମେନ୍‌ରେ ଗତ ୨୫୦ ବର୍ଷ ମଧ୍ୟରେ ମଜୁରି ଅସମାନତା କିପରି ବିକଶିତ ହୋଇଥିଲା ଦର୍ଶାଇଛନ୍ତି। ଆଧୁନିକ ଯୁଗରେ ଦମ୍ପତିମାନଙ୍କ ଆୟରେ ନିର୍ଣ୍ଣାୟକ ପାର୍ଥକ୍ୟ ସେତେବେଳେ ଜନ୍ମ ନିଏ, ଯେତେବେଳେ ସେମାନେ ପ୍ରଥମ ଥର ପାଇଁ ସନ୍ତାନ ଜନ୍ମ କରନ୍ତି।

ଶ୍ରମ ଅର୍ଥନୀତି, ଲିଙ୍ଗଗତ ଅର୍ଥନୀତି ଏବଂ ଶିକ୍ଷାର ବିଭିନ୍ନ ଦିଗ ଉପରେ ସେ ଅନେକ କାମ କରିଛନ୍ତି। କର୍ମକ୍ଷେତ୍ରରେ ଲିଙ୍ଗଗତ ଅସମାନତାକୁ ପ୍ରଭାବିତ କରୁଥିବା କାରଣ ଏବଂ ଅର୍ଥନୈତିକ ବିକାଶ ଉପରେ ପ୍ରଭାବ ସମ୍ପର୍କରେ ସେ ଆଲୋକପାତ କରିଛନ୍ତି।

ଗୋଲ୍ଡିନଙ୍କ ସବୁଠାରୁ ଉଲ୍ଲେଖନୀୟ ଅବଦାନ ହେଉଛି, ଲିଙ୍ଗଗତ ମଜୁରି ବ୍ୟବଧାନର ପରୀକ୍ଷା। ମହିଳାମାନେ ପ୍ରାୟତଃ ପୁରୁଷଙ୍କ ତୁଳନାରେ କମ୍ ରୋଜଗାର କରନ୍ତି। ଗୋଲ୍ଡିନଙ୍କ ଗବେଷଣା ଏହି ସରଳ ପର୍ଯ୍ୟବେକ୍ଷଣଠାରୁ ଅଧିକ। ସେ ଏହି ସମସ୍ୟାର ଅନ୍ତର୍ନିହିତ କାରଣଗୁଡ଼ିକ ବିଷୟରେ ଅନୁସନ୍ଧାନ କରିଛନ୍ତି। ଗୋଲ୍ଡିନଙ୍କ ଅନୁଧ୍ୟାନ ବୃତ୍ତିଗତ ପୃଥକୀକରଣର ଭୂମିକା ଉପରେ ଗୁରୁତ୍ୱାରୋପ କରେ। ସେ ଦର୍ଶାଇଛନ୍ତି ଯେ, ମହିଳାମାନେ କେତେକ ନିର୍ଦ୍ଦିଷ୍ଟ ପ୍ରକାରର ଚାକିରି ବା ବୃତ୍ତି କରିଥାଆନ୍ତି। ପ୍ରାୟତଃ ଏଭଳି କାମରେ କମ୍ ଦରମା ମିଳେ। ଏହି ବୃତ୍ତିଗତ କନ୍‌ସେନ୍‌ଟ୍ରେଶନ ମହିଳାଙ୍କ ରୋଜଗାର କ୍ଷମତା ଉପରେ ସିଧାସଳଖ ପ୍ରଭାବ ପକାଇଥାଏ।

ଏହା ବ୍ୟତୀତ ଗୋଲ୍ଡିନଙ୍କ ଗବେଷଣାରେ ଦର୍ଶାଯାଇଛି ଯେ, କାର୍ଯ୍ୟ ସମୟ ଏବଂ କ୍ୟାରିୟର ପସନ୍ଦରେ ପାର୍ଥକ୍ୟ କିପରି ଲିଙ୍ଗଗତ ଆୟ ବ୍ୟବଧାନରେ ଯୋଗଦାନ କରେ। ମହିଳାମାନେ ଅନେକ ସମୟରେ 'ମାତୃତ୍ୱ ଦଣ୍ଡ'ର ସମ୍ମୁଖୀନ ହୁଅନ୍ତି। ମାତୃତ୍ୱ ପ୍ରାପ୍ତି ପରେ ମହିଳାମାନଙ୍କୁ ନିଜ ସନ୍ତାନର ଯତ୍ନ ନେବା ପାଇଁ ସମୟ ଦେବାକୁ ପଡ଼େ। କର୍ମ ସମୟ ହ୍ରାସ ଏବଂ ସୀମିତ କ୍ୟାରିୟର ଉନ୍ନତି ସୁଯୋଗ କାରଣରୁ ସନ୍ତାନ ଜନ୍ମ ହେବା ପରେ ରୋଜଗାର ହ୍ରାସ ପାଇଥାଏ।

ଗୋଲ୍ଡିନଙ୍କ ଗବେଷଣା ଦର୍ଶାଏ ଯେ, ଗର୍ଭ ନିରୋଧକ ବଟିକାର ପ୍ରଭାବ ମହିଳାଙ୍କ ଅର୍ଥନୈତିକ ପ୍ରଗତି ଉପରେ ପଡ଼ିଛି। ସେ ଦର୍ଶାଇଥିଲେ ଯେ, ଗର୍ଭ ନିରୋଧକ ବଟିକାର ଉପଲବ୍ଧତା ମହିଳାମାନଙ୍କୁ ଉଚ୍ଚ ଶିକ୍ଷା ଏବଂ କ୍ୟାରିୟର ଗଢ଼ିବାରେ ସକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଗର୍ଭ ନିରୋଧକ ପଦ୍ଧତିର ଉପଲବ୍ଧତା, ମହିଳାମାନଙ୍କୁ ପ୍ରଜନନ ଅଧିକାର ଏବଂ ପରିବାର ନିୟୋଜନର ସାମର୍ଥ୍ୟ ଦେବା ସହ ଶ୍ରମଶକ୍ତିରେ ଅଧିକ ଭାବରେ ଅଂଶଗ୍ରହଣ କରି ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ କରିବାର ସୁଯୋଗ ସୃଷ୍ଟି କରିପାରିଛି।

କ୍ଲାଉଡିଆ ଗୋଲ୍ଡିନ ମହିଳାଙ୍କ ଶ୍ରମଶକ୍ତି ଅଂଶଗ୍ରହଣର ଜୀବନଚକ୍ର ଢାଞ୍ଚାକୁ ମଧ୍ୟ ପରୀକ୍ଷା କରିଛନ୍ତି, ସେମାନଙ୍କ କ୍ୟାରିୟର ଉପରେ ପରିବାର ଯତ୍ନ ଦାୟିତ୍ୱର ପ୍ରଭାବ ବିଷୟରେ ଆଲୋକପାତ ମଧ୍ୟ କରିଛନ୍ତି। ମହିଳାମାନେ ସାଧାରଣତଃ ପାରିବାରିକ ଆଶା ଓ କର୍ମକ୍ଷେତ୍ରରେ ସୁଯୋଗ ଭିତରେ ଘାଣ୍ଟି ହୁଅନ୍ତି। ସେମାନଙ୍କୁ ଉଭୟ କର୍ମମୟ ଜୀବନ ଏବଂ ପରିବାରର ଯତ୍ନ ନେବାକୁ ପଡ଼ିଥାଏ। କାର୍ଯ୍ୟ-ଜୀବନ ସନ୍ତୁଳନ, ପାରିବାରିକ ଛୁଟି ଏବଂ ସୁଲଭ ଶିଶୁଯତ୍ନ ବ୍ୟବସ୍ଥା ଆଦିକୁ ପ୍ରୋତ୍ସାହିତ କରୁଥିବା ନୀତି ଏ ଦିଗରେ ମହିଳାମାନଙ୍କୁ ସାହାଯ୍ୟ କରିପାରିବ।

ଅର୍ଥନୈତିକ ଅଭିବୃଦ୍ଧିରେ ଲିଙ୍ଗଗତ ଅଂଶଗ୍ରହଣ ଉପରେ ପ୍ରଭାବ ଦୃଷ୍ଟିରୁ ଗୋଲ୍ଡିନଙ୍କ ଗବେଷଣା ନୀତି ନିର୍ଦ୍ଧାରକ ଏବଂ କର୍ମାନୁଷ୍ଠାନଗୁଡ଼ିକ ପାଇଁ ଏକ ରୋଡ୍‌ମ୍ୟାପ ପ୍ରଦାନ କରେ। ବୃତ୍ତିଗତ ସ୍ୱାଚ୍ଛନ୍ଦ୍ୟ, କାର୍ଯ୍ୟ-ଜୀବନ ସନ୍ତୁଳନକୁ ସମର୍ଥନ କରିବା, ଶିକ୍ଷା ଏବଂ ପରିବାର ନିୟୋଜନର ଉପଲବ୍ଧତାକୁ ପ୍ରୋତ୍ସାହିତ କରୁଥିବା ନୀତିର ଗୁରୁତ୍ୱ ଉପରେ ଏହା ଆଲୋକପାତ କରେ। ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦ୍ୱାରା ସମାଜଗୁଡ଼ିକ ସେମାନଙ୍କର ମହିଳା ଶ୍ରମଶକ୍ତିର ପୂର୍ଣ୍ଣ ପୋଟେନ୍‌ସିଆଲକୁ ଉପଯୋଗ କରିପାରିବେ, ଯାହା ଦ୍ୱାରା ଅଧିକ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସମୃଦ୍ଧିରେ ଯୋଗଦାନ କରାଯାଇପାରିବ।

ଗୋଲ୍ଡିନଙ୍କ ଗବେଷଣାରୁ ଜଣାପଡିଛି ଯେ, ଶ୍ରମ ବଜାରରେ ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ପାର୍ଥକ୍ୟ ସାମାଜିକ ବିକାଶର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାରଣ ଦ୍ୱାରା ପ୍ରଭାବିତ ହୋଇଥାଏ। ଯେଉଁ ନୀତି ନିର୍ମାତାମାନେ ଏହି ପାର୍ଥକ୍ୟକୁ ଲୋପ କରିବାକୁ ଚାହୁଁଛନ୍ତି, ସେମାନେ ପ୍ରଥମେ ବୁଝିବା ଆବଶ୍ୟକ ଯେ ଏହି ପାର୍ଥକ୍ୟ ଅଛି କାହିଁକି । କ୍ଲାଉଡିଆ ଗୋଲ୍ଡିନଙ୍କ ଗବେଷଣା ଶ୍ରମ ବଜାରରେ ଲିଙ୍ଗଗତ ଅସମାନତା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଏହାର ପ୍ରଭାବ ବିଷୟରେ ଆମର ବୁଝାମଣାକୁ ଯଥେଷ୍ଟ ଉନ୍ନତ କରିଛି। କର୍ମକ୍ଷେତ୍ରରେ ଅଧିକ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ଲିଙ୍ଗଗତ ଆୟ ବ୍ୟବଧାନ, ବୃତ୍ତିଗତ ପୃଥକୀକରଣ ଏବଂ ମାତୃତ୍ୱ-ଦଣ୍ଡ ଭଳି ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବାର ଗୁରୁତ୍ୱ ଉପରେ ତାଙ୍କର ଅନୁସନ୍ଧାନ ଆଲୋକପାତ କରିଛି। ଅର୍ଥନୀତିରେ ମହିଳାଙ୍କ ଅଂଶଗ୍ରହଣକୁ ସମର୍ଥନ କରୁଥିବା ନୀତିଗୁଡ଼ିକୁ କାର୍ଯ୍ୟକାରୀ କରି ଦେଶଗୁଡ଼ିକ ସେମାନଙ୍କ ମହିଳା କର୍ମଚାରୀଙ୍କ ଅବ୍ୟବହୃତ ସମ୍ଭାବନାକୁ ଖୋଲିପାରିବେ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିପାରିବେ।

**ମୁମ୍ବାଇ, ମୋ: ୭୭୩୮୩୦୨୨୨୮**

# ବଡ଼ ଅବିନୀତ ଟୋକା



ଡ. ଉଦ୍ଧବ ଚରଣ ନାୟକ

୧୯୩୮ ସେପ୍ଟେମ୍ବର ୧ରେ ଜେନାପୁରଠାରେ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା ଗଡ଼ଜାତ ରାଜ୍ୟ ସାରଙ୍ଗଧର ଦାସଙ୍କ ଅଧ୍ୟକ୍ଷତାରେ। ତା'ପରଠାରୁ ଢେଙ୍କାନାଳର ଆନ୍ଦୋଳନ ତୀବ୍ରତର ହୋଇ ଉଠିଥିଲା। ଢେଙ୍କାନାଳ ପ୍ରଜାମଣ୍ଡଳ ନିର୍ଦ୍ଦେଶ ଦେଇଥିଲା, ''ରାଜାର ପୋଲିସ, ହାକିମ, କାନକୁହା ଦଲାଲ ଓ ଟାଉଟରମାନଙ୍କୁ ବାସନ୍ଦ କର।'' ଢେଙ୍କାନାଳର ୨୪ଗୋଟି ବିଶ ବା ପ୍ରଗଣାର ହଜାର ହଜାର ସତ୍ୟାଗ୍ରହୀ ଏକାଠି ୨୦-୨୫ ଦଳରେ ବିଭକ୍ତ ହୋଇ ଢେଙ୍କାନାଳରେ ଆନ୍ଦୋଳନ ଜାରି ରଖିଲେ। ରାଜା ନିରୂପାୟ ହୋଇ ପ୍ରଜାମଣ୍ଡଳର ତୁଙ୍ଗନେତାମାନଙ୍କୁ ନେଇ ଜେଲରେ ରଖିଦେଲେ। ପରେ ରାଜା ବିନା ସର୍ତ୍ତରେ ବନ୍ଦୀ ହୋଇଥିବା ନେତାମାନଙ୍କୁ ଖଲାସ କରିବାକୁ ବାଧ୍ୟହେଲେ। କିନ୍ତୁ ଆନ୍ଦୋଳନ ପୂର୍ବ ଅପେକ୍ଷା ଆହୁରି ତୀବ୍ରତର ହେଲା।

ଢେଙ୍କାନାଳ ରାଜା ଶଙ୍କର ପ୍ରତାପ ବାଧ୍ୟହୋଇ ଗୋରା ସରକାରର ଶରଣ ପଶିଲେ। ପଲିଟିକାଲ ଏଜେଣ୍ଟ ମେଜର ବେଜେଲଗେଟ୍ ଢେଙ୍କାନାଳରେ ପହଞ୍ଚି ଆନ୍ଦୋଳନକାରୀ ନେତାମାନଙ୍କ ସହ ଆଲୋଚନାର ବାହାନାକରି ବିଫଳ ହେଲେ। ଫଳରେ ସେ ଗୋର୍ଖା ପଲଟନ୍ ଓ ଶିଖ୍ ପଲଟନ୍‌କୁ ଢେଙ୍କାନାଳ ପଠାଇ ଦେଲେ ଆନ୍ଦୋଳନ ଦମନ କରିବା ଉଦ୍ଦେଶ୍ୟରେ। ଏହି ପଲଟନ୍ ଢେଙ୍କାନାଳ ରାଜାର ପୋଲିସ ବାହିନୀ ସହ ଗାଁଗଣ୍ଡାରେ ପ୍ରବେଶକରି ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଲେ।

ପ୍ରଜାମଣ୍ଡଳର ତୁଙ୍ଗନେତା ବୀର ବୈଷ୍ଣବ ପଟ୍ଟନାୟକ ଓ ଆନ୍ଦୋଳନର କ୍ୟାପ୍‌ଟେନ ଶ୍ରୀକାନ୍ତ ରାଉତ ୨ଶହ ଆନ୍ଦୋଳନକାରୀଙ୍କ ସହ ଅକ୍ଟୋବର ୧ରୁ ୧୦ ଯାଏ ଭୁବନ ଥାନାକୁ ଘେରାଉକରି ପୋଲିସଙ୍କୁ କାବୁ କରିଦେଇଥିଲେ। ଏ ଖବର ଶୁଣି ରାଜା ଶଙ୍କର ପ୍ରତାପ ବିବ୍ରତ ହୋଇ ସେହି ପଲଟନକୁ ଭୁବନ ଅଭିମୁଖେ ଯିବା ପାଇଁ ଆଦେଶ ଦେଲେ। ସେହି ପଲଟନ ମଡ଼ି (କାମାକ୍ଷାନଗର)ରୁ ଭୁବନ ଆଡ଼କୁ ମାଡ଼ି ଆସିଲେ। ୧୦ ତାରଖରେ ସେମାନେ ଭୁବନରେ ପହଞ୍ଚି ଗୁଳି ଫୁଟାଇ ୨ଜଣଙ୍କୁ ନିର୍ମମ ଭାବେ ହତ୍ୟାକଲେ। ତଥାପି ଲୋକେ ଛାଡୁ ନ ଥାନ୍ତି। ଫଉଜ ପ୍ରମାଦ ଗଣିଲେ। ଭୁବନ ଅଞ୍ଚଳ ତ୍ୟାଗ ନ କଲେ ବିପଦରେ ଫସିଯିବାର ଭୟ ପାଇ ଦ୍ରୁତଗତିରେ ମାଡ଼ିଆସିଲେ ନୀଳକଣ୍ଠପୁର ଆଡ଼କୁ। ଏଠାରେ ବ୍ରାହ୍ମଣୀନଦୀ ପାରହୋଇ ଗଡ଼କୁ ଫେରିଯିବା ପାଇଁ ମସୁଧା କଲେ। ବାଟରେ ଯାହାକୁ ପାଇଲେ ଗୁଳି ଚଳାଇଲେ।

ଗୋରା ଫଉଜ ଓ ଢେଙ୍କାନାଳ ପୋଲିସ ରାତି ଅଧରେ ଆସି ପହଞ୍ଚିଲେ ନୀଳକଣ୍ଠପୁର ଘାଟରେ । ଦେଖିଲେ ସରକାରୀ ଡଙ୍ଗାକୁ ବୁଡ଼ାଇ ଦିଆଯାଇଛି। ଗୋଟିଏ ଘରୋଇ ଡଙ୍ଗାରେ ବସିଛନ୍ତି

## ବାଜି ରାଉତଙ୍କ ବଳିଦାନ ଦିବସ ଉପଲକ୍ଷେ



୬ଜଣ ସତ୍ୟାଗ୍ରହୀ। ବାଜି ରାଉତ ସେହି ଡଙ୍ଗାର ଦଉଡିକୁ ଅଣ୍ଟାରେ ବାନ୍ଧି ବୀର ବେଶରେ ଠିଆ ହୋଇଛି। ପାଖରେ ଅଛନ୍ତି ଭୁବନର ଗୁରି ନାୟକ, ରଘୁ ନାୟକ, ନୀଳକଣ୍ଠପୁରର ହୁରୁଷି ପ୍ରଧାନ, ନଟ ମଲ୍ଲିକ ଓ ଲକ୍ଷ୍ମଣ ମଲ୍ଲିକ। ଫଉଜର ମୁଖ୍ୟ କହିଲେ, ''ଆରେ, ବଦମାସ ବଜାତ ଦଳ ଶୀଘ୍ର ଡଙ୍ଗା କୂଳକୁ ଆଣ। ଆମେ ନଦୀ ପାରହୋଇ ସେପାରିକୁ ଯିବୁ। ନ ହେଲେ ଏହି ଗୁଳିରେ ପ୍ରାଣଦେବା ପାଇଁ ପ୍ରସ୍ତୁତ ହୋଇ ଯାଆ।'' ବାଜି ରାଉତ କହିଲା, ''ଆରେ, ରଖ ତୋ ଗୁଳି! ପ୍ରଜାମଣ୍ଡଳର ଆଦେଶ ନାହିଁ ତୁମମାନଙ୍କ ପରି ରାଜାର ଅଇଁଠାଖିଆ ଚାକରମାନଙ୍କୁ ଆମ ଡଙ୍ଗାରେ ପାରି କରିବାକୁ।'' ପୋଲିସ ପକ୍ଷରୁ ପ୍ରଥମେ ବାଜି ରାଉତ ଉପରକୁ ଗୁଳିଚଳାଇ ତା'ପରେ ଅନ୍ୟମାନଙ୍କ ଉପରେ ଗୁଳିବର୍ଷଣ କରି ହତ୍ୟାକଲେ। ବାଜିଆକୁ ଗୁଳି ମାରିବା ବେଳେ ସେ ଭାରତ ମାତା କୀ ଜୟ, ପ୍ରଜାମଣ୍ଡଳୀ କୀ ଜୟ ଓ ମହାତ୍ମା ଗାନ୍ଧୀ କୀ ଜୟ କହି ପ୍ରାଣ ବିସର୍ଜନ କଲେ। ଫଉଜମାନେ ନିଜେ ଡଙ୍ଗା ବାହି ଆରପାରିକୁ ଚାଲିଗଲେ। ଭୁବନ ଅଞ୍ଚଳରେ ଶୋକର ଛାୟା ଖେଳିଗଲା। ନଦୀ ସେ ପାଖରେ ଜେନାପୁର ରେଳଷ୍ଟେଶନ। ବୀର ବୈଷ୍ଣବ, ରବି ଘୋଷ ଓ କଂଗ୍ରେସ ନେତା ସୁଧୀର ଘୋଷ ଏହି ୬ଜଣ ଶହୀଦଙ୍କର ଶବକୁ ନଦୀରେ ନେଇ ଜେନାପୁର ଷ୍ଟେଶନରେ ପହଞ୍ଚିଲେ। ଏଠାରୁ ମାଲବାହୀ ରେଳର ଏକ ବଗିରେ ବୁକ୍‌କରି ଯାଇ ପହଞ୍ଚିଲେ କଟକ ରେଳଷ୍ଟେଶନରେ। କଟକ ସହର ଓଡ଼ିଶାର ରାଜଧାନୀ। କଟକ ସ୍ତବ୍ଧ ହୋଇଗଲା। ଶବଗୁଡ଼ିକୁ ଶଗଡ଼ରେ ଶୋଭାଯାତ୍ରାରେ ନେବା ପାଇଁ ବିନା ପଇସାରେ ଶଗଡ଼ିଆମାନେ ଆଗେଇ ଆସିଲେ। ନେତାମାନଙ୍କ ନିଷ୍ପତ୍ତିକ୍ରମେ ଛାତ୍ରସଂଘର କର୍ମୀମାନେ ଶଗଡ଼ିଆ ବା ଶବବାହକ ହେବା ପାଇଁ ସ୍ଥିର ହେଲା। ବିଶ୍ୱନାଥ ପଶାୟତ, ରବି ଘୋଷ, ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ, ମୋତିଲାଲ ତ୍ରିପାଠୀ ଓ ଗୋବିନ୍ଦ ମହାନ୍ତି ହେଲେ ଶବବାହକ ଶଗଡ଼ିଆ। ବିରାଟ ଶୋଭାଯାତ୍ରା ବାହାରିଲା। କାଠଗଣ୍ଡିରେ ବିରାଟ ଚିତା ପ୍ରସ୍ତୁତ ହେଲା ଖାନନଗର ଶ୍ମଶାନ ଘାଟରେ। ଶଗଡ଼ିଆ ଛାତ୍ରମାନେ ମୁଖାଗ୍ନି ଦେଲେ। ସବା ଉପରେ ରହିଲା ରାଜି ରାଉତଙ୍କ ଶବ। ଚିତା ହୁ ହୁ ହୋଇ ଜଳିବାରେ ଲାଗିଲା। ସଚ୍ଚି ରାଉତରାୟ ଏହି ଚିତାକୁ ଲକ୍ଷ୍ୟକରି ରଚନା କଲେ-

ନୁହେଁ ବନ୍ଧୁ ନୁହେଁ ଏହି ଚିତା,
ଏମିତି ତିମିର ତଳେ ଅଲିଭା ମୁକତି ସଳିତା,
ନୁହେଁ ଏହା ଜଳିଯିବା ପାଇଁ, ଏହାର ଜନମ ଏଠି
ଜାଳିପୋଡ଼ି ଦେବାକୁ ଧସାଇ।।

ଏହା ପରେ କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ରଚନା କରିଥିଲେ-

କୋଣାରକଠାରୁ ଗଢ଼ିଲା ଦେଉଳ ବଡ଼,
ନ ମାନିଲା ସେ ତ ଗୁଳିବନ୍ଧୁକ ଝଡ଼।
ଏଡ଼େ ଅବିନୀତ ଟୋକା, ଢେଙ୍କାନାଳର
କଙ୍କାଳଟାଣି
ବଜାଇଲା ଜଳଢକା ।।

**ବରମୁଣ୍ଡା, ଭୁବନେଶ୍ୱର**
**ମୋ: ୯୪୩୮୨୯୯୧୭୪**

## ଏଇ ଭାରତରେ

ମୁରୁକେଶାନଙ୍କ ପେସା ମାଛ ଧରିବା। ହେଲେ ସେହି କାର୍ଯ୍ୟ ମଧ୍ୟରେ ସେ ୧ ଲକ୍ଷ ଗଛ ଲଗାଇପାରିଛନ୍ତି। ଏଥିପାଇଁ ତାଙ୍କୁ ଲୋକେ 'ମ୍ୟାନ୍‌ଗ୍ରୋଭ ମ୍ୟାନ୍' ବୋଲି ସମ୍ବୋଧନ କରୁଛନ୍ତି। ମୁରୁକେଶାନ ରହନ୍ତି କୋଚିରେ, ପଢିଛନ୍ତି ୮ମ ଯାଏ। ସେ ଲଗାତର ବାତ୍ୟାରେ ମ୍ୟାନ୍‌ଗ୍ରୋଭ ହ୍ରାସ ପାଉଥିବା ଲକ୍ଷ୍ୟ କରି ୧୦ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୩ରେ ଗଛ ଲଗା ଅଭିଯାନ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ଏହି କାର୍ଯ୍ୟରେ ନିଜକୁ ସମର୍ପିତ କରି ଦେଇଛନ୍ତି। ମୁରୁକେଶାନ ୨୦ ବର୍ଷ ବୟସରେ ମାଛଧରାରେ ଜଡ଼ିତ ରହିବା ସମୟରୁ ମ୍ୟାନ୍‌ଗ୍ରୋଭ ଓ ଉପକୂଳର ସୁରକ୍ଷା ବିଷୟ ଚିନ୍ତା କରିଥିଲେ। ସମୟ ଆଗକୁ ବଢିବାବେଳେ ସେ ଯୋଜନା ପ୍ରସ୍ତୁତ କରି ମ୍ୟାନ୍‌ଗ୍ରୋଭର ସୁରକ୍ଷା ପ୍ରତି ସମୟ ଦେଇଥିଲେ। ଏବେ ମୁରୁକେଶାନଙ୍କ କାର୍ଯ୍ୟରେ ସ୍ୱାମୀନାଥନ ଫାଉଣ୍ଡେଶନ ଆଣ୍ଡ ଗ୍ରାସ୍‌ରୁଟ ସହଯୋଗ କରୁଛି। ସେ ଜୀବନ ସାରା ଏହି କାର୍ଯ୍ୟରେ ବିତାଇବେ ବୋଲି କହିଛନ୍ତି। କେବଳ ଏତିକି ନୁହେଁ, ସେ ଏହି ଗଛ ଲଗାଇବା ଲାଗି ଅନ୍ୟମାନଙ୍କୁ ପ୍ରେରିତ କରୁଛନ୍ତି ଓ ପ୍ରତିବର୍ଷ ୧୦ଟି ମ୍ୟାନ୍‌ଗ୍ରୋଭ ଚାରା ରୋପଣ କରିବାକୁ ପରାମର୍ଶ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ଅକ୍ଟୋବର ୧୯୯୮**

- ଆସ୍ଥା ଭୋଟରେ ପରାଜିତ ହେବା ପରେ ଇଟାଲୀର ପ୍ରଧାନମନ୍ତ୍ରୀ ପଦରୁ ରୋମାନୋ ପ୍ରୋଡିଙ୍କ ଇସ୍ତଫା ପ୍ରଦାନ।
- ଦେଶର ସର୍ବୋଚ୍ଚ ଆଇନ ଭାବେ ଇସ୍‌ଲାମକୁ ମାନ୍ୟତା ଦେବା ପାଇଁ ଉଦ୍ଦିଷ୍ଟ ବିବାଦୀୟ ଶରିୟାତ୍ ବିଲ୍‌ର ଅନୁମୋଦନ ସପକ୍ଷରେ ପାକିସ୍ତାନର ନ୍ୟାସନାଲ ଆସେମ୍ବ୍ଲିର ସ୍ୱୀକୃତି ପ୍ରଦାନ।
- ଭାରତର ପ୍ରଧାନ ବିଚାରପତି ଭାବେ ଆଦର୍ଶ ସେନ ଆନନ୍ଦଙ୍କ ଶପଥ ଗ୍ରହଣ।

## ଚିରନ୍ତନୀ

''ବିଶ୍ୱ ପାରାବାର ତଳେ
ଲୁଚିଅଛି ଅସଂଖ୍ୟ ରତନ
''ଉଦ୍ଧାରି ଆଣିବା ଆଶେ
ବେଳ ଥାଉଁ ହୁଅ ନିମଗନ।
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | 6 | 2 | | 3 | | 1 |
| 3 | | | | | | | 4 | |
| 2 | | | | | | 6 | | |
| | | | 1 | 5 | 3 | | | 9 |
| | | | | 8 | | | | |
| | 1 | | | | | | | 7 |
| | | 4 | | | | | | |
| | | | | 7 | 6 | | 9 | 8 |
| | | 3 | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 4 | 8 | 7 | 6 | 2 | 9 | 1 |
| 2 | 9 | 6 | 1 | 3 | 4 | 8 | 7 | 5 |
| 7 | 8 | 1 | 5 | 9 | 2 | 6 | 3 | 4 |
| 3 | 6 | 5 | 4 | 1 | 8 | 7 | 2 | 9 |
| 8 | 4 | 9 | 7 | 2 | 5 | 1 | 6 | 3 |
| 1 | 7 | 2 | 3 | 6 | 9 | 4 | 5 | 8 |
| 9 | 2 | 8 | 6 | 5 | 1 | 3 | 4 | 7 |
| 6 | 1 | 3 | 9 | 4 | 7 | 5 | 8 | 2 |
| 4 | 5 | 7 | 2 | 8 | 3 | 9 | 1 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆତ୍ମନିର୍ଭରଶୀଳ ହେବା ଉତ୍ତମ ଲକ୍ଷଣ

ମହାଶୟ,

ଆଜିକାଲିର ଯୁବବର୍ଗ ଆତ୍ମନିର୍ଭରଶୀଳ ହେବା ଉଚିତ। ପାଠପଢ଼ା ସରିବା ପରେ ବାପା, ମା'ଙ୍କ ଟଙ୍କାରେ ଅୟସ ନ କରି ନିଜ ପାଇଁ କିଛି କର୍ମ ସଂସ୍ଥାନର ବ୍ୟବସ୍ଥା କରିବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଦୃଢ଼ ଇଚ୍ଛା ଶକ୍ତି ବୃଦ୍ଧି ପାଇବ। ସମାଜର ପ୍ରତିକୂଳ ପରିବେଶରେ ମଧ୍ୟ ନିଜକୁ ସଂଗଠିତ କରିବାର ସୁଯୋଗ ପାଇବେ ସେମାନେ । ଯେଉଁମାନେ ସରକାରୀ ଚାକିରି ପାଇଁ ପ୍ରସ୍ତୁତି ଚଳାଉଛନ୍ତି ସେମାନଙ୍କ ପ୍ରତି ବାପା, ମା' ମାନେ ସହଯୋଗ କରିବାରେ ସମକକ୍ଷ ହୋଇପାରିବ। ଆତ୍ମନିର୍ଭରଶୀଳ ଏକ ଅନ୍ତର୍ନିହିତ ସ୍ୱଭାବ। ଏହାକୁ ସମସ୍ତେ ପାଳନ କରିବା ଉଚିତ।

**ସତ୍ୟସିଂହ ଶତପଥୀ, ହାଇସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାଳିକା ସବୁ କ୍ଷେତ୍ରରେ ଆଗୁଆ

## ଅନ୍ତର୍ଜାତୀୟ ବାଳିକା ଦିବସ

ଏବେ ସବୁ କ୍ଷେତ୍ରରେ ବାଳିକାମାନେ ଆଗୁଆ। ଜୀବନର ସମସ୍ତ ଆହ୍ୱାନକୁ ସେମାନେ ସହଜରେ ଗ୍ରହଣ କରିବାକୁ ସକ୍ଷମ। ଭବିଷ୍ୟତରେ ବଡ଼ ହୋଇ ପରିବାର ସମ୍ଭାଳିବାଠାରୁ ଆରମ୍ଭ କରି ଦେଶର ନେତୃତ୍ୱ, ଦେଶରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପ୍ରତିପାଦନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତି ବେଶ୍ ସଜାଗ। ଆଜିର ବାଳିକା କାଲିର ମହିଳା ହୋଇ ନିଜର ଦାୟିତ୍ୱବୋଧ ଠିକ୍ ଭାବେ ତୁଲାଇବାକୁ ପ୍ରତିଶ୍ରୁତିବଦ୍ଧ। ତେବେ ପୃଥିବୀର କେତେକ ଦେଶରେ ଏବେ ମଧ୍ୟ ଲିଙ୍ଗଗତ ସମାନତା ଆସିନି। ତେଣୁ ବାଳିକାଙ୍କ ବିକାଶ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୧ରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ କରାଯାଉଛି। ଲିଙ୍ଗଗତ ସମାନତା ଆଣିବା ପାଇଁ ମିଳିତ ଜାତିସଂଘ ଦ୍ୱାରା ରଣନୀତି ପ୍ରସ୍ତୁତ କରାଯାଇଥିଲା। ବାଳିକାମାନଙ୍କ ଅଧିକାରକୁ ସ୍ୱୀକୃତି ଦେବା



ପାଇଁ ଠିକ୍ ଢାଞ୍ଚା ପ୍ରସ୍ତୁତି ଉପରେ ଏକ ବ୍ଲୁପ୍ରିଣ୍ଟ ପ୍ରଥମେ ୧୯୯୫ରେ ଚାଇନା ବେଜିଂର ମହିଳା ସମ୍ମିଳନୀରେ ଆରମ୍ଭ ହୋଇଥିଲା। ଜାତିସଂଘ ପକ୍ଷରୁ ସ୍ଥିରୀକୃତ ହୋଇଥିବା ପ୍ଲାଟଫର୍ମ ଫର ଆକ୍ସନ ଘୋଷଣାନାମାକୁ ଉପସ୍ଥିତ ସମସ୍ତ ସଦସ୍ୟ ଦେଶ ସର୍ବସମ୍ମତି କ୍ରମେ ଗ୍ରହଣ କରିଥିଲେ। ଏହା କେବଳ ମହିଳା ନୁହେଁ ବାଳିକାମାନଙ୍କର ଅଧିକାରକୁ ଅଗ୍ରଗତି କରିବା ପାଇଁ ସବୁଠୁ ପ୍ରଗତିଶୀଳ ବ୍ଲୁ ପ୍ରିଣ୍ଟ ଭାବରେ ପରିଗଣିତ ହୋଇଥିଲା। ଏହାପରେ, ୨୦୧୧ ଡିସେମ୍ବର ୧୮ରେ, ଜାତିସଂଘର ସାଧାରଣ ସଭାରେ ଅକ୍ଟୋବର ୧୧କୁ ଅନ୍ତର୍ଜାତୀୟ ବାଳିକା ଦିବସ ଭାବରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଅକ୍ଟୋବର ୧୧କୁ ଅନ୍ତର୍ଜାତୀୟ ବାଳିକା ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ଅବସରରେ ବାଳିକାଙ୍କର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ ଉପରେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଇଥାଏ।

# ରାମ ଚରିତ୍ର ପାଇଁ ଛାଡ଼ିବେ ମଦ-ମାଂସ




**ମୁମ୍ବାଇ:** ସାଉଥ୍ ଅଭିନେତା ପ୍ରଭାସଙ୍କ 'ଆଦିପୁରୁଷ'ପରେ ନିକଟରେ ଆଉ ଏକ ରାମାୟଣ ଆସିବାକୁ ଯାଉଛି। ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ 'ରାମାୟଣ'ରେ ରାମ ଚରିତ୍ରରେ ବଲିଉଡ୍ ଅଭିନେତା ରଣବୀର କପୁରଙ୍କୁ ଦେଖିବାକୁ ମିଳିବ। ଏନେଇ ଆସନ୍ତା ଦୀପାବଳିରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ତେବେ ରଣବୀର ରାମଙ୍କ ଚରିତ୍ରରେ ଅଭିନୟ ପାଇଁ ମଦ-ମାଂସ ତ୍ୟାଗ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ନିଜ ଭିତରେ ରାମଙ୍କ ଅନୁଭବ ଆଣିବାକୁ ପୂରା ସାତ୍ତ୍ୱିକ ଜୀବନ ବିତାଇବେ। ସେ ଲୋକଙ୍କୁ ଖୁସି କରିବାକୁ ନୁହେଁ ବରଂ ନିଜ ଚରିତ୍ରକୁ ନ୍ୟାୟ ଦେବାକୁ ମଦ-ମାଂସ ତ୍ୟାଗ କରିବେ ବୋଲି ନିଜେ ସୂଚନା ଦେଇଛନ୍ତି। ତେବେ ରଣବୀରଙ୍କ ସହ ସୀତାଙ୍କ ଚରିତ୍ରରେ ସାଉଥ୍ ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କୁ ଦେଖିବାକୁ ମିଳିବ। ଏଥିସହ ସାଉଥ୍ ଅଭିନେତା ୟଶ୍ ରାବଣଙ୍କ ଭୂମିକାରେ ନଜରକୁ ଆସିବେ। ରଣବୀର ୧୯୯୯ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ସିନେମା କରିସାରିଛନ୍ତି। ଶେଷ ଥର ପାଇଁ ସେ ଫିଲ୍ମ 'ତୁ ଝୁଟି ମେ ମକ୍କାର'ରେ ନଜରକୁ ଆସିଥିଲେ। ଏଥିସହ ସେ କିଛି ମ୍ୟୁଜିକ୍ ଭିଡିଓ ମଧ୍ୟ କରିଛନ୍ତି।

# ୨୯୮ କେ.ଜି.ର ମଣିଷ



**ଲଣ୍ଡନ:** ମୋଟାପା ହେଉଛି ଅନେକ ରୋଗର ଗନ୍ତାଘର। ସେଥିପାଇଁ ଲୋକେ ଏବେ ଫିଟ୍‌ନେସ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। ନିକଟରେ ବ୍ରିଟେନର ଜଣେ ବ୍ୟକ୍ତି ତାଙ୍କ ମୋଟାପା କାରଣରୁ ଚର୍ଚ୍ଚାରେ ଅଛନ୍ତି। ୩୩ ବର୍ଷୀୟ ଜଶନ ହଲଟନଙ୍କ ଓଜନ ୨୯୮ କିଲୋ। ଅଧିକ ମୋଟା କାରଣରୁ ତାଙ୍କ ଦେହରେ ରକ୍ତ ଜମାଟ ବାନ୍ଧି ଦେଇଛି। ଫଳରେ ତାଙ୍କର ଜୀବନ ଯିବା ଭଳି ସମ୍ଭାବନା ରହିଛି। ତେବେ ଡାକ୍ତର ତାଙ୍କ ଶରୀର ଏକ୍ସ-ରେ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ସେ ଯେତେବେଳେ ଏକ୍ସ-ରେ ପାଇଁ ଗଲେ, ସେତେବେଳେ ଏକ୍ସ-ରେ ମେଶିନ ତାଙ୍କ ଓଜନ ସମ୍ଭାଳି ନ ପାରି ଭାଙ୍ଗି ଯାଇଥିଲା। ପରେ ତାଙ୍କୁ ଚିଡ଼ିଆଖାନାକୁ ପଠାଇ ଦିଆଗଲା। ସେଠାରେ ପ୍ରାଣୀଙ୍କ ପାଇଁ ଥିବା ମେଶିନରେ ତାଙ୍କର ଏକ୍ସ-ରେ କରାଗଲା। ଜଶନ ସେତେବେଳେ ଚର୍ଚ୍ଚାକୁ ଆସିଲେ, ଯେତେବେଳେ ତାଙ୍କୁ ଘରୁ ଏକ କ୍ରେନ୍ ସାହାଯ୍ୟରେ ବାହାରକୁ କଢାଗଲା। ତାଙ୍କୁ ବାହାର କରିବାକୁ ମୋଟ ୩୦ ଦମକଳ ବାହିନୀ ନିୟୁକ୍ତ ହୋଇଥିଲେ। ଗତ କିଛିଦିନ ହେବ ଜଶନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ। ପୂର୍ବରୁ ଜଶନ କେବଳ ଖାଇବାକୁ ପସନ୍ଦ କରୁଥିଲେ। ଘରୁ କୁଆଡ଼େ ବାହାରକୁ ଯିବାକୁ ଇଚ୍ଛା କରୁ ନ ଥିଲେ। ଜଶନଙ୍କ ମା' ତାଙ୍କର ସମସ୍ତ ଧ୍ୟାନ ରଖନ୍ତି। ଡାକ୍ତରଙ୍କ କହିବା କଥା ଯେ ଏପରି ମୋଟାପଣରେ ୪୦ରୁ ଅଧିକ ବୟସ ବଞ୍ଚିବା କଷ୍ଟକର।

# ସପ୍ତାହରେ ଖର୍ଚ୍ଚ କରୁଛନ୍ତି ୧୦ କୋଟି


ଲିଣ୍ଡା ଆଣ୍ଡ୍ରେ

**ଦୁବାଇ**

ଅନେକ ଝିଅ ଏପରି ପରିବାରରେ ବିବାହ କରିବାକୁ ଚାହାନ୍ତି, ଯେଉଁଠାରେ ଟଙ୍କାର କିଛି ଅଭାବ ନ ଥିବ। ସେ ଭଲରେ ଚଳିପାରୁଥିବେ। ଜଣେ ମହିଳାଙ୍କ ସ୍ୱାମୀ କୋଟିପତି ହୋଇଥିବାରୁ ସେ ଏହାର ଅଧିକ ଫାଇଦା ଉଠାଉଛନ୍ତି। ତାଙ୍କର ଏହି ଜୀବନଧାରଣକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ମହିଳା ଜଣକ ସପ୍ତାହରେ ୧୦ କୋଟି ଟଙ୍କା ଉଡାଇ ଦେଉଛନ୍ତି। ନିଜକୁ ଦୁବାଇର ଗୃହିଣୀ କହୁଥିବା ଲିଣ୍ଡା ଆଣ୍ଡ୍ରେ ସୋସିଆଲ ମିଡିଆରେ ଜଣେ ଇନ୍‌ଫ୍ଲୁଏନଶର। ସେ ଅନେକ ସମୟରେ ତାଙ୍କ ନିଜ କାହାଣୀ ଲୋକଙ୍କୁ ଶେୟାର କରିଥାନ୍ତି। ଜୋର୍ଡାନରେ ଜନ୍ମ ନେଇଥିବା ଲିଣ୍ଡା ୧୯ ବର୍ଷ ବୟସରେ କ୍ରିପ୍ଟୋ ବ୍ୟବସାୟୀ ରିକି ଆଣ୍ଡ୍ରେଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ରିକିଙ୍କ ପାଇଁ ଲିଣ୍ଡା ସଉକଭରା ଜୀବନଶୈଳୀ ବଞ୍ଚୁଛନ୍ତି। ସେ ମହଙ୍ଗା କାର୍‌ରେ ବୁଲୁଥିବାବେଳେ ରାଜମହଲ ଭଳି ଘରେ ରୁହନ୍ତି। ଯାହା ଇଚ୍ଛା ତାହା କିଣନ୍ତି। ନିକଟରେ ସେ ତାଙ୍କର ବିଳାସମୟ ଜୀବନ ବାବଦରେ ଶେୟାର କରିଛନ୍ତି। ଲିଣ୍ଡା କହିଛନ୍ତି, ତାଙ୍କ ସ୍ୱାମୀ ଗତ ସପ୍ତାହରେ ତାଙ୍କୁ ୧୧.୬୬ କୋଟି ଟଙ୍କା ଦେଇଥିଲେ। ସେଥିରୁ ସେ ୧୦ କୋଟି ଟଙ୍କା ଏକ ସପ୍ତାହରେ ଶେଷ କରିଦେଇଛନ୍ତି। ତା' ଭିତରେ ସେ ୬ ଲକ୍ଷ ଟଙ୍କାର ଚକୋଲେଟ୍ ଖାଇଥିବା ମଧ୍ୟ କହିଛନ୍ତି। ରିକି ଲିଣ୍ଡାଙ୍କୁ ଆଉ ୨ କୋଟି ଟଙ୍କା ଦେଇଥିଲେ, ଯାହାକୁ ସେ କକ୍‌ଟେଲରେ ଖର୍ଚ୍ଚ କରିଦେଇଥିବା କହିଛନ୍ତି। ତେବେ ସେ ଜଣେ କୋଟିପତିଙ୍କୁ ବିବାହ କରି ଖୁସି ନ ଥିବା କହିଛନ୍ତି। କାରଣ ସେ ତାଙ୍କ ମନ ମୁତାବକ କିଛି କାର୍ଯ୍ୟ କରିପାରୁନାହାନ୍ତି।

# ଅମ୍ବାନୀ ଶ୍ରେଷ୍ଠ ଧନୀ


ମୁକେଶ ଅମ୍ବାନୀ


ଗୌତମ ଆଦାନୀ

## ହୁରୁନ ଇଣ୍ଡିଆ ଧନୀ ତାଲିକା
## ଦ୍ୱିତୀୟ ସ୍ଥାନରେ ଆଦାନୀ

**ନୂଆଦିଲ୍ଲୀ,୧୦।୧୦**

ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କୁ ପଛରେ ପକାଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଧନୀ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ମଙ୍ଗଳବାର ହୁରୁନ ଇଣ୍ଡିଆ ଧନୀ ତାଲିକା ପ୍ରକାଶ ପାଇଛି। ଉକ୍ତ ତାଲିକା ଅନୁଯାୟୀ ଗତବର୍ଷ ତୁଳନାରେ ଅମ୍ବାନୀଙ୍କ ସମ୍ପତ୍ତି ୨ ପ୍ରତିଶତ ବୃଦ୍ଧି ପାଇଁ ୮,୦୮,୭୦୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୧୪ରେ ତାଙ୍କର ସମ୍ପତ୍ତି ପରିମାଣ ୧,୬୫,୧୦୦ କୋଟି ଟଙ୍କା ଥିଲା। ଅନ୍ୟ ପକ୍ଷରେ ଆଦାନୀଙ୍କ ସମ୍ପତ୍ତି ଗତବର୍ଷ ତୁଳନାରେ ୫୭ ପ୍ରତିଶତ ହ୍ରାସ ପାଇ ୪,୭୪,୮୦୦ କୋଟିରେ ପହଞ୍ଚିଛି। ତାଲିକାର ତୃତୀୟ ସ୍ଥାନରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପ୍ରମୋଟର ପୁଣେର ସାଇରସ୍ ଏସ୍. ପୁନାୱାଲା ଓ ପରିବାର ରହିଛନ୍ତି। ସେମାନଙ୍କର ସମ୍ପତ୍ତି ପରିମାଣ ଗତବର୍ଷ ତୁଳନାରେ ୩୬ ପ୍ରତିଶତ ବୃଦ୍ଧି ପାଇ ୨,୭୮,୫୦୦ କୋଟି ଟଙ୍କାରେ ପହଞ୍ଚିଛି। ୨,୨୮,୯୦୦ କୋଟି ଟଙ୍କାର ସମ୍ପତ୍ତି ସହ ଶିବ ନାଦାର ଚତୁର୍ଥ ସ୍ଥାନରେ ରହିଥିବାବେଳେ ଲଣ୍ଡନରେ ରହୁଥବା ଗୋପିଚାନ୍ଦ ହିନ୍ଦୁଜା (୧,୭୬,୫୦୦ କୋଟି ଟଙ୍କା) ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ଷଷ୍ଠ ସ୍ଥାନରେ ଅଛନ୍ତି ସନ୍ ଫାର୍ମାସ୍ୟୁଟିକାଲ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ଦିଲୀପ ଶାଙ୍ଘଭି (୧,୬୪,୩୦୦ କୋଟି ଟଙ୍କା)।

# ଜଙ୍ଗଲୀ କନ୍ଦାରୁ ହୋଇପାରିବ ସୁସ୍ୱାଦୁ କୁକିଜ,ନମ୍‌କିନ୍

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା


ଗବେଷଣାଗାରରେ ଡ.ଦେବବ୍ରତ ପଣ୍ଡା।

**କୋରାପୁଟ,୧୦।୧୦(ଅମିତାଭ ବେହେରା)**

କୋରାପୁଟ ଜିଲାର ଆଦିମ ଅଧିବାସୀମାନେ ବ୍ୟବହାର କରୁଥିବା ଜଙ୍ଗଲୀ କନ୍ଦାରୁ ଗୁଣାତ୍ମକ ଓ ସୁସ୍ୱାଦ କୁକିଜ୍ (ବିସ୍କୁଟ) ଓ ନମ୍‌କିନ୍ ହୋଇପାରିବ ବୋଲି କହିଛନ୍ତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ସହାୟକ ପ୍ରଫେସର ଡ.ଦେବବ୍ରତ ପଣ୍ଡା। ସେ ଦୀର୍ଘ ୧୦ ବର୍ଷ ଧରି କୋରାପୁଟ ମାଳଭୂମିର ଆଦିବାସୀମାନେ ବ୍ୟବହାର କରୁଥିବା ବିଭିନ୍ନ କନ୍ଦାକୁ ନେଇ ଗବେଷଣା କରୁଥିଲେ। ଆଦିବାସୀମାନେ ପ୍ରାୟ ୮ ପ୍ରକାର ଜଙ୍ଗଲୀ କନ୍ଦା ଯଥା କଷା କନ୍ଦା, ପିଟ୍ କନ୍ଦା, ଶିକା କନ୍ଦା, କୁଳିଆ କନ୍ଦା, ଚେରେଙ୍ଗା କନ୍ଦା, ସୋରନ୍ଦା କନ୍ଦା, ତାରଗାଈ କନ୍ଦା ଏବଂ ପିତାକନ୍ଦାକୁ ଖାଦ୍ୟ ଓ ଔଷଧ ରୂପେ ବ୍ୟବହାର କରୁଛନ୍ତି ବୋଲି ଡ. ପଣ୍ଡା କହିଛନ୍ତି। ଏଥିରୁ ଦୁଇଟି କନ୍ଦା କଷା କନ୍ଦା ଓ ସୋରନ୍ଦା କନ୍ଦାରୁ ସୁସ୍ୱାଦ କୁକିଜ୍ ବିସ୍କୁଟ ଓ ନମ୍‌କିନ୍ ପ୍ରସ୍ତୁତ ହୋଇପାରିବ। ଏହା ଅଧିକ ପୋଷାକଯୁକ୍ତ ଓ ପୁଷ୍ଟିକର ବୋଲି ସେ ଦର୍ଶାଇଛନ୍ତି। ଏଥିରେ ଅଧିକ ପରିମାଣରେ ପ୍ରୋଟିନ, ଫାଇବର, ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ ରହିଛି। ଏ ସମ୍ପର୍କରେ ଫୁଡ୍ ଆଣ୍ଡ ହ୍ୟୁମାନିଟି ଜର୍ନାଲରେ ପ୍ରକାଶିତ ତାଙ୍କ ରିସର୍ଚ୍ଚ ସ୍କଲାର ଡ. ବନ୍ଦନା ପଧାନ, ମୋନାଲି ନନ୍ଦ, ଅନ୍ତର୍ଯାମୀ ସାହୁ ଓ ଡ.ଜୟନ୍ତ ନାୟକଙ୍କ ସହ ମିଶି ପ୍ରକାଶ କରିଛନ୍ତି। ଏହାର ଅଧିକ ପ୍ରଚାରପ୍ରସାର ଓ ବ୍ୟବହାର ଉପରେ ଧ୍ୟାନଦେବାକୁ ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି। କୋରାପୁଟର କଫି,କଳାଜିରା ଧାନ, ମାଣ୍ଡିଆ ଭଳି ଏହି ଜଙ୍ଗଲୀ କନ୍ଦାର କୁକିଜ୍ ବିସ୍କୁଟ ଓ ନମ୍‌କିନ ପ୍ରଚାରପ୍ରସାର ହୋଇପାରିଲେ ଏହା କୋରାପୁଟକୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

College of Pharmaceutical Sciences, Berhampur
At/PO: Mohuda (GM)- 760002 (Orissa)
Estd:1979
(Approved by AICTE, PCI & UGC and affiliated to BPUT, BU & OSBP)
www.cpsmohuda.org, Mobile No.7894824133, 9439868992
WALK IN INTERVIEW FOR PHARMACY FACULTY
POST : ASST. PROFESSOR
Specialization : Pharmacognosy, (Preferable) Pharmaceutical Chemistry Pharmaceutics, Pharmacology, Pharma Analysis, Pharmacy Practice
Eligibility : As per PCI norms
Pay : NEGOTIABLE
Date of Interview : 15.10.2023 (Sunday) by 10.00 A.M.
Venue : Administrative Office, GPCDA Kamalavari Street, Near Big Bazar Berhampur-760002
Please send your C.V. by E.mail: "placementcellcps@gmail.com" with in seven days and attend interview in with complete C.V., Original certificates as well as photo copies of all certificates.
PRINCIPAL
NB: No TA/DA will be given for attending the interview.

ଏକ ସ୍ୱୀକୃତିପ୍ରାପ୍ତ ପଞ୍ଚକର୍ମ ମସାଜ୍ ଥେରାପିଷ୍ଟ ଆବଶ୍ୟକ
ଡ୍ୟୁଟି ସମୟ:୧ରୁ ୨ ଘଣ୍ଟା।
ଦରମା: ମାସକୁ ୯୦୦୦ରୁ ୧୫୦୦୦।
ଚାକିରି ଅବସ୍ଥାନ: ପାତ୍ରପଡା, ଭୁବନେଶ୍ୱର
ଯୋଗାଯୋଗ ନଂ.
9337550748

WANTED
ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
8093176446
9861510398

See Career Appointment on every Wednesday & Saturday

ATHMALLIK FOREST DIVISION
NOTICE No.199 of 2023-24, Date:09.10.2023
WALK IN INTERVIEW ON 27.10.2023
No.MM-210:Athmallik Forest Division requires qualified candidates with M.Sc. in Zoology/ Wildlife Biology/ Lifesciences/ Animal Biotechnology/ Microbiology/ Forestry/ Biodiversity Conservation/ Biochemistry/ Veterinary Science or allied subject from a recognized university for temporary engagement as one Wildlife Study Expert. The Walk-in-Interview is scheduled on 27.10.2023 at Conference Hall of Athmallik Forest Division. The application form alongwith detail terms and conditions shall be available on the website www.angul.nic.in and www.odishaforest.in from 10.10.2023.
Sd./- Divisional Forest Officer
Athmallik Division
OIPR-08125/11/0007/2324

NRI Academy Of Sciences
(NRI MEDICAL COLLEGE, GENERAL & SUPER SPECIALITY HOSPITAL)
Chinakakani, Mangalagiri Mandal, Guntur District. A.P.
Phone: 91 8645-230101, 230102, 230197, 9849986271
NRI Medical College & General Hospital is a premier institution of Medical Education and Healthcare in the state of Andhra Pradesh. It has more than 1200 bed capacity with all General and Super Specialities.
Applications are invited for the following positions:
1. PROFESSORS in the departments of Anatomy, Forensic Medicine, General Medicine, General Surgery, Paediatrics, Cardiology, Neuro Surgery & Emergency Medicine.
2. ASSOCIATE PROFESSORS in the departments of Pharmacology, Forensic Medicine, SPM, Critical Care Medicine & Emergency Medicine.
3. ASST. PROFESSORS in the departments of Pharmacology, Forensic Medicine, Community Medicine (SPM), Anaesthesiology, Cardiology, Neurology, Neuro Surgery, Medical Oncology, Medical Gastroenterology, Emergency Medicine, CT Surgery & Critical Care Medicine.
4. SENIOR RESIDENTS in the departments of Emergency Medicine, Forensic Medicine & Critical Care Medicine.
5. MEDICAL OFFICERS for Aarogyasri/Ayushman Bharat i.e, government sponsored medical insurance schemes and Anti-Retroviral Therapy (ART) centre.
Qualifications for the positions 1 to 4, as per National Medical Commission (NMC) norms.
Salary is not a constraint for deserving candidates. Interested candidates may send their resumes within 10 days through email to: hrm@nrias.ac.in.
Website: www.nrias.net

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.
Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.
Apply immediately to :
recruitment@dharitri.com
Attractive salary commensurate with experience

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୧ତମ ଜୟନ୍ତୀ, ରେଲୱେ ଷ୍ଟେଶନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅମର ଶହୀଦ ବାଜି ରାଉତଙ୍କ ୮୫ତମ ଶ୍ରାଦ୍ଧୋତ୍ସବ, ୟୁନିଟ୍-୮ ଡିଏଭି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଅହିଂସା ଉତ୍ସବ-୨୦୨୩, କଳାଭୂମି, ସନ୍ଧ୍ୟା ୬ଟା।

# ଓଭରବ୍ରିଜ୍ ଉପରେ ଜଳିଗଲା ସ୍କୁଟି

**ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ଫାୟାର ଷ୍ଟେଶନ୍ ଓଭରବ୍ରିଜ୍ ଉପରେ ମଙ୍ଗଳବାର ରାତି ପ୍ରାୟ ୯ଟା ୫୦ରେ ଏକ ସ୍କୁଟି (ଓଡ଼ି୦୨-ଏଫ୍-୭୮୪୫) ଜଳିଯାଇଛି। ଅଘଟଣ ପୂର୍ବରୁ ସ୍କୁଟି ଚଳାଉଥିବା ଯୁବତୀ ଜଣଙ୍କ ଗାଡ଼ିରୁ ଓହ୍ଲାଇ ପଡ଼ିବାରୁ ତାଙ୍କର କୌଣସି କ୍ଷତି ହୋଇନାହିଁ। ସୂଚନା ଅନୁସାରେ ଯୁବତୀ ଜଣଙ୍କ ଖଣ୍ଡଗିରି ପଟୁ ରସୁଲଗଡ଼ ଅଭିମୁଖେ ଯାଉଥିଲେ। ଫାୟାର ଷ୍ଟେଶନ୍ ନିକଟରେ ହଠାତ୍ ସ୍କୁଟିର ଷ୍ଟାର୍ଟ ବନ୍ଦ ହୋଇଯିବାରୁ ସେ ଅଟକିଯାଇଥିଲେ। ପରେ ସ୍କୁଟିଟି ହୁତୁହୁତୁ ହୋଇ ଜଳିଯାଇଥିଲା। ନିକଟରେ ଯାଉଥିବା କାର୍ ଓ ବାଇକ୍ ଚାଳକମାନେ ଅଟକି ପାଖରେ ଥିବା ବୋତଲରୁ ପାଣି ପକାଇ ନିଆଁ ଲିଭାଇଥିଲେ।

# ଶାରଦୀୟ ସାହିତ୍ୟ ଆସର

**ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ):** ପ୍ରତିଶ୍ରୁତି (ନୂଆ ସକାଳର ସଂକଳ୍ପ) ପତ୍ରିକାର ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ ମଙ୍ଗଳବାର ବୁଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଲେଖିକା ଇନ୍ଦିରା ମିଶ୍ରଙ୍କ ନାରୀ ଅପରାଜିତାର ଦ୍ୱିତୀୟ ସଂକଳନ ଲୋକାର୍ପିତ ହୋଇଥିଲା। 'ଆଗାମୀ ସାହିତ୍ୟର ରୂପରେଖ-ସାମାଜିକ ପ୍ରତିବଦ୍ଧତା ନା ବ୍ୟକ୍ତି କୈନ୍ଦ୍ରିକତା' ଶୀର୍ଷକ ଆଲୋଚନାଚକ୍ରରେ କବି ଅଧ୍ୟାପିକା ଈପ୍‌ସିତା ଷଡ଼ଙ୍ଗୀ ସଭାପତିତ୍ୱ କରିଥିବାବେଳେ ବିଶିଷ୍ଟ ଅତିଥି ରୂପେ ଡ. ଚନ୍ଦ୍ରଶେଖର ଦାଶ, ଭାଷାବିତ୍ ଶଙ୍କର ପରିଡ଼ା, ପ୍ରାବନ୍ଧିକ ବିଘ୍ନେଶ୍ୱର ସାହୁ, ଅଧ୍ୟାପକ ହରେକୃଷ୍ଣ ଦାସ, ପବିତ୍ର ମୋହନ ଦାଶ, ସନ୍ନ୍ୟାସୀ ନାୟକ, ଇନ୍ଦିରା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପତ୍ରିକାର ପ୍ରତିଷ୍ଠାତା ଓ ପରିଚାଳନା ସମ୍ପାଦକ ସ୍ମୃତିରଞ୍ଜନ ତ୍ରିପାଠୀଙ୍କ ପରିଚାଳନାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। କବିତାପାଠରେ କବି ଗୀତାଞ୍ଜଳି ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ପଣ୍ଡିତ ରମାକାନ୍ତ ମିଶ୍ର, କବି ବିନ୍ଦୁ ନିବେଦିତା, ରଶ୍ମି କର ଯୋଗଦେଇଥିଲେ। କବି ନିବେଦିତା ରଥ ଓ ଶୁଭବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଚିହ୍ନା ମୃତଦେହ ସଂସ୍କାର ପ୍ରକ୍ରିୟା ଆରମ୍ଭ

**ବାହାନଗା ଟ୍ରେନ୍ ଟ୍ରାଜେଡି**

■ ଭରତପୁର ଶ୍ମଶାନରେ ଜଳିଲା ଜୁଇ

**ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)**



ସଂସ୍କାର କାର୍ଯ୍ୟକୁ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ମେୟର ସୁଲୋଚନା ଦାସ ତଦାରଖ କରୁଛନ୍ତି।

ବାହାନଗା ଟ୍ରେନ୍ ଦୁର୍ଘଟଣାର ୪ମାସ ପରେ ଅଚିହ୍ନା ମୃତଦେହ ସତ୍କାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଦୁର୍ଘଟଣାରେ ଅଚିହ୍ନା ହୋଇ ରହିଯାଇଥିବା ୨୮ଟି ମୃତଦେହ ଭୁବନେଶ୍ୱର ଏମ୍ସରେ ସଂରକ୍ଷିତ ହୋଇ ରହିଥିଲା। ତେବେ ସାମୂହିକ ଅନ୍ତିମ ସଂସ୍କାର ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ବିଏମ୍‌ସିକୁ ତଦନ୍ତକାରୀ ସଂସ୍ଥା ସିବିଆଇ ସବୁଜ ସଙ୍କେତ ଦେବା ପରେ ମଙ୍ଗଳବାର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏମ୍ସ ପକ୍ଷରୁ ବିଏମ୍‌ସିକୁ ୩ଟି ମୃତଦେହ ହସ୍ତାନ୍ତର କରାଯିବା ପରେ ଭରତପୁର ଶ୍ମଶାନରେ ସେଗୁଡ଼ିକୁ ସତ୍କାର କରାଯାଇଥିଲା। ଏହା ପରେ ରାତି ୧୦ଟା ସୁଦ୍ଧା ମୋଟ୍ ୨୧ଟି ମୃତଦେହ ହସ୍ତାନ୍ତର କରାଯାଇଥିଲା। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି, ପୂର୍ବତଟ ରେଳପଥ ଏବଂ ସିବିଆଇ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ମୃତଦେହ ହସ୍ତାନ୍ତର କରାଯାଇଥିଲା। ତେବେ ପ୍ରାୟ ୪ମାସ ହେବ ମୃତଦେହଗୁଡ଼ିକ ଫ୍ରିଜ୍‌ରେ ରହିଥିବାରୁ ସଂସ୍କାର ପାଇଁ ସମୟ ଲାଗିଥିଲା। ତେଣୁ ପ୍ରାୟ ଦିନେ ଦୁଇଦିନ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ ବୋଲି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଏଥିସହ ମୃତଦେହ ସଂଗ୍ରହ ଏବଂ ଶ୍ମଶାନକୁ ନେବା ପାଇଁ ୩ଟି ଗାଡ଼ି ନିୟୋଜିତ ହୋଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଜୁନ ୨ରେ ବାଲେଶ୍ୱର ଜିଲାର ବାହାନଗା ରେଳଷ୍ଟେଶନଠାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱର ଏମ୍ସକୁ ମୋଟ୍ ୧୬୨ଟି ମୃତଦେହ ଆସିଥିଲା। ଫିଜିକାଲ ଭେରିଫିକେଶନ ପରେ ତନ୍ମଧ୍ୟରୁ ୮୧ଟି ତତ୍କାଳ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଅନେକ ମୃତଦେହ ଚିହ୍ନଟରେ ସମସ୍ୟା ଉପୁଜିବାରୁ ଡିଏନ୍‌ଏ ମ୍ୟାଚିଂ ସହାୟତା ନିଆଯାଇଥିଲା। ଏହାପରେ ଆଉ ୫୩ଟି ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଏହାପରେ ବି ଆହୁରି ୨୮ଟି ମୃତଦେହ ଅଚିହ୍ନା ରହିଯାଇଥିଲା। ତେଣୁ ଅନ୍ତିମ ସଂସ୍କାର ପାଇଁ ଅଗଷ୍ଟ ୨୫ରେ ସିବିଆଇ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖାଯାଇଥିଲା। ଏନେଇ ଅକ୍ଟୋବର ୭ରେ ଖୋର୍ଦ୍ଧା ଜିଲାପାଳ ଚିଠି ଲେଖିବା ପରେ ବିଏମ୍‌ସି ଏସ୍‌ଓପି ଜାରି କରି ମଙ୍ଗଳବାରଠାରୁ ସଂସ୍କାର ପ୍ରକ୍ରିୟା ଆରମ୍ଭ କରିଛି।

# 'ହେରିଟେଜ୍ ଅଫ୍ ଇଣ୍ଡିଆ ଆଣ୍ଡ୍ ସ୍ୱାମୀ ନିଗମାନନ୍ଦ' ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୦।୧୦(ଅନୁରାଧା ମହାରଣା):** ନୀଳାଚଳ ସାରସ୍ୱତ ସଂଘର ସଭାପତି ତଥା ଲେଖକ ସନ୍ତୋଷ କୁମାର ମହାନ୍ତିଙ୍କ ଲିଖିତ ପୁସ୍ତକ 'ହେରିଟେଜ୍ ଅଫ୍ ଇଣ୍ଡିଆ ଆଣ୍ଡ୍ ସ୍ୱାମୀ ନିଗମାନନ୍ଦ' ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ବିଶ୍ୱର ବିଭିନ୍ନ ଦାର୍ଶନିକ ମତବାଦ, ବିଭିନ୍ନ ଧର୍ମର ସାରତତ୍ତ୍ୱ ତଥା ପରମହଂସ ସ୍ୱାମୀ ନିଗମାନନ୍ଦ ଦେବଙ୍କ ଦାର୍ଶନିକ ଚିନ୍ତାଧାରାର ଏକ ତୁଳନାତ୍ମକ ଅନୁଧ୍ୟାନ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ କ୍ରିୟାଯୋଗ ସଂସ୍ଥାନର ସେକ୍ରେଟାରୀ ସ୍ୱାମୀ ସମର୍ପଣାନନ୍ଦ ଗିରି, ନୀଳାଚଳ ସାରସ୍ୱତ ସଂଘ ପରିଚାଳକ ଶରତଚନ୍ଦ୍ର ସିଂହଦେଓ, ଲେଖକ ସନ୍ତୋଷ କୁମାର ମହାନ୍ତି ଏବଂ ଗଣେଶ ପ୍ରସାଦ ଦାସ ଅତିଥି ଭାବେ ଯୋଗଦେଇ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱର ବିଭିନ୍ନ ଧାର୍ମିକ ଧାରା ବାବଦରେ ପୁସ୍ତକରେ ଖୁବ୍ ସୁନ୍ଦର ଭାବେ ଅବତାରଣା କରାଯାଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ।

# ନନ୍ଦନକାନନରେ ଓୟୁଏଟି ବିଶେଷଜ୍ଞ ଦଳ

**ବାରଙ୍ଗ,୧୦।୧୦(ଲିଙ୍ଗରାଜ ରାଉତ):** ଭୁବନେଶ୍ୱର ଓୟୁଏଟିର ଏକ ୬ଜଣିଆ ବିଶେଷଜ୍ଞ ଦଳ ମଙ୍ଗଳବାର ପ୍ରାଣୀଉଦ୍ୟାନରେ ପହଞ୍ଚିଛନ୍ତି। ଓୟୁଏଟିର ପ୍ରଫେସର ଇନ୍ଦ୍ରମଣି ନାଥଙ୍କ ତତ୍ତ୍ୱାବଧାନରେ ଆସିଥିବା ଦଳ ପ୍ରଥମେ ବାଘୁଣୀ ରୂପାର ୯ମାସର ଧଳା ଛୁଆ, ଭାଲୁ ଓ ବଜ୍ରକାପ୍ତା ଆଦି ଅସୁସ୍ଥ ଜନ୍ତୁଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲା। ଲଗାତର ଭାବେ ବଜ୍ରକାପ୍ତାଙ୍କ ମୃତ୍ୟୁ ଘଟୁଥିବାରୁ ସମସ୍ତ ୨୬ଟି ବଜ୍ରକାପ୍ତାଙ୍କୁ ରୋଗ ପ୍ରତିଷେଧକ ଟିକା ଦିଆଯାଇଥିବା ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟର ଜଣେ ଚିକିତ୍ସକ କହିଛନ୍ତି। ସୂଚନାଯୋଗ୍ୟ, ନନ୍ଦନକାନନ କର୍ତ୍ତୃପକ୍ଷ ସମସ୍ତ ଜୀବଜନ୍ତୁଙ୍କ ଖାଦ୍ୟ ଟେଣ୍ଡର ଜରିଆରେ ଆଣିଥାନ୍ତି। କିନ୍ତୁ ଜନ୍ତୁ ବିଭାଗର ପରିଚାଳନାଗତ ତ୍ରୁଟି ଯୋଗୁ ପ୍ରାଣୀଉଦ୍ୟାନରୁ ଦିନକୁ ଦିନ ଗୋଟିଏ ପରେ ଗୋଟିଏ ଜନ୍ତୁ ଅସୁସ୍ଥ ହୋଇ ମୃତ୍ୟୁ ମୁଖରେ ପଡୁଥିବା ଆଲୋଚନା ହେଉଛି।

# ମାଷ୍ଟରମାଇଣ୍ଡଙ୍କ ଘନିଷ୍ଠ ସହଯୋଗୀ ଗିରଫ

**ସରକାରୀ ଅଧିକାରୀଙ୍କ ନାଁରେ ବଡ଼ ଠକେଇ ମାମଲା**



**ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ):** ସରକାରୀ ଅଧିକାରୀ ପରିଚୟରେ ଲୋକଙ୍କୁ ଚାକିରି ପ୍ରଲୋଭନ ସହ ବିଭିନ୍ନ ସରକାରୀ କାମ କରାଇଦେବାର ପ୍ରତିଶ୍ରୁତି ଦେଇ କରାଯାଇଥିବା ବଡ଼ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମାଷ୍ଟରମାଇଣ୍ଡ କାହ୍ନୁଚରଣ ପ୍ରଧାନଙ୍କ ଘନିଷ୍ଠ ସହଯୋଗୀ ତଥା ମାଲକାନଗିରି ଜିଲା କାଲିମେଳା ଥାନା ଅଞ୍ଚଳର ଲକ୍ଷ୍ମଣ ମାଢ଼ୀ। ଲକ୍ଷ୍ମଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗତ ଅଗଷ୍ଟରେ ପ୍ରଥମେ ସହଯୋଗୀ କିଶୋର କୁମାର ମିଶ୍ର ଏବଂ ପରେ କାହ୍ନୁ ଗିରଫ ହୋଇ ଜେଲରେ ଅଛନ୍ତି। ଏହି ମାମଲାରେ ଏସ୍‌ଟିଏଫ୍ ଅଧିକ ତଦନ୍ତ କରୁଛି। ଲକ୍ଷ୍ମଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟ୍ରାଞ୍ଜାକ୍ସନ୍ ହୋଇଛି। ଏପରିକି ସେ କାହ୍ନୁଙ୍କ ସହିତ ବାରମ୍ବାର ବାର୍ତ୍ତାଳାପ କରିଥିବା ପ୍ରମାଣ ମିଳିଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବିଭିନ୍ନ ବିଭାଗର ନକଲି ପରିଚୟପତ୍ର ପ୍ରସ୍ତୁତ କରି ଲୋକଙ୍କୁ ଠକୁଥିଲେ। କ୍ରଶର ନେଉଥିଲେ। ଗତ ମାର୍ଚ୍ଚ ୨୫ରେ କିଶୋରଙ୍କୁ କୋରାପୁଟ ସଦର ଥାନା ପୋଲିସ ଧରିବା ପରେ ପଚରାଉରା କରି ନିଜଆଡୁ ଏକ ଠକେଇ ମାମଲା (ନଂ.୧୨୨/୨୩) ରୁଜୁ କରି ନୋଟିସ୍ ଦେଇ ଛାଡ଼ିଥିଲେ। ଏହାପରେ ବିଭିନ୍ନ ସ୍ଥାନରୁ ଏକାଧିକ ଠକେଇ ଅଭିଯୋଗ ଆସିବା ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଭାର ନେଇ ନିଜଆଡୁ ଏକ ମାମଲା (ନଂ.୧୫/୨୩) ରୁଜୁ କରିଥିଲା। ତେବେ କାହ୍ନୁ ଏବଂ ତାଙ୍କ ସହଯୋଗୀଙ୍କ ଆକାଉଣ୍ଟରେ ୪୦ କୋଟି ଟଙ୍କାର ଟ୍ରାଞ୍ଜାକ୍ସନ୍ ହୋଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ମଦ ପାଇଁ ବାର୍ ସମ୍ମୁଖରେ ମାରପିଟ୍

**ଜଣେ ଗୁରୁତର, ଜଣେ ଆହତ**

**ଭୁବନେଶ୍ୱର, ୧୦।୧୦ (ସତ୍ୟଜିତ୍ ରାଉତ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଡି ମାର୍କେଟ୍ ଅଞ୍ଚଳରେ ଥିବା ଏକ ବାର୍ ସମ୍ମୁଖରେ ମଙ୍ଗଳବାର ରାତି ପ୍ରାୟ ୧୨ଟାରେ ମଦ ପାଇଁ ବାର୍ କର୍ମଚାରୀ ଓ ଗ୍ରାହକଙ୍କ ମଧ୍ୟରେ ମାରପିଟ୍ ଘଟିଛି। ଟେକା ପଥର ମାଡ଼ରେ ଦୀପକ କୁମାର ସ୍ୱାଇଁ ନାମକ ବାର୍ କର୍ମଚାରୀ ଗୁରୁତର ହୋଇଛନ୍ତି। ସେହିପରି ଅନ୍ୟଜଣେ ବାର୍ କର୍ମଚାରୀ ଟୁକୁନା ପରିଡ଼ା ଆହତ ହୋଇଛନ୍ତି। ଉଭୟଙ୍କୁ ପିସିଆର୍ ଟିମ୍ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଦୀପକ ଅଚେତ ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ବାର୍ ବନ୍ଦ ହେବା ପରେ ବିଳମ୍ବିତ ରାତିରେ ସାଲିଆ ସାହିର କେତେଜଣ ଲୋକ ସାଇକେଲରେ ଆସି ମଦ ମାଗିଥିଲେ। ବାର୍ କର୍ମଚାରୀ ବାରଣ କରିବାରୁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଓ ମାରପିଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ରିପୋର୍ଟ ଲେଖାଯିବାବେଳକୁ ଥାନାରେ ଏନେଇ ଏତଲା ଦିଆଯାଇ ନ ଥିବା ଜଣାପଡ଼ିଛି।

# ଜୁନିୟର ଆସିଷ୍ଟାଣ୍ଟ ପଦବୀ ବିଜ୍ଞପ୍ତିରେ ସଂଶୋଧନ ଦାବି

**ଭୁବନେଶ୍ୱର,୧୦।୧୦(ଅନୁରାଧା ମହାରଣା)**

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଦ୍ୱାରା ପରିଚାଳିତ ଜୁନିୟର ଆସିଷ୍ଟାଣ୍ଟ ପଦବୀ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଛି। ସେଥିରେ ୧ ବର୍ଷର ଏସ୍‌ଏପି - ଇଆର୍‌ପି ଅଭିଜ୍ଞତା ମଗାଯାଇଛି। ଫଳରେ ଆଶାୟୀମାନେ ଆବେଦନରୁ ବଞ୍ଚିତ ହେଉଥିବା କେତେଜଣ ଆଶାୟୀ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଆକାଉଣ୍ଟାଣ୍ଟ ପଦବୀ ପାଇଁ ସମାନ ଧରଣର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ଏସ୍‌ଏପି-ଇଆରପି ଅଭିଜ୍ଞତା ଦର୍ଶାଯିବା ସହ ୩ଟି ଅଭିଜ୍ଞତା ଯୋଡ଼ାଯାଇଥିଲା। ଫଳରେ ଅନେକ ଆଶାୟୀ ଆବେଦନ କରିପାରି ନ ଥିଲେ। ଦିନକୁ ଦିନ ବେକାରି ସମସ୍ୟା ବୃଦ୍ଧି ପାଉଛି ଏବଂ ଆବେଦନକାରୀଙ୍କ ବୟସ ମଧ୍ୟ ଗଡ଼ିଯାଉଛି। ବାରମ୍ବାର ଏହିଭଳି ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ଦ୍ୱାରା ଆଶାୟୀମାନେ ଆବେଦନରୁ ବଞ୍ଚିତ ହେଉଛନ୍ତି ବୋଲି ଭୁବନେଶ୍ୱରର ସୁନୀଲ ନାମକ ଆଶାୟୀ କହିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିବା ଅତୁଲ ବରାଳ, ଶୁଭ୍ରଜିତ ସାହୁ ଓ ସଂଘମିତ୍ରା ମିଶ୍ର ସୂଚନା ଦେଇଛନ୍ତି। ଏହି ବିଜ୍ଞପ୍ତି ପାଇଁ ଆବେଦନର ଶେଷ ତାରିଖ ଅକ୍ଟୋବର ୧୭ ରହିଛି। ତେଣୁ ଜୁନିୟର ଆସିଷ୍ଟାଣ୍ଟ ଓ ପୂର୍ବରୁ ଆକାଉଣ୍ଟାଣ୍ଟ ପଦବୀର ଅଭିଜ୍ଞତାକୁ ଉଚ୍ଛେଦ କରି ନୂତନ ଭାବେ ବିଜ୍ଞପ୍ତି ପ୍ରକାଶ କଲେ ବହୁତ ଆଶାୟୀ ଉପକୃତ ହେବେ ବୋଲି ୫୦ରୁ ଅଧିକ ଯୁବତୀ ଯୁବକ ମତବ୍ୟକ୍ତ କରିଛନ୍ତି।



ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ମଙ୍ଗଳବାର 'ପ୍ରତିଶ୍ରୁତି' ପତ୍ରିକା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଅତିଥିମାନେ 'ନାରୀ ଅପରାଜିତା'ର ଦ୍ୱିତୀୟ ସଂକଳନକୁ ଉନ୍ମୋଚନ କରୁଛନ୍ତି।

# 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ

**ପୁରୁଣା ଭୁବନେଶ୍ୱର,୧୦।୧୦(ସୁବାସ ଚନ୍ଦ୍ର ପ୍ରଧାନ):** ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ମଙ୍ଗଳବାର 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା ସଭାପତି ବାବୁ ସିଂ ମଙ୍ଗଳବାର ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ.୫୯ ର ନୂଆଗାଁ ଗ୍ରାମର ପ୍ରତ୍ୟେକ ଘରୁ କଳସରେ ମାଟି ସଂଗ୍ରହ କରିଥିଲେ। ନୂଆଗାଁ ଗ୍ରାମ ଛକଠାରେ ଏମପି ଷଡ଼ଙ୍ଗୀ ଓ ଜିଲା ସଭାପତିଙ୍କୁ ସ୍ୱାଗତ କରାଯିବା ପରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ପରେ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଏକ ଥଣ୍ଡାପାନୀୟ ଜଳ ପକଳ୍ପର ଉଦ୍‌ଘାଟନ କରିଥିଲେ। ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ ପୁରୋହିତ, କୃଷ୍ଣ ଚନ୍ଦ୍ର ବଟୁ, ସୁନିଲ ପ୍ରଧାନ, ମନୋଜ ପଶ୍ଚିମକବାଟ, ରମେଶ ନାୟକ, ପ୍ରସନ୍ନ ବରାଳ, ଅଶ୍ୱିନୀ ସାହୁ, ଅଜୟ ସାମନ୍ତରାୟ, ସନ୍ତୋଷ ସ୍ୱାଇଁ, ପ୍ରଦ୍ୟୁମ୍ନ ଦାସ, ଚିରଞ୍ଜିବ ଗୋଛାୟତ, ତୃପ୍ତିମୟୀ ମକଦ୍ଦମ, ପଞ୍ଚାନନ ସ୍ୱାଇଁ, ରାଜେନ୍ଦ୍ର ଖଟୁଆ, ବିଜୟ ସ୍ୱାଇଁ, ପୂର୍ଣ୍ଣ ପରିଡ଼ା, ଶରତ ନାୟକ, ଅକ୍ଷୟ ସାହୁ, ଗୀତାରାଣି ବେହେରା, ତପନ ବାରିକ, ସ୍ୱାଗତ ମହାପାତ୍ର, କାଳନ୍ଦି ସ୍ୱାଇଁ, ସସ୍ମିତ ବାରିକ, ସଞ୍ଜୟ ପରିଡ଼ା, ଗଣେଶ ସ୍ୱାଇଁ, ଟୁନୁ ସ୍ୱାଇଁ, ବସନ୍ତ ବରାଳ, ରମେଶ ନାୟକ, ଚନ୍ଦୁ ମହାପାତ୍ର, ନିବେଦିତା ରଥ, ନନ୍ଦିନୀ ବେହେରାଙ୍କ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବାବୁ ସିଂ ଓ ଅନ୍ୟମାନେ।

# ଆକର୍ଷଣ ସାଜିବ କେଦାରନାଥ ମନ୍ଦିର ତୋରଣ



## ଧରାବତରଣ କରିବେ ମା'

**ଭିଏସଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି**

**ଭୁବନେଶ୍ୱର,୧୦।୧୦(ବନ୍ଦନା ସେଠୀ)**

ଜଗତ୍‌ଜନନୀ ମା' ଦୁର୍ଗାଙ୍କୁ ସାଦରରେ ଆବାହନ କରିବା ପାଇଁ ବିଭିନ୍ନ ପୂଜା କମିଟି ତରଫରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଅନ୍ୟମାନଙ୍କଠାରୁ କିଛି ନିଆରା କରିଦେଖାଇବା ପାଇଁ ଭିଏସ୍‌ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ଲାଗିପଡ଼ିଛି। ଚଳିତବର୍ଷ ଭିଏସ୍‌ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ୪୫ ତମ ପୂଜା ପାଳନ କରୁଥିବାବେଳେ ୧୫ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି। ସୁନିଆଁ ଠିଥିରୁ ମାଟି ଅନୁକୂଳ ହୋଇ ମା'ଙ୍କ ମୂର୍ତ୍ତି ନିର୍ମାଣ ସହ ତୋରଣ ସାଜସଜ୍ଜା ଜାରି ରହିଛି। ଏଥର ଉତ୍ତରାଖଣ୍ଡର କେଦାରନାଥ ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯିବ। ଏହି ତୋରଣର ଉଚ୍ଚତା ୫୦ ଫୁଟ ରହିଥିବାବେଳେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୮ ଫୁଟ ରହିବ। କୋଲକତାର କାରିଗର ଉଭୟ ତୋରଣ ଓ ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। ତେବେ କମିଟିର ବିଶେଷତ୍ୱ ହେଉଛି, ଏଠାରେ ମା'ଙ୍କ ମୁଖ ଗଙ୍ଗା ନଦୀକୂଳରୁ ଅଣାଯାଇଥିବା ମାଟିରୁ ତିଆରି ହୁଏ। ଷଷ୍ଠୀରୁ ଆରମ୍ଭ କରି ଦଶମୀ ପର୍ଯ୍ୟନ୍ତ ବିଲ୍ୱାଧିବାସ ହୋଇ ମା'ଙ୍କ ଆବାହନ, ଘଟ ସ୍ଥାପନ, ଚକ୍ଷୁଦାନ କରାଯାଇ ସମସ୍ତ ରୀତିନୀତିରେ ପୂଜା କରାଯିବ। ଅଷ୍ଟମୀରେ ମା'ଙ୍କ ପାଖରେ ଖେଚୁଡ଼ି, ଡାଲମା ଓ ଦଶମୀରେ ଦହି ପଖାଳ, ଶାଗଭଜା ଭୋଗ ଲାଗି କରାଯିବ। ସ୍ଥାନୀୟ ଭିଏସ୍‌ଏସ୍ ନଗର ଏବଂ ଇଡ୍‌କୋ କଲୋନୀର ପ୍ରତ୍ୟେକ ଘରେ ଭୋଗ ବଣ୍ଟନ କରାଯିବ। ନବମୀ ଦିନ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ହେବ। କଣ୍ଠଶିଳ୍ପୀ ମାନସୀ ପାତ୍ର, ଅନୁସୂୟା ନାଥ ଏଠାରେ ଭଜନ ପରିବେଷଣ କରିବେ। ସେହିପରି ଭସାଣି ଶୋଭାଯାତ୍ରାରେ ସମ୍ବଲପୁରୀ, ସିଙ୍ଗବାଦ୍ୟ, ଷଣ୍ଢନାଚ, ଶଙ୍ଖ, ମହୁରୀ ଭଳି ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯିବ। ଭିଏସ୍‌ଏସ୍ ନଗରରୁ ମେଢ ବାହାରି ରୂପାଲି ଛକ ଦେଇ ରାଜମହଲ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯିବେ। ପରେ ଅସ୍ଥାୟୀ ପୋଖରୀରେ ମା'ଙ୍କୁ ବିସର୍ଜନ କରି ବିଦାୟ ଦିଆଯିବ।





"ଭିଏସ୍‌ଏସ୍ ନଗର ଓ ଇଡ୍‌କୋ କଲୋନୀଙ୍କ ଦାନରେ ପୂଜା ହୁଏ। ଯିଏ ଦାନ ଦେଉ କି ନ ଦେଉ ପ୍ରତ୍ୟେକ ଘରେ ମା'ଙ୍କ ଭୋଗ ବଣ୍ଟାଯାଏ। ଏଠାରେ ପ୍ରତିଯୋଗିତାମୂଳକ ଭାବେ କିଛି ହୁଏନାହିଁ। ପୂଜା ଉପରେ ବିଶେଷ ଧ୍ୟାନ ଦିଆଯାଏ।

**ଶୀତଳ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ**



"ମା'ଙ୍କ ମୁଖ ଗଙ୍ଗାନଦୀ କୂଳର ମାଟିରେ ତିଆରି ହୋଇଥାଏ, ଯାହାକି ଏଠିକାର ଏକ ନିଆରା ପରମ୍ପରା। ଶୃଙ୍ଖଳିତ ଦର୍ଶନ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ପୂଜା ସହିତ ଲୋକଙ୍କ ମନୋରଞ୍ଜନ ପାଇଁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରାଯାଉଛି।

**ଆର୍ତ୍ତତ୍ରାଣ ଦଳାଇ, ସଭାପତି**



"ଶାନ୍ତିଶୃଙ୍ଖଳାର ସହ ପୂଜା ପାଇଁ ସମିତି ସର୍ବଦା ଯତ୍ନବାନ ଥାଏ। ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ସହିତ ଆବଶ୍ୟକସଂଖ୍ୟକ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଶବ୍ଦ ପ୍ରଦୂଷଣକୁ ଗୁରୁତ୍ୱ ଦେଇ ପାରମ୍ପରିକ ବାଦ୍ୟରେ ମା'ଙ୍କୁ ମେଲାଣି ଦିଆଯିବ।

**ମନୋଜ ସାହୁ, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ**



"ସ୍ୱଳ୍ପ ବଜେଟ୍‌ରେ ମଧ୍ୟ ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କୁ କିଛି ନୂଆ ଭେଟି ଦେବାକୁ ସମିତି ପକ୍ଷରୁ ଚେଷ୍ଟା କରାଯାଉଛି। ଏଥିସହ ଶ୍ରଦ୍ଧାଳୁଙ୍କ ସହାୟତା ଓ ସୁବିଧା ପାଇଁ ଆବଶ୍ୟକସଂଖ୍ୟକ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ।

**ସଞ୍ଜୟ ସ୍ୱାଇଁ, ଯୁଗ୍ମ ସମ୍ପାଦକ**

## ମହାନଦୀ ବନ୍ଧରାସ୍ତା ନବୀକରଣ ପାଇଁ ୪୯.୮୬ କୋଟି ମଞ୍ଜୁର

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାନଦୀ ଡାହାଣ ପାର୍ଶ୍ୱ ବନ୍ଧ ରାସ୍ତାର ନବୀକରଣ ପାଇଁ ରାଜ୍ୟ ପୂର୍ତ୍ତ ବିଭାଗ ୪୯ କୋଟି ୮୬ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଏହି ଅର୍ଥରେ ନଦୀବନ୍ଧ ପ୍ରଶସ୍ତୀକରଣ ସହ ପିଚୁ ରାସ୍ତା କରାଯିବ। ଫଳରେ କଟକ-ପାରାଦୀପ ରାଜ୍ୟ ରାଜପଥ ନଂ.୧୨ ଉପରୁ ଟ୍ରାଫିକ ବୋଝ କମିବ। ଉଲ୍ଲେଖଯୋଗ୍ୟ, ମହାନଦୀ ତଟୋତ୍ସବ ସମୟରେ ଏହି ରାସ୍ତାକୁ ଜଳସେଚନ ବିଭାଗ ଅଧୀନରୁ ପୂର୍ତ୍ତ ବିଭାଗ ଅଧୀନକୁ ନିଆଯିବ ବୋଲି କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଘୋଷଣା କରିଥିଲେ। ଏହି କାର୍ଯ୍ୟ ୧୮ ମାସ ମଧ୍ୟରେ ଶେଷ ହେବ ବୋଲି ପୂର୍ତ୍ତ ବିଭାଗ ପତ୍ରସଂଖ୍ୟା ୪୨୪୭୯/୭।୧୦।୨୦୨୩ରୁ ଜଣାପଡିଛି।



ଷୋଳପୂଜାର ପଞ୍ଚମ ଦିନ: ମା' କଟକ ଚଣ୍ଡୀଙ୍କ ସିଦ୍ଧେଶ୍ୱରୀ ବେଶ। | ଗଡ଼ଚଣ୍ଡୀଙ୍କ କାଳୀ ବେଶ। | ମା' ଝାଞ୍ଜିରୀମଙ୍ଗଳାଙ୍କ ଅନ୍ନପୂର୍ଣ୍ଣା ବେଶ। | ମା' ବାସନ୍ତୀ ଦୁର୍ଗାଙ୍କ ବଗଳାମୁଖୀ ବେଶ। | ପୀଠାପୁରସ୍ଥିତ ଧାକୁଲେଇଙ୍କ ବୈଷ୍ଣବୀ ବେଶ। | ବାଙ୍କୀ: ମା' ଚର୍ଚ୍ଚିକାଙ୍କ ପଞ୍ଚମ ଦିନର ବେଶ। | ନୂଆପାଟଣାସ୍ଥିତ କଳାପାଟ ଠାକୁରାଣୀଙ୍କ ବଗଳାମୁଖୀ ବେଶ।

### ସଂକ୍ଷେପରେ

## ବିଧାୟକଙ୍କୁ ସମସ୍ୟା ଜଣାଇଲେ ୱାର୍ଡବାସୀ

କଟକ,୧୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କଟକ ମହାନଗର ନିଗମ ଅଧୀନ ୨୨ ନମ୍ବର ୱାର୍ଡ ଅଞ୍ଚଳ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ବିଶେଷକରି କେଶରପୁର, ମେରିଆ ବଜାର, ତିନିକୋଣିଆ ବଗିଚା, ବାରପଥର, ମକରାବାଗ ସାହି, ଧୋବି ଲେନ୍ ଅଞ୍ଚଳ ଲୋକମାନେ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଜଣାଇଥିଲେ। ଉକ୍ତ ୱାର୍ଡ ଅଞ୍ଚଳର କଂଗ୍ରେସ କର୍ମୀମାନେ ନିୟମିତ ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ମୌଳିକ ସେବା ଯୋଗାଣରେ ସହଯୋଗ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଧାୟକ ଉନ୍ନୟନ ପାଣ୍ଠିରୁ ହେଉଥିବା କାର୍ଯ୍ୟର ତଦାରଖ କରିବା ସହିତ ଜାଇକା କାର୍ଯ୍ୟ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ କମିଟି ପୂର୍ବତନ ସଭାପତି ଗିରିବାଳା ବେହେରା, ପୂର୍ବତନ କର୍ପୋରେଟର ଅନିତା ନାୟକ, ଭାଗବତ ସ୍ୱାଇଁ, କେ. ରମେଶ, ଅଜିଜ ଅଲ୍ଲୀ, ଆର୍ଯ୍ୟବୀର ଲେଙ୍କା, ଚାରୁଲତା ସାହୁ, ବିକି ଚକ୍ରବର୍ତ୍ତୀ, ସୟଦ ରାମଜନ ଅଲ୍ଲୀ, ସେକ୍ ଆବିଦ ପ୍ରମୁଖ ଯୋଗଦେଇଥିଲେ।

## ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

କଟକ,୧୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ତେଲେଙ୍ଗାପେଣ୍ଠସ୍ଥିତ ଅନନ୍ତ ବଳିଆ କଲେଜ ପରିସରରେ ରାଜ୍ୟସ୍ତରୀୟ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଆୟୁର୍ବେଦ ଗବେଷକ ଡା. ଦୀନବନ୍ଧୁ ମହାରଣା ଯୋଗଦେଇ କହିଥିଲେ, ଡେଙ୍ଗୁ ଜ୍ୱର ହେବା ମାତ୍ରେ ତୁରନ୍ତ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ ନେବା ଦରକାର। ଏଥିରେ ମୁଖ୍ୟବକ୍ତା ପ୍ରାଣୀ ପାଳନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ବୀରକିଶୋର ପରିଡା ଯୋଗଦେଇଥିଲେ। ଶିକ୍ଷାବିତ୍ ନନ୍ଦିତା ନାୟକ, ସ୍ନେହଲତା ମହାନ୍ତି, କଳ୍ପନା ମହାପାତ୍ର, ସାରଙ୍ଗଧର ବିଶ୍ୱାଳ, ପ୍ରଶାନ୍ତ କୁମାର ମହାପାତ୍ର, ଗୋପୀନାଥ ପଣ୍ଡା, ପ୍ରଦୀପ୍ତ ସାହୁ ଓ ଜମେଶ୍ୱର ଦେହୁରୀ ଉପସ୍ଥିତଥିଲେ।

# ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲ ଫାଟକରେ ତାଲା

ମଙ୍ଗୁଳି-ଜଗତପୁର,୧୦।୧୦
(ମାନସ ସାମଲ)

ଶିକ୍ଷକ ବଦଳି ପ୍ରତିବାଦରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅଧୀନ ହରିଅନ୍ତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫାଟକରେ ମଙ୍ଗଳବାର ଅଭିଭାବକମାନେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ରମାନେ ଷାଣ୍ମାସିକ ପରୀକ୍ଷା ଦେବାକୁ ଆସି ବିଦ୍ୟାଳୟ ଫାଟକ ବାହାରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଅଭିଭାବକମାନେ ଅଡି ବସିଥିଲେ। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସରୋଜିନୀ ସାହୁଙ୍କୁ ଅଭିଭାବକ ଯୋଗାଯୋଗ କରିଥିଲେ ମଧ୍ୟ ସେ ଆସି ନ ଥିଲେ। ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ପରୀକ୍ଷା ସରିବା ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖିବାକୁ ଅନୁରୋଧ କରିବା ସହ ବିଇଓଙ୍କୁ ଭେଟି ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ବିଦ୍ୟାଳୟ ଫାଟକ ତାଲା ଖୋଲିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ମୋଟ ୧୬୩ ଜଣ ଛାତ୍ରୀଛାତ୍ର



ଶିକ୍ଷକ ବଦଳି ପ୍ରତିବାଦରେ ଅଭିଭାବକମାନେ ସ୍କୁଲଫାଟକରେ ତାଲା ପକାଇଛନ୍ତି।

### ବିଳମ୍ବରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପଢାଇବା ପାଇଁ ମାତ୍ର ୩ ଜଣ ଶିକ୍ଷୟିତ୍ରୀଶିକ୍ଷକ ଥିଲେ। ଏହାଦ୍ୱାରା ପାଠପଢାରେ ସମସ୍ୟା ହେଉଥିଲା। ଏ ସମ୍ପର୍କରେ ଅଭିଭାବକ ଆଶାଲତା ଦାସ କହିଛନ୍ତି, ଅନେକଥର ଆନ୍ଦୋଳନ ଓ ବିଇଓଙ୍କ ନିକଟରେ ଅଭିଯୋଗ କରିବା ପରେ ବିଦ୍ୟାଳୟରେ ୨ ଜଣ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ୪ ମାସ ନ ପୂରୁଣୁ ଏଠାରୁ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଛି। ଫଳରେ ପାଠପଢାରେ ସମସ୍ୟା ହେଉଛି। ଏ ସମ୍ପର୍କରେ ବିଦ୍ୟାଳୟ କମିଟି ସଭାପତି ଚନ୍ଦ୍ରମଣି ସାହାଣୀ କହିଛନ୍ତି, କମିଟି ପକ୍ଷରୁ ବିଇଓଙ୍କୁ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଅବଗତ କରାଯାଇଥିଲା। ହେଲେ ଏଦିଗରେ ପଦକ୍ଷେପ ନିଆଗଲା ନାହିଁ। ଫଳରେ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇଥିଲେ। ଆଲୋଚନା ପରେ ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ମିନିଟ୍‌ରେ ତାଲା ଖୋଲା ଯାଇଥିଲା। ଏହାପରେ ୧୧ଟା ୩୦ରେ ଷାଣ୍ମାଷିକ ପରୀକ୍ଷା ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ବିଇଓ ସାହୁ କହିଛନ୍ତି, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ସ୍କୁଲଗୁଡିକରେ ଶିକ୍ଷକ ପଦବୀ ଫାଙ୍କା ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଗଲେ ସମସ୍ୟାର ସମାଧାନ ହେବ। ଆଲୋଚନାବେଳେ କଳ୍ପନାମୟୀ କାଣ୍ଡି, ଆଶୁତୋଷ ବରାଳ, ଅର୍ଚ୍ଚନା ଦାସ, ସରସ୍ୱତୀ ସାମଲ, ରଶ୍ମିତା ଗୋଛାୟତ, ଦୀପାଞ୍ଜଳି ଦାସ, ସନ୍ଧ୍ୟାରାଣୀ ମଲ୍ଲିକ, ସଂଯୁକ୍ତା ସାମଲ, ରୀତା ସେଠୀ, ଲକ୍ଷ୍ମୀପ୍ରିୟା କାଣ୍ଡି, ସୁମିତ୍ରା ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ଶ୍ରୀ ଶ୍ରୀ ଷୋଳପୁଅ ମା' ଘଟ ବିସର୍ଜନ ଅବସରରେ କଟକ ଦେୱାନ ବଜାର ତନ୍ତିସାହି ଅଞ୍ଚଳରେ ମହିଳାମାନେ ଘଟ ନେଇ ପୂଜାସ୍ଥଳକୁ ଶୋଭାଯାତ୍ରାରେ ଯାଉଛନ୍ତି।

## ୩ ଦୋକାନ ସିଲ୍ କଲା ସିଏମ୍‌ସି

କଟକ, ୧୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଚଢାଉ କରାଯାଇଛି। ଟ୍ରେଡ୍ ଲାଇସେନ୍ସ ନ ଥିବା ସହ ୟୁଜର୍ସ ଫି' ନ ଦେବା ଅଭିଯୋଗରେ ବକ୍ସିବଜାର ଅଞ୍ଚଳର ୩ଟି ଲୁଗା ଦୋକାନ୍‌କୁ ସିଲ୍ କରାଯାଇଛି। ସହରରେ ଅନେକ ଦୋକାନ ବିନା ଟ୍ରେଡ୍ ଲାଇସେନ୍ସରେ ଚାଲୁଥିଲା। ଏପରି କି ଅନେକ ବ୍ୟବସାୟୀ ୟୁଜର୍ସ ଫି' ନ ଦେଇ ସିଏମ୍‌ସିଠାରୁ ସେବା ଉପଭୋଗ କରୁଥିବା ଅଭିଯୋଗ ହୋଇଥିଲା। ତେଣୁ ସିଏମ୍‌ସି ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା।

## ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ମଙ୍ଗୁଳି-ଜଗତପୁର,୧୦।୧୦(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ହରିଅନ୍ତା ଗ୍ରାମର ପ୍ରଗତି ତରୁଣ ସମାଜ ଓ ଉତ୍କଳମଣି ପାଠାଗାର ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ଜନ୍ମବାର୍ଷିକ ସମାରୋହ ପାଠାଗାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ଅନୁଷ୍ଠାନର ସଭାପତି କୁଳମଣି ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବିଶିଷ୍ଟ ଅତିଥି ଉତ୍କଳ ଗ୍ରାମ୍ୟ ସ୍ୱରାଜ ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଶିକ୍ଷାବିତ୍ ତ୍ରିଦେବ ବେହେରା, ସାମାଜିକ କର୍ମୀ ମନୋଜ ସାମଲ, ଧୀରେନ୍ଦ୍ର ବାରିକ, ଅନ୍ୟତମ ଅତିଥି ଭାବେ ନରେନ୍ଦ୍ର ରାଉତରାୟ, ଆଶୁତୋଷ ବରାଳ, ଆଇନଜୀବୀ ଆଲୋକ ନନ୍ଦ, ପ୍ରବୀର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଗୋପବନ୍ଧୁଙ୍କ ଭଳି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ପ୍ରତ୍ୟେକ ଗ୍ରାମରେ ଉନ୍ମୋଚନ କରାଯାଉ ବୋଲି ପ୍ରଭାସ ଆଚାର୍ଯ୍ୟ କହିଥିଲେ। ସାମାଜିକ କର୍ମୀ ରବୀନ୍ଦ୍ର ବେହେରା ମଞ୍ଚ ପରିଚାଳନା ଓ ଦୀପ୍ତିକର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ଡିଜେ, ମଦମୁକ୍ତ ଭସାଣିକୁ ଗୁରୁତ୍ୱ



ଫୁଲନଖରା,୧୦।୧୦
(ସତ୍ୟରଞ୍ଜନ ଦାସମହାପାତ୍ର)

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇ ପୀଠରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କଟକ ସଦର, ବାରଙ୍ଗ ଓ ୪୨ ମୌଜା ଥାନା ଅଞ୍ଚଳରେ ସୁରୁଖୁରୁରେ ପୂଜା ହେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। କଟକ ସଦର ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ଏଡିସିପି ଅନିଲ ମିଶ୍ର, ସମ୍ମାନିତ ଅତିଥି ଭାବେ ଜୋନ୍-୪ ଏସିପି ଚନ୍ଦନ ଘଡେଇ, ଜାତୀୟ ରାଜପଥ ଟ୍ରାଫିକ ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗ, ବାରଙ୍ଗ ଥାନା ଅଧିକାରୀ ଆକାଶ ରଣା, ଗିରିଶ ଚନ୍ଦ୍ର ମହାରଣା, ସଦର ଥାନା ଅତିରିକ୍ତ ଆଇଆଇସି ରୀନା ମିଶ୍ର, ମହାନଗର ଶାନ୍ତି କମିଟି କର୍ମକର୍ତ୍ତା ଭିକାରି ଚରଣ ଦାସ, ଦେବେନ୍ଦ୍ର ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟିର କର୍ମକର୍ତ୍ତା ପ୍ରଫୁଲ୍ଲ ସାହୁ, ବିଜୟ ସାହୁ, ଗୋପାଳପୁର ବିଦ୍ୟୁତ୍ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଅନିଲ କୁମାର ରାଜ ଯୋଗଦେଇଥିଲେ। ଚଳିତବର୍ଷ ସଦର ଥାନା ଅଞ୍ଚଳରେ ୨୪, ବାରଙ୍ଗ ଥାନା ଅଞ୍ଚଳରେ ୫ ଓ ୪୨ ମୌଜା ଥାନା ଅଞ୍ଚଳର ଦୁଇଟି ମଣ୍ଡପରେ ଦୁର୍ଗାପୂଜା ଅନୁଷ୍ଠିତ ହେବ। ପୂଜା ପାଇଁ ପ୍ରଥମେ କମିଟିର କର୍ମକର୍ତ୍ତାମାନେ ନିକଟସ୍ଥ ଥାନା, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ପଦାଧିକାରୀଙ୍କଠାରୁ ଅନୁମତି ପତ୍ର ଆଣିବେ। ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଯିବା ସହ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ। ଡିଜେମୁକ୍ତ ରୋଶଣି ଓ ମଦ ମୁକ୍ତ ଭସାଣିକୁ ଗୁରୁତ୍ୱ ଦିଆଯାଇଛି। ପାରମ୍ପରିକ ବାଦ୍ୟରେ ସମସ୍ତ ପୂଜା କାର୍ଯ୍ୟ ସାରିବା ପାଇଁ ଉପସ୍ଥିତ ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କୁ ଅତିଥିମାନେ କହିଥିଲେ। ଶାନ୍ତିଶୃଙ୍ଖଳାରେ ପୂଜା କାର୍ଯ୍ୟ ସମ୍ପାଦନ କରିବାକୁ ଥିବା ପୂଜା କମିଟିକୁ କମିଶନରେଟ୍ ପୋଲିସ ପକ୍ଷରୁ ପୁରସ୍କୃତ କରାଯିବ।

## ଲୋକଙ୍କୁ ଜଣାଇଲେ ସରକାରୀ ଯୋଜନା

ଚୌଦ୍ୱାର,୧୦।୧୦(ଆଶୁତୋଷ ଦାସ)

ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଏବଂ ବିଜେଡିର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏହି ପଦଯାତ୍ରାରେ ଆଗ୍ରାହାଟ ପଞ୍ଚାୟତ ପରିକ୍ରମା କରି ଉତ୍ତରେଶ୍ୱର ମନ୍ଦିର ଯାତ୍ରା ପଡିଆଠାରେ ଶେଷ ହୋଇଥିଲା। ଏଥିରେ ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ସରପଞ୍ଚ ସନ୍ଧ୍ୟାରାଣୀ ରାଉତ, ସମିତି ସଭ୍ୟା ରୀତା ରାଉତ, ଶୁଭେନ୍ଦୁ ସାମଲ, ନିମାଇଁ ଚରଣ ବିଶ୍ୱାଳ, ଅର୍ଜୁନ ପଣ୍ଡା, ଲୋକନାଥ ମାଝୀ, ପବିତ୍ର ମୋହନ ପଣ୍ଡା, ଜୟଶ୍ରୀ ପରିଡା, ଅଞ୍ଜନା ବେହେରା, ହେମଲତା ସାହୁ, ନିରୁପମା ବେହେରା, ଧରିତ୍ରୀ ସାହୁ, ବନି ମାଝୀଙ୍କ ସହ ବହୁ କର୍ମୀ ସାମିଲ ହୋଇଥିଲେ।




ବିଜେଡି ପକ୍ଷରୁ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟମାନେ।

# 'ସଚେତନତା ଦ୍ୱାରା ମାନସିକ ରୋଗ ଦୂର ହେବ'

କଟକ,୧୦।୧୦ (କାର୍ତ୍ତିକ ସାହୁ)

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ରାଜ୍ୟ ଓ ଜିଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଏସ୍‌ସିବି ମେଡିକାଲ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ ଓ କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୌମେନ୍ଦ୍ର ରାଜଗୁରୁ ମେଡିକାଲରେ ଚିକିତ୍ସିତ ହେଉଥିବା ମହିଳା, ପୁରୁଷ ଓ ଶିଶୁ ରୋଗୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ଅଧ୍ୟକ୍ଷ ରାଜଗୁରୁ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ସ୍ୱାଇଁ, ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପ ସଚିବ ସ୍ମୃତି ରଞ୍ଜନ ମହାପାତ୍ର, ଜିଲା ଆଇନ ସେବା ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଓ ସହ ସଚିବ ସୃଜନ ସାରସ୍ୱତଙ୍କ ସମେତ ରାଜ୍ୟ ଓ ଜିଲା ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ ଉପସ୍ଥିତ ଥିଲେ।

ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ମଙ୍ଗଳବାର ପାଳିତ



ରାଜ୍ୟ ଓ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏସ୍‌ସିବି ମେଡିକାଲ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ରୋଗୀଙ୍କୁ ମିଠା, ଫଳ ବଣ୍ଟନ କରାଯାଉଛି।

ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଜୟଶ୍ରୀ ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଭାସୀ ଜରିଆରେ ଉଦ୍‌ଘାଟନ କରି କହିଥିଲେ, ମାନସିକ ସ୍ୱାସ୍ଥ୍ୟ ସଂପର୍କୀୟ ସଚେତନତା ସୃଷ୍ଟି କରିବାରେ ନର୍ସିଂ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ମୁଖ୍ୟ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ସମ୍ମାନିତ ଅତିଥି ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା ମାନସିକ ସ୍ୱାସ୍ଥ୍ୟ ଦିବସର ଅନୁଚିନ୍ତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଏସ୍‌ସିବି ମେଡିକାଲ ମାନସିକ ରୋଗ ବିଭାଗର ସହକାରୀ ପ୍ରାଧ୍ୟାପକ ଡା. ମିହିର ରଞ୍ଜନ ନାୟକ କହିଥିଲେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଶ୍ୱ ମାନସିକ ସଂଘର ଆହ୍ୱାନକ୍ରମେ ପ୍ରତିବର୍ଷ ଏହି ଦିନରେ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହେଉଛି। ଚଳିତ ବର୍ଷର ପ୍ରସଙ୍ଗ 'ମାନସିକ ସ୍ୱାସ୍ଥ୍ୟ ହିଁ ବିଶ୍ୱ ମାନବାଧିକାର' ସଂପର୍କରେ ଆଲୋଚନା କରି ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଦ୍ୱାରା ହିଁ ମାନସିକ ରୋଗକୁ ଦୂରେଇ ଦେଇହେବ। ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କ ଅପେକ୍ଷା ନର୍ସମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ମାନସିକ ରୋଗ ବିଶେଷଜ୍ଞ ଡା. ସ୍ୱାମ୍‌ଭେଲ ସେଥୁରମଣ ଆଭାସୀ ଜରିଆରେ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟକ୍ଷ ଡ. ଗୋପୀ ଡି. ପ୍ରାରମ୍ଭିକ ସୂଚନା ଓ ମାନସିକ ସ୍ୱାସ୍ଥ୍ୟ ନର୍ସିଂ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସତୀଶ ରାଜମଣି ସ୍ୱାଗତ ଭାଷଣ ଦେଇଥିଲେ। ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ମାନସିକ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଆୟୋଜିତ ସ୍ଲୋଗାନ, ପୋଷ୍ଟର, କୁଇଜ୍ ଓ ଦଳଗତ ଆଲୋଚନାରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ସୃଜନୀ ମୁଖାର୍ଜୀ ଓ ଛାତ୍ର ଖ୍ରୀଷ୍ଟଫର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପି. ଦଳାଇ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ସ୍କନ୍ଦମାତା ବେଶରେ ଦର୍ଶନ ଦେଲେ ବନଦୁର୍ଗା



ନିରାକାରପୁର,୧୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡଶ ଦିନାତ୍ମକ ଦୁର୍ଗାପୂଜାର ପଞ୍ଚମ ଦିବସରେ ବନଦୁର୍ଗା ସ୍କନ୍ଦମାତା ବେଶରେ ଦର୍ଶନ ଦେଇଛନ୍ତି। ମଙ୍ଗଳବାର ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ.କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ତପନ ମହାନ୍ତି, ରମେଶ ପ୍ରଧାନ, ହର୍ଷ ପ୍ରଧାନ, ବିଷ୍ଣୁପ୍ରିୟା ପଟ୍ଟଯୋଷୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ମା'ଙ୍କର ଏହି ଦିବ୍ୟ ବେଶ ଦର୍ଶନ କରିଥିଲେ।

## ଲୁହାରଡ୍ ଚୋରି ଅଭିଯୋଗରେ ୨ ଗିରଫ

ଯାଁଳା,୧୦।୧୦(ବୁଲା ବାରିକ)

ଲୁହାରଡ ଚୋରି କରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ହରପୁର ଗ୍ରାମର ସଞ୍ଜୟ ସିଂ ଓ କିଶୋର ସିଂ। ଏମାନଙ୍କ ନିକଟରୁ ଚୋରି ହୋଇଥିବା ଲୁହାରଡ୍ ଜବତ କରାଯାଇଛି।

ସୂଚନା ମୁତାବକ, ଅରିଶଲ ଇନଫୋଭ୍ୟାଲି ଠାରୁ ନିର୍ମାଣଧିନ ରିଜର୍ଭ ବ୍ୟାଙ୍କ ପର୍ଯ୍ୟନ୍ତ ଡ୍ରେନ କାର୍ଯ୍ୟ ଚାଲୁଛି। ଉକ୍ତ ଡ୍ରେନ କାର୍ଯ୍ୟ ପାଇଁ ରଡ ବନ୍ଧା ଯାଇଥିଲା। ଗତ ୨୫ ତାରିଖରେ ଦୁର୍ବୃତ୍ତମାନେ ଦୁଇ କୁଇଣ୍ଟାଲ ରଡ୍ କାଟି ନେଇଯାଇଥିଲେ। ଏନେଇ ଠିକା ସଂସ୍ଥାର ସୁପରଭାଇଜର ପ୍ରତାପ କୁମାର ଦାସଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ତୁଷାରଙ୍କୁ ପୋଲିସ ଗିରଫ କରିଥିବା ବେଳେ ମଙ୍ଗଳବାର ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ମଦ ସହ ସ୍କୁଟି ଜବତ, ଅଭିଯୁକ୍ତ ଗିରଫ

ବେଗୁନିଆ,୧୦।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ରଣପୁର ଥାନା ସୁରୁକାବାଡି ଗ୍ରାମର ଚନ୍ଦନ ମଣ୍ଡଳ। ତାଙ୍କ ନିକଟରୁ ୪୫ ଲିଟର ଦେଶୀ ରନ୍ଧା ମଦ ଓ ସ୍କୁଟି ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୩/୨୩) ରୁଜୁ ହୋଇଛି। ଏହି ଚଢ଼ାଉରେ ଆଇଆଇସି ଆଲୋକ ପ୍ରଧାନ, ଏଏସ୍‌ଆଇ ରାଜେନ୍ଦ୍ର ଖେସ, ରତ୍ନାକର ଜାଲି, ପ୍ରଣବ ବେହେରା ଓ ସପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।

## ଦନ୍ତ ଚିକିତ୍ସା ଶିବିର

ଜଟଣୀ,୧୦।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀର ଜନକଲ୍ୟାଣ ସେବା ଟ୍ରଷ୍ଟ ଅଧ୍ୟକ୍ଷ ନବୀନ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଶ୍ରୀବତ୍ସ ପାଠାଗାର ପରିସରରେ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଅକ୍ଷୟ ଦାସ, ଯୁବନେତା ସୁନୀଲ ରାଉତରାୟ, ଲିଟୁ ରଞ୍ଜନ ରାଉତରାୟ ଓ ଡ. ଅଙ୍କିତ୍ ମହାପାତ୍ର ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ୫୦ଜଣଙ୍କ ଦନ୍ତ ପରୀକ୍ଷା ହାଇଟେକ ମେଡିକାଲର ଡାକ୍ତରଙ୍କ ଦ୍ୱାରା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଙ୍ଗଠନ ସମ୍ପାଦକ ନୀଲୁ ପଟ୍ଟନାୟକ ଓ ବରିଷ୍ଠ ସଦସ୍ୟ ହରପ୍ରସାଦ ମିଶ୍ର ପରିଚାଳନା କରିଥିଲେ। ଉପସଭାପତି ଏମ୍.ଡି.କରିମ, ସଂଯୋଜକ ବିଭୁ ମହାନ୍ତି, ସ୍ମିତ ପ୍ରକାଶ ମହାନ୍ତି, ରୁଦ୍ରନାରାୟଣ ସାହୁ, ବିଶ୍ୱରଞ୍ଜନ ସାହୁ, ବେଣୁଧର ବରାଳ, ନୀଳାମ୍ବର ମିଶ୍ର, ମାନସ କୁମାର ରଥ ସହଯୋଗ କରିଥିଲେ। ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରେ ସୁରଭି

ଖୋର୍ଦ୍ଧା,୧୦।୧୦(ପ୍ରଭାତ ପାଣିଗ୍ରାହୀ)




ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଖୋର୍ଦ୍ଧା ବ୍ଲକ ବାଜପୁର କ୍ଲଷ୍ଟରର ଆନୁକୂଲ୍ୟରେ ଶିଶୁ ମହୋତ୍ସବ ସୁରଭି-୨୦୨୩ ସରକାରୀ ଉଚ୍ଚ ବିଦ୍ୟାଳୟ ବାଜପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହ ଓ କେଦାର ପୃଷ୍ଟି, ସିଆର୍‌ସିସି ଯୁଧିଷ୍ଠିର ସାହୁ ଅତିଥିଭାବେ ଯୋଗଦେଇ ପିଲାଙ୍କ ସୃଜନଶୀଳ ଶକ୍ତିର ବିକାଶ ଉପରେ ଆଲୋକପାତ କରିଥିଲେ। ୧୫ଟି ବିଭାଗରେ ବାଜପୁର କ୍ଲଷ୍ଟରର ୧୨ଟି ବିଦ୍ୟାଳୟରୁ ୧୨୪ ଛାତ୍ରୀଛାତ୍ର ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଖୋର୍ଦ୍ଧା ବ୍ଲକ ମୁକ୍ତାପୁର କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି ଟାଙ୍ଗିଆପଡ଼ା ସେବାଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୯ ବିଦ୍ୟାଳୟର ୭୭ ଛାତ୍ରୀଛାତ୍ର ୧୫ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଆର୍‌ସିସି ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁରେନ୍ଦ୍ର କୁମାର ମଙ୍ଗରାଜ, ରବୀନ୍ଦ୍ରନାଥ ଶତପଥୀ ଓ ଭକ୍ତବତ୍ସଳ ଜେନା ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପ୍ରଧାନ ସଭାପତିତ୍ୱ କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଫରେଷ୍ଟ କଲୋନୀ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପିଲାମାନେ ଦେଶର ଭବିଷ୍ୟତ। କଠିନ ପରିଶ୍ରମ କଲେ ଜୀବନରେ ନିଶ୍ଚିତ ସୁଫଳ ମିଳିବ। ତେଣୁ ସମୟକୁ ଅଯଥା ନଷ୍ଟ ନ କରି ଯେଉଁଥିରେ ରୁଚି ଅଧିକ ଅଛି ସେହି ବିଭାଗରେ ଉନ୍ନତି କଲେ ଦେଶର ସୁନାମ ସହିତ ନିଜେ ଜଣେ ସୁନାଗରିକ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା। ସାମନ୍ତାପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ହରିଚନ୍ଦନ ଓ କ୍ଲଷ୍ଟର ସଂଯୋଜକ ରବିନାରାୟଣ ପଣ୍ଡା, ଶିକ୍ଷକ ବିଭୂତି ଭୂଷଣ ମାର୍ଥା, ଅନୁପମ ମହାନ୍ତି ପରିଚାଳନା କରିଥିଲେ। ସେହିପରି ହଳଦିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗରେ ୧୧୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୨୨ଜଣ ବ୍ଲକସ୍ତରକୁ ଉନ୍ନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅଶୋକ ଦାଶ, ଶିକ୍ଷୟିତ୍ରୀ ବିନତି ମିଶ୍ର, ଶିକ୍ଷାବିତ୍ ରବୀନ୍ଦ୍ରନାଥ ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ପୁରସ୍କୃତ କରିଥିଲେ। ସିଆର୍‌ସିସି ବିକାଶ କୁମାର ମୁଦୁଲି, ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

## କବିତା ଆସର ପ୍ରସ୍ତୁତି ବୈଠକ

ବେଗୁନିଆ,୧୦।୧୦(ହର ପ୍ରସନ୍ନ ପଣ୍ଡା)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମା' ଜଗଜ୍ଜନନୀଙ୍କ ପୂଜା ଅବସରରେ ଚଳଚଞ୍ଚଳ ହେବ ବେଗୁନିଆ ବ୍ଲକ ବାଘମାରୀ ବଜାର। ଏଥିପାଇଁ ମା' ଦୁର୍ଗା ବଣିକ ସଂଘ ପକ୍ଷରୁ ପ୍ରସ୍ତୁତି ଯୋରଦାର ଚାଲିଛି। ଏନେଇ ପୂଜା ମଣ୍ଡପରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣିକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ 'କୃଷ୍ଣଚୂଡା' ସାହିତ୍ୟ ସଂସଦର ସଭାପତି ନଳିନୀକାନ୍ତ ପଣ୍ଡା, ଉପଦେଷ୍ଟା ବୀରକିଶୋର ପଣ୍ଡା, ସଂଘ ସମ୍ପାଦକ ଆର୍ତ୍ତବନ୍ଧୁ ସେଠୀ, ଚିତ୍ତରଞ୍ଜନ ବିଶ୍ୱାଳ, ପ୍ରହ୍ଲାଦ ବେହେରା, ପ୍ରଭାକର ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ମା'ଙ୍କ ଷଷ୍ଠୀ ଠାରୁ ବିଜୟା ଦଶମୀ ଦିବସ ପର୍ଯ୍ୟନ୍ତ ଦୈନିକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଆସନ୍ତା ୨୦ତାରିଖରେ 'କୃଷ୍ଣଚୂଡା' ସାହିତ୍ୟ ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବିତା ଆସର ଆୟୋଜିତ ହେବ ବୋଲି ପ୍ରତିଷ୍ଠାତା ସମ୍ପାଦକ ଗୋପୀନାଥ ସେଠୀ କହିଛନ୍ତି। ଏଥିରେ ଖ୍ୟାତନାମା ସାରସ୍ୱତ ସାଧକମାନେ ଯୋଗ ଦେବେ। ପ୍ରସନ୍ନ କହଲସିଂହ ଧନ୍ୟବାଦ ଦେଇଥିଲେ।




**ଜଟଣୀ:** ସୋଚ୍ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ନିଶା ନିବାରଣ ଓ ବ୍ୟବହାରିକ ପରିବର୍ତ୍ତନ ଶିବିରରେ ଉପସ୍ଥିତ ଅତିଥିଙ୍କ ଗହଣରେ ପିଲାମାନେ।

## ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ନିରାକାରପୁର,୧୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଲଳିତା ପାଟପୁର କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ମହାପାତ୍ର, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ସିଆରସିସି ପଞ୍ଚାନନ ଭୁଜବଳ, ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରା, ସ୍କୁଲ ପରିଚାଳନା କମିଟିର ସଭାପତି ବିଜୟ କୁମାର ଦାଶ, ରେଙ୍ଗଟା ସ୍କୁଲର ପ୍ରଧାନଶିକ୍ଷକ ଅମର କୁମାର ଜୟସିଂ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଖବରଦାତା ରାମ ନାରାୟଣ ଦାଶ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ଶିକ୍ଷକ ଅମ୍ଳାନ ପ୍ରହରାଜ, ନାଏବ ସରପଞ୍ଚ ପୁଷ୍ପ ଲତା ଦାଶ, ୱାର୍ଡ ସଭ୍ୟା ଉଷାରାଣୀ ତ୍ରିପାଠୀ, ଶରତ ଚନ୍ଦ୍ର ସାହୁ, ରେଣୁ ଦେବୀ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ନିଶା ନିବାରଣ, ବ୍ୟବହାର ପରିବର୍ତ୍ତନ ଶିବିର ଉଦ୍‌ଯାପିତ

ଜଟଣୀ,୧୦।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ଗୋପୀନାଥପୁର ଠାରେ ଥିବା ସୋସାଇଟି ଫର୍ ଚିଲ୍‌ଡ୍ରେନ 'ସୋଚ' ଅନୁଷ୍ଠାନ ପକ୍ଷରୁ ଏକ ମାସ ଧରି ଚାଲିଥିବା ନିଶା ନିବାରଣ ଓ ବ୍ୟବହାରିକ ପରିବର୍ତ୍ତନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୨୦ ଶିଶୁ ଯୋଗଦେଇଥିଲେ। ପିଲାମାନଙ୍କୁ ନିଶାଠାରୁ କିଭଳି ଦୂରେଇ ରହିବା ଏବଂ ଶରୀର ଓ ପରିବେଶ ପ୍ରତି କେତେ କ୍ଷତିକାରକ ସାଜୁଛି ଏ ସମ୍ପର୍କରେ ନୈତିକ ଶିକ୍ଷା ଦିଆଯାଇଥିଲା। ଉଦ୍‌ଯାପନ କାର୍ଯ୍ୟକ୍ରମରେ ବିଶେଷ ଅତିଥିଭାବେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି , ଲାୟନ ମେମ୍ବର ହେମନ୍ତ କୁମାର ଖୁଣ୍ଟିଆ, ସୋଚ ଗଭର୍ନିଙ୍ଗ ବୋର୍ଡର ଅଧ୍ୟକ୍ଷ ନିର୍ମଳ କୁମାର ବେହେରା, ଫାଉଣ୍ଡର, ଡାଇରେକ୍ଟର ସୋଚ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସଫଳତା ହାସଲ ନିମନ୍ତେ ପିଲା ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ କର୍ମଚାରୀ ରୋଜାଲିନ୍ ବେହେରା ସ୍ୱାଗତ ଭାଷଣ, ପ୍ରୋଗ୍ରାମ ଅନୁଚାଳିତର ତତ୍ତ୍ୱାବଧାରକ ରଞ୍ଜନ କୁମାର ଧଳ ସଭାର ମୁଖ୍ୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିବିରର ମୁଖ୍ୟ କାର୍ଯ୍ୟକର୍ତ୍ତା ସୌମ୍ୟଜିତ୍ ଦାସ, ମନସ୍ୱିନୀ ସ୍ୱାଇଁ, ରୋଜାଲିନ ବେହେରା, ଆକାଂକ୍ଷା ପ୍ରିୟଦର୍ଶିନୀ, ମୌସୁମୀ ରାଉତ, ଅନିତା ମଙ୍ଗରାଜ, ରିଲୁ ପରିଡ଼ା, ସୁକାନ୍ତ ପରିଡ଼ା, ଟୁନି ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସୋଚ'ର ଜେନେରାଲ ମ୍ୟାନେଜର ଶ୍ରୀଲେଖା ଚୌହାନ ଧନ୍ୟବାଦ ଦେଇଥିଲେ।

## ବଜରଙ୍ଗବାଲୀଙ୍କ ବାର୍ଷିକ ମହୋତ୍ସବ

ଜଟଣୀ,୧୦।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀସ୍ଥିତ ହନୁମାନ ବାଟିକାଠାରେ ବଜରଙ୍ଗବାଲୀଙ୍କ ୧୬ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତଙ୍କ ମନ୍ତ୍ରଧ୍ୱନି, ଜୟ ଶ୍ରୀରାମ, ଜୟ ବଜରଙ୍ଗବଳୀ ଉଚ୍ଚାରଣରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ସୁନ୍ଦରାକାଣ୍ଡ ପରାୟଣ, ଗାୟତ୍ରୀ ଯଜ୍ଞ ଓ ନାମସଂକୀର୍ତ୍ତନ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉକ୍ତ ଉତ୍ସବରେ ଯୋଗଦେଇଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୦।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କାରାଗାରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ପୁରୁଷ ଓ ମହିଳା ଅନ୍ତେବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜେଲରେ ଥିବା ଅନ୍ତେବାସୀଙ୍କ ମାନସିକ ସୁସ୍ଥତା ପ୍ରଶାସନର ଏକ ପ୍ରମୁଖ ଦାୟିତ୍ୱ। ଜେଲରେ କାର୍ଯ୍ୟରତ କ୍ଲିନିକାଲ ସାଇକୋଲୋଜିଷ୍ଟ ସୁଶ୍ରୀ ଶୈଳଜା ଦାସ ଓ ସାଇକାଟ୍ରିକ୍ ସୋସିଆଲ ୱାର୍କର ସୁଶ୍ରୀ ସ୍ମିତା ପ୍ରଧାନ ଅନ୍ତେବାସୀଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଇଥିଲେ। ଡା. ସୁଶ୍ରୀ ଶ୍ୱେତାଲିନା ଜଣେ ବ୍ୟକ୍ତି ରୋଗ ମୁକ୍ତ ରହିବା ପାଇଁ କିପରି ମାନସିକ ସ୍ୱାସ୍ଥ୍ୟ ଗୁରୁତ୍ୱ ବହନ କରେ ତାହା ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ଅଧୀକ୍ଷକ କୃଷ୍ଣ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ଉପ-କାରପାଳ ବିଜୟ କୁମାର ସାମନ୍ତରାୟ, ଫାର୍ମାସିଷ୍ଟ ଶୈଳେଶ କୁମାର ଷଡ଼ଙ୍ଗୀ, ଜିଲା କାରମଙ୍ଗଳ ଅଧିକାରୀ ସୁଧାଙ୍ଗନା ନାୟକ ଉପସ୍ଥିତ ଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପୁରୁଣା ନଳକୂପ ପାଇପ୍ ବିକ୍ରି ନେଇ ଉତ୍ତେଜନା

ବୋଲଗଡ଼,୧୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟରେ ଗଚ୍ଛିତ ଥିବା ପୁରୁଣା ନଳକୂପ ପାଇପ୍ ବିକ୍ରିକୁ ନେଇ ମଙ୍ଗଳବାର କେତେଜଣ ବିଜେଡି ଓ କଂଗ୍ରେସ କର୍ମୀ ବିରୋଧ କରିବା ସହ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯେ, ବୋଲଗଡ ବ୍ଲକ ଅଞ୍ଚଳରେ ବସୁଧା ଯୋଜନାରେ ସବୁ ଗାଁକୁ ସ୍ୱଚ୍ଛ ପାନୀୟଜଳ ପାଇପ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଏଥିଯୋଗୁ ଶହଶହ ନଳକୂପ ବ୍ୟବହାର ନ ହୋଇ ଅଚଳ ହୋଇପଡ଼ିଛି। ସେହି ନଳକୂପଗୁଡିକରୁ ବାହାରିଥିବା ପୁରୁଣା ପାଇପ, ହାଣ୍ଡେଲ, ଷ୍ଟାଣ୍ଡ ପୋଷ୍ଟ ବ୍ଲକ କାର୍ଯ୍ୟାଳୟ ପରିସରରେ ୩ଟି ଗୋଦାମ ଘରେ ୩ ବର୍ଷହେବ ଗଚ୍ଛିତ ରହିଥିଲା। ଏହାକୁ ନିଲାମ ପାଇଁ ବ୍ଲକ ପକ୍ଷରୁ ଖବରକାଗଜରେ ବିଜ୍ଞାପନ ନ ଦିଆଯାଇ ବ୍ଲକ ନୋଟିସ ବୋର୍ଡରେ ଗତ ଜୁଲାଇ ୧୫ରେ ମରାଯାଇଥିଲା। ନୟାଗଡ ଜିଲା ରଣପୁର ଅଞ୍ଚଳର ଏକ ଏଣ୍ଟରପାଇଜର୍ସକୁ ସର୍ବାଧିକ କୁଇଣ୍ଟାଲ ପିଛା ୧୭୪୦ ଟଙ୍କା ଦରରେ ବିକ୍ରି କରାଯାଉଥିଲା। କିନ୍ତୁ ଏହି ନିଲାମରେ ଆନ୍ୟ ତିନିଜଣ ନିଲାମଧାରୀଙ୍କ ଠିକଣା କେବଳ କାଗଜପତ୍ରରେ ଦର୍ଶାଯାଇଛି ବୋଲି ସାଧାରଣରେ କୁହାଯାଉଛି। ବଜାର ମୂଲ୍ୟ ପୁରୁଣା ଲୁହା କୁଇଣ୍ଟାଲ ୩ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ରହିଛି। ଏହି ନିଲାମଧାରୀ ସଂସ୍ଥା ୧୨ ଟନ ୮୨ କିଲୋ ପ୍ରାୟ ଲୁହା ନେବା ପାଇଁ ୨ଲକ୍ଷ ୧୦ହଜାର ୨ ଶହ ୨୨ଟଙ୍କା ଡିଡି ମାଧ୍ୟମରେ ବ୍ଲକରେ ଜମା କରିଛନ୍ତି। ଗୋଟିଏ ପୁରୁଣା ପାଇପର ଓଜନ ୭ କିଲୋରୁ ଉର୍ଦ୍ଧ୍ୱ ଥିବା ବେଳେ ପାଇପ ପିଛା ୪ କିଲୋ ୫୦୦ ଗ୍ରାମ ହିସାବରେ ନିଲାମଧାରୀଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିକ୍ରି କରାଯାଇଛି। ମଙ୍ଗଳବାର ବ୍ଲକ ପରିସରରେ ଏକ ଟ୍ରକରେ ଉକ୍ତ ସାମଗ୍ରୀ ଲୋଡ୍ ହେଉଥିବା ବେଳେ ସ୍ଥାନୀୟ ବିଜେଡି ନେତା ଦିଲ୍ଲୀପ କୁମାର ଦତ୍ତ, କଂଗ୍ରେସ ନେତା ପ୍ରଭାତ କୁମାର ପରିଡ଼ା, ଗଙ୍ଗାଧର ଦାସଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଖବରପାଇ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ୧୦ଟନ ୮ କୁଇଣ୍ଟାଲ ସାମଗ୍ରୀ ନେଇ ଟ୍ରକ୍ ଚାଳକ ପଳାଇଥିଲେ। ଏନେଇ ବିଡିଓ କହିଛନ୍ତି, ନିୟମ ଅନୁଯାୟୀ ନିଲାମ ପ୍ରକ୍ରିୟା ହୋଇଛି। ଏଥିରେ କୌଣସି ଦୁର୍ନୀତି ହୋଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# ରାଜକିଶୋର ପରମଗୁରୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

ଖୋର୍ଦ୍ଧା,୧୦।୧୦(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱର ବୈଜ୍ଞାନିକମାନଙ୍କୁ ୨୨ଟି ବିଜ୍ଞାନ କ୍ଷେତ୍ର ଏବଂ ୧୭୪ଟି ଉପ ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ ମାନଦଣ୍ଡ ଶ୍ରେଣୀ ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ବିଶ୍ୱର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୧ଲକ୍ଷ ବୈଜ୍ଞାନିକଙ୍କ ମଧ୍ୟରେ ଖୋର୍ଦ୍ଧା ମାଟିର ଡ. ରାଜକିଶୋର ପରମଗୁରୁ ଶ୍ରେଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିର ଜଣେ ପ୍ରଖ୍ୟାତ ବୈଜ୍ଞାନିକ ଭାବେ ପରମଗୁରୁ ନିଜର ପ୍ରତିଭା ପ୍ରଦର୍ଶିତ କରିଛନ୍ତି। ସେ ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପୂର୍ବତନ ଛାତ୍ରଭାବେ ବିଦ୍ୟାଳୟ ନାମକୁ ଗୌରବାନ୍ୱିତ କରିଛନ୍ତି। ଆମେରିକାର ଏକ ଗବେଷଣାକାରୀ ସଂସ୍ଥା ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଙ୍କ ତାଲିକାରେ ତାଙ୍କ ନାମ ଅନ୍ତର୍ଭୁକ୍ତ କରିଥିବାରୁ ନିଜ ଜନ୍ମମାଟି ଖୋର୍ଦ୍ଧାରେ ଆନନ୍ଦର ଲହରି ଖେଳିଯାଇଛି। ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏଥିସହିତ ବିଜେବି ହାଇସ୍କୁଲର ଆଲୁମ୍ନି ସଂଘର ମୁଖ୍ୟ ଉପଦେଷ୍ଟା କର୍ଣ୍ଣେଲ ଜ୍ୟୋତି ନାରାୟଣ ବର୍ମା, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମ୍‌ଦାର, ପୂର୍ବତନ କମାଣ୍ଡା ଅରବିନ୍ଦ ମିତ୍ର, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପ୍ରାଧ୍ୟାପକ ଗୋପାଳ ଦାସ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ପୂର୍ବତନ ଅଧ୍ୟକ୍ଷ ନରସିଂହ ପ୍ରସାଦ ପଟ୍ଟନାୟକ, ସରୋଜ ସୁନ୍ଦର ପଟ୍ଟନାୟକ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ଲକ୍ଷ୍ମୀନାରାୟଣ ଭଞ୍ଜ, ସତ୍ୟବ୍ରତ ଦାସ, ରମେଶ ଚନ୍ଦ୍ର ଖଟେଇ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ଦିଲୀପ ପଟ୍ଟନାୟକ, ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ସହକାରୀ ଶିକ୍ଷକ ନବକିଶୋର ମିଶ୍ର, ବିଭୁ ସେନାପତି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଯାଁଳା, ତମାଣ୍ଡୋ ବିଜୟୀ

ଖୋର୍ଦ୍ଧା,୧୦।୧୦(ପ୍ରଭାତ ପାଣିଗ୍ରାହୀ)







ଅତିଥିଙ୍କ ଠାରୁ ଦୁଇ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଗୁରୁଜଙ୍ଗ କ୍ରିକେଟ ଆସୋସିଏନଶନ (ଜିସିଏ) ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଚାଲିଥିବା ଗୁରୁଜଙ୍ଗ କପ୍-୨୦୨୩ର ଚତୁର୍ଥ ଦିବସ(ମଙ୍ଗଳବାର)ରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଯାଁଳା ଓ ପଳାସପୁର ଟିମ୍ ମଧ୍ୟରେ ହୋଇଥିଲା। ଯାଁଳା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୦୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମଳୟ ସ୍ୱାଇଁ ୪୪ରନ ଓ ସନ୍ତୋଷ ସ୍ୱାଇଁ ୨୪ରନ ସଂଗ୍ରହ କରିଥିଲେ। ଜବାବରେ ପଳାସପୁର ଟିମ୍ ୧୦ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବସନ୍ତ ସାହୁ ୨୪ରନ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କୁମାରବସ୍ତ ଓ ତମାଣ୍ଡୋ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମ୍ଳାନ ରାଉତରାୟ ୬୦ ରନ ସଂଗ୍ରହ କରିଥିଲେ। ଜବାବରେ ତମାଣ୍ଡୋ ଟିମ୍ ୧୧ ଓଭରରେ ୧୫୦ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରୀତମ ଜେନା ୭୮ରନ ସଂଗ୍ରହ କରିଥିଲେ। ସାମାଜିକ କର୍ମୀ ବ୍ରିଜେଶ ପ୍ରଧାନ, କାଜଲ ବଳିୟାରସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ଯାଁଳା ଟିମର ସନ୍ତୋଷ ସ୍ୱାଇଁ ଓ ତମାଣ୍ଡୋ ଟିମର ପ୍ରୀତମ ଜେନାଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ କରିଥିଲେ। ଆୟୋଜକ ଟିମ୍‌ର କର୍ମକର୍ତ୍ତାଙ୍କ ସମେତ ଯୁବନେତା ଅବ୍ୟକ୍ତ ହରିହର ଖାଡଙ୍ଗା, ସାନୁଜ ବିଶ୍ୱାଳ, ଅସିତ୍ ପରିଡା, ସନ୍ଦୀପ ମହାନ୍ତି, ଅନିଲ ପାଇକରାୟ, ସନ୍ତୋଷ ପ୍ରଧାନ, ପ୍ରିୟବ୍ରତ ସାମନ୍ତରାୟ, ସ୍ୱୟଂଜିତ ପଟ୍ଟନାୟକ, ତ୍ରିନାଥ ପରିଡା, ରମେଶ ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ସୁଆଙ୍ଗ ଓ ପାନବରଜ, ଗୁରୁଜଙ୍ଗ ଓ ମେଣ୍ଢାଶାଳ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟିମ୍ ପକ୍ଷରୁ ସୁଜିତ୍ ପରିଡା ସୂଚନା ଦେଇଛନ୍ତି।




୧୦।୧୦।୨୦୨୩

| | |
|---|---|
| ୩,୬୮,୩୭୫ ଟଙ୍କା | |
| ସୁନା | ୭.୫୬୦ ଗ୍ରାମ୍ |
| ରୁପା | ୨୫୩.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଆତଙ୍କ ସୃଷ୍ଟିକାରୀ ଯୁବକ ଗିରଫ

ପୁରୀ, ୧୦।୧୦ (ଅଜିତ୍ ମହାନ୍ତି): ଦାଦବାଟି ମାଗିବା ଓ ମାରଣାସ୍ତ୍ର ଧରି ଆତଙ୍କ ଖେଳାଇବା ଅଭିଯୋଗରେ କୁମ୍ଭାରପଡା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ଖାକିମଠ ନୂଆସାହିର ନେତ୍ରାନନ୍ଦ ସାମନ୍ତରାୟ ଓରଫ ଚନ୍ଦନ(୨୯)। ପୋଲିସ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଖଣ୍ଡା ଜବତ କରିଛି। ଏନେଇ କେସ ନଂ ୨୫୩/୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସର ସୂଚନା ଅନୁଯାୟୀ



ଗତ ୮ ତାରିଖ ରାତି ୮ଟା ସମୟରେ ବାଲିକୁଦ ବସ୍ତିର ସଂଯୁକ୍ତା ସାହୁ (୩୫)ଙ୍କୁ ଅଭିଯୁକ୍ତ ଏବଂ ତାର ଜଣେ ସହଯୋଗୀ ଲିପା ଦାଶ ଆସି ବଟି ମାଗିଥିଲେ। ଏଥିରେ ଅଭିଯୋଗକାରୀଣୀ ଅମଙ୍ଗ ହେବାରୁ ଅଶାଳୀନ ଭାଷା ପ୍ରୟୋଗ କରିବା ସହ ଖଣ୍ଡା ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଏନେଇ ସଂଯୁକ୍ତା କୁମ୍ଭାରପଡା ଥାନାରେ ଅଭିଯୋଗ କରିଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

କୋଣାର୍କ, ୧୦।୧୦(ଜ୍ୟୋତିରାଜ ମହାନ୍ତି): କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ଶୋଭନୀୟ ଗଳିରେ ସର୍ପଦଂଶନରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଖବରରୁ ଜଣାଯାଏ, ମଙ୍ଗଳବାର ସକାଳୁ ସମରଜିତ ସେନ୍‌ଙ୍କ ସ୍ତ୍ରୀ ସୋରୂପା ସେନ୍ (୫୦) ନିଜ ବାଡିରୁ ଫୁଲ ତୋଳୁଥିବା ସମୟରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ପରିବାର ଲୋକ ଏକଥା ଜାଣିବା ପରେ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ସୋରୂପାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୋଣାର୍କ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ କେସ ନଂ ୧୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

# ଟର୍ଚ୍ଚ ଲାଇଟ୍‌ରେ ଚାଲିଛି ସାପ୍ତାହିକ ହାଟ

ଅସ୍ତରଙ୍ଗ, ୯।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ):

ସମସ୍ୟାଘେରରେ ପୁରୀ ଜିଲା ଅସ୍ତରଙ୍ଗ ସାପ୍ତାହିକ ହାଟ। ସନ୍ଧ୍ୟା ହେଲେ ସାପ୍ତାହିକ ହାଟରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ବ୍ୟବସାୟୀମାନେ ମୋବାଇଲ୍ ଲାଇଟ୍ ଓ ଟର୍ଚ୍ଚ ଲାଇଟ୍ ସହାୟତାରେ ବ୍ୟବସାୟ କରୁଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତ ସମେତ ବିଭିନ୍ନ ବ୍ଲକର ଲୋକମାନେ ଅସ୍ତରଙ୍ଗ ସାପ୍ତାହିକ ହାଟ ଉପରେ ନିର୍ଭର କରନ୍ତି। କିନ୍ତୁ ବ୍ୟବସାୟୀଙ୍କ ପାଇଁ ଉପଯୁକ୍ତ ଅନୁଷଙ୍ଗିକ ସୁ-ବନ୍ଦୋବସ୍ତ ନ ହେବାରୁ ଅନେକ ବ୍ୟବସାୟୀ ଅସ୍ତରଙ୍ଗ ସାପ୍ତାହିକ ହାଟକୁ ଆସୁନାହାନ୍ତି। ନିଲାମଧାରୀ ଟିକସ ଆଦାୟ କରିଥାନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ସାପ୍ତାହିକ ହାଟରେ ଆଲୋକୀକରଣ ଓ ପାନୀୟ ଜଳ ବ୍ୟବସ୍ଥା ହୋଇ ନ ପାରିବା ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଜେନେରେଟର ମାଧ୍ୟମରେ ସଂଯୋଗ ଦେଇ ପ୍ରତି ବ୍ୟବସାୟୀଙ୍କଠାରୁ ୧୫ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ତେଣୁ ଏହି ସମସ୍ୟା ଉପରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।



ମଣିକର୍ଣ୍ଣିକା ମା’ ଦୁର୍ଗାଙ୍କୁ ଷୋଳପୂଜା ପାଇଁ ନୂତନ ବସ୍ତ୍ର ପରିଧାନ କରାଉଛନ୍ତି ।

# ନଳ ଅଛି, ଜଳ ନାହିଁ

ପିପିଲି,୧୦।୧୦(ଦୁର୍ଗା ମାଧବ ମିଶ୍ର)

ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ପିପିଲି ବ୍ଲକରେ ବିଭାଗୀୟ ଅଧିକାରୀଙ୍କ ପାଇଁ କାମ ଫସର ଫାଟୁଛି ବୋଲି ଅଭିଯୋଗ ହେଉଛି। ତେବେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ପୁରୀ ଉପଜିଲାପାଳ ଭବ ତାରଣ ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ପିପିଲି ବ୍ଲକରେ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି ବୋଲି ସାଧାରଣ ଜନତା ଅଭିଯୋଗ କରୁଥିଲେ। ଏପରିକି ଏହି ଅଭିଯୋଗ ବାବଦରେ ପିପିଲିବାସୀ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାରୀ ଭାବରେ ପିପିଲି ବ୍ଲକରେ ମୋଟ ୫୪ଗୋଟି ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ ହୋଇଥିବା କଥା କୁହାଯାଉ ଥିବାବେଳେ ଏବେ ନିର୍ମାଣ ପାଣି ଟାଙ୍କିଗୁଡ଼ିକ ଅଧାପନ୍ତରିଆ ଭାବରେ ପଡ଼ି ରହିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ରହିଥିବାବେଳେ ଅନେକ ସ୍ଥାନରେ ପାଇପ ଫାଟିଯାଇଛି ତ କେଉଁଠି ନଳ ଅଛି ହେଲେ ଜଳ ନାହିଁ। ଏଭଳି ଘଟଣା ପଛରେ ସ୍ଥାନୀୟ ଲୋକେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାୟୀ କରିଛନ୍ତି। ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେଉ ବୋଲି ସାମାଜିକ କର୍ମୀ ଅନୁପ ପରିଡ଼ା ଦାବି କରିଛନ୍ତି।

# ଉକୁଳେଇ ମା’ଙ୍କ ଝୁଣା ଧୂପ ପାଇଲେ ଭଲ ହୁଏ ଜ୍ୱର

ଅସ୍ତରଙ୍ଗ,୧୦।୧୦(ମମତା ଜେନା)

ପିଲାମାନଙ୍କ ଦେହରେ ଟିକେ ଜ୍ୱର ହେଲେ ମା’ବାପା ବ୍ୟସ୍ତ ହୋଇ ଡାକ୍ତରଖାନା ନେଇଥାନ୍ତି। ଯଦି ସେଠାରୁ ନିରାଶ ହୁଅନ୍ତି, ତେବେ ସେମାନେ ଦଇବ ଶକ୍ତିର ଆଶ୍ରୟ ପୀଠ ମା’ ଉକୁଳେଇଙ୍କ ପାଖକୁ ଧାଇଁ ଆସନ୍ତି। ମା’ଙ୍କ ଝୁଣା ଧୂପ ଟିକେ ପାଇଲେ ମାସ ମାସ ଧରି ଥିବା ଜ୍ୱର ଆପେ ଆପେ ଛାଡ଼ି ଚାଲିଯାଏ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ମା’ ଉକୁଳେଇଙ୍କ ପୀଠରେ ପ୍ରତିବର୍ଷ ପବିତ୍ର ତ୍ରିବେଣୀ ଅମାବାସ୍ୟାରେ ମା’ଙ୍କ ଜନ୍ମୋତ୍ସବ ସହିତ ମାନସିକଧାରୀଙ୍କ ସମାଗମ ଏବଂ ହୋମଯଜ୍ଞ କରାଯାଏ। ଗୁରୁବାର ମା’ଙ୍କ ଦିନ ହୋଇଥିବାରୁ ପ୍ରତି ଗୁରୁବାର ଏଠି ରାଜ୍ୟ ଓ ରାଜ୍ୟ ବାହାରୁ ମଧ ହଜାର ହଜାର ଲୋକ ସେମାନଙ୍କ ଛୋଟ ପିଲାଙ୍କୁ ସାଥିରେ ଆଣି ମା’ଙ୍କ ଗାଧୁଆ ପାଣି ଦେହରେ ବୋଲି ଝୁଣା ଧୂପ ଟିକେ ପାଇଁ ବ୍ୟାକୁଳ ହୋଇପଡ଼ନ୍ତି। ସେଥିପାଇଁ ପ୍ରତିଯୋଗିତା ବି ଲାଗେ। ସୂଚନା ମୁତାବକ, ଛୋଟ ପିଲାମାନେ ଜ୍ୱରରେ ପୀଡିତ ହୋଇ ଡାକ୍ତରଖାନା ଯାଇ ଆରୋଗ୍ୟ ଲାଭ ନ କରିବା ପରେ ଏଠିକି ଆସି ମା’ଙ୍କ ଧୂପ ନେଇ ଆରୋଗ୍ୟ ଲାଭ କରିଥାନ୍ତି। ମା’ଙ୍କ ମୁଖ୍ୟ ପୂଜକ ମଗୁଲି ନନାଙ୍କ ସୂଚନା ଅନୁସାରେ, ଏଠାରେ କିଛି ଦକ୍ଷିଣା ଦେବାକୁ ପଡ଼େ ନାହିଁ। ସବୁ ସେଇ ଉକୁଳେଇ ମା’ଙ୍କ ଇଚ୍ଛାରେ ଚାଲିଛି।



ମା’ ଉକୁଳେଇ ଶକ୍ତିପୀଠରେ ଭକ୍ତଙ୍କ ସମାଗମ ।

# ଜନ ସମ୍ପର୍କ ପଦଯାତ୍ରା

ପୁରୀ, ୧୦।୧୦(ଅଜିତ୍ ମହାନ୍ତି):

ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ପୁରୀ ପୋରପାଳିକା ଅନ୍ତର୍ଗତ ୧୬ନଂ ୱାର୍ଡର ରାଧା ଗୋବିନ୍ଦ ଲେନରେ ମଙ୍ଗଳବାର ଜନସମ୍ପର୍କ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧରଣଙ୍କୁ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୁରୀ ଜିଲା କ୍ରୀଡା ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଓଡିଶା ମୋ ପରିବାର ସହ ସଂଯୋଜକ ଭଗବାନ ପଢ଼ିଆରୀ, ଆଇନଜୀବୀ ଗୋପାଳ କୃଷ୍ଣ ପଣ୍ଡା, ବିଜୁ ଜନତା ଦଳ ଛାତ୍ର ସମ୍ପାଦକ ରାଜେଶ ତ୍ରିପାଠୀ, ଛାତ୍ର ନଗର ସଭାପତି ସାଗର ପାତ୍ର, ୧୬ନଂ ୱାର୍ଡର ଅରୁଣ ମିଶ୍ର, ଶ୍ରୀଧର ସାହୁ, ସୁଶାନ୍ତ କୁମାର ଦାଶ, ମାନସ ରଞ୍ଜନ ପୃଷ୍ଟି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହପିରି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ସୋମବାର ପୁରୀ ସହରର ୧ନଂ ୱାର୍ଡ ଅନ୍ତର୍ଗତ ନୀଳାଦ୍ରିବିହାରଠାରେ ଜନସମ୍ପର୍କ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କାହ୍ନୁ ବାରିକ, ରମେଶ ଦାଶ, ବେହେରା ସାହିର ସଭାପତି ପ୍ରହଲ୍ଲାଦ ବେହେରା, ଲୋକନାଥ ପାତ୍ର, କାଳୁ ପାଲଟାସିଂ, ସାଧୁ ଚରଣ ସାହୁ, ପ୍ରହଲ୍ଲାଦ ମହାପାତ୍ର, କୁନା ସାମଲ, ଦିଲୁ ଦଳେଇ, ମାଗି ସାହୁ, ପବି ସ୍ୱାଇଁ, ସୁନୀଲ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ

ପିପିଲି,୧୦।୧୦(ଦୁର୍ଗା ମାଧବ ମିଶ୍ର)

ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ ମଙ୍ଗଳବାର ଭୁବନେଶ୍ୱର ଶହୀଦ ନଗରସ୍ଥ ଶ୍ରୀବିଷ୍ଣୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡା. ଅଶୋକ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ଅନୁଷ୍ଠାନର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ଉପସ୍ଥିତ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ଆର୍ଥିକ ସହଯୋଗରେ ନିର୍ମିତ ପଦ ପ୍ରେକ୍ଷାଳୟ ଓ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟଧାରାରେ ସମସ୍ତ ଉପସ୍ଥିତ ସଦସ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ପଞ୍ଚାୟତିରାଜ ବିଭାଗର ଆର୍ଥିକ ସହଯୋଗରେ ନିର୍ମିତ ସୌରଶକ୍ତି ପରିଚାଳିତ ନଳକୂପ କାର୍ଯ୍ୟ ପାଇଁ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଧନ୍ୟବାଦ ଦେଇଥିଲେ। ବିମଳା ମନ୍ଦିରରେ ଚଣ୍ଡୀପାଠ କରାଯିବା ପାଇଁ ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ ସାହୁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ରାଜେନ୍ଦ୍ର ପ୍ରସାଦ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ପ୍ରେମଲତା ଦେବୀ, ପ୍ରାକ୍ତନ ପଞ୍ଚାୟତିରାଜ ସଚିବ ଜଗଦୀଶ ପ୍ରସାଦ ଅଗ୍ରୱାଲା, କିଟ୍ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ଡ. ସନ୍ଧ୍ୟାରାଣୀ ଶତପଥୀ, ଡ. ବସନ୍ତ ମିଶ୍ର, ସାମାଜିକ କର୍ମୀ ଜୟ ପ୍ରକାଶ ମିଶ୍ର, ଡ. ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ଜୁନ ଚରଣ ସାମଲ ଧନ୍ୟବାଦ ଦେଇଥିଲେ।

# ଅନ୍ତର୍ଜାତୀୟ ବାଳିକା ଦିବସ ପାଇଁ ପ୍ରତିଯୋଗିତା



ବ୍ଲକସ୍ତରୀୟ ବାଳିକା ଦିବସ ପ୍ରତିଯୋଗିତା ।

କଣାସ, ୧୦।୧୦(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ ସିରେଇ ସଂଯୁକ୍ତ ଉ.ପ୍ରା ବିଦ୍ୟାଳୟ ପରିସରେ ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ସହଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ସ୍ଥାନୀୟ ଜିଲା ପରିଷଦ ଅଧ୍ୟକ୍ଷା ଲତାମଣୀ ଜଗଦେବ ଓ ପୂର୍ବତନ ସହ ଶିକ୍ଷାଧିକାରୀ ସୁଷମା କୁମାରୀ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସୁନୀଲ କୁମାର ନରେନ୍ଦ୍ର, ସହ-ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ବେହେରା ଉପସ୍ଥିତ ରହି ବାଳିକା ଦିବସ ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରେ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବରିଷ୍ଠ ଓ କନିଷ୍ଠ ବିଭାଗର ଚିତ୍ରାଙ୍କନ, ସଂଗୀତ, ସ୍ଲୋଗାନ୍ ଲିଖନ ଓ ନୃତ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ୫ ଜଣ ପ୍ରତିଯୋଗୀ ଅନ୍ତର୍ଜାତୀୟ ବାଳିକା ଦିବସ ଉପଲକ୍ଷେ ପୁରୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ। କଣାସ ବ୍ଲକର ସମସ୍ତ ସାଧାନକେନ୍ଦ୍ର ସଂଯୋଜକମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପିପିଲି, ୧୦।୧୦ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର):

ପିପିଲି ଥାନା ପକ୍ଷରୁ ଏକ ସଚେତନତା ରଥ ପିପିଲିର ବିଭିନ୍ନ ସ୍ଥାନ ପରିକ୍ରମା କରି ଜନସାଧାରଣଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଛି। ବ୍ୟାଙ୍କ ଓ ଏଟିଏମ୍ ମାନଙ୍କରେ ବୟସ୍କ ଲୋକମାନଙ୍କୁ କିଭଳି ଠକାଯାଉଛି ସେ ସମ୍ପର୍କରେ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଯିବା ସହିତ ଏସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ପିପିଲି ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ରଥକୁ ସ୍ୱାଗତ କରିବା ପରେ ଜବାହର ବିଦ୍ୟାପୀଠଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ପୀତବାସ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିକାଲି କିଭଳି ସାଇବର ଠକେଇ କରାଯାଉଛି ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇବା ସହ ପଥପ୍ରାନ୍ତ ନାଟକ ଓ ଗୀତିନାଟ୍ୟ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପିପିଲି ଥାନା ଏଏସ୍‌ଆଇ ସଳିତା ଦାସଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଜନସମ୍ପର୍କ ପଦଯାତ୍ରା ଉପଲକ୍ଷେ ରକ୍ତଦାନ ଶିବିର



ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ।

ପିପିଲି,୧୦।୧୦(ପ୍ରଭାତ ମହାପାତ୍ର)

ପିପିଲି ବ୍ଲକ ତେଇଶିପୁର ଗ୍ରାମ ପଞ୍ଚାୟତରେ ଜନସମ୍ପର୍କ ଯାତ୍ରା ଉପଲକ୍ଷେ ବିଜେଡି ପକ୍ଷରୁ ସ୍ଥାନୀୟ ପ୍ରଦୀପ ମହାରଥୀ କଲ୍ୟାଣ ମଣ୍ଡପଠାରେ ଏକ ମେଗା ରକ୍ତଦାନ ଶିବିର ଓ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ଓ ତେଇଶିପୁର ବିଜେଡି ପକ୍ଷରୁ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ନିମନ୍ତ୍ରିତ ଅତିଥି ବିଧାୟକଙ୍କ ସ୍ତ୍ରୀ ଜାଗୃତି ପଣ୍ଡା ମହାରଥୀ, ଜୀବନ ବିନ୍ଦୁ ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ପୁରୀ ଜିଲା ସମ୍ମିଳିତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଚନ୍ଦ୍ର ଛୋଟରାୟ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ତେଇଶିପୁର ସରପଞ୍ଚ ରଶ୍ମିତା ସେନାପତି ପ୍ରମୁଖ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଧାୟକ ମହାରଥୀ ଏବଂ ତାଙ୍କ ସ୍ତ୍ରୀ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୧୦୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୁରୀ ଜିଲା ରକ୍ତ ଭଣ୍ଡାରର ଡା. ଦୀପକ ସାହୁ, ମନୋରଞ୍ଜନ ଭୋଇ ଏବଂ ରୋଜାଲିନ୍ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରକ୍ତ ସଂଗ୍ରହ କରିଥିଲେ। ମନ୍ତ୍ରୀ ସ୍ୱାଇଁ ଓ ବିଧାୟକ ମହାରଥୀ ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ, ଖବରଦାତା ବିଜୟ ମହାପାତ୍ର, ଯୁବ ସଂଗଠକ ପଦ୍ମଲୋଚନ ମହାପାତ୍ରଙ୍କୁ ରକ୍ତଦାନ କ୍ଷେତ୍ରରେ ଶ୍ରେଷ୍ଠ ଆୟୋଜକ ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ଉକ୍ତ ମଣ୍ଡପ ପାର୍ଶ୍ୱରେ ଅତିଥିଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।

# ରାଜଲକ୍ଷ୍ମୀଙ୍କୁ ଡି.ଡି. କିଷାନ ଚ୍ୟାନେଲ ପକ୍ଷରୁ ସମ୍ବର୍ଦ୍ଧନା

ବଳଙ୍ଗା,୧୦।୧୦(କେଦାରେଶ୍ୱର ନନ୍ଦ)

ଦିଲ୍ଲୀ ଦୂରଦର୍ଶନକେନ୍ଦ୍ର ପକ୍ଷରୁ ଆୟୋଜିତ ମହିଳା କିଷାନ ଦିବସ ଅବସରରେ ସୋମବାର ରାଜ୍ୟର ଏକମାତ୍ର ମହିଳା ଚାଷୀ ଭାବେ ପୁରୀ ଜିଲା ବଳଙ୍ଗା ଥାନା କଣ୍ଟାବଣିଆ ଗ୍ରାମର ରାଜଲକ୍ଷ୍ମୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାନ୍ତି ପୂର୍ବରୁ ରାଜ୍ୟ ସରକାରଙ୍କ ମତ୍ସ୍ୟ, ଉଦ୍ୟାନ, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ସଫଳତାର ସହ କୁକୁଡ଼ା ଚାଷ, ବାୟୋଫ୍ଲୋକ୍ସ ମାଧ୍ୟମରେ ମାଛ ଚାଷ, ଛତୁ ଚାଷ କରି ଜିଲାରେ ଅନେକ ଥର ପୁରସ୍କୃତ ହୋଇଛନ୍ତି। ଏପରି କରି ସେ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏଥିନେଇ ତାଙ୍କୁ ଡି.ଡି. କିଷାନ ଚ୍ୟାନେଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର କୃଷି ସମ୍ପ୍ରସାରଣ ଅଧିକାରୀ ଡ. ୱାଇ.ଆର ମୀନା, ଡି.ଡି. କିଷାନର ଅତିରିକ୍ତ ଶାଖା ପରିଚାଳକ କାଞ୍ଚନ ପ୍ରସାଦ ଅତିଥି ଭାବେ ଯୋଗଦେଇଥିଲେ।




ସଫଳ ଚାଷୀ ରାଜଲକ୍ଷ୍ମୀ ମହାନ୍ତିଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ ଓ ଅତିଥିବୃନ୍ଦ ।

# ଶାଳୀନତା ପୋଷାକ ପରିଧାନ ନିଷ୍ପତ୍ତି ସ୍ୱାଗତଯୋଗ୍ୟ

ପୁରୀ, ୧୦।୧୦( ଅଜିତ୍ ମହାନ୍ତି):

### ଶ୍ରୀମନ୍ଦିର ନୀତି ସବ୍ କମିଟିରେ ନିଷ୍ପତ୍ତି

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ମାନେ ଶାଳୀନତା ପୋଷାକ ପରିଧାନ କରି ଶ୍ରୀମନ୍ଦିର ପରିସରକୁ ପ୍ରବେଶ କରିବା ଉପରେ ସୋମବାର ଶ୍ରୀମନ୍ଦିର ନୀତି ସବ୍ କମିଟିରେ ନିଷ୍ପତ୍ତି ହୋଇଛି। ଏହି ନିୟମ ଆସନ୍ତା ଜାନୁଆରୀ ୧ରୁ ଲାଗୁ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ତେବେ ଭକ୍ତମାନେ ଶାଳୀନତାପୂର୍ବକ ପୋଷାକ ପରିଧାନ କରିବା ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ଖବରଦାତା ସମ୍ମିଳନୀରେ ତାଙ୍କର ମତ ରଖିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଭକ୍ତଙ୍କ ଶାଳୀନତା ପୋଷାକ ପରିଧାନ ନିଷ୍ପତିକୁ ସ୍ୱାଗତ କରିଛନ୍ତି। ମହିଳାମାନେ ଶାଢୀ, ସାଲୁୱାର ପଞ୍ଜାବୀ ଓ ପୁରୁଷମାନେ ପ୍ୟାଣ୍ଟସାର୍ଟ ଓ କୁର୍ତ୍ତା ପଞ୍ଜାବୀ ପିନ୍ଧି ଆସିପାରିବେ। କିନ୍ତୁ ହ୍ୟାପ ପ୍ୟାଣ୍ଟ, ହାତ କଟା ଡ୍ରେସ୍ ପିନ୍ଧି ଶ୍ରୀମନ୍ଦିର ପ୍ରବେଶ ଉପରେ ବାରଣ କରାଯାଇଛି। ଯଦି ପ୍ରଶାସନ ପକ୍ଷରୁ ଠିକ୍ ଭାବରେ ନିଷ୍ପତ୍ତକୁ କାର୍ଯ୍ୟକାରୀ କରାଯିବ ତେବେ କୌଣସି ସମସ୍ୟା ନାହିଁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ଶ୍ରୀମନ୍ଦିରକୁ ଆସୁଛନ୍ତି। ଦିନକୁ ଦିନ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଘଣ୍ଟା ଘଣ୍ଟା ଧରି ଭକ୍ତ ମାନେ ଲମ୍ବା ଲାଇନରେ ଠିଆ ହେଇ ରହୁଛନ୍ତି। ବେଳେ ଭକ୍ତ ମାନେ ବିଭିନ୍ନ କାରଣରୁ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଭକ୍ତଙ୍କ ପାଇଁ ପରିଶ୍ରାଗାର ଟିଏ ନହିଁ। ତେଣୁ ପ୍ରଶାସନ ଅଧିନରେ ଥିବା ବାଗଡିଆ ଧର୍ମ ଶାଳାରେ ପରଶ୍ରାଗାର ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଉ। ଭକ୍ତଙ୍କ ପାଇଁ ପଇବା ପାଣିର ବ୍ୟବସ୍ଥା କରାଯାଉ। ତେବେ ଡ୍ରେସ କୋଡ ନେଇ ଶ୍ରୀ ଦାସ ମହାପାତ୍ର କହିଛନ୍ତି କି ପୁରୀ କୁ ଅଧିକାଂଶ ପଶ୍ଚିମବଙ୍ଗ ରୁ ଭକ୍ତ ମାନେ ଆସୁଥିବାରୁ ସେମାନଙ୍କ ମଧ୍ୟରେ ଡ୍ରେସ କୋଡ୍ ବିଷୟରେ ଅବଗତ କରାଇବା ଲାଗି କୋଲକତା ମଧ ଏକ ସାମ୍ବାଦିକ ସମିଳନୀ ଦ୍ୱାରା ପଶ୍ଚିମବଙ୍ଗ ବାସୀ ଙ୍କୁ ଅବଗତ କରାଇବା ନେଇ ଶ୍ରୀ ଦାସ ମହାପାତ୍ର କହିଛନ୍ତି। ସେହିପରି ଯେଉଁ ରାଜ୍ୟର ପଣ୍ଡା ମାନେ ଅଛନ୍ତି ସେମାନେ ସେମାନଙ୍କ ଯାତ୍ରୀ ମାନଙ୍କୁ ଡ୍ରେସ କୋଡ ବା ଶାଳିନତା ପୋଷାକ ଉପରେ ସଚେତନ କରାବା ପାଇଁ ମତ ଦେଇଛନ୍ତି ଶ୍ରୀ ଦାସମହାପାତ୍ର ।



ଖବରଦାତା ସମ୍ମିଳନୀରେ ରାମକୃଷ୍ଣ ଦାସମହାପାତ୍ର ।

# ଓସେପା ବହିକିଣାରେ ଦୁର୍ନୀତି

## ଅଭିଯୋଗ ଆଣିଲେ ପ୍ରକାଶକ

- ସାନି ଟେଣ୍ଡର ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ
- ପଦକ୍ଷେପ ନିଆ ନ ଗଲେ କୋର୍ଟ ଯିବାକୁ ଚେତାବନୀ

ଭୁବନେଶ୍ୱର, ୧୦।୧୦(ଅସମାପିକା ସାହୁ)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ବାର୍ଷିକ ବହିକିଣା ଯୋଜନାରେ ଦୁର୍ନୀତି ଓ ବେଆଇନ କାର୍ଯ୍ୟ ହୋଇଥିବା କେତେଜଣ ପ୍ରକାଶକ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରମୁଖ ପ୍ରକାଶନ ସଂସ୍ଥା ନିରୁପମା ବୁକ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖା ଯାଇଥିବାବେଳେ ସାନି ଟେଣ୍ଡର ଦାବି କରାଯାଇଛି। ସରକାର ଏ ପ୍ରସଙ୍ଗରେ ହସ୍ତକ୍ଷେପ ନ କଲେ ନିରୁପମା ବୁକ୍ସ ସମେତ ପ୍ରାୟ ୫୦ରୁ ଅଧିକ ପ୍ରକାଶକ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଏ ନେଇ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହଙ୍କୁ ଫୋନ୍ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ।

ପ୍ରକାଶକଙ୍କ ଅଭିଯୋଗ ଅନୁଯାୟୀ, ନିରୁପମା ବୁକ୍ସ ପକ୍ଷରୁ ଏ ପ୍ରସଙ୍ଗରେ ପୂର୍ବରୁ ଯଥାକ୍ରମେ ଗତ ୩ ଓ ୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଦୁଇଟି ଚିଠି ପଠାଯାଇଥିବାବେଳେ ମଙ୍ଗଳବାର ପୁଣି ତୃତୀୟ ଥର ପାଇଁ ଚିଠି ଲେଖାଯାଇଛି। ଚିଠିରେ ୯ଟି ବିସଂଗତି ଉପରେ ଅନୁଷ୍ଠାନର ପ୍ରତିଷ୍ଠାତା ନିରୁପମା ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓସେପା ପକ୍ଷରୁ ବିଦ୍ୟାଳୟ ପାଠାଗାର ପାଇଁ ପୁସ୍ତକ କ୍ରୟ ନିମନ୍ତେ ପ୍ରତିବର୍ଷ ଟେଣ୍ଡର ବା ଆଗ୍ରହ ଅଭିବ୍ୟକ୍ତି (ଇଓଆଇ) ପ୍ରକାଶ ପାଇଥାଏ। ଏଥିରେ ଯୋଗ୍ୟ ବିବେଚିତ ପ୍ରକାଶକମାନେ ବହିକିଣା ପ୍ରକ୍ରିୟାରେ ଭାଗ ନେଇଥାଆନ୍ତି। ଚଳିତ ବର୍ଷ ଏହି ଯୋଜନାରେ ପ୍ରାୟ ୪୫ କୋଟି ଟଙ୍କାର ପୁସ୍ତକ କ୍ରୟ କରାଯିବ। ତେବେ ଏଥିରେ ନିର୍ଦ୍ଦିଷ୍ଟ ହାତଗଣତି ପ୍ରକାଶକଙ୍କୁ ଉଚ୍ଚ ମୂଲ୍ୟର କାର୍ଯ୍ୟାଦେଶ ମିଳୁଥିବାବେଳେ ରାଜ୍ୟର ଅଗ୍ରଣୀ ପ୍ରକାଶକମାନଙ୍କୁ ଅଣଦେଖା କରାଯାଉଛି। ଗତବର୍ଷ (୨୦୨୨-୨୩)ର ବହି କିଣା ପାଇଁ ଫେବୃୟାରୀରେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଏଯାଏ ପ୍ରକାଶକମାନେ ସେ ବାବଦ ସମ୍ପୂର୍ଣ୍ଣ ଅର୍ଥ ପାଇନାହାନ୍ତି। ଏହାସତ୍ତ୍ୱେ ୨୦୨୩-୨୪ ମସିହାର ବହିକିଣା ପ୍ରକ୍ରିୟା ତରବରିଆ ଭାବେ ପୂଜାଛୁଟି ପୂର୍ବରୁ ସାରିଦେବାକୁ ଓସେପା କର୍ତ୍ତୃପକ୍ଷ ଉଦ୍ୟମ କରୁଛନ୍ତି। କିଛି ଅଣପ୍ରକାଶକ ଅନୁଷ୍ଠାନ ଏବଂ ଭୁଲ ଓ ମନଗଢ଼ା ତଥ୍ୟ ଦେଇଥିବା ପ୍ରକାଶକ ଏଥର ଇଓଆଇରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ପ୍ରକୃତ ପ୍ରକାଶକମାନଙ୍କୁ ଜାଣିଶୁଣି କାଟି ଦିଆଯାଇଛି। ବାଦ୍ ପଡ଼ିଥିବା ପ୍ରକାଶକମାନଙ୍କ ନଥି ପୁନଃଯାଞ୍ଚ ପାଇଁ ଅକ୍ଟୋବର ୪ରେ ଚିଠି ହୋଇଥିବାବେଳେ ଏହାର ଶେଷ ତାରିଖ ଥିଲା ଅକ୍ଟୋବର ୬ ତାରିଖ। ଯୋଗ୍ୟ ପ୍ରକାଶକଙ୍କ ଚୂଡ଼ାନ୍ତ ତାଲିକା ଏଯାଏ ପ୍ରକାଶ ପାଇ ନ ଥିବାବେଳେ ଅକ୍ଟୋବର ୪ ତାରିଖଠାରୁ ବହି ଚୟନ କମିଟି ବସାଇ ବହି ବାଛିବା କାମ ଇତିମଧ୍ୟରେ ପ୍ରାୟ ଶେଷ ହୋଇଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପୂର୍ବରୁ ବହି ଚୟନ ବେଆଇନ ବୋଲି ପ୍ରକାଶକମାନେ ଅଭିଯୋଗ କରିଛନ୍ତି।

ସେହିପରି ଯେକୌଣସି ସରକାରୀ ଟେଣ୍ଡର ବା ଇଓଆଇ ପ୍ରକ୍ରିୟାରେ ଆବେଦନକାରୀ ଅନୁଷ୍ଠାନର ପୂର୍ବ ବର୍ଷମାନଙ୍କର ଆର୍ଥିକ ଆୟବ୍ୟୟ ହିସାବ ଓ ଲାଭକ୍ଷତିର ନଥି ଦାଖଲ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କିଛି ପ୍ରକାଶକଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ଓସେପା କର୍ତ୍ତୃପକ୍ଷ ଏଥର ଟେଣ୍ଡର ପ୍ରକ୍ରିୟାରେ ଏ ନଥିକୁ ବାଧ୍ୟତାମୂଳକ କରିନାହାନ୍ତି। ଏହିଭଳି ବିଭିନ୍ନ ଅସଙ୍ଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରି ଜଣାଇବା ସହିତ ଏହି ଇଓଆଇକୁ ବାତିଲ କରି ସାନି ଟେଣ୍ଡର କରିବାକୁ ପ୍ରକାଶକମାନେ ଅନୁରୋଧ କରିଛନ୍ତି। ଏଥିସହିତ ପୂର୍ବ ବର୍ଷର ବକେୟା ଅର୍ଥ ଦିଆଯାଉ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ଏ ମାମଲାରେ ହସ୍ତକ୍ଷେପ କରିବା ସହ ସାନି ଟେଣ୍ଡର ପାଇଁ ନିର୍ଦ୍ଦେଶ ଦେବେ ବୋଲି ପ୍ରକାଶକମାନେ ଆଶାପ୍ରକଟ କରିଛନ୍ତି। ନଚେତ୍ ୫୦ରୁ ଅଧିକ ପ୍ରକାଶକ ଏକାଠି ହୋଇ ଓସେପା ବିରୋଧରେ ଆଇନର ଆଶ୍ରୟ ନେବାକୁ ବାଧ ହେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ୩ଜଣଙ୍କୁ 'ଗୁରୁ ଗୋପୀକୃଷ୍ଣ ସମ୍ମାନ'

**ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ):** ଗୋପୀକୃଷ୍ଣ ଫାଉଣ୍ଡେଶନ ଓ ନୃତ୍ୟାଳୟର ମିଳିତ ଆନୁକୂଲ୍ୟରେ ୫ମ ଗୁରୁ ଗୋପୀକୃଷ୍ଣ ଉତ୍ସବ ମଙ୍ଗଳବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ଶହେ କଳାକାରଙ୍କୁ ନେଇ ଏକକ, ଦ୍ୱୈତ ଓ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ ଏବଂ ଗୁରୁ ସର୍ବେଶ୍ୱର ସାହୁଙ୍କୁ ଚଳିତ ବର୍ଷର 'ଗୁରୁ ଗୋପୀକୃଷ୍ଣ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ପ୍ରବୋଧ କୁମାର ରଥ, ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରର ମୁଖ୍ୟ ସିକତା ଦାସ, ପ୍ରେରଣା ଫାଉଣ୍ଡେଶନ ଅଧ୍ୟକ୍ଷ ଦିଲ୍ଲୀପ ଶ୍ରୀଚନ୍ଦନ, ଉତ୍କଳ ସଂସ୍କୃତି ମହାବିଦ୍ୟାଳୟର ପ୍ରିନ୍ସିପାଲ ବିଜୟ ଜେନା, ଫାଉଣ୍ଡେଶନ ସଭାପତି ଗୁରୁ ଧନେଶ୍ୱର ସ୍ୱାଇଁ, ସମ୍ପାଦକ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଲାଲା ବିରେନ ରାୟ, ନୃତ୍ୟାଳୟର ସମ୍ପାଦକ ଗୁରୁ ସନାତନ ନାୟକ ଏବଂ ଗୁରୁ ନିରଞ୍ଜନ ରାଉତ ଯୋଗଦେଇଥିଲେ। ଶୈଳଜା ଏବଂ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଣନିଃଶ୍ୱାସୀ ହୋଇ ଚାଲିଗଲା ଭକ୍ତଙ୍କ ଜୀବନ

#### ଜଗା ଦର୍ଶନ ହେଲା ଶେଷ ଦର୍ଶନ

**ପୁରୀ, ୧୦।୧୦(ଅଜିତ୍ ମହାନ୍ତି):** ଜଗା ଦର୍ଶନ ହେଲା ଶେଷ ଦର୍ଶନ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିବା ବେଳେ ଶ୍ରୀମନ୍ଦିର ଭିତରେ ଅଣନିଶ୍ୱାସୀ ହୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରିଛନ୍ତି। ଭକ୍ତଜଣଙ୍କ ହେଲେ ଉତ୍ତରପ୍ରଦେଶର ରାଜେନ୍ଦ୍ର ସାହାରିଆ (୬୫)। ସେ ମହାପ୍ରଭୁଙ୍କ ଦର୍ଶନ ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ ଓ ତୁରନ୍ତ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ ଯୋଗେ ପୁରୀ ମେଡିକାଲ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ହୃଦ୍‌ଘାତରେ ରାଜେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ମୃତକ ରାଜେନ୍ଦ୍ର ତାଙ୍କ ସମ୍ପର୍କୀୟମାନଙ୍କ ସହ ପୁରୀ ବୁଲିବାକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପରିବାର ଲୋକଙ୍କ ସହ ଶ୍ରୀମନ୍ଦିକୁ ଯାଇଥିଲେ। ତେବେ ଶ୍ରୀମନ୍ଦିର ଭିତରେ ପ୍ରବଳ ଗହଳି ଓ ଠେଲାପେଲା ଯୋଗୁ ସେ ଅଚେତ ହୋଇ ତଳେ ପଡିଯାଇଥିଲେ। ତୁରନ୍ତ ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି।

### ଉଦ୍ଧାର ଡାଳି ଓଧ ନନ୍ଦନକାନନ ଆସିଲା

**ବାରଙ୍ଗ,୧୦।୧୦(ଲିଙ୍ଗରାଜ ରାଉତ):** ଭୁବନେଶ୍ୱର ସିଟି ଫରେଷ୍ଟ ଅଧୀନ ଫୁଲନଖରା ଅଞ୍ଚଳରୁ ବନବିଭାଗ ଦ୍ୱାରା ଉଦ୍ଧାର ହୋଇଥିବା ଏକ ୬ ମାସର ଅଣ୍ଡିରା ଧଳା ଡାଳି ଓଧ ମଙ୍ଗଳବାର ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଆସିଛି। ଉଦ୍ଧାର ଡାଳି ଓଧକୁ ପ୍ରଥମେ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନର ପୃଥକୀକରଣ ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ସାଧାରଣତଃ ଏହି ବିରଳ ପ୍ରଜାତିର ଧଳା ଡାଳି ଓଧ ପ୍ରଥମେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ଓ ପରେ କନ୍ଧମାଳ ଜିଲା ଏକ ଜଙ୍ଗଲରେ ଦେଖାଯାଇଥିଲା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ମଙ୍ଗଳବାର ଆୟୋଜିତ ନୃତ୍ୟାଞ୍ଜଳିର ୧୮ତମ ବାର୍ଷିକ ନୃତ୍ୟ ଉତ୍ସବ 'ଦେବଦାସୀ'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ମୌସମ ନନ୍ଦ)

# ମାଲିକଙ୍କ ଫୋନ୍ ପେ'ରୁ ନେଇଗଲେ ୧୩ ଲକ୍ଷ

## ମହିଳା ରୋଷେୟା ଗିରଫ

ଗମ୍ଭାରୀମୁଣ୍ଡା,୧୦।୧୦(ଦିଲ୍ଲୀପ ସ୍ୱାଇଁ)

ମାଲିକଙ୍କ ଫୋନ ପେ'ରୁ ୧୩ ଲକ୍ଷ ଟଙ୍କା ନେଇଯିବା ଅଭିଯୋଗରେ ବାଣପୁର ଥାନା ପୋଲିସ ମଙ୍ଗଳବାର ଜଣେ ମହିଳା ରୋଷେୟାଙ୍କୁ ଗିରଫ କରିଛି। ସେ ହେଲେ ନାଚୁଣୀ ଅଞ୍ଚଳର ରେଖା ବେହେରା। ପ୍ରକାଶ ଯେ, ବାଣପୁର ଥାନା ଅନ୍ତର୍ଗତ ଅଲାଇଡିହ ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଘରେ ନାଚୁଣୀ ଅଞ୍ଚଳର ରେଖା ରୋଷେୟା ଭାବେ ଦୁଇ ମାସ ହେବ କାର୍ଯ୍ୟ କରିଆସୁଥିଲେ। ଏହାରି ମଧ୍ୟରେ ଲକ୍ଷ୍ମୀକାନ୍ତଙ୍କ ଦେହ ଖରାପ ହେବାରୁ ରେଖା ତାଙ୍କ ମୋବାଇଲ ଫୋନ ବହୁ ସମୟରେ ବ୍ୟବହାର କରୁଥିଲେ। କୌଶଳକ୍ରମେ ରେଖା ଫୋନ ପେ' ର ପାସୱାର୍ଡ ଜାଣିବା ପରେ ବିଭିନ୍ନ ସମୟରେ ମୋଟ୍ ୧୩ ଲକ୍ଷ ଟଙ୍କା ନେଇଯାଇଥିଲେ। ଏନେଇ ଲକ୍ଷ୍ମୀକାନ୍ତ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ. ୩୫୯/୨୩)ରୁଜୁ ହୋଇଛି। ତେବେ ରେଖାଙ୍କୁ ପଚରାଉଚରା ବେଳେ ସେ ଫୋନ ପେ ମାଧ୍ୟମରେ ଟଙ୍କା ନେଇଥିବା ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

# ଆଜି ବ୍ୟକ୍ତିଗତ ହାଜର ହେବେ ପ୍ରମୁଖ ଶାସନ ସଚିବ

## ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ସଭାପତି ନିଯୁକ୍ତି ନେଇ ମାମଲା

## ଅଦାଲତ ଅବମାନନା ଅଭିଯୋଗ

କଟକ,୧୦।୧୦ (କାର୍ତ୍ତିକ ସାହୁ)

ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ନିଯୁକ୍ତିରେ ଆଇନ ଉଲ୍ଲଂଘନ ହୋଇଥିବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ତ୍ୱରିତ ଶୁଣାଣି କରି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ବୁଧବାର ପୂର୍ବାହ୍ନ ସାଢେ ୧୦ଟାରେ ଅଦାଲତରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗ ସଭାପତି ନିଯୁକ୍ତିରେ ସେ ଉଦ୍ଦେଶ୍ୟମୂଳକ ଓ ଇଚ୍ଛାକୃତ ଭାବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରିଥିବା ହେତୁ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ତାର ଉତ୍ତର ରଖିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ହାଇସ୍କୁଲ ପିଲାଙ୍କ ଶୈକ୍ଷିକ ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର, ୧୦।୧୦(ଅସମାପିକା ସାହୁ)

ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ଶୈକ୍ଷିକ ବିକାଶ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଆଉ ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ମଙ୍ଗଳବାର ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପ୍ରଥମ ବ୍ଲକ୍‌ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବ୍ଲକ୍‌ର ବ୍ଲକ୍ ଶିକ୍ଷାଧିକାରୀ (ବିଇଓ)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଶିକ୍ଷା ଯୋଜନା ବିଷୟରେ ବିଇଓ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଶିକ୍ଷାର ମାନ, ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ଓ ତାହାର ସମାଧାନ, ଶିକ୍ଷାର ବିକାଶ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପର ସୁପରିଚାଳନା ଭଳି ଅନେକ ବିଷୟବସ୍ତୁ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଆକାଂକ୍ଷୀ ପାଠ୍ୟକ୍ରମ ଅଧୀନରେ କ୍ଲବ୍ ଗଠନ, ହାଉସ୍ ସିଷ୍ଟମ୍, ରୂପାନ୍ତରିତ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଭଳି ଅନେକ ବିଷୟରେ ପର୍ଯ୍ୟାଲୋଚନା କରାଯାଇଥିଲା। ସ୍ମାର୍ଟ ଶ୍ରେଣୀଗୃହ, ଇ-ପାଠାଗାର, ବିଜ୍ଞାନ ପରୀକ୍ଷାଗାର, ଶୁଦ୍ଧ ପାନୀୟଜଳ, ପୃଥକ ଶୌଚାଳୟ, ବିଦ୍ୟାଳୟ ପରିସର ରକ୍ଷଣାବେକ୍ଷଣ ଆଦି ବିଷୟ ସହ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମାଗଣା ସାଇକେଲ ବାବଦ ଅର୍ଥରାଶିର ବଣ୍ଟନ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ବୈଠକ ଚାଲିଥିଲା। ଏହି ବୈଠକ ଆୟୋଜିତ ହୋଇଥିବା ହାଇସ୍କୁଲକୁ ସମସ୍ତ ପ୍ରଧାନଶିକ୍ଷକ ପରିଦର୍ଶନ କରି ମିଳିତ ଭାବେ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରତ୍ୟେକ ମାସର ପ୍ରଥମ ଶନିବାର ଏହି ବୈଠକ ଆୟୋଜନ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ମାର୍ଗଦର୍ଶିକା ଜାରି କରାଯାଇଛି।




ଦନରାସ୍ଥିତ ପି.ଏସ୍. ମଡେଲ ହାଇସ୍କୁଲରେ ଆୟୋଜିତ ବାର୍‌କୋଟ୍ ବ୍ଲକସ୍ତରୀୟ ବୈଠକ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶିବ



@ ସତ୍ୟବ୍ରତ



@ ସତ୍ୟଜିତ୍



@ ତୋଫାନ



@ ଅମୃତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ରମାଦେବୀର ଆଲୋକ ପ୍ରସାଦ ଦାସ

ଭୁବନେଶ୍ୱର, ୧୦।୧୦(ଅସମାପିକା ସାହୁ)



ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ଦୁଇ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଡ. ଆଲୋକ ପ୍ରସାଦ ଦାସ ସ୍ଥାନ ପାଇଛନ୍ତି। ଡ. ଦାସ ସମ୍ପ୍ରତି ଡିପାର୍ଟମେଣ୍ଟ ଅଫ୍ ଲାଇଫ୍ ସାଇନ୍ସରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ। ମାଇକ୍ରୋବାୟୋଲୋଜି, ଏନ୍‌ଭାଇରନ୍‌ମେଣ୍ଟାଲ ସାଇନ୍ସ ଏବଂ ବାୟୋମେଡିକାଲ ସାଇନ୍ସ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ଓ ପ୍ରଭାବଶାଳୀ ଦୁଇ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ସେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ଡ. ଦାସଙ୍କର ଶତାଧିକ ରିସର୍ଚ୍ଚ ପେପର ଇଣ୍ଟରନ୍ୟାଶନାଲ ଜର୍ନାଲରେ ପ୍ରକାଶିତ ହୋଇଛି। ପିଜି, ଏମ୍‌ଫିଲ୍ ଓ ପିଏଚ୍‌ଡି ଡିଗ୍ରୀରେ ସେ ୫୦ରୁ ଅଧିକ ଗବେଷକ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଛନ୍ତି। ପରିବେଶ ବାୟୋଟେକ୍ନୋଲୋଜି ଏବଂ ଜିଓମାଇକ୍ରୋବାୟୋଲୋଜି କ୍ଷେତ୍ରରେ ସେ ଜଣେ ଖ୍ୟାତନାମା ଜାତୀୟ ଓ ଅନ୍ତର୍ଜାତୀୟ ବୈଜ୍ଞାନିକ। ଏହି ସଫଳତାକୁ ସେ ତାଙ୍କର ମାର୍ଗଦର୍ଶକ, ପରାମର୍ଶଦାତା, ଶିକ୍ଷକ, ପରିବାର ସଦସ୍ୟ, ଛାତ୍ର ଏବଂ ଗବେଷକମାନଙ୍କୁ ଉତ୍ସର୍ଗ କରିଛନ୍ତି।




ସୂଚନା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ଓଡ଼ିଶା ବୁଣାକାର ମହାସଂଘର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ। (ଫଟୋ- ମନୋରଞ୍ଜନ ମିଶ୍ର)

## ପାଣିରେ ବୁଡ଼ି ଶିଶୁ ମୃତ

**କୁଳିଅଣା,(ଆଦିକନ୍ଦ ସାହୁ):** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ପାରିଆକୁଳି ଗ୍ରାମସ୍ଥିତ ଏକ ଖାଲରେ ପଡ଼ି ମଙ୍ଗଳବାର ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତ ଶିଶୁ ହେଲେ ନିମାଇଁ ନାଏକଙ୍କ ଦୁଇବର୍ଷର ପୁଅ ସତ୍ୟଜିତ। ସକାଳେ ଘର ପାଖ ଉକ୍ତ ଖାଲକୁ ମା'ଙ୍କ ସହ ଯାଇଥିଲା ବେଳେ ପାଣିରେ ବୁଡ଼ିଯାଇଥିଲେ। ପରେ ତାଙ୍କୁ କୁଳିଅଣା ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

# ଅଟକିଲା ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ଜମି ହସ୍ତାନ୍ତର ପ୍ରକ୍ରିୟା



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଅଞ୍ଚଳବାସୀ।

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ମୋରଡ଼ା(ସ୍ମାରକ ମାଜୀ), ୧୦।୧୦

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ଜମି ହସ୍ତାନ୍ତର ପ୍ରକ୍ରିୟା କାର୍ଯ୍ୟକ୍ରମରେ ବାଧା ଉପୁଜିଛି। ପ୍ରତିରକ୍ଷା ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଜମି ହସ୍ତାନ୍ତର ପାଇଁ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ଅନୁପସ୍ଥିତ ରହିବାରୁ ଏପରି ପରିସ୍ଥିତି ଦେଖାଦେଇଛି। ଜମି ହସ୍ତାନ୍ତର ପ୍ରକ୍ରିୟା ଫସର ଫାଟିବାରୁ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ ରାଜ୍ୟ ସରକାର ଓ ଜିଲାପାଳଙ୍କ ଉପରେ ବର୍ଷିଛନ୍ତି। ଜିଲାର ବିକାଶରେ ରାଜ୍ୟ ସରକାର ବାଧା ଉପୁଜାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଜମି ହସ୍ତାନ୍ତର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କ ସମେତ ପ୍ରତିରକ୍ଷା ବିଭାଗ ପକ୍ଷରୁ ଏସ୍‌ଡିଓ ସଫିକିୟୁ ଅଶ୍ୱରଫ, ଚାନ୍ଦିପୁର ଡିଆର୍‌ଡିଓର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ କୁମାର, ଅତିରିକ୍ତ ନିର୍ଦ୍ଦେଶକ ଡ.ନୀଳାଦ୍ରି ରୟ, ଗ୍ରୁପ ମୁଖ୍ୟ ଜି.ସି. ଜେନା, ଟେକ୍ନିକାଲ ଅଫିସର ମହେନ୍ଦ୍ର କୁମାର ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିରକ୍ଷା ବିଭାଗ ପକ୍ଷରୁ ଚିଠିନଂ. ଆଇଟିଆର/ ଡବ୍ଲ୍ୟୁପି/ ୫୫୫୬/୨୮୫(ଏ)-୪ ଅକ୍ଟୋବର ୨୦୨୩ ତାରିଖରେ ଜିଲାପାଳ ଭରଦ୍ୱାଜଙ୍କୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ପାଇଁ ଅବଗତ କରାଯାଇଥିଲା। ମାତ୍ର ଜିଲାପାଳ ଅନୁପସ୍ଥିତ ରହିବାରୁ ଜମି ହସ୍ତାନ୍ତର ପ୍ରକ୍ରିୟା ହୋଇପାରି ନ ଥିଲା।

ସୂଚନାଯୋଗ୍ୟ, ଏସିଆ ମହାଦେଶର ସର୍ବବୃହତ୍ ରନୱେ ଭାବେ ଅମର୍ଦ୍ଦା ଏୟାରଷ୍ଟ୍ରିପ ପରିଚିତ। ଦୀର୍ଘ ୭୦ବର୍ଷ ଧରି ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ବେଳେ ଏହାର ପୁନରୁଦ୍ଧାର ସହିତ ବିମାନ ଚଳାଚଳ କରିବାକୁ ନେଇ ବାରମ୍ବାର ଦାବି ହୋଇଆସୁଥିଲା। ଏ ନେଇ କେନ୍ଦ୍ରମନ୍ତ୍ରୀ ଟୁଡୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହିତ ଆଲୋଚନା କରିବା ପରେ ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଅମର୍ଦ୍ଦା ଏୟାରଷ୍ଟ୍ରିପର ଜମି ହସ୍ତାନ୍ତର କାର୍ଯ୍ୟକ୍ରମକୁ ନେଇ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଜମି ହରାଇଥିବା ଆଦିବାସୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ନ ଥିବାରୁ ମଙ୍ଗଳବାର ଅଞ୍ଚଳବାସୀ ରାସଗୋବିନ୍ଦପୁର-ନଳଗଜା ରାସ୍ତା ଅବରୋଧ କରିଥିଲେ। ଭାରତ ସରକାର କ୍ଷତିପୂରଣ ପ୍ରଦାନ କରିବା ପରେ ଜମି ହସ୍ତାନ୍ତର କରାଯାଉ ଦାବି କରି ୩ଘଣ୍ଟା ଧରି ଲୋକେ ଧାରଣାରେ ବସିଥିଲେ। ରାସଗୋବିନ୍ଦପୁର ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ନିର୍ମାଣ ପୂର୍ବରୁ ଆଖପାଖ ୧୫ଟି ଗ୍ରାମର ପାଖାପାଖି ୫୦୦ ଲୋକଙ୍କଠାରୁ ଜମି ଅଧିଗ୍ରହଣ କରାଯାଇଥିଲା। ପରେ ଉକ୍ତ ଜମିର କ୍ଷତିପୂରଣ ବାବଦରେ ୧୯୪୬ଠାରୁ ଭାରତ ସରକାର ବାର୍ଷିକ କ୍ଷତିପୂରଣ ଦେଇଆସୁଥିବା ନେଇ ଜମି ପଟ୍ଟାରେ ଉଲ୍ଲେଖ ରହିଛି। ମାତ୍ର ୭୭ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଖାତାଧାରୀଙ୍କୁ କ୍ଷତିପୂରଣ ନ ଦେଇ କେନ୍ଦ୍ର ସରକାର ଠକି ଚାଲିଛନ୍ତି ବୋଲି ଦୁର୍ଗାଚରଣ ମାର୍ଣ୍ଡି, ବିଶ୍ୱନାଥ ମାର୍ଣ୍ଡି, ଉଦୟ ସୋରେନ, ବାପି ହେମ୍ବ୍ରମ ଓ ଅମରେଶ ମୁର୍ମୁଙ୍କ ସମେତ ଶତାଧିକ ଲୋକ ଅଭିଯୋଗ କରିଛନ୍ତି।

## ଟ୍ରାକ୍ଟର ଧକ୍କାରେ ବୃଦ୍ଧ ମୃତ

ପାଟଣା,୧୦।୧୦
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗୀରୀ ଭୁଲୁଦା ରାସ୍ତାର ଭାଲୁପାହାଡି ସାହି ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଟ୍ରାକ୍ଟର ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାଲୁପାହାଡି ସାହିର ଲଦର ମୁଣ୍ଡା(୫୫)। ସେ ଚାଲି ଚାଲି ଯାଉଥିବାବେଳେ ଭୁଲୁଦା ପାର୍ଶ୍ୱରୁ ଆସୁଥିବା ଟ୍ରାକ୍ଟର ତାଙ୍କୁ ପଛ ପଟୁ ଧକ୍କା ଦେଇ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଘରକୁ ଫେରିଗଲେ ମା'ଝିଅ

### ବିବସ୍ତ୍ର ଅବସ୍ଥାରେ ରାସ୍ତା ଉପରୁ ଉଦ୍ଧାର ଘଟଣା

ସୁନ୍ଦରଗଡ଼,୧୦।୧୦
(ଜୟନାରାୟଣ ମେଷ୍ଟୁଳି)

ବିବସ୍ତ୍ର ଅବସ୍ଥାରେ ରାସ୍ତା ଉପରୁ ଉଦ୍ଧାର ହୋଇ ସୁନ୍ଦରଗଡ଼ ଆସ୍ଥା ଗୃହରେ ଥିବା ମା', ଝିଅ ମଙ୍ଗଳବାର ନିଜ ଘର ଛତିଶଗଡ଼ ରାଜ୍ୟ ତୁମଲା ଥାନା ଅନ୍ତର୍ଗତ ଖାରିବାହାଲ ଗ୍ରାମକୁ ଫେରିଛନ୍ତି। ଜିଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ, ସଦର ଏସ୍‌ଡିପିଓ ହିମାଂଶୁ ବେହେରା, ଆସ୍ଥା ଗୃହର ସମ୍ପାଦିକା ସ୍ନେହଲତା ପଟେଲଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ପରିବାର ଲୋକଙ୍କ ସୂଚନା ଅନୁଯାୟୀ ଗତ ୨୦୧୨ରୁ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଛୁଆଙ୍କୁ ଧରି ରହୁଥିବା ଏହି ମହିଳାଙ୍କ ମାନସିକ ସ୍ଥିତି ବିଗିଡି ଯାଇଥିଲା। ତିନି ଝିଅପୁଅଙ୍କୁ ନେଇ ତାଙ୍କ ପରିବାର। ସଂସାର ବୋଝରେ ଭାଙ୍ଗି ପଡିଥିଲାବେଳେ ଗତ ବୁଧବାର ସେ ତାଙ୍କର ଜଣେ ଝିଅ ସହ ଘରୁ ଚାଲି ଆସିଥିଲେ। ଏହାପରେ ଶୁକ୍ରବାର ସୁନ୍ଦରଗଡ଼ ଇବ୍ ନଦୀ ପୋଲ ଉପରେ ଉଭୟ ମା' ଓ ଝିଅ ବିବସ୍ତ୍ର ହୋଇ ଚାଲିଚାଲି ଯାଉଥିବା ବେଳେ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ଦେଖି ସେମାନଙ୍କୁ ଉଦ୍ଧାର କରି ଆସ୍ଥା ଗୃହକୁ ହସ୍ତାନ୍ତର କରିଥିଲେ। ଆସ୍ଥା ଗୃହରେ ଉଭୟ ମହିଳାଙ୍କୁ କାଉନସେଲିଂବେଳେ ସେମାନେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି ବୋଲି କହିଥିଲେ। ସୋମବାର ତାଙ୍କ ପରିବାର ଲୋକ ପହଞ୍ଚିବା ପରେ ତାଙ୍କର ଚିହ୍ନଟ ହୋଇଥିଲା।

# ରୋହିଙ୍ଗ୍ୟା ଶରଣାର୍ଥୀ

■ ଶରତ ଚନ୍ଦ୍ର ମିଶ୍ର



ରୋହିଙ୍ଗ୍ୟା ଶରଣାର୍ଥୀ

ଶରତଚନ୍ଦ୍ର ମିଶ୍ର

(୨୦୧୮ ଜାନୁୟାରୀ ୧୭ ରେ 'ଧରିତ୍ରୀ'ର ସମ୍ପାଦକୀୟ ପୃଷ୍ଠାରେ ଏହି ଲେଖା ପ୍ରକାଶ ପାଇଥିଲା। ଲେଖକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏହାକୁ ପୁନଃ ପ୍ରକାଶ କରାଯାଉଛି।)

ଭାରତବର୍ଷରେ ବର୍ତ୍ତମାନ ପ୍ରାୟ ୪୦,୦୦୦ ରୋହିଙ୍ଗ୍ୟା ମୁସଲମାନ ଅଛନ୍ତି। ମୁଖ୍ୟତଃ ପଶ୍ଚିମବଙ୍ଗରେ ସେମାନେ ଆସ୍ଥାନ ଜମାଇଥିଲେ ମଧ୍ୟ ଜମ୍ମୁରେ ପ୍ରାୟ ୫୦୦୦ ରୋହିଙ୍ଗ୍ୟା ଅଛନ୍ତି। ଭାରତ ସରକାର ସେମାନଙ୍କୁ ବେଆଇନ ଅନୁପ୍ରବେଶକାରୀ ଘୋଷଣା କରି ଦେଶରୁ ବିତାଡ଼ନ କରିବାକୁ ଚାହୁଁଥିଲାବେଳେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କୁ ଶରଣାର୍ଥୀ ବିବେଚନା କରିବାକୁ ସର୍ବୋଚ୍ଚ ଅଦାଲତରେ ମାମଲା ରୁଜୁ କରିଛନ୍ତି।

ରୋହିଙ୍ଗ୍ୟାମାନେ ମ୍ୟାନ୍‌ମାରର ଦକ୍ଷିଣପଶ୍ଚିମରେ ଅବସ୍ଥିତ ରାଖାଇନ୍ ରାଜ୍ୟରେ ବାସ କରନ୍ତି। ମ୍ୟାନ୍‌ମାର ସରକାର ସେମାନଙ୍କୁ ନାଗରିକ ବୋଲି ଗ୍ରହଣ କରନ୍ତି ନାହିଁ। ଫଳତଃ ସେମାନେ ଦେଶବିହୀନ ବ୍ୟକ୍ତି। ମ୍ୟାନ୍‌ମାର ସରକାରଙ୍କ ମତରେ ଏମାନେ ବର୍ମା ଭାରତର ଅଂଶବିଶେଷ ଥିବା ସମୟରେ ବଙ୍ଗ ପ୍ରଦେଶରୁ ଏକକାଳୀନ ବର୍ମା ପ୍ରଦେଶକୁ ଚାଲିଆସିଥିଲେ, ତେଣୁ ସେମାନେ ବର୍ତ୍ତମାନର ବାଂଲାଦେଶର ଅଧିବାସୀ ଓ ସେଠାକୁ ଫେରିଯିବା ଉଚିତ। ବାଂଲାଦେଶ ସରକାର ଏ ଯୁକ୍ତି ଗ୍ରହଣ କରନ୍ତି ନାହିଁ। ରୋହିଙ୍ଗ୍ୟାମାନେ ମ୍ୟାନ୍‌ମାର ସରକାରଙ୍କ ସଙ୍ଗେ ଆରାକାନ୍ ରୋହିଙ୍ଗ୍ୟା ସାଲଭାଶନ ଆର୍ମି ନାମରେ ଏକ ବାହିନୀ ଗଠନ କରି ଗେରିଲା ଯୁଦ୍ଧରେ ବ୍ୟାପୃତ ଅଛନ୍ତି ଓ ମ୍ୟାନ୍‌ମାର ସରକାରଙ୍କ ମିଲିଟାରୀ ଚାପରେ ବାଂଲାଦେଶ (୯ ଲକ୍ଷ) ଓ ମାଲେସିଆ (୧୪ ଲକ୍ଷ)କୁ ପଳାୟନ କରିଛନ୍ତି। ବାଂଲାଦେଶକୁ ଆସିଥିବା ରୋହିଙ୍ଗ୍ୟାମାନଙ୍କ ମଧ୍ୟରୁ କେତେକ ବାଂଲାଦେଶୀ ମୁସଲମାନଙ୍କ ସଙ୍ଗରେ ମିଶି ଭାରତରେ ବେଆଇନ ଭାବରେ ଅନୁପ୍ରବେଶ କରୁଛନ୍ତି।

ରୋହିଙ୍ଗ୍ୟା ମୁସଲମାନଙ୍କ ସମସ୍ୟାର ସମାଧାନ ଲାଗି ଜାତିସଂଘ ଓ ପାଶ୍ଚାତ୍ୟ ଦେଶଗୁଡ଼ିକରୁ ମ୍ୟାନ୍‌ମାର ସରକାର ଉପରେ ଚାପ ସୃଷ୍ଟି କରାଯାଉଥିଲେ ମଧ୍ୟ ମ୍ୟାନ୍‌ମାର ସରକାର ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବାକୁ ପ୍ରସ୍ତୁତ ନୁହନ୍ତି କି ଦେଶରୁ ପଳାୟନ କରିଥିବା ରୋହିଙ୍ଗ୍ୟାମାନଙ୍କୁ ଫେରାଇ ନେବାକୁ ରାଜି ନୁହନ୍ତି। ଫଳତଃ ୧୯୮୨ ମସିହାରୁ ଏହି ଗୋଷ୍ଠୀ କୌଣସି ଗୋଟିଏ ଦେଶକୁ ନିଜର ବୋଲି ଦାବି କରିପାରୁନାହିଁ। ରୋହିଙ୍ଗ୍ୟାମାନେ କୁହନ୍ତି ଯେ, ସେମାନେ ପୁରୁଷ ପୁରୁଷ ଧରି ଆରାକାନ୍ ଅଞ୍ଚଳରେ ବସବାସ କରି ଆସୁଛନ୍ତି ଓ ସେ ଦାବିକୁ ମ୍ୟାନ୍‌ମାର ସରକାର ଗ୍ରହଣ ନ କରି ସେ ଦେଶରେ ୧୩୫ଟି ସଂଖ୍ୟାଲଘୁ ଗୋଷ୍ଠୀ ମଧ୍ୟରେ ଅନ୍ତର୍ଭୁକ୍ତ କରୁନାହାନ୍ତି। ମ୍ୟାନ୍‌ମାର ସୈନ୍ୟବାହିନୀ ରୋହିଙ୍ଗ୍ୟାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି, ଏପରିକି ସେମାନଙ୍କର ଗ୍ରାମ ପୋଡ଼ି ଦେଉଛନ୍ତି ବୋଲି ଅଭିଯୋଗ ହୁଏ।

ବର୍ତ୍ତମାନ ରୋହିଙ୍ଗ୍ୟାମାନଙ୍କର ଭାରତବର୍ଷକୁ ଆଗମନ ସମ୍ବନ୍ଧରେ ଆଲୋଚନା କରିବା। ଭାରତ ପରି ଏକ ଜନବହୁଳ ରାଷ୍ଟ୍ରରେ ୪୦,୦୦୦ ଶରଣାଗତଙ୍କ ସଂଖ୍ୟା ବିଶେଷ ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ଅନେକେ ଯୁକ୍ତି କରନ୍ତି। ରୋହିଙ୍ଗ୍ୟାମାନଙ୍କୁ ବର୍ତ୍ତମାନ ସମୟରୁ ଯଦି ରୋକା ନ ଯାଏ, ସେମାନେ ଅଧିକ ସଂଖ୍ୟାରେ ଭାରତରେ ଅନାୟାସରେ ପ୍ରବେଶ କରିବେ ଏବଂ ବାଂଲାଦେଶ-ମ୍ୟାନ୍‌ମାର ଦ୍ୱିପାକ୍ଷିକ ସମସ୍ୟାରେ ଭାରତ ତୃତୀୟ ପକ୍ଷ ହୋଇଯିବ। ବାଂଲାଦେଶର ଅନୁପ୍ରବେଶକାରୀ ମୁସଲମାନ ପଶ୍ଚିମବଙ୍ଗ, ଆସାମ ଓ ବିହାରରେ ଜନସଂଖ୍ୟା ତତ୍ତ୍ୱଭିତ୍ତିକ ଅସନ୍ତୁଳନତା ସୃଷ୍ଟି କଲେଣି। ଅଧିକ ମୁସଲମାନ ଶରଣାର୍ଥୀ ଗ୍ରହଣ କରିବା ଭାରତ ପକ୍ଷରେ ହିତକର ନୁହେଁ। ପଶ୍ଚିମବଙ୍ଗରେ ମୁସ୍‌ଲିମ୍ ଭୋଟ ଉପରେ ନିର୍ଭରଶୀଳ ସରକାର ମୁସଲମାନ ଶରଣାର୍ଥୀମାନଙ୍କୁ ରୋକିବା ନିମନ୍ତେ ଫଳପ୍ରଦ ବ୍ୟବସ୍ଥା କରୁନାହାନ୍ତି। ଦେଶ ପକ୍ଷରେ କିନ୍ତୁ ଏହା ଅହିତକର।

ରୋହିଙ୍ଗ୍ୟାମାନେ ଏକ ଅସନ୍ତୁଷ୍ଟ ଗୋଷ୍ଠୀ। ତେଣୁ ସେମାନେ ଚଞ୍ଚଳ ଆଇଏସ୍‌ଆଇ ଓ ଅନ୍ୟାନ୍ୟ ମୁସ୍‌ଲିମ ବେଆଇନ ଗୋଷ୍ଠୀମାନଙ୍କର ସଦସ୍ୟ ହେବାରେ ଅନାଗ୍ରହୀ ନୁହନ୍ତି। ଭାରତବିରୋଧୀ ନିରାପତ୍ତାଭିତ୍ତିକ କାର୍ଯ୍ୟକଳାପ ସେମାନଙ୍କ ଦ୍ୱାରା କରାଇବା ସହଜ ଓ ସମ୍ଭବପର। ରୋହିଙ୍ଗ୍ୟାମାନେ ବାରମ୍ବାର ଆରାକାନ୍ ଛାଡ଼ି ପଳାଇ ଆସିବା ଅପେକ୍ଷା ଓ ମ୍ୟାନ୍‌ମାର ବିରୋଧରେ ଅସ୍ତ୍ର ଉତ୍ତୋଳନ କରିବା ଅପେକ୍ଷା ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରି ସେ ଦେଶରେ ନିଜର ନାଗରିକତ୍ୱ ପ୍ରାପ୍ତି ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ।

# ଗଛରେ ବାନ୍ଧି ୨ ଯୁବକଙ୍କୁ ମାଡ଼

### ଛେଳି ଚୋରି ମହଙ୍ଗା ପଡ଼ିଲା

ମୋରଡ଼ା,୧୦।୧୦(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଧଡ଼ାସାହି ପଞ୍ଚାୟତର ସାହାରଯୋଡ଼ି ଗାଁରେ ଛେଳି ଚୋରି ଅଭିଯୋଗରେ ୨ ଯୁବକଙ୍କୁ ଗ୍ରାମବାସୀ ଗଛରେ ବାନ୍ଧି ନିସ୍ତୁକ ମାଡ଼ମାରିବା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସେମାନଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି। ଅଟକ ଯୁବକ ଦ୍ୱୟ ପଶ୍ଚିମବଙ୍ଗ କେସିଆଡି ଅଞ୍ଚଳର ସାକିର ଖାଁ ଓ ଜୁମାନ ଖାଁ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଯୁବକ ଦ୍ୱୟ ମୋରଡ଼ା ଥାନା ଅଧୀନ ଖୁରୁଣ୍ଟିଆ ଛକରୁ ଗୋଟିଏ ଛେଳିକୁ ଉଠାଇନେଇ ବାଇକ୍‌ରେ ଯାଉଥିଲେ। ସ୍ଥାନୀୟ ଅଞ୍ଚଳର ବାଦଲ ସିଂ ସେମାନଙ୍କୁ ସାହାରଯୋଡି ଗ୍ରାମ ନିକଟରେ ଗ୍ରାମବାସୀଙ୍କ ସହାୟତାରେ ଅଟକାଇ ପଚରାଉଚୁରା କରିବାରୁ ସେମାନେ ଛେଳି ଚୋରି କରିଥିବା ଜଣାପଡ଼ିଥିଲା। ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ସାକିଲ ଓ ଜୁମାନଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ପରେ ମୋରଡ଼ା ପୋଲିସ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ସେମାନଙ୍କୁ ଉଦ୍ଧାର କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ. ୨୫୬/୧୦) ରୁଜୁ ହୋଇଛି।



ଗଛରେ ବନ୍ଧା ହୋଇଥିବା ୨ ଯୁବକ।

## ଯୁବକଙ୍କୁ ନିର୍ମମ ହତ୍ୟା

ଯୋଡ଼ା,୧୦।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ଉପକଣ୍ଠ କଳାପାହାଡ଼ ଛକ ନିକଟସ୍ଥ ଶାଗୁଆନ ବଣ ନିକଟରେ ଥିବା ଏକ ଟିଣ ଘରୁ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ ହୋଇଛି। ପ୍ରାଥମିକ ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ କହିଛି। ମୃତକ ହେଲେ ପ୍ରଦୀପ କୁମାର ବେହେରା ଓରଫ ନେତା। ସେ ଯୋଡ଼ାରେ ଏକାକୀ ରହୁଥିବା ବେଳେ ତାଙ୍କ ପରିବାର କେନ୍ଦୁଝରରେ ଅବସ୍ଥାନ କରନ୍ତି। ସୂଚନା ଅନୁଯାୟୀ, ମଙ୍ଗଳାବର ସକାଳେ ଜଣେ ସାଙ୍ଗ ପ୍ରଦୀପଙ୍କୁ ଡାକିବାକୁ ଯାଇଥିବା ବେଳେ ଘର ଭିତରେ ତାଙ୍କ କ୍ଷତବିକ୍ଷତ ମୃତଦେହ ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବରପାଇ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଘରେ ଥିବା ଜିନିଷ ପତ୍ର ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରୁ ପୋଲିସ ଏକ ରକ୍ତ ଲଗା ବାଲ୍‌ଟି ଜବତ କରିଛି।

# ଓସିଏସ୍ ପରୀକ୍ଷା ଆଡ୍‌ମିଟ୍ କାର୍ଡ ତ୍ରୁଟି ସଂଶୋଧନ ବିଜ୍ଞପ୍ତି

କଟକ,୧୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ୨୦୨୨ ପ୍ରିଲିମିନାରି ପରୀକ୍ଷା ପାଇଁ ଦିଆଯାଇଥିବା ଆଡ୍‌ମିଟ କାର୍ଡରେ ଥିବା ତ୍ରୁଟିର ସଂଶୋଧନ କରାଯାଇଛି। ଆଡ୍‌ମିଟ୍ କାର୍ଡରେ ପରୀକ୍ଷା କେନ୍ଦ୍ରଗୁଡ଼ିକର ଠିକଣା ସମ୍ପୂର୍ଣ୍ଣ ନ ଥିବାରୁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏହାପରେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି।

ଆସନ୍ତା ୧୫ ତାରିଖରେ ଓସିଏସ୍ ପ୍ରିଲିମିନାରି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ୫ଟି ଜୋନ୍‌ରେ ପରୀକ୍ଷା କେନ୍ଦ୍ର କରାଯାଇଛି। ବାଲେଶ୍ୱର ସମେତ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ଜୋନ୍‌ରେ ଏହି ପରୀକ୍ଷା କରାଯିବାକୁ ସ୍ଥିର କରାଯାଇଛି। ତେବେ ପୂର୍ବରୁ ପ୍ରକାଶିତ ଆଡ୍‌ମିଟ୍ କାର୍ଡରେ ଭୁବନେଶ୍ୱର ଜୋନ୍‌ର ୮ଟି କେନ୍ଦ୍ର ଓ ବାଲେଶ୍ୱରର ଗୋଟି କେନ୍ଦ୍ର ଠିକଣା ଅସମ୍ପୂର୍ଣ୍ଣ ଥିଲା। ଏହାପରେ ସମ୍ପୂର୍ଣ୍ଣ ଠିକଣା ଥିବା କେନ୍ଦ୍ରର ତାଲିକା ଓପିଏସସି ପକ୍ଷରୁ ପ୍ରକାଶ ପାଇଛି। ସଂଶୋଧିତ ବିଜ୍ଞପ୍ତିରେ ଓସିଏସ୍ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ କାର୍ଡରେ ଥିବା ପରୀକ୍ଷା କେନ୍ଦ୍ରର ଠିକଣାରେ ଟାଇପୋଗ୍ରାଫି ତ୍ରୁଟି ରହିଥିଲା ବୋଲି କୁହାଯାଇଛି। ଏଥିପାଇଁ ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ଖୋଜିବାରେ ଯେପରି କୌଣସି ସମସ୍ୟା ନ ହୁଏ ଅସମ୍ପୂର୍ଣ୍ଣ ଥିବା ଠିକଣା କେନ୍ଦ୍ରଗୁଡ଼ିକର ସମ୍ପୂର୍ଣ୍ଣ ଠିକଣା ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଜୋନ୍‌ର ନୂଆ ବସ୍‌ଷ୍ଟାଣ୍ଡ ନିକଟ ବୀଣାପାଣି ଶିଶୁ ମନ୍ଦିର, ସାମନ୍ତରାପୁର ମହିଳା ମହାବିଦ୍ୟାଳୟ, ଏସ୍‌ବିଆଇ ଛକ ନିକଟ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ, ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ର ସମ୍ ନର୍ସିଂ କଲେଜ, ଡୁମଡୁମା ଫେଜ-୨ ହାଉସିଂ ବୋର୍ଡ କଲୋନିର ଗାଇଡାନ୍ସ ଇଂଲିଶ ମିଡିୟମ ସ୍କୁଲ, ୟୁନିଟ-୨ କ୍ୟାପିଟାଲ ବାଳିକା ଉଚ୍ଚବିଦ୍ୟାଳୟ। ସେହିପରି ବାଲେଶ୍ୱର ଜିଲା କୁରୁଡାର ମଡର୍ନ ପବ୍ଲିକ ସ୍କୁଲ କେନ୍ଦ୍ର ରହିଛି।

### କେନ୍ଦ୍ରଗୁଡ଼ିକର ସମ୍ପୂର୍ଣ୍ଣ ଠିକଣା ଦେଲା ଓପିଏସ୍‌ସି

ସୂଚନାଥାଉକି ଓସିଏସ୍-୨୦୨୨ ନିମନ୍ତେ ୨୦୨୨ ଡିସେମ୍ବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ ୬୮୩ ପଦବୀ ପାଇଁ ୨୦୨୩ ଜାନୁୟାରୀ ୧୭ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଫେବୃୟାରୀ ୧୬ ତାରିଖରେ ଶେଷ ହୋଇଥିଲା। ପରୀକ୍ଷା ଦୁଇଟି ସିଟିଂରେ କରାଯିବ। ୧୫ତାରିଖ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ୧୦୦ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୧ ପରୀକ୍ଷା କରାଯିବ। ସେହିପରି ଅପରାହ୍ନ ୧ଟା ୩୦ରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ୮୦ ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୨ ପରୀକ୍ଷା କରାଯିବ। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଉଭୟ ସିଟିଂରେ ୪୦ ମିନିଟ୍ ଲେଖାଏଁ ଅଧିକ ସମୟ ଦିଆଯିବ।

# ତାଳଚେରରେ ୧୨ ଘଣ୍ଟିଆ ବନ୍ଦ ପାଳନ

ତାଳଚେର,୧୦।୧୦ (ମନୋଜ ନନ୍ଦ)

ତାଳଚେର ମେଡିକାଲ କଲେଜକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ମଙ୍ଗଳବାର ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ଡାକରାକୁ କଂଗ୍ରେସ, ଆମ ଆଦ୍‌ମୀ ପାର୍ଟି, ତାଳଚେର ବସ୍ ମାଲିକ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ସମର୍ଥନ ଘୋଷଣା କରିଥିଲେ। ଏହି ବନ୍ଦ ପାଳନ ଯୋଗୁ ସହରରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଏମ୍‌ସିଏଲ୍ କୋଇଲା ଖଣି ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହୋଇଥିବା ବେଳେ ଉଭୟ ରେଳପଥ ଓ ସଡ଼କ ପଥରେ କୋଇଲା ପରିବହନ ହୋଇପାରି ନ ଥିଲା। ସେହିପରି ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପ୍ରକାଶ ଯେ, ତାଳଚେର ମେଡିକାଲ କାଲେଜ ପାଇଁ ଏମ୍‌ସିଏଲ୍ ସହଯୋଗରେ ବିଲ୍ଡିଂ ନିର୍ମାଣ ଦୀର୍ଘ ବର୍ଷ ହେବ ଶେଷ ହୋଇଥିବା ବେଳେ ଏଯାଏ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅକ୍ଟୋବର ପହିଲାରୁ ଏଠାରେ ରୋଗୀ ସେବା ଆରମ୍ଭ ହେବ ବୋଲି କୁହାଯାଇଥିଲେ ହେଁ ତାହା କାର୍ଯ୍ୟକାରୀ କରାଯାଇ ନାହିଁ। ତେଣୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଆନ୍ଦୋଳନ କରାଯାଇଥିଲା। କମିଟି ଆବାହକ ପଦ୍ମଚରଣ ସାମଲ, ବିନୋଦ ଲାଲ, ସଂଗ୍ରାମ କେଶରୀ କୁଅଁର, ସଞ୍ଜୀବ ନାଏକ, ଶୋଭାଗିନୀ ଦାସ, କେଶବ ଭୂତିଆ, ଜିତେନ୍ଦ୍ର କୁମାର ଦାସ, ପ୍ରଫୁଲ ନାଏକଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ।



କ୍ରିୟାନୁଷ୍ଠାନ କମିଟି ଓ ସମର୍ଥନକାରୀଙ୍କ ପକ୍ଷରୁ ବନ୍ଦ ପାଳନ କରାଯାଉଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

ଠାକୁରମୁଣ୍ଡା,୧୦।୧୦
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ଅନ୍ତର୍ଗତ ଖୁଦିଶିଳା ଗ୍ରାମରେ ମଙ୍ଗଳବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାଣିକ କାର୍ଜିଙ୍କ ସ୍ତ୍ରୀ ତୁରିଆ (୩୦)। ମାଣିକଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହକୁ ବିଦ୍ୟୁତ ସଂଯୋଗ ହୋଇଥିଲା। ଘରର ଲୁହା କବାଟ ଦେଇ ବିଦ୍ୟୁତ ତାରକୁ ଘର ଭିତରକୁ ନେଇଥିଲେ। ଏହି ଲୁହା କବାଟ କୌଣସି କାରଣରୁ ଚାର୍ଜ ହୋଇ ରହିଥିଲା। ପୂର୍ବାହ୍ନ ୯ଟା ବେଳେ ତୁରିଆ ଏହି ଲୁହା କବାଟକୁ ଖୋଲୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଟ୍ରଲିରେ ବୁହାହେଲା ଅସହାୟ ବୃଦ୍ଧାଙ୍କ ମୃତଦେହ

ପାଲଲହଡା,୧୦।୧୦ (ଦିବ୍ୟଜ୍ୟୋତି ଦାଶ)

ଦେଖିବାକୁ ମିଳିଲାନି ମାନବିକତା। ଅସହାୟ ବୃଦ୍ଧାଙ୍କ ମୃତ୍ୟୁ ପରେ ମିଳିଲାନି ଚାରି କାନ୍ଧ। ଶେଷରେ ଟ୍ରଲିରେ ବୁହା ହୋଇ ମଶାଣିକୁ ଗଲା ମୃତଦେହ। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡର ସାମନ୍ତ ସାହିରେ।

ସୂଚନା ଅନୁଯାୟୀ, ନିଜିଗଡ଼ ପଞ୍ଚାୟତ ସାମନ୍ତସାହିର ଯଦୁମଣି ମହାପାତ୍ରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଦେବକୀ ମହାପାତ୍ର (୮୦) ଏକା ରହି ଆସୁଥିଲେ। ଜଣେ ଭିନ୍ନକ୍ଷମ ଝିଆରି ତାଙ୍କର ସାହାରା ଥିଲେ। ହେଲେ ରୋଗ ଯୋଗୁ ସେ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ବିଛଣାରେ ପଡ଼ିରହିବା ଦ୍ୱାରା ଦେହ ସାରା ଘା ହୋଇଯାଇଥିଲା। ଏହାପରେ କେହି ବି ତାଙ୍କ ପାଖ ମାଡ଼ି ନ ଥିଲେ। ଖବରପାଇ ମା' କୁଣ୍ଢେଇବିରା ସେବା ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ଚିକିତ୍ସା କରିଥିଲେ। ହେଲେ ମଙ୍ଗଳବାର ଦେବକୀଙ୍କ ମୃତ୍ୟୁ ହୋଇଯାଇଥିଲା। ସଙ୍ଗଠନର ସଦସ୍ୟମାନେ ଏ ନେଇ ଖବର ପାଇ ନ ଥିବାବେଳେ ଅନ୍ୟ କେହି ତାଙ୍କ ମୃତଦେହ ଉଠାଇବାକୁ ଆସି ନ ଥିଲେ। ଦୀର୍ଘସମୟ ଧରି ମୃତଦେହ ପଡ଼ି ରହିଥିଲା। ସରପଞ୍ଚ ଶଶୀଭୂଷଣ ଆଚାର୍ଯ୍ୟଙ୍କ ହସ୍ତକ୍ଷେପ ପରେ ନାଏବ ସରପଞ୍ଚଙ୍କ ସହଯୋଗରେ ଏକ ଟ୍ରଲିରେ ମୃତଦେହ ମଶାଣିକୁ ନିଆଯାଇଥିଲା। ସେଠାରେ ଜେସିବିରେ ଗାତ ଖୋଳି ପୋତାଯାଇଥିଲା। ସାମନ୍ତସାହି ଠାରୁ ମାତ୍ର କେଇ ମିଟର ଦୂରରେ ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟାଳୟ ଥିଲେ ହେଁ ମୃତଦେହକୁ ଏପରି ଅସମ୍ମାନ କରାଯିବା ଘଟଣାକୁ ନେଇ ଅନେକ କ୍ଷୋଭବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଆଚାର୍ଯ୍ୟ କହିଛନ୍ତି, ଦେବକୀଙ୍କ ମୃତଦେହ ସତ୍କାର ପାଇଁ ସମସ୍ତ ଖର୍ଚ୍ଚ ପଞ୍ଚାୟତ ପକ୍ଷରୁ ବହନ କରାଯାଇଛି।



## ସଂକ୍ଷେପରେ

## ବିଜୟ ଉତ୍ସବ ପାଳିଲା ଉତ୍କଳ ବିଶ୍ୱବିଦ୍ୟାଳୟ

### ୧୯ତମ ଏସିଆନ ଗେମ୍ସରେ ଓଡ଼ିଆଙ୍କ କୃତିତ୍ୱ

**ଭୁବନେଶ୍ୱର,୧୦।୧୦(ଅନୁରାଧା ମହାରଣା):** ୧୯ତମ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ପୁରୁଷ ହକି ଦଳ ତଥା କାଂସ୍ୟ ପଦକ ପାଇଥିବା ମହିଳା ହକି ଦଳର ଉତ୍ସାହ ବଢ଼ାଇବା ପାଇଁ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣସ୍ଥିତ ଗାନ୍ଧୀ ଅହିଂସା ସ୍ଥଳରେ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ସମୂହ କରତାଳି ମାଧ୍ୟମରେ ଓଡ଼ିଆ ମାଟିର ଦୁଇ ଖେଳାଳି ଅମିତ୍ ରୋହିଦାସ ଏବଂ ଦୀପ ଗ୍ରେସ ଏକ୍କାଙ୍କ ସହ ଅନ୍ୟ ଖେଳାଳିମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଉତ୍ସାହୀ ଛାତ୍ରୀଛାତ୍ରମାନେ ଆଗାମୀ ପ୍ୟାରିସ ଅଲିମ୍ପିକରେ ଭାରତୀୟ ହକି ଦଳ ପାଇଁ ବିଜୟ ଓ ଶୁଭକାମନା ପାଇଁ ଏକ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ କରିଥିଲେ। ଏହି ଉତ୍ସବ ସ୍ନାତୋକତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ନବନିତା ରଥ ଏବଂ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରରାୟଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ପିଜି ଆଥଲେଟିକ୍ କ୍ଲବର ଉପସଭାପତି ଡ. କୀର୍ତ୍ତିରଞ୍ଜନ ମଲ୍ଲିକ ସଭା ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନିଶା ନିବାରଣ, ବ୍ୟବହାର ପରିବର୍ତ୍ତନ ଶିବିର ଉଦ୍‌ଯାପିତ

**ଜଟଣୀ,୧୦।୧୦(ରବୀନ୍ଦ୍ର ନାଥ ମହାକୁଡ଼):** ଜଟଣୀ ବ୍ଲକ ଅଧୀନ ଗୋପୀନାଥପୁର ଠାରେ ଥିବା ସୋସାଇଟି ଫର୍ ଚିଲ୍ଡ୍ରେନ 'ସୋଚ' ଅନୁଷ୍ଠାନ ପକ୍ଷରୁ ଏକ ମାସ ଧରି ଚାଲିଥିବା ନିଶା ନିବାରଣ ଓ ବ୍ୟବହାରିକ ପରିବର୍ତ୍ତନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୨୦ ଜଣ ଶିଶୁ ଯୋଗଦେଇଥିଲେ। ପିଲାମାନଙ୍କୁ ନିଶା ଠାରୁ କିଭଳି ଦୂରେଇ ରହିବା ଏବଂ ଶରୀର ଓ ପରିବେଶ ପ୍ରତି କେତେ କ୍ଷତିକାରକ ସାଜୁଛି ଏସମ୍ପର୍କରେ ନୈତିକ ଶିକ୍ଷା ଦିଆଯାଇଥିଲା। ଉଦ୍‌ଯାପନ କାର୍ଯ୍ୟକ୍ରମରେ ବିଶେଷ ଅତିଥିଭାବେ ରୋଟାରୀ ଡିସଟ୍ରିକ୍ଟ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି, ଲାୟନ ମେମ୍ବର ହେମନ୍ତ କୁମାର ଖୁଣ୍ଟିଆ, ସୋଚ ଗଭର୍ନିଙ୍ଗ ବୋର୍ଡର ଅଧ୍ୟକ୍ଷ ନିର୍ମଳ କୁମାର ବେହେରା, ଫାଉଣ୍ଡର, ଡାଇରେକ୍ଟର ସୋଚ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସଫଳତା ହାସଲ ନିମନ୍ତେ ପିଲା ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର କର୍ମଚାରୀ ରୋଜାଲିନ ବେହେରା ସ୍ୱାଗତ ଭାଷଣ, ପ୍ରୋଗ୍ରାମ ଅନୁଚାଳିତର ତତ୍ତ୍ୱାବଧାରକ ରଞ୍ଜନ କୁମାର ଧଳ ସଭାର ମୁଖ୍ୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିବିରର ମୁଖ୍ୟ କାର୍ଯ୍ୟକର୍ତ୍ତା ସୌମ୍ୟଜିତ୍ ଦାସ, ମନସ୍ୱିନୀ ସ୍ୱାଇଁ, ରୋଜାଲିନ ବେହେରା, ଆକାଂକ୍ଷା ପ୍ରିୟଦର୍ଶିନୀ, ମୌସୁମୀ ରାଉତ, ଅନିତା ମଙ୍ଗରାଜ, ରିଲୁ ପରିଡ଼ା, ସୁକାନ୍ତ ପରିଡ଼ା, ଟୁନି ସ୍ୱାଇଁ ପ୍ରମୁଖ ଶିବିର ପରରିଚାଳନାରେ ସହଯୋଗ କରିଥିଲେ। ସୋଚ'ର ଜେନେରାଲ ମ୍ୟାନେଜର ଶ୍ରିଲେଖା ଚୌହାନ ଧନ୍ୟବାଦ ଦେଇଥିଲେ।

## ଆଇପିଏସ୍ ଅଫିସର ସଂଘର ଶୋକ

**ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ):** ପୂର୍ବତନ ପୋଲିସ ଡିଜି ଶରତ ଚନ୍ଦ୍ର ମିଶ୍ରଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ଅଫିସର ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ପୋଲିସ ଡିଜି ସୁନୀଲ ବଂଶଲଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଆୟୋଜନ କରାଯାଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ ଅର୍ପଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ପକ୍ଷରୁ ସ୍ୱର୍ଗତ ମିଶ୍ରଙ୍କ ପରିବାର ବର୍ଗଙ୍କ ପ୍ରତି ମଧ୍ୟ ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା। ପ୍ରଥମେ ଆଇପିଏସ୍ ଅଫିସର ସଂଘର ସମ୍ପାଦକ ତଥା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସ୍ୱର୍ଗତ ମିଶ୍ରଙ୍କ ଚାକିରି ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପୋଲିସ ଡିଜିଙ୍କ ସମେତ ଏଚ୍ଆରପିସି ଡିଜି ଏ. ଏମ୍. ପ୍ରସାଦ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ଏସ୍‌ସିଆରବି ନିର୍ଦ୍ଦେଶକ ବିନୟତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ।

# ଭିକାରିମୁକ୍ତ ଭୁବନେଶ୍ୱର ପାଇଁ ଆହ୍ୱାନ

### ବିଏମ୍‌ସିର ୫ମ ଭିକାରି ଥଇଥାନ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ଭିକାରିମୁକ୍ତ ହେବ ରାଜଧାନୀ ଭୁବନେଶ୍ୱର। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରୟାସ ଜାରି ରହିଛି। ଭିକାରିମାନଙ୍କ ଥଇଥାନ ପାଇଁ ମଙ୍ଗଳବାର ଅନ୍ଧାରୁଆଠାରେ ୫ମ ଭିକାରି ଥଇଥାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଥଇଥାନ କେନ୍ଦ୍ରକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏଠାରେ ୧୦୦ଜଣ ଭିକ୍ଷୁକ ରହିପାରିବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହାୟତା ଯୋଗାଇ ଦେଇଥିବାବେଳେ ବିଏମ୍‌ସି ଏବଂ ସହଭାଗୀ ଅନୁଷ୍ଠାନର ମିଳିତ ପ୍ରୟାସରେ ଏହି ଥଇଥାନ କେନ୍ଦ୍ର ପରିଚାଳିତ ହେବ। ଏହି ଅବସରରେ ଭୁବନେଶ୍ୱରକୁ ଭିକାରିମୁକ୍ତ କରିବା ପାଇଁ ମେୟର ଆହ୍ୱାନ ଦେଇଥିଲେ।


ଭିକାରି ଥଇଥାନ କେନ୍ଦ୍ରକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରୁଛନ୍ତି।

ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଭିକାରିମାନଙ୍କ ପ୍ରତି କେବଳ ଦୟାଭାବ ଦେଖାଇବାରେ ସୀମିତ ନ ରହି ସେମାନଙ୍କର ଉଦ୍ଧାର, ଥଇଥାନ ଏବଂ ପରିବାରରେ ପୁନଃମିଶ୍ରଣ ପାଇଁ ସରକାରଙ୍କ ଉଦ୍ୟମ ଜାରି ରହିଛି ବୋଲି କହିଥିଲେ। ତେବେ ଏଥିପାଇଁ ଅଧିକରୁ ଅଧିକ ଗୋଷ୍ଠୀ ସହଯୋଗ ମିଳିଲେ, ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିହେବ ବୋଲି ସେ ମତ ଦେଇଥିଲେ। ସେହିପରି ଭିକାରିମୁକ୍ତ ଭୁବନେଶ୍ୱର ଗଠନ ପାଇଁ ସେମାନଙ୍କୁ ଆଣି ଥଇଥାନ କେନ୍ଦ୍ରରେ ଭର୍ତ୍ତି କରିବା ସକାଶେ ବିଏମ୍‌ସି ପକ୍ଷରୁ ଏକ ସ୍କ୍ୱାଡ୍ ଗଠନ କରାଯାଇଛି। ତଥାପି ଯଦି କାହା ନଜରରେ ଭିକାରି ପଡ଼ନ୍ତି, ତେବେ ସେମାନେ ଟୋଲ ଫ୍ରି ନମ୍ବର. ୧୯୨୯କୁ କଲ୍ କରି ଜଣାଇବାକୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଭୁବନେଶ୍ୱରରେ ୪ଟି ଭିକାରି ଥଇଥାନ କେନ୍ଦ୍ର ରହିଥିବା ବେଳେ ଏବେ ତାହା ୫କୁ ବୃଦ୍ଧି ପାଇଛି। ଏହି କେନ୍ଦ୍ରଗୁଡିକ ଭିକାରିମୁକ୍ତ ଭୁବନେଶ୍ୱର ପାଇଁ ଖୁବ୍ ସହାୟକ ହେବ ବୋଲି ବିଏମ୍‌ସି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଥଇଥାନ କେନ୍ଦ୍ରରେ ଭିନ୍ନକ୍ଷମ, ମହିଳା ଓ ଶିଶୁ ଭିକାରିମାନଙ୍କ ରହଣି ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ, ଡେପୁଟି କମିଶନର ସ୍ନେହପ୍ରଭା ଆଚାର୍ଯ୍ୟ, ପରିଚାଳନା ସଂସ୍ଥା ପତିତା ଉଦ୍ଧାର ସମିତି ଅଧ୍ୟକ୍ଷା ଆଭାରାଣୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ସାମ୍ପ୍ରତିକ ନିର୍ବାଚନ ପଦ୍ଧତିରେ ସଂସ୍କାର ଅଣାଯିବା ଏବଂ ଅନ୍ୟାନ୍ୟ ଦାବିରେ ନିଡ୍ସ ଅଫ୍ ଦି ଟାଇମ୍ ପକ୍ଷରୁ ମଙ୍ଗଳବାର ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ– ମନୋରଞ୍ଜନ)

## ୪ ଜଣିଆ ଚୋର ଗ୍ୟାଙ୍ଗ ଧରାପଡ଼ିଲା


ଗିରଫ ୪ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ)**

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଘରେ ପଶି ଚୋରି କରୁଥିବା ଏକ ୪ଜଣିଆ ଗ୍ୟାଙ୍ଗ ମଙ୍ଗଳବାର କମିଶନରେଟ୍ ପୋଲିସ ହାତରେ ଧରାପଡ଼ିଛି। ଅଭିଯୁକ୍ତମାନଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଘାଟିକିଆରେ ରହୁଥିବା ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳର ମନୋରଞ୍ଜନ ସାହୁ(୨୩), ଖଣ୍ଡଗିରି ଥାନା ଅନ୍ତର୍ଗତ ପିପିଏଲ୍ କଲୋନୀରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଞ୍ଚଳର ବିବେକ ରଞ୍ଜନ ମହାନ୍ତି (୨୫), ଭରତପୁର ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁର ଏର୍‌ସମା ଥାନା ଅଞ୍ଚଳର ପ୍ରେମ ଦାସ (୨୨) ଓ ବଡ଼ଗଡ଼ ଥାନା ବ୍ରିଟ୍ କଲୋନୀରେ ରହୁଥିବା କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳର ମନୋରଞ୍ଜନ ଭୋଇ(୨୭)। ସେମାନଙ୍କଠାରୁ ୫ଟି ଲ୍ୟାପ୍‌ଟପ୍, ୬ ମୋବାଇଲ, ୨ଟି ଆପଲ୍ ଆଇପାଡ୍, ୧୦୦ ଗ୍ରାମ ସୁନା ଅଳଙ୍କାର ଓ ୧୫୦ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଦିନରେ ଶୂନଶାନ୍ ଘରକୁ ଟାର୍ଗେଟ କରନ୍ତି। ପରେ ଘରେ ପ୍ରବେଶ କରି ଲାପ୍‌ଟପ୍, ମୋବାଇଲ୍ ଫୋନ୍, ଟ୍ୟାବ୍ ଏବଂ ସୁନା ଅଳଙ୍କାର ଚୋରି କରିବା ପରେ ଖସିଯାଉଥିଲେ। କଳିଙ୍ଗନଗର କେ-୮ରେ ରହୁଥିବା ଅଭିଯୋଗକାରିଣୀ ସୋମବାର ତାଙ୍କ ଡ୍ରଇଁ ରୁମ୍‌ରେ ବସିଥିବାବେଳେ ଅଭିଯୁକ୍ତମାନେ ଘରେ ପଶି ଲ୍ୟାପଟପ୍ ଚୋରି କରି ନେଇ ଯାଉଥିବା ସମୟରେ ସେ ଦେଖିଥିଲେ। ଅଭିଯୋଗକାରିଣୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଅଭିଯୁକ୍ତମାନେ ଦୌଡ଼ି ପଳାଇଯାଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୫୩/୨୦୨୩) ରୁଜୁ କରି ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଥିଲା।

## ଗୋପବନ୍ଧୁଙ୍କ ଆଦର୍ଶରେ ଓଡ଼ିଶା ଆଦର୍ଶ ପ୍ରଦେଶରେ ପରିଣତ ହେବ

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ପିପିଏଲ୍ କଲୋନୀ ପରିସରରେ ସୋମବାର ସମନ୍ୱିତା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ପୌର ନିଗମ ସ୍ୱତନ୍ତ୍ର ପଦାଧିକାରୀ ଲାବଣ୍ୟ ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଓଡ଼ିଶା ଭାରତବର୍ଷରେ ଏକ ଆଦର୍ଶ ପ୍ରଦେଶରେ ପରିଣତ ହେବ। ଗୋପବନ୍ଧୁଙ୍କ ଅସୀମ ତ୍ୟାଗ, ମୂଲ୍ୟବୋଧଭିତ୍ତିକ ଶିକ୍ଷାଦାନ ତଥା ନିସ୍ୱାର୍ଥପର ସେବା ଆମ ସମସ୍ତଙ୍କର ପଥପ୍ରଦର୍ଶକ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ଗାନ୍ଧୀସ୍ମାରକ ନିଧିର ପ୍ରାକ୍ତନ ସଭାପତି ପହଲ୍ଲାଦ କୁମାର ସିଂହ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନରେ ଶିକ୍ଷା, ସାହିତ୍ୟ, ସାମ୍ବାଦିକତା ଓ ଜନସେବାର କିପରି ସମନ୍ୱୟ ଘଟିଥିଲା ତାହାର ଉଦାହରଣ ଦେଇଥିଲେ। ସଂସଦର ଅଧ୍ୟକ୍ଷା ଡ. ମନସ୍ୱିନୀ ଦାଶ ସ୍ୱାଗତ ଭାଷଣ ଦେଇ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ସଂସଦର ସଭ୍ୟାଙ୍କ ଦ୍ୱାରା କବିତା ପାଠ କରାଯାଇଥିବାବେଳେ ସ୍ୱର୍ଣ୍ଣପ୍ରଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ସମନ୍ୱିତା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଯୌନ ପ୍ରଜନନ, ପରିବାର ନିୟନ୍ତ୍ରଣ ସଂକ୍ରାନ୍ତ ଆଲୋଚନା



କାର୍ଯ୍ୟକ୍ରମରେ ଷ୍ଟିଅରିଂ କମିଟିର ଅଧ୍ୟକ୍ଷ ରାଜେଶ କୁମାର ମିଶ୍ର, ଉପାଧ୍ୟକ୍ଷା ଶିବାନୀ ଦାସ ଏବଂ ଅନ୍ୟ ଅତିଥି।

ଭୁବନେଶ୍ୱର,୧୦।୧୦ (ଅନୁରାଧା ମହାରଣା)

ଯୌନ ପ୍ରଜନନ ବ୍ୟକ୍ତିର ଶାରୀରିକ, ମାନସିକ ଓ ସାମାଜିକ ଜୀବନ ସହ ଜଡ଼ିତ। ଏହା ପରିବାର ନିୟୋଜନ, ଯୌନ ସଂକ୍ରମଣ ପ୍ରତିରୋଧ, ଲିଙ୍ଗଭିତ୍ତିକ ପରିଚୟ ଏବଂ ଅଧିକାର ସାବ୍ୟସ୍ତ କରିବା ଓ ବ୍ୟକ୍ତିର ଯୌନଗତ ସ୍ୱାସ୍ଥ୍ୟ ଏବଂ ଶରୀର ପାଇଁ ଠିକ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ। ମଙ୍ଗଳବାର ଫ୍ୟାମିଲି ପ୍ଲାନିଂ ଆସୋସିଏସନ ଅଫ ଇଣ୍ଡିଆ(ଏଫପିଏଆଇ) ପକ୍ଷରୁ ସ୍ଥାନୀୟ ରେଡ଼କ୍ରସ୍ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ସାମାଜିକ ସଂସ୍ଥା ଏଫ୍‌ପିଏଆଇର ଭୂମିକା ସମ୍ପର୍କରେ ଅବଗତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଷ୍ଟିଅରିଂ କମିଟିର ଅଧ୍ୟକ୍ଷ ରାଜେଶ କୁମାର ମିଶ୍ର, ଉପାଧ୍ୟକ୍ଷା ଶିବାନୀ ଦାସ, ସଦସ୍ୟ ସୁଧୀର କୁମାର ମିଶ୍ର, ଏଫ୍‌ପିଏଆଇର ଭୁବନେଶ୍ୱର ବ୍ରାଞ୍ଚ ମ୍ୟାନେଜର ପ୍ରମୁଖ ଯୋଗ ଦେଇ ବିସ୍ତୃତ ଆଲୋଚନା କରିଥିଲେ। ଯେକୌଣସି ଜରୁରୀ ସ୍ଥିତିରେ ସାଧାରଣ ବ୍ୟକ୍ତିବିଶେଷ ସେମାନଙ୍କ ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାର ପାଇବାରୁ ବଞ୍ଚିତ ହେବେନାହିଁ ଓ ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଏହା ସ୍ଥାନ ପାଇପାରିବ ବୋଲି କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ। ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାର ଜଡ଼ିତ ହେବା ପାଇଁ ରାଜ୍ୟ ଅଧିକାରୀ, ଆଇଏଜି ସଙ୍ଗଠନ, ସହଯୋଗୀ ସାମାଜିକ ସଙ୍ଗଠନ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ଏ ବିଷୟରେ ଆଲୋଚନା ପାଇଁ ଯୋଜନା ଜାରି ରହିଛି ବୋଲି ସୂଚନା ଦିଆଯାଇଥିଲା।

## ମାନସିକ ସ୍ୱାସ୍ଥ୍ୟ ଶିବିର

**ବାରଙ୍ଗ,୧୦।୧୦(ଲିଙ୍ଗରାଜ ରାଉତ):** ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ନରଣପୁରଠାରେ ଏକ ମାଗଣା ମାନସିକ ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ତୋଫାନ ପତି, ଡା. ଉଦୟନାଥ ଦାଶ, ଡା. ସମ୍ରାଟ କର ଏବଂ ଡା. ଅମ୍ରିତ ପାଟଯୋଷୀ ପ୍ରମୁଖ ଯୋଗଦେଇ ୩୨ଜଣ ମାନସିକ ରୋଗୀଙ୍କ ଚିକିତ୍ସା କରିଥିଲେ। ଏହି ଅବସରରେ ଫିଲ ଆଲାଇଭ ଦ୍ୱାରା ପରିଚାଳିତ ଏକ ଶିଶୁ ମାନସିକ ବିକାଶକେନ୍ଦ୍ରକୁ ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସୁରେଶ ମହାନ୍ତି, ବାରଙ୍ଗ ବ୍ଲକର ମିଶନ ଶକ୍ତି ଅଧ୍ୟକ୍ଷା ସୁମିନା ପ୍ରଧାନ, ବେଲଗଛିଆ ସରପଞ୍ଚ ମାନିନୀ ସାହୁ, ଫିଲ ଆଲାଇଭ ପରାମର୍ଶଦାତା ଶ୍ରୀହର୍ଷ ମହାନ୍ତି ଏବଂ ମହାବୀର ସ୍ପୋର୍ଟିଂ କ୍ଲବ କର୍ମକର୍ତ୍ତା ଏବଂ ନରଣପୁର ଗ୍ରାମବାସୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଫିଲ ଆଲାଇଭର ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ମହାନ୍ତି ପରିଚାଳନା କରିଥିଲେ। ସୁରେଶ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଏକାମ୍ରରେ ଜନସମ୍ପର୍କ ପଦଯାତ୍ରା




ପୁରୁଣା ଭୁବନେଶ୍ୱର,୧୦।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ବିଜୁ ଜନତା ଦଳ(ବିଜେଡି)ର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ନଂ.୬୭ ସୁନ୍ଦରପଦା ଗଣେଶ ମନ୍ଦିର ଛକଠାରୁ ଏହି ପଦଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମେୟର ସୁଲୋଚନା ଦାସ ସାମିଲ ହୋଇଥିଲେ। ପଦଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ସୁନ୍ଦରପଦା ଗ୍ରାମ ପରିକ୍ରମା କରିଥିଲେ। ଏହି ପଦଯାତ୍ରାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଘରେ ଘରେ ପାନୀୟଜଳ ଯୋଗାଣ, ଆମ ଓଡ଼ିଶା ନବୀନ ଓଡ଼ିଶା, ଶିକ୍ଷାକ୍ଷେତ୍ରରେ ସରକାରୀ ସ୍କୁଲ, କଲେଜର ରୂପାନ୍ତରିତ କାର୍ଯ୍ୟ ଭଳି ଅନେକ ଯୋଜନା ଓ ସ୍ୱଚ୍ଛ ନିର୍ମଳ ଶାସନ ସହ ବିକାଶର ସରକାର ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନ ଉପାଧ୍ୟକ୍ଷ ଡ.ସନ୍ତୋଷ ବେଜ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ହୃଦୟ ବଲ୍ଲଭ ସାମନ୍ତରାୟ, ମହାମାୟା ସ୍ୱାଇଁ, ଶିବ ନାରାୟଣ ରାୟ, ଛବି ଦାସ, ଶିବପ୍ରସାଦ ବେହେରା, କୃଷ୍ଣ ସେଠୀ, ଛବି ଜେନା, ତପନ ରାଉତ, ଜିତେନ୍ଦ୍ର ନନ୍ଦ, ନିହାର ଚମ୍ପତି, ଅକ୍ଷୟର ଇକବାଲ, ଦୀପ୍ତି ପ୍ରସାଦ ନନ୍ଦ, ଅମିୟ ଦାସ, ଶେଖ ଅହମ୍ମଦ ଅଲ୍ଲୀ, ସେଖ ସାଦିକ ଅଲ୍ଲୀ, ପ୍ରଶାନ୍ତ ପ୍ରଧାନ, ହରିହର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ଦାଶରଥି ଗରାବଡୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ

## ଯାଁଳା, ତମାଣ୍ଡୋ ବିଜୟୀ

ଖୋର୍ଦ୍ଧା,୧୦।୧୦(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗ କ୍ରିକେଟ ଆସୋସିଏନଶନ (ଜିସିଏ) ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଚାଲିଥିବା ଗୁରୁଜଙ୍ଗ କପ୍-୨୦୨୩ର ଚତୁର୍ଥ ଦିବସ(ମଙ୍ଗଳବାର)ରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଯାଁଳା ଓ ପଳାସପୁର ଟିମ୍ ମଧ୍ୟରେ ହୋଇଥିଲା। ଯାଁଳା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୦୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମଳୟ ସ୍ୱାଇଁ ୪୪ରନ ଓ ସନ୍ତୋଷ ସ୍ୱାଇଁ ୨୪ରନ ସଂଗ୍ରହ କରିଥିଲେ। ଜବାବରେ ପଳାସପୁର ଟିମ୍ ୧୦ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବସନ୍ତ ସାହୁ ୨୪ରନ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କୁମାରବସ୍ତ ଓ ତମାଣ୍ଡୋ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମ୍ଲାନ ରାଉତରାୟ ୬୦ ରନ ସଂଗ୍ରହ କରିଥିଲେ। ଜବାବରେ ତମାଣ୍ଡୋ ଟିମ୍ ୧୧ ଓଭରରେ ୧୫୦ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରୀତମ ଜେନା ୭୮ରନ ସଂଗ୍ରହ କରିଥିଲେ। ସାମାଜିକ କର୍ମୀ ବ୍ରିଜେଶ ପ୍ରଧାନ, କାଜଲ ବଳିୟାରସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ଯାଁଳା ଟିମର ସନ୍ତୋଷ ସ୍ୱାଇଁ ଓ ତମାଣ୍ଡୋ ଟିମର ପ୍ରୀତମ ଜେନାଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ କରିଥିଲେ। ଆୟୋଜକ ଟିମ୍‌ର କର୍ମକର୍ତ୍ତାଙ୍କ ସମେତ ଯୁବନେତା ଅବ୍ୟକ୍ତ ହରିହର ଖାଡଙ୍ଗା, ସାନୁଜ ବିଶ୍ୱାଳ, ଅସିତ୍ ପରିଡା, ସନ୍ଦୀପ ମହାନ୍ତି, ଅନିଲ ପାଇକରାୟ, ସନ୍ତୋଷ ପ୍ରଧାନ, ପ୍ରିୟବ୍ରତ ସାମନ୍ତରାୟ, ସ୍ୱୟଂଜିତ ପଟ୍ଟନାୟକ, ତ୍ରିନାଥ ପରିଡା, ରମେଶ ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ସୁଆଙ୍ଗ ଓ ପାନବରଜ, ଗୁରୁଜଙ୍ଗ ଓ ମେଣ୍ଢାଶାଳ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟିମ୍ ପକ୍ଷରୁ ସୁଜିତ୍ ପରିଡା ସୂଚନା ଦେଇଛନ୍ତି।





ଅତିଥିଙ୍କଠାରୁ ଦୁଇ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଜାତମୁଣ୍ଡିଆ ସୁବର୍ଣ୍ଣପୁର ମହାନଦୀ ପୋଲ ଉପରେ ସୋମବାର ରାତି ୧୦ଟାରେ ଡମପଡ଼ା ଖବରଦାତା ଶୁଭେନ୍ଦୁ ମହାପାତ୍ର ଜାତମୁଣ୍ଡିଆ ଯାଉଥିବାବେଳେ ୪ଜଣ ଦୁର୍ବୃତ୍ତ ବାଟରେ ଅଟକାଇ ମୋବାଇଲ୍, ମୁଦି ଏବଂ ଟଙ୍କା ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହୋଇ ଠେଲାପେଲା ହେବା ପରେ ଦୁର୍ବୃତ୍ତମାନେ ଶୁଭେନ୍ଦୁଙ୍କ ମୁଣ୍ଡକୁ ଆଘାତ ଦେବା ସହ ଏକ ଧାରୁଆ ଅସ୍ତ୍ରରେ ହାତ ଏବଂ କହୁଣୀକୁ ଆଘାତ କରି ଫେରାର୍ ହୋଇଥିଲେ। ଏହି ସମ୍ପର୍କରେ ସୁବର୍ଣ୍ଣପୁର ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ବାଙ୍କୀ ପୋଲିସ୍ ନଂ.୩୬୩/୨୩ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ପତ୍ତା ପୋଲିସ ପାଇ ନାହିଁ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ୍ କରାଯିବ ବୋଲି ଆଇଆଇସି କାବୁଲି ବାରିକ କହିଛନ୍ତି।



## ସଂକ୍ଷେପରେ

### ଆଠଗଡ଼ରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଆଠଗଡ଼,୧୦।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ତାଲୁକ ଆଇନସେବା ସମିତି ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆଠଗଡ଼ ବ୍ଲକ ଅନ୍ତର୍ଗତ ଦୋରଡସ୍ଥିତ ବ୍ରଜବିହାରୀ ମହାନ୍ତି ମେମୋରିଆଲ ମେଣ୍ଟାଲ ରିଟ୍ରାଟେଡ ବେନିଫିଟ ଟ୍ରଷ୍ଟଠାରେ ଏହି ଦିବସ ପାଳନ କରାଯାଇଛି। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଆଠଗଡ଼ର ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ୍ତ କୁମାର ସାହୁ , ସିଭିଲ ଜଜ୍ (ସିନିୟର ଡିଭିଜନ) ମହାଶ୍ୱେତା ପରିଜା, ଏସ୍‌ଡିଜେଏମ୍ କୁନମୁନ ଆଚାରୀ, ଜେଏମ୍‌ଏଫ୍‌ସି ସମ୍ବେଦନା ସମ୍ବିତ, ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ସମାଜରେ ଏହି ରୋଗକୁ କିପରି ପ୍ରଶମିତ କରାଯାଇ ରୋଗୀମାନଙ୍କର ଯତ୍ନ ନିଆଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ମଧ୍ୟ ସୂଚନା କରାଯାଇଥିଲା। ଆଇନଜୀବୀ ଜ୍ଞାନପ୍ରକାଶ ଧଳସାମନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅନୁଷ୍ଠାନର ପରିଚାଳକ ବିବେକାନନ୍ଦ ମହାନ୍ତି ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଆଠଗଡ ଓକିଲ ସଂଘର ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ, ଶ୍ରୀନିବାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

କଣ୍ଟାପଡା,୧୦।୧୦(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକର ୯ନଂ. ଜିଲାପରିଷଦ ଜୋନ୍‌ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ରହମ୍ଭା ପଞ୍ଚାୟତରୁ ଆରମ୍ଭ ହୋଇ ବାଗଲପୁର ପଞ୍ଚାୟତର ସୁନ୍ଦରଗ୍ରାମଠାରେ ଶେଷ ହୋଇଥିଲା। ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ୯ନଂ. ଜୋନ୍ ଜିଲା ପରିଷଦ ସଭ୍ୟା କ୍ରିଷ୍ଟାରାଣୀ ବେହେରା, ୮ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପୀୟୂଷ ରଞ୍ଜନ ମିଶ୍ର, ବିଜେଡି ନେତ୍ରୀ ସ୍ମିତାରାଣୀ ସ୍ୱାଇଁ, ଡିଜିଟାଲ ସମ୍ପାଦକ ପ୍ରୀତମ ମାହାପାତ୍ର, ସରପଞ୍ଚ ସଞ୍ଜୟ ରାଉତରାୟ, ସସ୍ମିତ ଶାସେନୀ, ସୁବ୍ରତ ଦାସ, ହେମନ୍ତ ମଲିକ, କଣ୍ଟାପଡା ବ୍ଲକ ଆମ୍ବା ଅଧ୍ୟକ୍ଷ ନକୁଳ ରାଉତ, ସୁରେନ୍ଦ୍ର ପାତ୍ରଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

### ନୂତନ ଉପଜିଲାପାଳଙ୍କ ଯୋଗଦାନ




ବାଙ୍କୀ/ଡମପଡ଼ା,୧୦।୧୦
(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟରଞ୍ଜନ ସାହୁ)

ବାଙ୍କୀର ନୂତନ ଉପଜିଲାପାଳ ଭାବେ ଦେବୀପ୍ରସାଦ ମହାନ୍ତି ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ ବିଡିଏର (ଓଏସ୍‌ଡି, ଓଡିଏ ଆକ୍ଟର) ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ବିଦାୟୀ ଉପଜିଲାପାଳ ରଞ୍ଜନ କୁମାର ଜେନା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଦେବୀପ୍ରସାଦ ଏହି ଅବସରରେ ବାଙ୍କୀର ସମସ୍ତ ଜନସାଧାରଣଙ୍କୁ ସେବା ଯୋଗାଇ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

### ନୃତ୍ୟଗୁରୁ ଗୋପୀକୃଷ୍ଣ ବେହେରାଙ୍କ ଜୟନ୍ତୀ

ବାଙ୍କୀ,୧୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ବରପୁତ୍ର ପ୍ରଖ୍ୟାତ ନୃତ୍ୟଗୁରୁ ଓ ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ଗୋପୀକୃଷ୍ଣ ବେହେରାଙ୍କ ଜୟନ୍ତୀ ମଙ୍ଗଳବାର ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ପରିଚାଳନାରେ ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଅତିଥି ଭାବେ ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କବି ଲଲାଟେନ୍ଦୁ ପଣ୍ଡା, ଅନୁଷ୍ଠାନର ସମ୍ପାଦକ ବେଣୁଧର କର ଓ ନୃତ୍ୟଗୁରୁ ମହେଶ ନାୟକ ପ୍ରମୁଖ ଯୋଗଦାନ କରି ଗୋପୀକୃଷ୍ଣଙ୍କ ଜୀବନୀ ଓ ତାଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଉପରେ ଆଲୋକପାତ କରିଥିଲେ।

# ଡ୍ରେନ୍ ନ ଥିବାରୁ ପାଣି ଜମି ରାସ୍ତାରେ ଶିଉଳି

■ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ସାହିବାସିନ୍ଦା
■ ଥାନାରେ ଏତଲା ଦେଲେ ସରପଞ୍ଚ

ଟିଗିରିଆ,୧୦।୧୦(ଜାଫର ଖାଁ)


ଆଇଆଇସି ଜ୍ଞାନରଞ୍ଜନ ସାମଲ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।


ରାସ୍ତାରେ ଜମିଥିବା ଶିଉଳି ଓ କାଦୁଅ।

ଟିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତସ୍ଥିତ କଦମ୍ବ ସାହିରେ ଡ୍ରେନ୍ ନଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷାଜଳ ଓ ଗ୍ରାମର ନଳକୂପର ଜଳ ଗ୍ରାମ ରାସ୍ତାଦେଇ ପ୍ରବାହିତ ହେଉଛି। ଫଳରେ ରାସ୍ତାରେ ଶିଉଳି ପଡିଛି। ବହୁ ସମୟରେ ଛାତ୍ରୀଛାତ୍ର, ବୃଦ୍ଧାବୃଦ୍ଧ,ଗାଡ଼ି ଚାଳକ ଏହି ରାସ୍ତାରେ ପଡ଼ି ଆହତ ହେଉଛନ୍ତି। ଏଭଳି ଅଭିଯୋଗ ଆଣି ସାହି ବାସିନ୍ଦା ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସହ ସରପଞ୍ଚଙ୍କୁ ଗାଳିଗୁଲଜ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅନେକ ସମୟରେ ରାସ୍ତାରେ ପାଣି ବୋହୁଥିବାରୁ ଶିଉଳି ଜମିଯାଇଛି। ଏଥିଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ହେଉଛି। ସାହିବାସିନ୍ଦାଙ୍କ ତରଫରୁ ଏ ବିଷୟରେ ୩ ଥର ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଏନେଇ ସାହି ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ମଙ୍ଗଳବାର ସାହିର ସମସ୍ତ ବାସିନ୍ଦା ଏ ବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସେମାନେ କାର୍ଯ୍ୟାଳୟରେ ତାଲା ପକାଇଦେଇଥିବା କହିଛନ୍ତି।

ସରପଞ୍ଚ ନିରଞ୍ଜନ ଦଳେଇ ଟିଗିରିଆ ଥାନା ଆଇଆଇସି ଜ୍ଞାନରଞ୍ଜନ ସାମଲଙ୍କୁ ଏସମ୍ପର୍କରେ ଅବଗତ କରାଇବା ସହ ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ସାମଲ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କୁ ବୁଝାଶୁଝା କରିବା ସହ ନିଜେ ଘଟଣାସ୍ଥଳକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ଏଥିସହ ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା ଓ ଉପ ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ଆଇଆଇସି ସାମଲଙ୍କ ଉପସ୍ଥିତିରେ ପଞ୍ଚାୟତର କାର୍ଯ୍ୟାଳୟର ତାଲା ଖୋଲାଯାଇଥିଲା।

## ବଡ଼ମ୍ବାରେ ବୁଲିଲା ସାଇବର ସୁରକ୍ଷା ସଚେତନତା ରଥ

ବଡମ୍ବା,୧୦।୧୦(ମାୟାଧର ମଲ୍ଲିକ)

ବଡ଼ମ୍ବା ଥାନା ଅଞ୍ଚଳରେ ମଙ୍ଗଳବାର ସାଇବର ସୁରକ୍ଷା ଅଭିଯାନ ରଥ ବୁଲୁଛି। ବଡ଼ମ୍ବା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରାଙ୍କ ତତ୍ତ୍ୱାବଧାନରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏନେଇ ପୃଥକ୍ ଭାବେ ସଚେତନତା ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରା ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଓ ଥାନା ଅଧିକାରୀ ଭଦ୍ରା ଯୋଗଦେଇ ସାଇବର ଅପରାଧରୁ ସୁରକ୍ଷିତ ରହିବା ପାଇଁ ଯୁବପିଢିମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ଶୁଚିସ୍ମିତା ମହାନ୍ତି ସଂଯୋଜନା କରିଥିବା ବେଳେ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ ସଂଯୋଜନା କରିଥିଲେ। ଏହି ଅବସରରେ ବଡ଼ମ୍ବା ଥାନା ଅନ୍ତର୍ଗତ ଦିନିଆରୀ, ସାନବାରସିଂ, ବଡବାରସିଂ, ରଗଡିପଡା, ଗଡାପୋଖରୀ, ଗୋପିନାଥପୁର,ଗୋପମଥୁରା ଆଦି ଅଞ୍ଚଳରେ ସଚେତନତା ରଥ ବୁଲିଥିଲା।


ସଚେତନତା ସୁରକ୍ଷା ରଥକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରୁଛନ୍ତି।

## କବାଡ଼ି ପ୍ରତିଯୋଗିତାରେ ଭାଗନେଲେ ୪୫୯ ଛାତ୍ରୀଛାତ୍ର

**ନିଶ୍ଚିନ୍ତକୋଇଲି ବ୍ଲକ ଚାମ୍ପିୟନ**

ନେମାଳ, ୧୦।୧୦(କିରଣ ଶଙ୍କର ନାୟକ)


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

କଟକ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କବାଡି ଚାମ୍ପିୟନସିପ୍ ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଗୋଖରା ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅଚ୍ୟୁତାନନ୍ଦ ବିଦ୍ୟାପୀଠ ସହଯୋଗରେ କଟକ ଜିଲା ଅଧୀନ ୧୪ଟି ବ୍ଲକର ୪୩ଟି ବାଳିକାବାଳକ ଟିମ୍‌ରୁ ୪୫୯ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଳକ ସିନିୟର ବିଭାଗରେ କଟକ ସଦର ବ୍ଲକକୁ ହରାଇ ନିଶ୍ଚିନ୍ତକୋଇଲି ବ୍ଲକ, ବାଳିକା ବିଭାଗରେ ନିଶ୍ଚିନ୍ତକୋଇଲି ବ୍ଲକକୁ ହରାଇ ସାଲେପୁର ବ୍ଲକ ଚାମ୍ପିୟନ ହୋଇଥିଲେ। ସେହିପରି ଜୁନିୟର ବିଭାଗରେ ମାହାଙ୍ଗାକୁ ହରାଇ ନିଶ୍ଚିନ୍ତକୋଇଲି ବାଳକ ଓ ନରସିଂହପୁରକୁ ହରାଇ ନିଶ୍ଚିନ୍ତକୋଇଲି ବାଳିକା ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଅଚ୍ୟୁତାନନ୍ଦ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଯୋଗଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ନନ୍ଦ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ, ବିଆରସିସି ଲକ୍ଷ୍ମୀନାରାୟଣ ରାଉତ, ଏବିଇଓ ପାର୍ବତୀ ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ରନାଥ ସାହୁ, ନିଶ୍ଚିନ୍ତକୋଇଲି ବ୍ଲକ କ୍ରୀଡ଼ା ସମ୍ପାଦକ ମନୋରଞ୍ଜନ ଦଳାଇ, ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ଶେଖର ସାମଲ, ଦେବପ୍ରସାଦ କର, ରଘୁନାଥ ସାହୁ, ରାମଚନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜ୍ଞାନ ପରିଦର୍ଶକ ଅକ୍ଷୟ ନନ୍ଦ ବିଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ବରିଷ୍ଠ କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ, ସନାତନ ସାହୁ, ଅଶୋକ ପରିଡା, ଜୟନ୍ତ କୁମାର ସାହ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଶେଷରେ କ୍ରୀଡା ଶିକ୍ଷକ ରଘୁନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ଚତୁର୍ଭୁଜ ପଣ୍ଡା, ଉମେଶ ରାଉତ, ଅମିତା ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ୪୮ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଥିଲେ।

## ମାନସିକ ସ୍ୱାସ୍ଥ୍ୟ, ଯତ୍ନ ସମ୍ପର୍କରେ ସଚେତନତା

**ବାଙ୍କୀ ତାଲୁକ୍ ଆଇନ୍‌ସେବା କମିଟି**

ବାଙ୍କୀ,୧୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ମାନସିକ ସ୍ୱାସ୍ଥ୍ୟ ଓ ଯତ୍ନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତଥା ତାଲୁକ୍ ସେବା ଆଇନ୍ କମିଟି ସମ୍ପାଦକ ସାଧନଜିତ୍ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମାନସିକ ରୋଗୀମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଚିକିତ୍ସା କରାଗଲେ ସେମାନେ ଭଲ ହେବା ସହ ପୁଣି ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରିବେ। ରୋଗୀମାନଙ୍କୁ ତୃଣମୂଳ ସ୍ତରରେ ଚିହ୍ନଟ କରାଯାଇ ଚିକିତ୍ସା କରାଯିବା ଆବଶ୍ୟକ। ଆଶା କର୍ମୀ ଓ ଚିକିତ୍ସାଳୟର କର୍ମଚାରୀମାନେ ଏଥିପାଇଁ ତତ୍ପରତା ପ୍ରକାଶ କରିବା ସହ ସେମାନଙ୍କୁ ଆଶାନୁରୋପ ସ୍ୱାସ୍ଥ୍ୟସେବା ଯୋଗାଇ ଦିଅନ୍ତୁ। ଉପଖଣ୍ଡ ଚିକିତ୍ସାଳୟର ଡା. ପଦ୍ମଲୋଚନ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଲେ, ମାନସିକ ଅସୁସ୍ଥ ରୋଗୀମାନଙ୍କର ସମାଜରେ ବଞ୍ଚିବାର ଅଧିକାର ରହିଛି। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ଆହ୍ୱାନକ୍ରମେ ଏଭଳି କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ଆଇନଜୀବୀ ବଳଭଦ୍ର ପଣ୍ଡା ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତାଲୁକ୍ ଆଇନ୍ ସେବା କମିଟିର କର୍ମଚାରୀ ହରେକୃଷ୍ଣ ମୁର୍ମୁ, ପ୍ରଶାନ୍ତ କୁମାର ବେହେରା, ଦୀପ୍ତିମୟୀ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ସମ୍ମିଳନୀରେ ଉପଖଣ୍ଡ ଚିକିତ୍ସାଳୟର ଆଶାକର୍ମୀଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆଠଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଆଠଗଡ଼,୧୦।୧୦( ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ ୧ନଂ. ଜିଲା ପରିଷଦ ଜୋନର କୁଲାଇଲୋ ଗ୍ରାମ ପଞ୍ଚାୟତର ରାଧାକୃଷ୍ଣପୁର, ଦୋରଡ଼ ପଞ୍ଚାୟତର ଗୁଣ୍ଡିଚାପର, ତରସିଂହ ଗ୍ରାମ, ୩ନଂ. ଜୋନରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ନିର୍ବାଚିତ ପ୍ରତିନିଧି ସାମିଲ ହୋଇଥିଲେ। ସେମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇ ଥିଲେ। ଏହି ପଦଯାତ୍ରାରେ ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡ଼ା, ଜିଲା ପରିଷଦ ସଭ୍ୟ ଶାନ୍ତିଲତା ବେହେରା, ଦୋରଡ ସମିତି ସଭ୍ୟ ବିଭୂତି ଭୂଷଣ ସାହୁ, ଦୋରାଡ ପଞ୍ଚାୟତର ବିଜେଡି ସଭାପତି ଶରତ ପଣ୍ଡା, କୁଲାଇଲୋ ପଞ୍ଚାୟତ ବିଜେଡି ସଭାପତି ସୁଶାନ୍ତ ଦାସ, ପ୍ରଶାନ୍ତ ଶ୍ରୀଚନ୍ଦନରାୟ, ଗୋଲଖ ବିହାରୀ ସାଇଁ, ଆଶୁତୋଷ ମହାନ୍ତିଙ୍କ ସମେତ ଦଳର ବହୁ ଯୁବ ଛାତ୍ର, ମହିଳା କର୍ମୀ ଯୋଗଦେଇଥିଲେ। ସେହିପରି ୩ନଂ. ଜୋନରେ ଆଠଗଡ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଆଦିତ୍ୟ ପ୍ରତାପ ସାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ। ପଦଯାତ୍ରା ମହାକାଳବସ୍ତ ପଞ୍ଚାୟତର ଦାରାବତିପୁର, ଝରଣ ଗ୍ରାମରୁ ବାହାରି ମହାକାଳବସ୍ତ, ବେଣ୍ଟପଦା, ରାଜନଗର ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ପୂର୍ବତନ ଜିଲାପରିଷଦ ସଭ୍ୟା ଜାନକୀଲତା ନାଏକ, ବ୍ଲକ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକ, ନିରାକାର ଲେଙ୍କା, ମହେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ।


ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଦଳୀୟକର୍ମୀମାନେ।

## ପ୍ରଧାନଶିକ୍ଷକଙ୍କ ବ୍ଲକସ୍ତରୀୟ ସମୀକ୍ଷା ବୈଠକ

ବଡମ୍ବା,୧୦।୧୦(ମାୟାଧର ମଲ୍ଲିକ)

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ପ୍ରତ୍ୟେକ ବ୍ଲକ ସ୍ତରରେ ଗୋଟିଏ ଦିନରେ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନଙ୍କୁ ନେଇ ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା। ବଡମ୍ବା ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ଦ୍ୱାରା ରତାପାଟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷା ସମୀକ୍ଷା ତଥା ସହଭାଗିତା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ, ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁକ୍ତିପଦ ନନ୍ଦ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାରୀ ସାହୁ ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ଛତ୍ର ସାଗତ ଭାଷଣ ଦେଇଥିଲେ। ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ରୂପେ ଅଶୋକ କୁମାର ଧଳ ନବମ ଓ ଦଶମ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ କିପରି ୪ଟି କ୍ଲବ ଗଠନ କରାଯାଇ ଦକ୍ଷତାର ଠିକ୍ ମୂଲ୍ୟାୟନ ହେବ ସେ ଉପରେ ଆଲୋଚନା କରିଥିଲେ। ବାସୁଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାମରାଜ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ବାଙ୍ଗରସିଂହା ଉଚ୍ଚ ବିଦ୍ୟାଳୟର ସରୋଜ କୁମାର ମିଶ୍ର ମାଗଣା ସାଇକେଲ ବଣ୍ଟନ ଯୋଜନା ଉପରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଯାମବନ୍ଧୁ ବେହୁରା, ସନାତନ ବେହେରା, ପୁଷ୍ପଲତା ରାଉତ, ମାନସୀ ମଞ୍ଜରୀ ସେଠୀ ପ୍ରମୁଖ ନୂତନ ଯୋଜନା ଉପରେ ସୂଚନା ଦେଇଥିଲେ। କଷିକିଆରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ମହାରଣା ଧନ୍ୟବାଦ ଦେଇଥିଲେ।

## ସ୍ମାର୍ଟ ଶ୍ରେଣୀ ଗୃହ, ସଙ୍ଗୀତ ପ୍ରକୋଷ୍ଠ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠ**

ଆଠଗଡ,୧୦।୧୦(ସତ୍ୟପ୍ରସାଦ ରଥ)

ଏନଟିପିସି ସହାୟତାରେ ଆଠଗଡ ବିଶ୍ୱନାଥ ବିଦ୍ୟାପୀଠରେ ସ୍ମାର୍ଟଶ୍ରେଣୀଗୃହ ଓ ସଙ୍ଗୀତ ପ୍ରକୋଷ୍ଠ ନିର୍ମାଣ କରାଯାଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ କହିଥିଲେ, ଶିକ୍ଷାୟତନର ସାମଗ୍ରିକ ବିକାଶ ପାଇଁ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିଭଳି ଛାତ୍ରୀଛାତ୍ରଙ୍କ ଅଭିରୁଚିର ପରିବର୍ଦ୍ଧନ ନିମନ୍ତେ ସଙ୍ଗୀତ ଶିକ୍ଷା ଏକ ଉତ୍ତମ ମାଧ୍ୟମ ବୋଲି ବିବେଚନା କରାଯାଏ। ଏତଦ୍‌ବ୍ୟତୀତ ବିଶ୍ୱନାଥ ବିଦ୍ୟାପୀଠରେ ଏକ ପ୍ରେକ୍ଷାଳୟର ଆବଶ୍ୟକତା ଅନୁଭୂତ ହେଉଥିଲା। ଏଦିଗରେ ସେ ଏନ୍‌ଟିପିସିର ସହାୟତାକୁ ପ୍ରଶଂସା କରିଥିଲେ। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଯୋଗଦେଇ କହିଥିଲେ, ଏହି ବିଦ୍ୟାପୀଠରେ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଓ ବୌଦ୍ଧିକ ବିକାଶର ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତ, ଏନଟିପିସିର କ୍ଷେତ୍ରୀୟ କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରାର୍ଥ ମଜୁମଦାର, ମହାପ୍ରବନ୍ଧକ ରଜନିଶ ରସ୍ତୋଗୀ,ବିଡିଓ ପ୍ରଦୀପ କୁମାର ସାହୁ, ତହସିଲଦାର ପ୍ରିୟବ୍ରତ ଦାସ, ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଦୀପ୍ତିମୟୀ ବେହେରା, ସହକାରୀ ଜିଲା ଶିକ୍ଷା ଅଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀ ଓ ଆଠଗଡ଼ର ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳୀଚରଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଶଶୀଧର ମହାରଣା ସଭା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଜିଲାପାଳ ବିଶ୍ୱନାଥ ବିଦ୍ୟାପୀଠକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣକରିଛନ୍ତି।

## ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

**ପ୍ରଧାନ ଶିକ୍ଷକଙ୍କୁ ଠେଲା ପେଲା କରିବା ଘଟଣା**

ଖୁଣ୍ଟୁଣୀ, ୧୦।୧୦(ସଚ୍ଚିଦାନନ୍ଦ ପଣ୍ଡା)



ସ୍କୁଲ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ରାସ୍ତାରୋକୋ କରିଛନ୍ତି।

ଖୁଣ୍ଟୁଣୀସ୍ଥିତ ରାଧାନାଥ ବିଦ୍ୟାପୀଠରେ ମଧ୍ୟାହ୍ନଭୋଜନ ଚାଉଳ ହେର୍‌ଫେର୍ ଘଟଣାକୁ ନେଇ କେତେଜଣ ଯୁବକ ସୋମବାର ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟରେ ପଶି ପାଟିତୁଣ୍ଡ କରିଥିଲେ। ଏପରି କି ପ୍ରଧାନ ଶିକ୍ଷକ ସୌମେନ୍ଦ୍ର ପଣ୍ଡାଙ୍କୁ ଠେଲି ଠେଲି ବାହାରକୁ ତଡି ଦେଇଥିଲେ। ଫଳରେ ମଙ୍ଗଳବାର ପଣ୍ଡା ସ୍କୁଲରେ ଅନୁପସ୍ଥିତ ଥିଲେ। ତୁରନ୍ତ ତାଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ଦାବି କରି ଛାତ୍ରୀଛାତ୍ରମାନେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍କୁଲ ଫାଟକ ସମ୍ମୁଖରେ ରାଜା ଆଠଗଡ଼-ଖୁଣ୍ଟୁଣୀ ରାସ୍ତାକୁ ଅବରୋଧ କରିଥିଲେ। ଏପରି କି ପଣ୍ଡା ସାର୍‌ଙ୍କୁ ଫେରାଇ ଅଣାଯାଉ ବୋଲି ସେମାନେ ନାରାବାଜି ଦେଇଥିଲେ। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସ୍କୁଲରେ ଚାଉଳ ହେର୍‌ଫେର୍ ହେଉଥିବା ଖବର ଜାଣିବା ପରେ ଶିକ୍ଷା କମିଟିର ଦୁଇ ସଦସ୍ୟ ଓ କେତେଜଣ ଅଭିଭାବକ ୪ ଦିନ ତଳେ ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷକ ସୌମେନ୍ଦ୍ର କୁମାର ପଣ୍ଡାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏଥିସହ ୨ ବସ୍ତା ଚାଉଳ କେମିତି ଏକ ମୋପେଡରେ ଗଲା ବୋଲି ପଚାରିଥିଲେ। ଏପରି କି ସ୍କୁଲରେ ୮ କୁଇଣ୍ଟାଲ ଚାଉଳ କିପରି ବଳିଲା ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ପ୍ରଧାନ ଶିକ୍ଷକ ପଣ୍ଡା କହିଥିଲେ, ମଧ୍ୟାହ୍ନଭୋଜନ ଚାଉଳ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ଠାରୁ ବୁଝିବାର ପରେ ଜଣାଇବି। ପରେ ସଦସ୍ୟମାନେ ସେଠାରୁ ଚାଲି ଯାଇଥିଲେ। ସୋମବାର ଏହି ଚାଉଳକୁ ତରବରିଆ ଭାବେ ପିଲାଙ୍କ ମଧ୍ୟରେ ବଣ୍ଟନ କରାଯାଉଥିଲା। ଗ୍ରାମବାସୀ ଓ କମିଟିର କେତେଜଣ ସଦସ୍ୟ ସେଠାରେ ପହଞ୍ଚି ଏହାର ଭିଡିଓ ରେକର୍ଡିଂ କରିଥିଲେ। ପରେ ସେମାନେ ଚାଉଳ ବଣ୍ଟନ ସମ୍ପର୍କରେ ପଣ୍ଡାଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରୁ ଜଣେ ଯୁବକ ଉତ୍ତ୍ୟକ୍ତ ହୋଇ ପ୍ରଧାନ ଶିକ୍ଷକ ପଣ୍ଡାଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରୁ ଠେଲି ଠେଲି ବାହାରକୁ ନେଇ ଆସିଥିଲେ। ମଙ୍ଗଳବାର ପଣ୍ଡା ସ୍କୁଲରେ ଅନୁପସ୍ଥିତ ରହିବାରୁ ଛାତ୍ରୀଛାତ୍ରମାନେ ଧାରଣା ଦେବା ସହ ରାସ୍ତାରୋକୋ କରିଥିଲେ। କିଛି ସମୟ ପରେ ଜଣେ ଖବରଦାତା ସେଠାରେ ପହଞ୍ଚିବା ଖବର ସଂଗ୍ରହ କରିବା ସମୟରେ ଉପସ୍ଥିତ ଜଣେ ଶିକ୍ଷୟିତ୍ରୀ ଭୟରେ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଭିତରକୁ ନେଇଯାଇଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ସ୍କୁଲରେ ଏଭଳି ହୀନ ରାଜନୀତି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଗାମୀ ଦିନରେ ସ୍ୱର ଉତ୍ତୋଳନ କରାଯିବ ବୋଲି ଗ୍ରାମ୍ୟ କମିଟିର ଜଣେ ବରିଷ୍ଠ ସଦସ୍ୟ ପରିଚୟ ଗୋପନ ରଖି କହିଛନ୍ତି। ଏଥିସହ ସ୍କୁଲକୁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳ ଓ ୫-ଟି ସ୍କୁଲ କାମରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ଓଭରବ୍ରିଜ୍ ଉପରେ ଜଳିଗଲା ସ୍କୁଟି



ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଫାୟାର ଷ୍ଟେଶନ୍ ଓଭରବ୍ରିଜ୍ ଉପରେ ମଙ୍ଗଳବାର ରାତି ପ୍ରାୟ ୯ଟା ୫୦ ବେଳେ ଏକ ସ୍କୁଟି (ଓଡି୩୨–ଏଫ୍–୭୮୪୫) ଜଳିଯାଇଛି। ଅଘଟଣ ପୂର୍ବରୁ ସ୍କୁଟି ଚଳାଉଥିବା ଯୁବତୀ ଜଣଙ୍କ ଗାଡ଼ିରୁ ଓହ୍ଲାଇ ପଡ଼ିବାରୁ ତାଙ୍କର କୌଣସି କ୍ଷତି ହୋଇନାହିଁ। ମିଳିଥିବା ସୂଚନା ଅନୁସାରେ ଯୁବତୀ ଜଣଙ୍କ ଖଣ୍ଡଗିରି ପଟୁ ରସୁଲଗଡ଼ ଅଭିମୁଖେ ଯାଉଥିଲେ। ଫାୟାର ଷ୍ଟେଶନ୍ ନିକଟରେ ହଠାତ୍ ସ୍କୁଟିର ଷ୍ଟାର୍ଟ ବନ୍ଦ ହୋଇଯିବାରୁ ସେ ଅଟକି ଯାଇଥିଲେ। ପରେ ସ୍କୁଟିଟି ହୁତୁହୁତୁ ହୋଇ ଜଳିଯାଇଥିଲା। ନିକଟରେ ଯାଉଥିବା କାର୍ ଓ ବାଇକ୍ ଚାଳକମାନେ ଅଟକି ପାଖରେ ଥିବା ବୋତଲ ପାଣି ପକାଇ ନିଆଁ ଲିଭାଇଥିଲେ।

### ନନ୍ଦନକାନନରେ ଓୟୁଏଟି ବିଶେଷଜ୍ଞ ଦଳ

ବାରଙ୍ଗ,୧୦।୧୦(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଓୟୁଏଟିର ଏକ ୬ ଜଣିଆ ବିଶେଷଜ୍ଞ ଦଳ ମଙ୍ଗଳବାର ପ୍ରାଣୀ ଉଦ୍ୟାନରେ ପହଞ୍ଚିଛନ୍ତି। ଓୟୁଏଟିର ପ୍ରଫେସର ଇନ୍ଦ୍ରମଣି ନାଥଙ୍କ ତତ୍ତ୍ୱାବଧାନରେ ଆସିଥିବା ଦଳ ପ୍ରଥମେ ବାଘୁଣୀ ରୂପାର ୯ମାସର ଧଳା ଛୁଆ, ଭାଲୁ ଓ ବଜ୍ରକାପ୍ତା ଆଦି ଅସୁସ୍ଥ ଜନ୍ତୁଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲା। ଲଗାତର ଭାବେ ବଜ୍ରକାପ୍ତାଙ୍କ ମୃତ୍ୟୁ ଘଟୁଥିବାରୁ ସମସ୍ତ ୨୬ଟି ବଜ୍ରକାପ୍ତାଙ୍କୁ ରୋଗ ପ୍ରତିଷେଧକ ଟିକା ଦିଆଯାଇଥିବା ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟର ଜଣେ ଚିକିତ୍ସକ କହିଛନ୍ତି। ସୂଚନାଯୋଗ୍ୟ, ନନ୍ଦନକାନନ କର୍ତ୍ତୃପକ୍ଷ ସମସ୍ତ ଜୀବଜନ୍ତୁଙ୍କ ଖାଦ୍ୟ ଟେଣ୍ଡର ଜରିଆରେ ଆଣିଥାନ୍ତି। କିନ୍ତୁ ଜନ୍ତୁ ବିଭାଗର ପରିଚାଳନାଗତ ତ୍ରୁଟି ଯୋଗୁ ପ୍ରାଣୀଉଦ୍ୟାନରୁ ଦିନକୁ ଦିନ ଗୋଟିଏ ପରେ ଗୋଟିଏ ଜନ୍ତୁ ଅସୁସ୍ଥ ହୋଇ ମୃତ୍ୟୁ ମୁଖରେ ପଡୁଥିବା ଆଲୋଚନା ହେଉଛି।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଜଟଣୀ,୧୦।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଲୟର୍ସ ଆସୋସିଏଶନ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିକାଶନଗରସ୍ଥିତ ଉତରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଟଣୀ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଜଜ୍ ତଥା ଜଟଣୀ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ହିତେଶ୍ରୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଆଇନରେ କ'ଣ କଣ ସୁବିଧା ରହିଛି ଏବଂ କିଭଳିଭାବେ ଜଣେ ବ୍ୟକ୍ତି ବିନାମୂଲ୍ୟରେ ସମସ୍ତ ଆଇନଗତ ସୁବିଧା ଓ ସହାୟତା ପାଇପାରିବ ସେନେଇ ସୂଚନା ପ୍ରଦାନ କରିଥିଲେ। ଲୟର୍ସ ଆସୋସିଏଶନର ସମ୍ପାଦକ ଅରୁଣ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ସୁଶୀଲ କୁମାର ମହାନ୍ତି, ସହ ସମ୍ପାଦକ ଆଶୁତୋଷ ରାୟ, ଯୁଗ୍ମ ସମ୍ପାଦକ ଅରୁଣ କୁମାର ଦାଶ, ପାଠାଗାର ସମ୍ପାଦକ ଶିବପ୍ରସାଦ ରଥ, ଉପଦେଷ୍ଟା ଅକ୍ଷୟ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅକ୍ଷୟ ମହାନ୍ତି, ସୌମ୍ୟକାନ୍ତ ସେଠୀ, ଜଟଣୀ ବରିଷ୍ଠ ନାଗରିକ କମିଟି ଏବଂ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘର ସଦସ୍ୟ ଉପସ୍ଥିତ ଥିଲେ।

# ଅଚିହ୍ନା ମୃତଦେହ ସଂସ୍କାର ପ୍ରକ୍ରିୟା ଆରମ୍ଭ

**ବାହାନଗା ଟ୍ରେନ୍ ଟ୍ରାଜେଡି**

■ଭରତପୁର ଶ୍ମଶାନରେ ଜଳିଲା ଜୁଇ

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)



ମୃତଦେହ ସଂସ୍କାର କାର୍ଯ୍ୟକୁ ବିଏମ୍‌ସି କମିଶନର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ମେୟର ସୁଲୋଚନା ଦାସ ତଦାରଖ କରୁଛନ୍ତି।

ବାହାନଗା ଟ୍ରେନ୍ ଦୁର୍ଘଟଣାର ୪ମାସ ପରେ ଅଚିହ୍ନା ମୃତଦେହ ସତ୍କାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଦୁର୍ଘଟଣାରେ ଅଚିହ୍ନା ହୋଇ ରହିଯାଇଥିବା ୨୮ଟି ମୃତଦେହ ଭୁବନେଶ୍ୱର ଏମ୍ସରେ ସଂରକ୍ଷିତ ହୋଇ ରହିଥିଲା। ତେବେ ସାମୂହିକ ଅନ୍ତିମ ସଂସ୍କାର ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ବିଏମ୍‌ସିକୁ ତଦନ୍ତକାରୀ ସଂସ୍ଥା ସିବିଆଇ ସବୁଜ ସଙ୍କେତ ଦେବା ପରେ ମଙ୍ଗଳବାର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏମ୍ସ ପକ୍ଷରୁ ବିଏମ୍‌ସିକୁ ୩ଟି ମୃତଦେହ ହସ୍ତାନ୍ତର କରାଯିବା ପରେ ଭରତପୁର ଶ୍ମଶାନରେ ସେଗୁଡ଼ିକୁ ସତ୍କାର କରାଯାଇଥିଲା। ଏହା ପରେ ରାତି ୧୦ଟା ସୁଦ୍ଧା ମୋଟ୍ ୨୧ଟି ମୃତଦେହ ହସ୍ତାନ୍ତର କରାଯାଇଥିଲା। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି, ପୂର୍ବତଟ ରେଳପଥ ଏବଂ ସିବିଆଇ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ମୃତଦେହ ହସ୍ତାନ୍ତର କରାଯାଇଥିଲା। ତେବେ ପ୍ରାୟ ୪ମାସ ହେବ ମୃତଦେହଗୁଡ଼ିକ ଫ୍ରିଜ୍‌ରେ ରହିଥିବାରୁ ସଂସ୍କାର ପାଇଁ ସମୟ ଲାଗିଥିଲା। ତେଣୁ ପ୍ରାୟ ଦିନେ ଦୁଇଦିନ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ ବୋଲି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଏଥିସହ ମୃତଦେହ ସଂଗ୍ରହ ଏବଂ ଶ୍ମଶାନକୁ ନେବା ପାଇଁ ୩ଟି ଗାଡ଼ି ନିୟୋଜିତ ହୋଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଜୁନ ୨ରେ ବାଲେଶ୍ୱର ଜିଲାର ବାହାନଗା ରେଳଷ୍ଟେଶନଠାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱର ଏମ୍ସକୁ ମୋଟ୍ ୧୬୨ଟି ମୃତଦେହ ଆସିଥିଲା। ଫିଜିକାଲ ଭେରିଫିକେଶନ ପରେ ତନ୍ମଧ୍ୟରୁ ୮୧ଟି ତତ୍କାଳ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଅନେକ ମୃତଦେହ ଚିହ୍ନଟରେ ସମସ୍ୟା ଉପୁଜିବାରୁ ଡିଏନ୍ଏ ମ୍ୟାଚିଂ ସହାୟତା ନିଆଯାଇଥିଲା। ଏହାପରେ ଆଉ ୫୩ଟି ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଏହାପରେ ବି ଆହୁରି ୨୮ଟି ମୃତଦେହ ଅଚିହ୍ନା ରହିଯାଇଥିଲା। ତେଣୁ ଅନ୍ତିମ ସଂସ୍କାର ପାଇଁ ଅଗଷ୍ଟ ୨୫ରେ ସିବିଆଇ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖାଯାଇଥିଲା। ଏନେଇ ଅକ୍ଟୋବର ୭ରେ ଖୋର୍ଦ୍ଧା ଜିଲାପାଳ ଚିଠି ଲେଖିବା ପରେ ବିଏମ୍‌ସି ଏସ୍‌ଓପି ଜାରି କରି ମଙ୍ଗଳବାରଠାରୁ ସଂସ୍କାର ପ୍ରକ୍ରିୟା ଆରମ୍ଭ କରିଛି।

## ମାଷ୍ଟରମାଇଣ୍ଡଙ୍କ ଘନିଷ୍ଠ ସହଯୋଗୀ ଗିରଫ

ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ)

**ସରକାରୀ ଅଧିକାରୀ ନାଁରେ ବଡ଼ ଠକେଇ ମାମଲା**



ସରକାରୀ ଅଧିକାରୀ ପରିଚୟରେ ଲୋକଙ୍କୁ ଚାକିରି ପ୍ରଲୋଭନ ସହ ବିଭିନ୍ନ ସରକାରୀ କାମ କରାଇଦେବାର ପ୍ରତିଶ୍ରୁତି ଦେଇ କରାଯାଇଥିବା ବଡ଼ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମାଷ୍ଟରମାଇଣ୍ଡ କାହ୍ନୁଚରଣ ପ୍ରଧାନଙ୍କ ଘନିଷ୍ଠ ସହଯୋଗୀ ତଥା ମାଲକାନଗିରି ଜିଲା କାଳିମେଳା ଥାନା ଅଞ୍ଚଳର ଲକ୍ଷ୍ମଣ ମାଡ଼ୀ। ଲକ୍ଷ୍ମଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗତ ଅଗଷ୍ଟରେ ପ୍ରଥମେ ସହଯୋଗୀ କିଶୋର କୁମାର ମିଶ୍ର ଏବଂ ପରେ କାହ୍ନୁ ଗିରଫ ହୋଇ ଜେଲରେ ଅଛନ୍ତି। ଏହି ମାମଲାରେ ଏସ୍‌ଟିଏଫ୍ ଅଧିକ ତଦନ୍ତ କରୁଛି। ଲକ୍ଷ୍ମଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟ୍ରାଞ୍ଜାକ୍ସନ୍ ହୋଇଛି। ଏପରିକି ସେ କାହ୍ନୁଙ୍କ ସହିତ ବାରମ୍ବାର ବାର୍ତ୍ତାଳାପ କରିଥିବା ପ୍ରମାଣ ମିଳିଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବିଭିନ୍ନ ବିଭାଗର ନକଲି ପରିଚୟପତ୍ର ପ୍ରସ୍ତୁତ କରି ଲୋକଙ୍କୁ ଠକୁଥିଲେ। କ୍ରଶର ନେଉଥିଲେ। ଗତ ମାର୍ଚ୍ଚ ୨୫ରେ କିଶୋରଙ୍କୁ କୋରାପୁଟ ସଦର ଥାନା ପୋଲିସ ଧରିବା ପରେ ପଚରାଉଚରା କରି ନିଜଆଡ଼ୁ ଏକ ଠକେଇ ମାମଲା (ନଂ.୧୨୨/୨୩) ରୁଜୁ କରି ନୋଟିସ୍ ଦେଇ ଛାଡ଼ିଥିଲେ। ଏହାପରେ ବିଭିନ୍ନ ସ୍ଥାନରୁ ଏକାଧିକ ଠକେଇ ଅଭିଯୋଗ ଆସିବା ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଭାର ନେଇ ନିଜଆଡ଼ୁ ଏକ ମାମଲା (ନଂ.୧୫/୨୩) ରୁଜୁ କରିଥିଲା। ତେବେ କାହ୍ନୁ ଏବଂ ତାଙ୍କ ସହଯୋଗୀଙ୍କ ଆକାଉଣ୍ଟରେ ୪୦ କୋଟି ଟଙ୍କାର ଟ୍ରାଞ୍ଜାକ୍ସନ୍ ହୋଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।





ଟାଙ୍ଗୀ: ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ଜନ ସମ୍ପର୍କ ପଦଯାତ୍ରାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଟାଙ୍ଗୀ/ ଗମ୍ଭାରୀମୁଣ୍ଡା, ୧୦।୧୦ (ରଘୁନାଥ ସାହୁ/ଦିଲ୍ଲୀପ ସ୍ୱାଇଁ)

ଟାଙ୍ଗୀ ବ୍ଲକ ୧୦ ନମ୍ବର ଜିଲାପରିଷଦ ଜୋନରେ ମଙ୍ଗଳବାର ବିଜୁ ଜନତା ଦଳ(ବିଜେଡି)ର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରତନପୁର, କୁହୁଡି, କୁଞ୍ଜୁରୀ, ପାରିଓରଡ, ବଡ଼ପାରୀ, ରାମଚନ୍ଦ୍ରପୁର ପଞ୍ଚାୟତରେ ଏହି ପଦଯାତ୍ରା ହୋଇଥିଲା। ରତନପୁର ଗ୍ରାମ ସ୍ଥିତ ରତ୍ନମାଳା ମନ୍ଦିରଠାରୁ ପଦଯାତ୍ରା ବାହାରି ରତନପୁର ଓ କୁହୁଡି ପଞ୍ଚାୟତର ସମସ୍ତ ସାହି ପରିକ୍ରମା କରି କୁହୁଡି କଲ୍ୟାଣ ମଣ୍ଡପଠାରେ ଶେଷ ହୋଇଥିଲା। ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ସହ ବିଭିନ୍ନ ବର୍ଗର ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ ପାଇଁ ଶୋଭାଯାତ୍ରାରେ କାର୍ଯ୍ୟକ୍ରମ ହୋଇଥିଲା। କଲ୍ୟାଣ ମଣ୍ଡପଠାରେ ଆୟୋଜିତ ବୈଠକରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ବିଜେଡି ଜିଲା ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ଜିଲା ଉପସଭାପତି ମନୋଜ କୁମାର ମାନସିଂହ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ବେହେରା, ପୂର୍ବତନ ସରପଞ୍ଚ ବିପିନ ଉଦୟସିଂ, ପୂର୍ବତନ ସମିତିସଭ୍ୟା ମମତା ଉଦୟସିଂ, କୁଞ୍ଜୁରୀ ସରପଞ୍ଚ ସୁଶାନ୍ତ ସାମନ୍ତରାୟ, ପାରିଓରଡ଼ ସରପଞ୍ଚଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ନବ କିଶୋର ଚହଟରାୟ, ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଲାଇ, ବରିଷ୍ଠ ସଭ୍ୟ ବାସୁଦେବ ବିଶ୍ୱାଳଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ଆସନ୍ତା ନିର୍ବାଚନରେ ପୁଣିଥରେ ବିଜେଡି କିଭଳି ବିଜୟୀ ହେବ ସେ ନେଇ ଆଲୋଚନା କରାଯାଇଥିଲା। ୧୦ନଂ. ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା ଏହି ପଦଯାତ୍ରାରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁର ବ୍ଲକ ୧୪ନମ୍ବର ଜିଲାପରିଷଦ ଜୋନର ମଙ୍ଗଳବାର ବିଜୁ ଜନତା ଦଳ(ବିଜେଡି)ର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଆୟତପୁର ପଞ୍ଚାୟତରୁ ବାହାରି ଗମ୍ଭାରୀମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଜଗତ ବଲ୍ଲଭ ମହାରଥାଙ୍କ ସମେତ ତୋରସିହ ସରପଞ୍ଚ ଆକାଶ କୁମାର ପ୍ରଧାନ, ଚିନ୍ମୟ ପଟ୍ଟନାୟକ, ଦାଶରଥି ସେଠି, ବିଜୟ ବରାଳ, ସୁମନ୍ତ ହାବୁଡ଼ାସିଂହ, ଉପେନ୍ଦ୍ର ହାବୁଡ଼ାସିଂହ, ଅର୍ଜୁନ ପରିଡା, ଅଜୟ ପାଇକରାୟ, ଭୀମସେନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ପଦଯାତ୍ରାରେ ସ୍ଲୋଗାନ ଦେବାସହ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳାକୁ ଦଳର ବିଭିନ୍ନ ପଦାଧିକାରୀ ବକ୍ତବ୍ୟ ମାଧ୍ୟମରେ ବର୍ଷିଥିଲେ। ଏହି ପଦଯାତ୍ରାରେ ୩ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଟାଙ୍ଗୀ,୧୦।୧୦(ରଘୁନାଥ ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର କାରଟିଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳାଯୋଡି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ତୋଫାନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳିଙ୍ଗ ବେହେରା, ଉପସଭାପତି ରଶ୍ମିତା ବେହେରା, ଶିକ୍ଷକ ସଙ୍ଗଠନ ବ୍ଲକ ସଭାପତି ସଲୀଳ କୁମାର ସ୍ୱାଇଁ, ସିଆରସିସି ଅମିତ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଲଳିତ ନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଅମିତ କୁମାର ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଚୟନ ହୋଇଆସିଥିବା ପିଲାମାନେ ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ହସ୍ତାକ୍ଷର, ପ୍ରବନ୍ଧ ଲିଖନ, ବିତର୍କ, ମଧ୍ୟାହ୍ନ ଭୋଜନ ସମ୍ପର୍କିତ ଚିତ୍ରାଙ୍କନ ଓ ହସ୍ତକର୍ମରେ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ଥିଲା। ବିଚାରକଭାବେ ସୁଦୀପ ରାୟ, ଇତିଶ୍ରୀ ରାଉତ, ସନ୍ତୋଷ ଦାସ, ବାବୁରାମ ବେହେରା, ପ୍ରସନ୍ନ ମଙ୍ଗରାଜ, ସତ୍ୟନାରାୟଣ ପଲେଇ, ସତ୍ୟନାରାୟଣ ପ୍ରଧାନ, ବାବୁରାମ ବେହେରା, ସ୍ମିତା ନାୟକ, ବିଜୟାନାଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ରମେଶ ବେହେରା, ବଂଶୀଧର ସାହୁ, ଯାମିନୀ ବେହେରା, ଶୈଳଜା ସେଠୀ, ମମତା ନାୟକ, ସୁନୀତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସାମନ୍ତ ଗୋପୀନାଥ ବିଦ୍ୟାପୀଠ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଟାଙ୍ଗୀ ପ୍ରାକ୍ଟିସିଙ୍ଗ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁ, ସମ୍ମାନିତ ଅତିଥିଭାବେ ସିଆରସିସି ପ୍ରସନ୍ନ କୁମାର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ୧୩ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### 'ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

କୃଷ୍ଣପ୍ରସାଦ,୧୦।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ପଞ୍ଚାୟତର ସାମାଜିକ ଅନୁଷ୍ଠାନ ଗୋପବନ୍ଧୁ ପାଠାଗାର ପାଇକରାପୁର ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ ଯୋଗଦେଇ ଗୋପବନ୍ଧୁଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସେବା କରିବା ପାଇଁ ପାଠାଗାରର ସଭାପତି ଶିବ ପ୍ରସାଦ ଦଳାଇ ପରାମର୍ଶ ଦେଇଥିଲେ।

## ସଚେତନ ହେଲେ ସାଇବର କ୍ରାଇମ ରୋକିହେବ

ବେଗୁନିଆ,୧୦।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମସ୍ଥିତ ଦୋଳ ପଡିଆ ପରିସରରେ ମଙ୍ଗଳବାର ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିକୋ ଫାଣ୍ଡି ପକ୍ଷରୁ ଆୟୋଜିତ ସଚେତନତା ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈକୁଣ୍ଠ ସେଠି ଅଧ୍ୟକ୍ଷତା କରିଥିଲେ। ଡିଏସ୍‌ପି ମିନାକ୍ଷୀ ଠାକୁର, ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ଚିତମରା କର, ଏଏସ୍‌ଆଇ ବ୍ରହ୍ମା ନନ୍ଦ ସାଇଁ, ଅଭୟ ରାଉତରାୟ, ମୁରଲି ଧର ସାହୁ, ଉପେନ୍ଦ୍ର କୁମାର ପ୍ରଧାନ, ସମିତି ସଭ୍ୟାଙ୍କ ପ୍ରତିନିଧି ନରୋତ୍ତମ ସାହୁ, ନାଏବ ସରପଞ୍ଚ ଶୁଶାନ୍ତ ରାଉତରାୟ, ସାବିତ୍ରୀ ପ୍ରହରାଜ, ଟିଙ୍କିଲି ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟରେ ଦିନକୁ ଦିନ ସାଇବର କ୍ରାଇମ ବଢ଼ିବାରେ ଲାଗିଛି। ନାଗରିକମାନେ ସଚେତନ ହେଲେ ରାଜ୍ୟରୁ ସାଇବର କ୍ରାଇମ ହଟିବ ବୋଲି ଅତିଥି ଠାକୁର ଉଦ୍‌ବୋଧନ ଦେଇଥିଲେ। ସେହିପରି ବିଭିନ୍ନ ଆପ୍ ଡାଉନଲୋଡ କରିବା ସମୟରେ ସେ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା, ଅଜଣା ଲିଙ୍କ ନ ଖୋଲିବା, ଓଟିପି କାହାରିକୁ ସେୟାର ନ କରିବା, ମୋବାଇଲ ଓ ଲାପଟପ ଅଜଣା ବ୍ୟକ୍ତିଙ୍କୁ ନ ଦେବାକୁ ସଚେତନ କରାଯାଇଥିଲା। ବ୍ୟାଙ୍କ ସମ୍ପର୍କିତ ସୂଚନା ସୋସିଆଲ ମିଡିଆରେ ଅପଲୋଡ଼ ନ କରିବା ପାଇଁ ସୂଚନା ଦେଇଥିଲେ। ଯଦି ସାଇବର ଠକେଇରେ ପଡ଼ିଛନ୍ତି ତେବେ ତୁରନ୍ତ ୧୯୩୦ ନମ୍ବରରେ ଅଭିଯୋଗ କରିବା ସହ ପୋଲିସ ସହାୟତା ଲୋଡନ୍ତୁ। ତୀର୍ଥ ବାସୀ ରାୟ ସଭା ପରିଚାଳନା କରିଥିବା ବେଳେ ନରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



## ଭାଜପାର ବୁଥ୍ ସଶକ୍ତୀକରଣ କାର୍ଯ୍ୟକ୍ରମ

ଟାଙ୍ଗୀ,୧୦।୧୦(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପାରିଓରଡ ପଞ୍ଚାୟତରେ ଭାଜପାର ବୁଥ୍ ସଶକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କର୍ମୀମାନେ ସଙ୍ଗଠିତ ହୋଇ ପ୍ରତି ବୁଥକୁ ସଶକ୍ତୀକରଣ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ସୋଲାର ଲାଇଟକୁ ଏମପି ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡୟତରାୟ, ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି, ଭଗବାନ ସେଠ, ପ୍ରଶାନ୍ତ ବେହେରା, ମାର୍କଣ୍ଡ ପ୍ରଧାନ, ଲକ୍ଷ୍ମୀ ପ୍ରିୟା ପ୍ରଧାନ, ଆରତୀ ବେହେରା, ସୁକାନ୍ତ ବେହେରା, ବଂଶୀଧର ସାହୁ, ପୂର୍ଣ୍ଣଚନ୍ଦ୍ର କର ପ୍ରମୁଖ ଯୋଗଦେଇଥିଲେ।

## ୪ ଜଣିଆ ଚୋର ଗ୍ୟାଙ୍ଗ୍ ଧରାପଡ଼ିଲେ

ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ)



ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଘରେ ପଶି ଚୋରି କରୁଥିବା ଏକ ୪ଜଣିଆ ଗ୍ୟାଙ୍ଗ ମଙ୍ଗଳବାର କମିଶନରେଟ୍ ପୋଲିସ ହାତରେ ଧରାପଡ଼ିଛି। ଅଭିଯୁକ୍ତମାନଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଘାଟିକିଆରେ ରହୁଥିବା ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳର ମନୋରଞ୍ଜନ ସାହୁ(୨୩), ଖଣ୍ଡଗିରି ଥାନା ଅନ୍ତର୍ଗତ ପିପିଏଲ୍ କଲୋନୀରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଞ୍ଚଳର ବିବେକ ରଞ୍ଜନ ମହାନ୍ତି (୨୫), ଭରତପୁର ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁର ଏରସମା ଥାନା ଅଞ୍ଚଳର ପ୍ରେମ ଦାସ (୨୨) ଓ ବଡ଼ଗଡ଼ ଥାନା ବ୍ରିଟ୍ କଲୋନୀରେ ରହୁଥିବା କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳର ମନୋରଞ୍ଜନ ଭୋଇ(୨୭)। ସେମାନଙ୍କଠାରୁ ୫ଟି ଲ୍ୟାପ୍‌ଟପ୍, ୬ ମୋବାଇଲ, ୨ଟି ଆପଲ୍ ଆଇପାଡ୍, ୧୦୦ ଗ୍ରାମ ସୁନା ଅଳଙ୍କାର ଓ ୧୫୦ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଦିନରେ ଶୂନଶାନ୍ ଘରକୁ ଟାର୍ଗେଟ କରନ୍ତି। ପରେ ଘରେ ପ୍ରବେଶ କରି ଲାପ୍‌ଟପ୍, ମୋବାଇଲ୍ ଫୋନ୍, ଟ୍ୟାବ୍ ଏବଂ ସୁନା ଅଳଙ୍କାର ଚୋରି କରିବା ପରେ ଖସିଯାଉଥିଲେ। କଳିଙ୍ଗନଗର କେ–୮ରେ ରହୁଥିବା ଅଭିଯୋଗକାରିଣୀ ସୋମବାର ତାଙ୍କ ଡ୍ରଇଁ ରୁମ୍‌ରେ ବସିଥିବାବେଳେ ଅଭିଯୁକ୍ତମାନେ ଘରେ ପଶି ଲ୍ୟାପଟପ୍ ଚୋରି କରି ନେଇ ଯାଉଥିବା ସମୟରେ ସେ ଦେଖିଥିଲେ। ଅଭିଯୋଗକାରିଣୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଅଭିଯୁକ୍ତମାନେ ଦୌଡ଼ି ପଳାଇଯାଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୫୩/୨୦୨୩) ରୁଜୁ କରି ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଥିଲା।

## ସଂକ୍ଷେପରେ

### ଦେଢ଼ ମାସ ପରେ ବେଙ୍ଗାଲୁରୁରୁ ଅପହୃତା ଉଦ୍ଧାର
### ଅପହରଣକାରୀ ଗିରଫ

ନିମାପଡ଼ା,୧୦।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ଅପହୃତାଙ୍କୁ ଦୀର୍ଘ ଦେଢ଼ ମାସ ପରେ ନିମାପଡ଼ା ପୋଲିସ ସୁଦୂର ବେଙ୍ଗାଲୁରୁର ବ୍ୟାନରଘାଟ ଥାନା ଅଞ୍ଚଳରୁ ମଙ୍ଗଳବାର ଉଦ୍ଧାର କରିଛି। ଏଥିସହ ପୋଲିସ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ଅପହରଣକାରୀ ହେଲେ ସ୍ଥାନୀୟ ଥାନା ଅଧୀନ ବିଷ୍ଣୁପୁର ଗ୍ରାମର ପ୍ରକାଶ ଭୋଇ(୨୪)। ସୂଚନା ମୁତାବକ, ଗତ ଜୁଲାଇ ୧୭ ତାରିଖ ସକାଳେ ନାବାଳିକା ତାଙ୍କ ମା'ଙ୍କ ସହ ଗ୍ରାମ ନିକଟ ଜଗନ୍ନାଥଙ୍କ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଯାଉଥିଲେ। ସେହି ସମୟରେ ପ୍ରକାଶ ଓ ତାଙ୍କ ବାପା ବିନୋଦ ଭୋଇ ଏକ ବାଇକ୍‌ରେ ଆସି ନାବାଳିକାଙ୍କୁ ତାଙ୍କ ସହ ବାଇକ୍‌ରେ ବସାଇ କେଉଁଆଡେ ଅପହରଣ କରି ନେଇଯାଇଥିଲେ। ଏଥିରେ ନାବାଳିକାଙ୍କ ମା' ପ୍ରତିବାଦ କରିବାରୁ ପ୍ରକାଶ ଓ ବିନୋଦ ମିଶି ନାବାଳିକାଙ୍କ ମା'ଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରି ବିଭିନ୍ନ ଧମକଚମକ ଦେଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୨୪୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ବିଶେଷସୂତ୍ରରୁ ଖବରପାଇ ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଆଇଆଇସି ବାମଦେବ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇ ତଅପୋଇ ନାୟକ, କର୍ମଚାରୀ ଲକ୍ଷ୍ମୀଧର ନାୟକ, ତପନ ନାୟକ ପ୍ରମୁଖଙ୍କୁ ନେଇ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ବେଙ୍ଗାଲୁରୁରୁ ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। ନାବାଳିକା ବ୍ରାହ୍ମଣ ସମ୍ପ୍ରଦାୟର ହୋଇଥିବାବେଳେ ଅପହରଣକାରୀ ଯୁବକ ଦଳିତ ସମ୍ପ୍ରଦାୟର ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ବିଦ୍ୟୁତ୍ ବିଲ୍ ଆଦାୟ କର୍ମଚାରୀଙ୍କୁ ଆକ୍ରମଣ, ହତ୍ୟା ଧମକ

ନିମାପଡ଼ା,୧୦।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଅନ୍ଧୁଆର ଗ୍ରାମର ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ବିଲ୍ ଆଦାୟକାରୀ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। କର୍ମଚାରୀ ଜଣକ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ଥାନାରେ ସୋମବାର ଅଭିଯୋଗ ହୋଇଥିବାବେଳେ ପୋଲିସ ଆକ୍ରମଣକାରୀଙ୍କ ବିରୋଧରେ ୩୬୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କର୍ମଚାରୀ ଅମିୟ ବାରିକ୍ ଥାନା ଅଧୀନ ସାହୁପଡ଼ା ଗ୍ରାମକୁ ବିଦ୍ୟୁତ୍ ବିଲ ଆଦାୟ କରିବାକୁ ଯାଇଥିଲେ। ଗ୍ରାମର ମିଟୁ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରେ ପହଞ୍ଚି ବିଦ୍ୟୁତ୍ ବିଲ୍ ମାଗିବାବେଳେ କ୍ରୋଧାନ୍ୱିତ ହୋଇ ମିଟୁ ବିଲ ଆଦାୟକାରୀ ଅମିୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଏକ ବାଉଁଶ ଠେଙ୍ଗାରେ ପିଟି ଆକ୍ରମଣ କରିବା ସହ ତାଙ୍କ ଗାଡ଼ି ଚାବି ଛଡ଼ାଇନେଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପୋଲିସ ନିକଟରେ ଦାବି କରିଛନ୍ତି।

# ଅଚିହ୍ନା ମୃତଦେହ ସଂସ୍କାର ପ୍ରକ୍ରିୟା ଆରମ୍ଭ

## ବାହାନଗା ଟ୍ରେନ୍ ଟ୍ରାଜେଡି

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

ବାହାନଗା ଟ୍ରେନ୍ ଦୁର୍ଘଟଣାର ୪ମାସ ପରେ ଅଚିହ୍ନା ମୃତଦେହ ସତ୍କାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଦୁର୍ଘଟଣାରେ ଅଚିହ୍ନା ହୋଇ ରହିଯାଇଥିବା ୨୮ଟି ମୃତଦେହ ଭୁବନେଶ୍ୱର ଏମ୍‌ସରେ ସଂରକ୍ଷିତ ହୋଇ ରହିଥିଲା। ତେବେ ସାମୂହିକ ଅନ୍ତିମ ସଂସ୍କାର ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ବିଏମ୍‌ସିକୁ ତଦନ୍ତକାରୀ ସଂସ୍ଥା ସିବିଆଇ ସବୁଜ ସଙ୍କେତ ଦେବା ପରେ ମଙ୍ଗଳବାର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏମ୍ସ ପକ୍ଷରୁ ବିଏମ୍‌ସିକୁ ୩ଟି ମୃତଦେହ ହସ୍ତାନ୍ତର କରାଯିବା ପରେ ଭରତପୁର ଶ୍ମଶାନରେ ସେଗୁଡ଼ିକୁ ସତ୍କାର କରାଯାଇଥିଲା। ଏହା ପରେ ରାତି ୧୦ଟା ସୁଦ୍ଧା ମୋଟ୍ ୨୧ଟି ମୃତଦେହ ହସ୍ତାନ୍ତର କରାଯାଇଥିଲା। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି, ପୂର୍ବତଟ ରେଳପଥ ଏବଂ ସିବିଆଇ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ମୃତଦେହ ହସ୍ତାନ୍ତର କରାଯାଇଥିଲା। ତେବେ ପ୍ରାୟ ୪ମାସ ହେବ ମୃତଦେହଗୁଡ଼ିକ ଫ୍ରିଜ୍‌ରେ ରହିଥିବାରୁ ସଂସ୍କାର ପାଇଁ ସମୟ ଲାଗିଥିଲା। ତେଣୁ ପ୍ରାୟ ଦିନେ ଦୁଇଦିନ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ ବୋଲି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଏଥିସହ ମୃତଦେହ ସଂଗ୍ରହ ଏବଂ ଶ୍ମଶାନକୁ ନେବା ପାଇଁ ୩ଟି ଗାଡ଼ି ନିୟୋଜିତ ହୋଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଜୁନ ୨ରେ ବାଲେଶ୍ୱର ଜିଲାର ବାହାନଗା ରେଳଷ୍ଟେଶନଠାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱର ଏମ୍ସକୁ ମୋଟ୍ ୧୬୨ଟି ମୃତଦେହ ଆସିଥିଲା। ଫିଜିକାଲ ଭେରିଫିକେଶନ ପରେ ତନ୍ମଧ୍ୟରୁ ୮୧ଟି ତତ୍କାଳ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଅନେକ ମୃତଦେହ ଚିହ୍ନଟରେ ସମସ୍ୟା ଉପୁଜିବାରୁ ଡିଏନ୍ଏ ମ୍ୟାଚିଂ ସହାୟତା ନିଆଯାଇଥିଲା। ଏହାପରେ ଆଉ ୫୩ଟି ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଏହାପରେ ବି ଆହୁରି ୨୮ଟି ମୃତଦେହ ଅଚିହ୍ନା ରହିଯାଇଥିଲା। ତେଣୁ ଅନ୍ତିମ ସଂସ୍କାର ପାଇଁ ଅଗଷ୍ଟ ୨୫ରେ ସିବିଆଇ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖାଯାଇଥିଲା। ଏନେଇ ଅକ୍ଟୋବର ୭ରେ ଖୋର୍ଦ୍ଧା ଜିଲାପାଳ ଚିଠି ଲେଖିବା ପରେ ବିଏମ୍‌ସି ଏସ୍‌ଓପି ଜାରି କରି ମଙ୍ଗଳବାରଠାରୁ ସଂସ୍କାର ପ୍ରକ୍ରିୟା ଆରମ୍ଭ କରିଛି।


ପୁରୀ ଉଠାଦୋକାନୀ ସଂଘ ପକ୍ଷରୁ ସ୍ଥାୟୀ ଥଇଥାନ ଦାବିରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ।

# ନୀଳଚକ୍ର ବାନା ପତ୍ରିକା ଉନ୍ମୋଚନ


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନୀଳଚକ୍ର ବାନା ପତ୍ରିକାକୁ ଉନ୍ମୋଚନ କରୁଛନ୍ତି ।

ପୁରୀ, ୧୦।୧୦(ଅଜିତ୍ ମହାନ୍ତି):

ରାଜଭବନରେ ନୀଳଚକ୍ର ବାନା ୨୦୨୩ ଦ୍ୱିତୀୟ ସଂଖ୍ୟାକୁ ରାଜ୍ୟପାଳ ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ନୀଳଚକ୍ର ବାନା ପତ୍ରିକାର ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ, ପତ୍ରିକାର ପ୍ରକାଶକ ରାଜେଶ କୁମାର ନନ୍ଦ, ବନ୍ଦିତା ଦାଶ ଓ ଅମ୍ଳାନ ନନ୍ଦ ଉପସ୍ଥିତ ଥିଲେ। ଉନ୍ମୋଚନ ଉତ୍ସବରେ ସହଯୋଗ କରିଥିଲେ କବି ତଥା ରକ୍ଷକ ନାୟକ। ଏହି ଅବସରରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, କବି ଓ ଲେଖକ ମାନଙ୍କ ପକ୍ଷରୁ ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଯାଇଛି।

# ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ

ପିପିଲି,୧୦।୧୦(ଦୁର୍ଗା ମାଧବ ମିଶ୍ର)

ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ ମଙ୍ଗଳବାର ଭୁବନେଶ୍ୱର ଶହୀଦ ନଗରସ୍ଥ ଶ୍ରୀବିଷ୍ଣୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡା. ଅଶୋକ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ଅନୁଷ୍ଠାନର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ଉପସ୍ଥିତ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ଆର୍ଥିକ ସହଯୋଗରେ ନିର୍ମିତ ପଦ ପ୍ରେକ୍ଷାଳୟ ଓ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟଧାରାରେ ସମସ୍ତ ଉପସ୍ଥିତ ସଦସ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ପଞ୍ଚାୟତିରାଜ ବିଭାଗର ଆର୍ଥିକ ସହଯୋଗରେ ନିର୍ମିତ ସୌରଶକ୍ତି ପରିଚାଳିତ ନଳକୂପ କାର୍ଯ୍ୟ ପାଇଁ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଧନ୍ୟବାଦ ଦେଇଥିଲେ। ବିମଳା ମନ୍ଦିରରେ ଚଣ୍ଡୀପାଠ କରାଯିବା ପାଇଁ ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ ସାହୁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ରାଜେନ୍ଦ୍ର ପ୍ରସାଦ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ପ୍ରେମଲତା ଦେବୀ, ପ୍ରାକ୍ତନ ପଞ୍ଚାୟତିରାଜ ସଚିବ ଜଗଦୀଶ ପ୍ରସାଦ ଅଗ୍ରୱାଲା, କିଟ୍ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ଡ. ସନ୍ଧ୍ୟାରାଣୀ ଶତପଥୀ, ଡ. ବସନ୍ତ ମିଶ୍ର, ସାମାଜିକ କର୍ମୀ ଜୟ ପ୍ରକାଶ ମିଶ୍ର, ଡ. ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ଜୁନ ଚରଣ ସାମଲ ଧନ୍ୟବାଦ ଦେଇଥିଲେ।



ଭକ୍ତ ଦାସିଆ ପୀଠରେ ଆୟୋଜିତ ମାସିକ ସମୀକ୍ଷା ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

# ସାଇବର ସୁରକ୍ଷା ଅଭିଯାନର ଜନସଚେତନତା ଶିବିର

ନିମାପଡ଼ା,୧୦।୧୦
(ବିଚିତ୍ରାନନ୍ଦ ସାହୁ)/ଚାରିଛକ,(ଶିଶିର ସ୍ୱାଇଁ)

ସାଇବର ସୁରକ୍ଷା ଅଭିଯାନ(ଓଡ଼ିଶା) ପକ୍ଷରୁ ପୁରୀ ଓ ନିମାପଡ଼ା ପୋଲିସ ସହାୟତାରେ ଏକ ଜନସଚେତନତା ଶିବିର ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ନିମାପଡ଼ା କଲେଜଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କଲେଜର ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ, ଅଧ୍ୟାପିକା ସ୍ୱପ୍ନାରାଣୀ ମିଶ୍ର, ସୁଲଗ୍ନା ପଟ୍ଟନାୟକ, ସୌମ୍ୟା ଶ୍ରୀ ସିଂ, ପ୍ରଧ୍ୟାପକ ଡଃ ରବିନ୍ଦ୍ରନାଥ ପାଢ଼ୀ, ବରିଷ୍ଠ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ବାମଦେବ ସ୍ୱାଇଁ, ପୁରୀର ଏଏସ୍‌ଆଇ ଗଙ୍ଗାଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟ କାହାକୁ ନିଜର ଓଟିପି, ପାସୱାର୍ଡ କାହାରିକୁ ଶେୟାର ନ କରିବା, ଅଜଣା ଲୋକଙ୍କ ସହ ମୋବାଇଲରେ ଫେସବୁକରେ ବନ୍ଧୁତା ନ କରିବା ଆଦି ସମ୍ପର୍କରେ କଳାକାର, ନୃତ୍ୟ, ସଙ୍ଗୀତ ଶିଳ୍ପୀଙ୍କ ପକ୍ଷରୁ ସଚେତନତାଧର୍ମୀ ନାଟକ, ନୃତ୍ୟ ସଙ୍ଗୀତ ପରିବେଶିତ ହୋଇଥିଲା। ସାଇବର କ୍ରାଇମ ସମ୍ପର୍କରେ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଲେଜର ଶହ ଶହ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ସାମିଲ ହୋଇଥିଲେ। ସେହିପରି ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ପୁରୀ ଜିଲା ସାଇବର ଅପରାଧ ଶିକ୍ଷା ଓ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସାଇବର ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ସନ୍ତୋଷ ମିତ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସ୍ୱର୍ଣ୍ଣରଶ୍ମି ସାହୁ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଜିଲା ସାଇବର କକ୍ଷର ସହକାରୀ ଉପନିରୀକ୍ଷକ ଗଙ୍ଗାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଅଧ୍ୟାପକ ଜୀନ ଦାଶ ଓ ଇଂଲିଶ୍ ବିଭାଗ ଅଧ୍ୟାପକ ସମାପ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ସମାରୋହରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

### ମା' କୁଶ୍ୱେରୀ ବଜାର କମିଟି ବୈଠକ ଓ ପରିଚାଳନା କମିଟି ଗଠନ

କଣାସ, ୧୦।୧୦(ବିଭୂତି ଭୂଷଣ ତ୍ରିପାଠୀ):

କଣାସର ଆରାଧ୍ୟ ଠାକୁରାଣୀ ମା' କୁଶ୍ୱେରୀ ଦେବୀଙ୍କ ପୀଠରେ କୁଶ୍ୱେରୀ ବଜାର କମିଟିର ବୈଠକ ସଭାପତି ଶ୍ରୀକାନ୍ତ କୁମାର ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତବର୍ଷ ଆୟବ୍ୟୟ ହିସାବ ଆଲୋଚନା ହେବା ସହ ବଜାରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା। ଏକ ନୂତନ କମିଟି ଗଠନ କରାଯାଇ ସଭାପତି ଭାବେ ଶ୍ରୀକାନ୍ତ କୁମାର ପଟ୍ଟଯୋଶୀଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭାପତି ବିଜୟ କୁମାର ଭୋଳ, ସମ୍ପାଦକ ଶରତ କୁମାର ମହାପାତ୍ର, ଯୁଗ୍ମସମ୍ପାଦକ ବେଣୁଧର ପାଇକରାୟ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଦସ୍ୟ ଭାବେ ବିଚିତ୍ର କୁମାର ପ୍ରଧାନ, ଅଶୋକ କୁମାର ସାହୁ, ଓକିଲ ପ୍ରଧାନ, ସୁବ୍ରତ କୁମାର ସାହୁ, ରସିଦ୍ ମହମ୍ମଦ, ରତକାନ୍ତ ଛୋଟରାୟ, ପ୍ରକାଶ କୁମାର ମାଝିଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ମୃଷା ମହାପାତ୍ର, ଭାଗୀରଥି ଭୁଜବଳ, ଶ୍ୟାମବନ୍ଧୁ ଭୋଳ, ସୁରେନ୍ଦ୍ର କୁମାର ଭୋଳ, କରୁଣାକର ରାଉତରାୟ, ବିକ୍ରମକେଶରୀ ସାମନ୍ତରାୟଙ୍କୁ ମନୋନୀତ କରାଯାଇଥିଲା।

# ପ୍ରୟାସ ପକ୍ଷରୁ ଚାରାରୋପଣ, ପଥପ୍ରାନ୍ତ ପଦଯାତ୍ରା

ସାକ୍ଷୀଗୋପାଳ,୧୦।୧୦(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ଗୋପବନ୍ଧୁ ଜୟନ୍ତୀ ଅବସରରେ ପ୍ରୟାସ ସଙ୍ଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରୟାସର ମୁଖ୍ୟ ତଥା ଯୁବନେତା କାମାକ୍ଷା ପ୍ରଧାନଙ୍କ ନେତୃତ୍ୱରେ ସଙ୍ଗଠନର କର୍ମକର୍ତ୍ତାମାନେ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡଠାରେ ଏକତ୍ରିତ ହୋଇ ଗୋପବନ୍ଧୁଙ୍କ ଷଠୀ ଘରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଚାରାରୋପଣ କରାଯାଇଥିଲା। ସେହିପରି ପ୍ରୟାସ ପକ୍ଷରୁ ପଥପ୍ରାନ୍ତ ପଦଯାତ୍ରା ପାଳନ ପରିପ୍ରେକ୍ଷୀରେ ସୁଆଣ୍ଡୋ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସଂଗଠନର ଯୁବନେତା ତଥା ରାଜ୍ୟ କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ କାମାକ୍ଷା ପ୍ରଧାନ ଏଥିରେ ନେତୃତ୍ୱ ନେଇଥିଲେ। ଏଥିରେ ପ୍ରୟାସର ସଭାପତି କୃଷ୍ଣଚନ୍ଦ୍ର ଜଗଦେବଙ୍କ ସହ ଗଙ୍ଗାଧର ଛାଟୋଇ, ସୁରଥ ବେହେରା, ରମେଶ ମାଝୀ, ପ୍ରାତୁର୍ଯ୍ୟ ହୋତା, ପ୍ରକାଶ ଆଚାର୍ଯ୍ୟ, ଦିଲୀପ ବିଶ୍ୱାଳ, ବିଶ୍ୱଜିତ୍ ବଡ଼ଜେନା, ଲକ୍ଷ୍ମଣ ବେହେରା, ଚୁଲିଆ ପ୍ରଧାନ, ଦୁର୍ଗା ବାହିନୀର ମେନ୍‌କା ପ୍ରଧାନ, ସତ୍ୟଭାମା ବେହେରା, ପ୍ରଭାତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ପଶା ପ୍ରତିଯୋଗିତା

କଣାସ, ୧୦।୧୦(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ଗ୍ରାମପଞ୍ଚାୟତର ସାହାସପୁର ଗ୍ରାମରେ ଏକ ବ୍ଲକସ୍ତରୀୟ ପଶା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୬ଟି ଦଳ ଭାଗନେଇ ପ୍ରତେକ ଦଳ ୩ ରାଉଣ୍ଡ ଲେଖାଏଁ ଖେଳିଥିଲେ। ରାଜ୍ୟ ପଶା ସଂଗଠନର ସଭାପତି ପ୍ରଫୁଲ୍ଲ କୁମାର ଜେନା ଓ ସାଥୀ ଖେଳାଳି ହେମନ୍ତ କୁମାର ମହାରଥୀ ବିଜେତା ହୋଇଥିବା ବେଳେ ମନୋଜ ସାମନ୍ତସିଂହାର ଓ ସାଥୀ ଖେଳାଳି ତୋଫାନ ପ୍ରଧାନ ଉପବିଜେତା ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ, ସମିତି ସଭ୍ୟ ଶକ୍ତିଧର ପ୍ରଧାନ, ଧନେଶ୍ୱର ପ୍ରଧାନ, ସୁଶାନ୍ତ କୁମାର ମହାରଥୀ, ରମେଶ ହରିଚନ୍ଦନ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

### ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

ପୁରୀ, ୧୦।୧୦(ଅଜିତ୍ ମହାନ୍ତି):

ଟିପିସିଓଡିଏଲ୍ ବିଦ୍ୟୁତ୍ ଡିଭିଜନ ପୁରୀ ଅଧୀନରେ ବିଭିନ୍ନ ଏଜେନ୍ସି ମାଧ୍ୟମରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସମସ୍ୟା ନେଇ ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ସଂଘ ପୁରୀ ତରଫରୁ ପୁରୀ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମସ୍ୟା ଆସନ୍ତା ୭ ଦିନ ମଧ୍ୟରେ ସମାଧାନ ନହେଲେ ୧୭ ତାରିଖରେ ପୁରୀ ବିଦ୍ୟୁତ୍ ବିଭାଗ ସମ୍ମୁଖରେ ଧାରଣା ଦିଆଯିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ସଂଘ ତରଫରୁ ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, କୋଷାଧ୍ୟକ୍ଷ ସେଖ୍ ଆଜାଦ, ପୁରୁଷୋତ୍ତମ ମିଶ୍ର, ସୂର୍ଯ୍ୟ ଦାଶ, ଶରତ ମିଶ୍ର, ସତ୍ୟନାରାୟଣ ମହାରଣା, ଦିଲୀପ ପରିଡ଼ା, ସୁଶାନ୍ତ ବେହେରା, ସୁନୀଲ ରଥ, ଲୋକନାଥ ଗଡ଼ନାୟକ, ଶରତ ଜେନା, ଗୌତମ ପାଟଶାଣୀ, ସୁବାଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମଗିରି ବ୍ଲକ ୩୦ ନଂ. ଜୋନ୍‌ରେ ଜନସମ୍ପର୍କ ପଦଯାତ୍ରା

ପୁରୀ, ୧୦।୧୦(ଅଜିତ୍ ମହାନ୍ତି):

ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ମଙ୍ଗଳବାର ବ୍ରହ୍ମଗିରି ବ୍ଲକ ୩୦ନଂ ଜୋନ୍‌ରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାୟବିଧାର ପଞ୍ଚାୟତ ଧର୍ମକୀର୍ତ୍ତି ଗ୍ରାମର ବାବା ବ୍ରହ୍ମେଶ୍ୱରଙ୍କ ମନ୍ଦିରଠାରୁ ତିନି କିଲୋମିଟର ପଦଯାତ୍ରା ଆରମ୍ଭ ହୋଇ ଡିମିରିଶେଣା ପଞ୍ଚାୟତ ବାବା ବାଲୁଙ୍କେଶ୍ୱର ମନ୍ଦିରଠାରେ ପହଞ୍ଚିବା ପରେ ଏକ ବିଶାଳ ସଭା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବ୍ରହ୍ମଗିରି ବ୍ଲକ ୩୦ନଂ ଜୋନ୍‌ରେ ୩୩ ଗ୍ରୀଡ୍ ଇଲେକ୍ଟ୍ରିକ୍ ସବ୍‌ଷ୍ଟେସନ, ରାୟବିଧାର, ଡିମିରିଶେଣା, ତଳମାଳ, କୁସୁବେଣ୍ଟି, କାଣ୍ଡଗୋଡା ଓ ମଣପଡା ପଞ୍ଚାୟତରେ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ଯାତାୟାତ କରିବା ପାଇଁ ଗମନାଗମନର ସୁବିଧା, ହଜାର ହଜାର ଚାଷୀଙ୍କ ବୃହତର ସ୍ୱାର୍ଥ ପାଇଁ ଜଳସେଚନ ଓ ଜଳ ନିଷ୍କାସନର ସୁବିଧା, ୫-ଟି ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ପାଇଁ ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରୀକରଣ, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁବିଧା ପାଇବାପାଇଁ ରାୟବିଧାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଖଜୁରିଆ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ଭବ ହୋଇ ପାରିଛି ବୋଲି ଦାସବର୍ମା କହିଥିଲେ। ବ୍ରହ୍ମଗିରି ବ୍ଲକ ଉପାଧ୍ୟକ୍ଷା ମାଳିନୀ ଦଳାଇ ସଭା ଶେଷରେ ଧନ୍ୟବାଦ ଜଣାଇ ସଭାକାର୍ଯ୍ୟ ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣି ସ୍ୱାଇଁ, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଜିଲା ବିଜୁ ଜନତା ଦଳ ଉପସଭାପତି ସୁର ପ୍ରସାଦ ମହାନ୍ତି, ସାଧାରଣ ସମ୍ପାଦକ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରଫୁଲ୍ଲ ଜେନା, ଭଗବାନ ନାୟକ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନାବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲା ପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, ପୁରୀ ସଦର ବ୍ଲକ ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ସମିତି ସଭ୍ୟ ପବିତ୍ର ମୋହନ ମହାପାତ୍ରଙ୍କ ସମେତ ବ୍ରହ୍ମଗିରି ବ୍ଲକ ୩୦ ନଂ. ଜୋନ୍‌ର ବିଜୁ ଜନତା ଦଳର ଦଳୀୟ କର୍ମୀ, ବରିଷ୍ଠ ନେତୃବୃନ୍ଦ, ବିଜୁ ଯୁବ, ଛାତ୍ର, ମହିଳା ଜନତା ଦଳର ନେତୃବୃନ୍ଦ ଓ ନବନିର୍ବାଚିତ ଜନପ୍ରତିନିଧି ଏବଂ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।



ଜନସମ୍ପର୍କ ପଦଯାତ୍ରାରେ ଉପସ୍ଥିତ ବିଜେଡି କର୍ମୀ ।

# ଗୋପବନ୍ଧୁଙ୍କୁ ଭାରତରତ୍ନ ଦେବାକୁ ଦାବି

ସାକ୍ଷୀଗୋପାଳ,୧୦।୧୦(ଭରତ ରାଉତ)

ସତ୍ୟବାଦୀର ପଞ୍ଚସଖା ସମାଧିପୀଠଠାରେ ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନା ଚକ୍ର, ସ୍ମୃତିଚାରଣ, କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଧ୍ୟାପକ ଡ. ବସନ୍ତ ରଥଙ୍କ 'ପ୍ରକୃତି ବୈଭବ' ଓ ଶିକ୍ଷୟିତ୍ରୀ ସୁଜାତା ଦେବୀଙ୍କ ରଚିତ 'ସ୍ୱାଧୀନତାର ଅମୃତ ସ୍ୱର' ପୁସ୍ତକ ୨ଟି ଉନ୍ମୋଚନ ହୋଇଯାଇଛି। ସ୍ଥାନୀୟ ତଥା ପୁରୀ, ଭୁବନେଶ୍ୱର, ଡେଲାଙ୍ଗ ଆଦି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକମାନେ ଯୋଗଦେଇ ଗୋପବନ୍ଧୁଙ୍କୁ ଭାରତ ରତ୍ନ ଦେବାକୁ ଦାବି କରିବା ସହ ତାଙ୍କର ଜୀବନଚର୍ଯ୍ୟା ସମସ୍ତଙ୍କ ଧ୍ୟେୟ ହେଲେ ସେବା ଓ ତ୍ୟାଗ ଉଜ୍ଜୀବିତ ହୋଇ ଉଠି ସମାଜରେ ଶାନ୍ତି ସଂହତି ବଜାୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଐତିହ୍ୟପୂର୍ଣ୍ଣ ବନବିଦ୍ୟାଳୟର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ। ବକୁଳ ବନସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ପଞ୍ଚସଖାଙ୍କ ସମାଧି ପୀଠରେ ଅତିଥିମାନେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବି, ଲେଖକ ଓ ନିର୍ଦ୍ଦେଶକ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ଡ. ଅଜୟ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମ ଓ ଆୟୋଜକଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାଧ୍ୟାପକ ଡ. ରଥ କାର୍ଯ୍ୟକ୍ରମ ବାବଦରେ ଅତିଥିଙ୍କୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ ବୃନ୍ଦାବନଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ମୁଖ୍ୟ ସମ୍ପାଦକ ଭାଷା ସାହିତ୍ୟ (ଓଡ଼ିଆ ବିଭାଗ)ର ପ୍ରାଧ୍ୟାପକ ମାନସ ରଞ୍ଜନ ମହାପାତ୍ର, ପ୍ରାଧ୍ୟାପକ ଧରଣୀଧର ପ୍ରଧାନ, ପ୍ରାଧ୍ୟାପିକା ବାସନ୍ତୀ ଦେବୀ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଶିକ୍ଷୟିତ୍ରୀ ତଥା ଖ୍ୟାତି ସମ୍ପର୍ଣ୍ଣ କବୟିତ୍ରୀ ସାମାଜିକ କର୍ମୀ ଶୈଳବାଳା ମହାପାତ୍ର, କବି ଅଧ୍ୟାପକ ଭାରତୀ ଭୂଷଣ ଦାସ, ବନ୍ଦନା ପତ୍ରିକା ସମ୍ପାଦକ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ପ୍ରମୁଖ ବହୁ ଶିକ୍ଷାବିତ୍ ଓ କବୟିତ୍ରୀ ଉପସ୍ଥିତ ଥିଲେ। କବୟିତ୍ରୀ ବସନ୍ତ ମଞ୍ଜରୀ ମିଶ୍ର, ବିଚିତ୍ରା ଦାସ, ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ଦାସ, କବୟିତ୍ରୀ ବିଶାଖା ଦେବୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କବୟିତ୍ରୀ, କବି କବିତା ପାଠ କରିଥିଲେ। ଶିକ୍ଷୟିତ୍ରୀ ତଥା କବୟିତ୍ରୀ ସୁଜାତା ଦେବୀ କବିତା ଆସରର ସୁପରିଚାଳନା କରିଥିଲେ। ଆଗାମୀ ଦିନରେ ସତ୍ୟବାଦୀ ସୃଜନୀ ଆତ୍ମପ୍ରକାଶ କରିବାକୁ ଯାଉଥିବା ଆୟୋଜକ ଡ. ରଥ ସଭାରେ ଘୋଷଣା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଣବ ମିଶ୍ର ଧନ୍ୟବାଦ ଦେଇଥିଲେ।



### 'ପ୍ରକୃତି ବୈଭବ', 'ସ୍ୱାଧୀନତାର ଅମୃତ ସ୍ୱର' ପୁସ୍ତକ ଉନ୍ମୋଚିତ

# ପାକିସ୍ତାନର ରେକର୍ଡ ରନ୍ ଚେଜ୍

## ଗୋଟିଏ ମ୍ୟାଚ୍‌ରେ ପ୍ରଥମ ଥର ୪ ଶତକ

**ହାଇଦ୍ରାବାଦ,୧୦।୧୦**

ମଙ୍ଗଳବାର ଦିନିକିଆ କ୍ରିକେଟ ବିଶ୍ୱକପରେ ଶ୍ରୀଲଙ୍କା ବିପକ୍ଷରେ ୬ ଉଇକେଟରେ ବିଜୟ ହାସଲ କରିଛି ପାକିସ୍ତାନ। ଏହା ସହିତ ବିଶ୍ୱକପ ଇତିହାସର ସର୍ବବୃହତ ରନଚେଜ୍ ହାସଲ କରିଛି ପାକିସ୍ତାନ। ବିଶ୍ୱକପରେ ପ୍ରଥମ ଥର ଏକ ମ୍ୟାଚ୍‌ରେ ୪ ଶତକ ଦେଖିବାକୁ ମିଳିଥିବା ବେଳେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା କୁଶଲ ମେଣ୍ଡିସ୍ ଓ ସାଦିରା ସମରବିକ୍ରମାଙ୍କ ଶତକ ବଳରେ ୯ ଉଇକେଟ ହରାଇ ୩୪୪ ରନ୍ ସ୍କୋର କରିଥିଲା। ଜବାବରେ ଅବଦୁଲ୍ଲା ଶଫିକଙ୍କ ୧୧୩ ଓ ମହମ୍ମଦ ରିଜୱାନଙ୍କ ୧୩୧* ରନ୍ ବଳରେ ପାକିସ୍ତାନ ୪୮.୨ ଓଭରରେ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ପକ୍ଷରୁ କୁଶଲ ମେଣ୍ଡିସ୍ ୧୨୨ ଓ ସାଦିରା ସମରବିକ୍ରମା ୧୦୮ ରନ୍ କରିଥଲେ। ୭୭ ବଲ୍ ଖେଳି ମେଣ୍ଡିସ୍ ୧୪ ଚୌକା ଓ ୬ ଛକା ମାରିଥିଲେ। ଅନ୍ୟପକ୍ଷରେ ଦିନିକିଆ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ ସମରବିକ୍ରମା। ୮୯ ବଲ୍ ଖେଳି ସେ ୧୧ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଥୁମ୍ ନିଶଙ୍କା ୫୧ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ହସନ୍ ଅଲୀ ସର୍ବାଧିକ ୪ ଉଇକେଟ ନେଇଥିଲେ। ୩୪୫ ରନ୍ ଲକ୍ଷ୍ୟରେ ପାକିସ୍ତାନ ମାତ୍ର ୩୭ ରନରେ ଦୁଇ ଉଇକେଟ ହରାଇଥିଲା ପାକିସ୍ତାନ। ତେବେ ଅବଦୁଲ୍ଲା ଶଫିକ୍(୧୧୩) ଓ ମହମ୍ମଦ ରିଜୱାନ(୧୩୧*) ତୃତୀୟ ଉଇକେଟରେ ୧୭୬ ରନ୍ ଯୋଡିଥିଲେ। ଶଫିକ୍ ୧୦୩ ବଲ୍ ଖେଳି ୧୦ ଚୌକା ଓ ୩ ଛକା ମାରିଥିଲେ। ରିଜୱାନ ୧୨୧ ବଲ୍ ଖେଳି ୯ ଚୌକା ଓ ୩ ଛକା ମାରି ଦଳକୁ ବିଜୟୀ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଦିଲଶାନ ମଦୁଶନକା ୨ ଉଇକେଟ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଥୀଷା ପଥିରାନା ଓ ମହୀଶ ଥିକ୍ସାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।ଏହା ସହିତ ବିଶ୍ୱକପରେ ଶ୍ରୀଲଙ୍କା ବିପକ୍ଷରେ ଅଷ୍ଟମ ବିଜୟ ସହ ଅପରାଜେୟ ରେକର୍ଡ ବଜାୟ ରଖିଛି ପାକିସ୍ତାନ।



ଶତକ ହାସଲ ପରେ ମହମ୍ମଦ ରିଜୱାନ।

### ବିଶ୍ୱକପରେ ସର୍ବାଧିକ ରନ୍‌ଚେଜ୍

| ଦଳ | ଟାର୍ଗେଟ୍ | ସ୍କୋର | ବି. ଦଳ | ବର୍ଷ |
|---|---|---|---|---|
| ପାକିସ୍ତାନ | ୩୪୫ | ୩୪୫/୪ | ଶ୍ରୀଲଙ୍କା | ୨୦୨୩ |
| ଆୟର୍ଲାଣ୍ଡ | ୩୨୮ | ୩୨୯/୭ | ଇଂଲଣ୍ଡ | ୨୦୧୧ |
| ବାଂଲାଦେଶ | ୩୨୨ | ୩୨୨/୩ | ୱେଷ୍ଟ ଇଣ୍ଡିଜ୍ | ୨୦୧୯ |
| ବାଂଲାଦେଶ | ୩୧୯ | ୩୨୨/୪ | ସ୍କଟ୍‌ଲାଣ୍ଡ | ୨୦୧୯ |
| ଶ୍ରୀଲଙ୍କା | ୩୧୩ | ୩୧୩/୭ | ଜିମ୍ବାୱେ | ୧୯୯୨ |

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୩୪୪/୯ (କୁଶଲ ମେଣ୍ଡିସ୍-୧୨୨, ସାଦିରା ସମରବିକ୍ରମା-୧୦୮, ପାଥୁମ ନିଶଙ୍କା-୫୧, ହସନ ଅଲୀ-୪/୭୧, ହାରିସ୍ ରୌଫ୍-୨/୬୪, ଶଦାବ ଖାଁ-୧/୫୫)। ପାକିସ୍ତାନ ୪୮.୨ ଓଭରରେ ୩୪୫/୪ (ଅବଦୁଲ୍ଲା ଶଫିକ୍-୧୧୩, ମହମ୍ମଦ ରିଜୱାନ-୧୩୧*, ଦିଲଶାନ ମଦୁଶନକା-୨/୫୪, ମଥିଶା ପଥିରାନା-୧/୬୩)।


ସାଦିରା ସମରବିକ୍ରମା



କୁଶଲ ମେଣ୍ଡିସ୍


ଅବଦୁଲ୍ଲା ଶଫିକ୍

# ଅମିତଙ୍କୁ ଭେଟି ଅଭିନନ୍ଦନ ଜଣାଇଲେ କେନ୍ଦ୍ରମନ୍ତ୍ରୀ


ଅମିତ ରୋହିଦାସଙ୍କୁ ଭେଟି ଅଭିନନ୍ଦନ ଜଣାଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଭୁବନେଶ୍ୱର,୧୦।୧୦**
**(ଅନିଲ ଦାସ)**

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ନିଜ ବାସଭବନରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରି ଭାରତକୁ ଗୌରବାନ୍ୱିତ କରିଥିବା ଭାରତୀୟ ପୁରୁଷ ହକି ଦଳର ଓଡ଼ିଆ ଖେଳାଳି ଅମିତ୍ ରୋହିଦାସଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି। ସେ ଟୁଇଟ୍ କରି କହିଛନ୍ତି ଯେ, ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଏହି ପ୍ରତିଭାବାନ୍ ଯୁବ ଖେଳାଳିଙ୍କ ପ୍ରଦର୍ଶନ ବେଶ୍ ପ୍ରଶଂସନୀୟ। ତାଙ୍କର ଏହି ସଫଳତାରୁ ଅନୁପ୍ରାଣିତ ହୋଇ ଆଗାମୀ ଦିନରେ ଓଡ଼ିଶାରୁ ଅନେକ ହକି ଖେଳାଳି ସୃଷ୍ଟି ହେବେ ଏବଂ ନିଜର ପ୍ରଦର୍ଶନ ମାଧ୍ୟମରେ ଆମ ଦେଶ ଓ ରାଜ୍ୟକୁ ଗର୍ବିତ କରାଇବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଶେରାୱତ ସବୁଠାରୁ ଦାମୀ ଖେଳାଳି

## ପ୍ରୋ କବାଡ଼ି ଲିଗ୍

**ମୁମ୍ବାଇ, ୧୦।୧୦(ପି.ଟି.)**

ଭାରତର ପୱନ ଶେରାୱତ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ପ୍ରୋ-କବାଡ଼ି ଲିଗ୍‌ର ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି। ତେଲୁଗୁ ଟାଇଟାନ୍ସ ତାଙ୍କୁ ୨.୬୦ କୋଟି ଟଙ୍କାରେ କ୍ରୟ କରିଛି। ଚଳିତବର୍ଷର ନିଲାମିରେ ମୋଟ ୬୦୧ ଖେଳାଳି ଭାଗ ନେଇଥିଲେ। ସିଜନ-୯ ନିଲାମିରେ ତାମିଲ ଥଲାଇଭାସ ଶେରାୱତଙ୍କୁ ୨.୨୬ କୋଟି ଟଙ୍କାରେ କ୍ରୟ କରିଥିଲା। ଏସିଆନ ଗେମ୍ସ ଫାଇନାଲରେ ଇରାନ ବିପକ୍ଷ ବିଜୟ ମ୍ୟାଚରେ ଶେରାୱତଙ୍କ ବଡ଼ ଭୂମିକା ରହିଥିଲା। ତାଙ୍କୁ ସେମାନଙ୍କ ଦଳରେ ନେବାଲାଗି ହରିୟାଣା ଷ୍ଟିଲର୍ସ, ୟୁପି ଯୋଦ୍ଧାସ, ତେଲୁଗୁ ଟାଇଟାନ୍ସ ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଦୁଇଦିନିଆ ନିଲାମିର ପ୍ରଥମ ଦିବସରେ ଇରାନର ମହମାଦ୍ରେଜା ଶାଦୋଲି ଚିୟାନେଶ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଥିଲେ। କାଟେଗୋରି-ଏ'ରେ ପୁନେରି ପଲ୍‌ଟନ ତାଙ୍କୁ ୨.୩୫ କୋଟି ଟଙ୍କାରେ କ୍ରୟ କରିଥିଲା। ଭାରତର ମନିନ୍ଦର ସିଂଙ୍କର ମଧ୍ୟ ଚାହିଦା ରହିଥିଲା। ତାଙ୍କୁ ବେଙ୍ଗଲ ୱାରିୟର୍ସ ୨.୧୨ କୋଟି ଟଙ୍କାରେ ନେଇଥିଲା। ପ୍ରୋ-କବାଡ଼ି ଲିଗ୍‌ର ୧୦ମ ସଂସ୍କରଣରେ ମୋଟ ୧୩୭ ମ୍ୟାଚ ଖେଳାଯିବ। ୧୩୨ ଲିଗ୍ ପର୍ଯ୍ୟାୟ ମ୍ୟାଚ ପରେ ୫ ପ୍ଲେଅଫ୍, ଦୁଇ ଏଲିମିନେଟର, ଦୁଇ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। କାଟେଗୋରି 'ଏ'ର ବେସ୍ ପ୍ରାଇସ୍ ୩୦ଲକ୍ଷ, କାଟେଗୋରି 'ବି' ପାଇଁ ୨୦ ଲକ୍ଷ ଟଙ୍କା ରଖାଯାଇଥିବା ବେଳେ 'ସି' ଓ 'ଡି' କାଟେଗୋରି ପାଇଁ ଯଥାକ୍ରମେ ୧୩ ଲକ୍ଷ ଓ ୯ ଲକ୍ଷ ଟଙ୍କା ରଖାଯାଇଥିଲା।

## ଜାତୀୟ/ଅନ୍ତର୍ଜାତୀୟ

# ଅରୁନ୍ଧତୀଙ୍କ ନାଁରେ ମାମଲା ଚାଲିବ

## କଶ୍ମୀର ମନ୍ତବ୍ୟ

**ନୂଆଦିଲ୍ଲୀ,୧୦।୧୦**

ବୁକର ପୁରସ୍କାର ବିଜୟିନୀ ଔପନ୍ୟାସିକା ଅରୁନ୍ଧତୀ ରୟଙ୍କ ବିରୋଧରେ ୧୩ ବର୍ଷ ତଳର କଶ୍ମୀର ସମ୍ପର୍କିତ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ମାମଲାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଏନେଇ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନା ଅନୁମତି ଦେଇଛନ୍ତି।

୬୧ ବର୍ଷୀୟା ଅରୁନ୍ଧତୀ ହେଉଛନ୍ତି ଭାରତର ଅନ୍ୟତମ ବିଖ୍ୟାତ ଲେଖିକା। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ବିରୋଧରେ ଆଲେଖ୍ୟ ଓ ସମାଲୋଚନା ତାଙ୍କୁ ଆହୁରି ଚର୍ଚ୍ଚିତ କରିଛି। ୨୦୧୦ ଅକ୍ଟୋବର ୨୧ରେ କମିଟି ଫର୍ ରିଲିଜ୍ ଅଫ୍ ପଲିଟିକାଲ ପ୍ରିଜିନର୍ସ (ସିଆର୍‌ପିପି) ପକ୍ଷରୁ 'ଆଜାଦୀ- ଦି ଓନ୍‌ଲି ୱେ' ବ୍ୟାନରେ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସେଠାରେ ଅରୁନ୍ଧତୀ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବା ନେଇ ୨୮ ତାରିଖରେ ନୂଆଦିଲ୍ଲୀର ତିଳକ ମାର୍ଗ ଥାନାରେ କଶ୍ମୀରୀ ସାମାଜିକ କର୍ମୀ ସୁଶୀଲ ପଣ୍ଡିତ ଏତଲା ଦେଇଥିଲେ। କଶ୍ମୀର କେବେହେଲେ ଭାରତର ଅଙ୍ଗ ନ ଥିଲା। ଏହାକୁ ଭାରତୀୟ ସଶସ୍ତ୍ର ବଳ ଜବରଦସ୍ତି ଦଖଲ କରିଥିବା ନେଇ ଅରୁନ୍ଧତୀ କହିଥିବା ବିଷୟ ସୁଶୀଲ ନିଜ ଏତଲାରେ ଦର୍ଶାଇଥିଲେ। ନଭେମ୍ବର ୨୭ରେ ଦିଲ୍ଲୀ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦେଶଦ୍ରୋହ ଏବଂ ଆଇପିସିର ବିଭିନ୍ନ ଦଫା ବଳରେ ଏଫ୍‌ଆଇଆର୍ ରୁଜୁ ହୋଇଥିଲା। ଅରୁନ୍ଧତୀ ଓ କଶ୍ମୀର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଶେଖ୍ ଶୋକାତ ହୁସେନଙ୍କ ବିରୋଧରେ ମାମଲା ଚଳାଇବା ପାଇଁ ଦିଲ୍ଲୀ ପୋଲିସକୁ ଏଲ୍‌ଜି ଅନୁମତି ପ୍ରଦାନ କରିଛନ୍ତି। ଉଭୟଙ୍କ ବିରୋଧରେ ମାମଲା ଚଳାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ରହିଥିବା ଏଲ୍‌ଜି କହିଛନ୍ତି। କଶ୍ମୀରର ବିଚ୍ଛିନ୍ନତାବାଦୀ ନେତା ସୟଦ ଅଲୀ ଶାହ ଗିଲାନୀ ଏବଂ ପାର୍ଲାମେଣ୍ଟ ଆକ୍ରମଣ ମାମଲାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ମୁକ୍ତ ହୋଇଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସୟଦ ଅବ୍‌ଦୁଲ ରହମାନ ଗିଲାନୀ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ ଥିଲେ। ଉଭୟଙ୍କ ମୃତ୍ୟୁ ଘଟିସାରିଛି।


ଅରୁନ୍ଧତୀ ରୟ

# ଭାରତକୁ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁନଙ୍କ ଧମକ

**ନୂଆଦିଲ୍ଲୀ,୧୦।୧୦:** ଖଲିସ୍ତାନୀ ଆତଙ୍କବାଦୀ ଗୁର୍‌ପତୱନ୍ତ ସିଂ ପନ୍ନୁନ୍ ଅନ୍‌ଲାଇନରେ ଏକ ନୂଆ ଭିଡିଓ ଜାରି କରିଛନ୍ତି, ଯେଉଁଥିରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧମକ ଦେଇଛନ୍ତି। ଇସ୍ରାଏଲ୍-ପାଲେଷ୍ଟାଇନ୍ ଯୁଦ୍ଧରୁ ଶିକ୍ଷାଲାଭ କର, ନଚେତ୍ ଭାରତକୁ ସମାନ ପ୍ରତିକ୍ରିୟା ଅପେକ୍ଷା କରିଛି ବୋଲି ସେ କହିଛନ୍ତି। ଆମେରିକାରେ ବେଆଇନ ଶିଖ୍‌ସ ଫର୍ ଜଷ୍ଟିସ ସଂଗଠନର ମୁଖ୍ୟ ପନ୍ନୁନ୍ କହିଛନ୍ତି, ପଞ୍ଜାବରୁ ପାଲେଷ୍ଟାଇନ୍ ଆଧିପତ୍ୟ କରିଥିବା ଲୋକେ ପ୍ରତିକ୍ରିୟା ପ୍ରକାଶ କରିବେ ଏବଂ ହିଂସାର ଫଳ ହିଂସା ହେବ। ଭାରତ ଯଦି ପଞ୍ଜାବକୁ ଅକ୍ତିଆର କରିରଖେ, ତେବେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହେବ, ପ୍ରଧାନମନ୍ତ୍ରୀ ମୋଦି ସେଥିପାଇଁ ଦାୟୀ ରହିବେ ବୋଲି ପନ୍ନୁନ କହିଛନ୍ତି।

# ଅମର୍ତ୍ତ୍ୟ ସେନ୍‌ଙ୍କ ପରଲୋକ ଗୁଜବ


ଅମର୍ତ୍ତ୍ୟ ସେନ୍‌ଙ୍କ ସହ ଝିଅ ନନ୍ଦନା ଦେବ ସେନ୍।

## ବାପା ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି: ନନ୍ଦନା

**ନୂଆଦିଲ୍ଲୀ,୧୦।୧୦**

ନୋବେଲ ପୁରସ୍କାର ବିଜୟୀ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍‌ଙ୍କ ପରଲୋକ ଘଟିଥିବା ଏକ ମିଛ ଖବର ମଙ୍ଗଳବାର ଅପରାହ୍ଣରେ ପ୍ରଚାର ହୋଇଥିଲା। ୮୯ ବର୍ଷୀୟ ଅମର୍ତ୍ତ୍ୟଙ୍କ ମୃତ୍ୟୁ ଖବର ଭାଇରାଲ ହେବା ପରେ ଏହା ଗୁଜବ ବୋଲି ତାଙ୍କ ଝିଅ ନନ୍ଦନା ଦେବ ସେନ୍ ଏକ୍ସରେ ପୋଷ୍ଟ କରିଛନ୍ତି। ସେ କହିଛନ୍ତି, ବାପା ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। କେମ୍ବ୍ରିଜ୍‌ରେ ଆମେ ପରିବାର ସହ ଗୋଟିଏ ସପ୍ତାହ ବେଶ୍ ଖୁସିରେ କଟାଇଛୁ। ସେ ହାର୍ଭାର୍ଡରେ ସପ୍ତାହକୁ ୨ଟି ପାଠ୍ୟକ୍ରମ ପଢ଼ାଉଛନ୍ତି ଓ ତାଙ୍କ ପୁସ୍ତକ କାମରେ ସବୁବେଳେ ବ୍ୟସ୍ତ ରହୁଛନ୍ତି। ୧୯୩୩ରେ ପଶ୍ଚିମବଙ୍ଗର ଶାନ୍ତିନିକେତନରେ ଜନ୍ମିତ ଅମର୍ତ୍ତ୍ୟ ପ୍ରଥମ ଭାରତୀୟ ଅର୍ଥନୀତିଜ୍ଞ ଭାବେ ନୋବେଲ ପୁରସ୍କାର ପାଇଥିଲେ। ସେ ଅନେକ ପୁସ୍ତକ ରଚନା କରିଛନ୍ତି।

# ଏ. ରାଜାଙ୍କ ୧୫ ବେନାମୀ ସମ୍ପତ୍ତି ଦଖଲକଲା ଇଡି

**ନୂଆଦିଲ୍ଲୀ,୧୦।୧୦:** ମନିଲଣ୍ଡରିଂ ମାମଲାରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଡିଏମ୍‌କେ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏ. ରାଜାଙ୍କ ୧୫ଟି ସ୍ଥାବର ବେନାମୀ ସମ୍ପତ୍ତିକୁ ଦଖଲକୁ ନେଇଛି। ଏହି ସମ୍ପତ୍ତିର ମୂଲ୍ୟ ୫୫ କୋଟି ଟଙ୍କା ହେବ। ରାଜାଙ୍କ ବେନାମୀ କମ୍ପାନୀ କୋଭାଇ ଶେଲ୍ଟର୍ସ୍ ପ୍ରମୋଟର୍ସ ଇଣ୍ଡିଆ ପ୍ରା.ଲିଃ ନାମରେ ରହିଛି। ରାଜାଙ୍କ ବିରୋଧରେ ଚାଲିଥିବା ଆୟ ବହିର୍ଭୂତ ସମ୍ପତ୍ତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ କରୁଥିବାବେଳେ ପିଏମ୍‌ଏଲ୍‌ଏର ବ୍ୟବସ୍ଥା ଅନୁଯାୟୀ ବେନାମୀ ସମ୍ପତ୍ତିକୁ ତଦନ୍ତକାରୀ ସଂସ୍ଥା ନିଜ ଦଖଲକୁ ନେଇଛି। ଉକ୍ତ ସମ୍ପତ୍ତି ମଧ୍ୟରେ ରହିଛି କୋଏମ୍ବାଟୁର୍‌ରେ ୪୫ ଏକର ଜମି, ଯାହାକୁ ଗତ ଜୁନ୍‌ରେ ଇଡି ବାଜ୍ୟାପ୍ତ କରିଥିଲା।

# ନିଲମ୍ବନକୁ ଚ୍ୟାଲେଞ୍ଜ କଲେ ରାଘବ ଚଡ୍ଢା

**ନୂଆଦିଲ୍ଲୀ,୧୦।୧୦**

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏମ୍‌ପି ରାଘବ ଚଡ୍ଢାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟ ସଭାରୁ ନିଲମ୍ବନ କରାଯାଇଥିବାରୁ ଏହାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଗୃହରୁ ତାଙ୍କୁ ଗୋଟିଏ ଅଧିବେଶନରୁ ଅଧିକ ସମୟ ପାଇଁ ନିଲମ୍ବନ କରାଯାଇଛି। ଏନେଇ ସେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ନିଲମ୍ବନ ବେଆଇନ ଏବଂ ମନମାନୀ ବୋଲି ରାଘବ କହିବା ସହ ରାଜ୍ୟ ସଭା ସ୍ୱାଧିକାର କମିଟି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଏହି ପ୍ରସଙ୍ଗ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବିଳମ୍ବିତ ହେଉଛି। ୫ ଜଣ ଏମ୍‌ପିଙ୍କ ଦସ୍ତଖତରେ ଜାଲିଆତି କରିଥିବା ଅଭିଯୋଗରେ ରାଘବଙ୍କୁ ଗତ ଅଗଷ୍ଟରେ ପାର୍ଲାମେଣ୍ଟର ଉଚ୍ଚ ସଦନରୁ ନିଲମ୍ବନ କରାଯାଇଥିଲା। ରାଜ୍ୟ ସଭାରେ ଦିଲ୍ଲୀ ସେବା ବିଲ ଉପରେ ଏକ ପ୍ରସ୍ତାବ ଆଣିବା ପାଇଁ ସେ ଭାଜପା ଏମ୍‌ପି ଏସ୍. ଫଙ୍ଗନୋନ କୋନ୍ୟାକ, ନରହରି ଅମିନ, ସୁଧାଂଶୁ ତ୍ରିବେଦୀ, ଏଆଇଏଡିଏମ୍‌କେର ଏମ୍. ଥମ୍ବିଦୁରାଇ ଏବଂ ବିଜେଡିର ସସ୍ମିତ ପାତ୍ରଙ୍କ ଜାଲ୍ ଦସ୍ତଖତ କରିଥିବା ଅଭିଯୋଗ ହୋଇଥିଲା। ଭାଜପା ସଦସ୍ୟ ପୀୟୂଷ ଗୋୟଲ ତାଙ୍କ ବିରୋଧରେ ନିଲମ୍ବନ ପ୍ରସ୍ତାବ ଆଣିଥିଲେ।



# ମାରାତ୍ମକ ଗ୍ରୀଷ୍ମର ସମ୍ମୁଖୀନ ହେବେ ଭାରତ, ପାକ୍

**ନୂଆଦିଲ୍ଲୀ,୧୦।୧୦**

ଶତାବ୍ଦୀ ବଦଳିବା ସହ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱ ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଇବାକୁ ଯାଉଛି, ଯାହା ଭାରତ ଓ ସିନ୍ଧୁ ଉପତ୍ୟକା ସମେତ ବିଶ୍ୱର ସବୁଠୁ ଜନବହୁଳ ଅଞ୍ଚଳରେ ହୃଦ୍‌ଘାତ ଏବଂ ଅଂଶୁଘାତ ସମସ୍ୟା ବଢ଼ିପାରେ। ଏକ ନୂଆ ଗବେଷଣାରେ ଏଭଳି ପୂର୍ବାନୁମାନ କରାଯାଇଛି। ପେନ୍ ଷ୍ଟେଟ୍ କଲେଜ ଅଫ୍ ହେଲ୍‌ଥ ଆଣ୍ଡ ହ୍ୟୁମ୍ୟାନ୍ ଡେଭେଲପମେଣ୍ଟ, ପୁର୍ଡ୍ୟୁ ୟୁନିଭର୍ସିଟି କଲେଜ ଅଫ୍ ସାଇନ୍ସ ଏବଂ ପୁର୍ଡ୍ୟୁ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏ ସଷ୍ଟେନେବଲ୍ ଫ୍ୟୁଚର ପକ୍ଷରୁ କରାଯାଇଥିବା ଅନ୍ତଃବିଭାଗୀୟ ଗବେଷଣାରୁ ଏହା ଜଣାଯାଇଛି। 'ପ୍ରୋସିଡିଂସ୍ ଅଫ୍ ଦି ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍'ରେ ପ୍ରକାଶିତ ଉକ୍ତ ଗବେଷଣାରେ ବିଶ୍ୱ ତାପମାତ୍ରା ପ୍ରାକ୍ ଶିଳ୍ପ ସ୍ତରରୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଅପେକ୍ଷା ଅଧିକ ବଢ଼ିବ, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି କୁହାଯାଇଛି।

ହୃଦ୍‌ଘାତ ବା ଅଂଶୁଘାତ ଅନୁଭବ କରିବା ପୂର୍ବରୁ ମାନବ ଶରୀର କେବଳ ନିର୍ଦ୍ଦିଷ୍ଟ ତାପମାତ୍ରା ଓ ଆର୍ଦ୍ରତାକୁ ଗ୍ରହଣ କରିପାରେ। ଅଧ୍ୟୟନ ଅନୁଯାୟୀ ଯଦି ତାପମାତ୍ରା ପ୍ରାକ୍ ଶିଳ୍ପ ଯୁଗୀୟ ସ୍ତରଠାରୁ ୨ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଏ ତେବେ ଭାରତ ଓ ପାକିସ୍ତାନର ୨୨୦ କୋଟି ଲୋକ ଅସହ୍ୟ ତାତିର ସମ୍ମୁଖୀନ ହେବେ। ସେହିପରି ପୂର୍ବ ଚାଇନାର ୧୦୦ କୋଟି ଏବଂ ସବ୍-ସାହାରା ଆଫ୍ରିକା ଅଞ୍ଚଳର ୮୦ କୋଟି ଲୋକେ ଅତ୍ୟଧିକ ଗ୍ରୀଷ୍ମ ଲହର ଅନୁଭବ କରିବେ ବୋଲି ଏଥିରେ କୁହାଯାଇଛି। ଅତ୍ୟଧିକ ଗ୍ରୀଷ୍ମ ଲହରର ସମ୍ମୁଖୀନ ହେବାକୁ ଥିବା ମହାନଗର ମଧ୍ୟରେ ଦିଲ୍ଲୀ, କୋଲକାତା, ସାଙ୍ଘାଇ, ମୁଲ୍‌ତାନ, ନାଞ୍ଜିଙ୍ଗ ଏବଂ ଉହାନ ରହିଛି। ଏହିସବୁ ଅଞ୍ଚଳରେ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶ ରହିଥିବାରୁ ଲୋକମାନେ ଏୟାର କଣ୍ଡିଶନର କିମ୍ବା ଘରକୁ ଶୀତଳ ରଖିବା ଲାଗି କୌଣସି ପ୍ରଭାବୀ ମାଧ୍ୟମ ଆପଣାଇବାକୁ ସକ୍ଷମ ନୁହନ୍ତି। ଯଦି ବିଶ୍ୱ ତାପମାତ୍ରା ୩ ଡିଗ୍ରୀ ଅଧିକ ବଢ଼ିଯାଏ, ତେବେ ଇଷ୍ଟର୍ନ ସିବୋର୍ଡ ସମେତ ଆମେରିକା ମଧ୍ୟଭାଗରେ ଥିବା ଫ୍ଲୋରିଡାରୁ ନ୍ୟୁୟର୍କ ଏବଂ ହଷ୍ଟନ୍‌ରୁ ସିକାଗୋ, ଦକ୍ଷିଣ ଆମେରିକା ଏବଂ ଅଷ୍ଟ୍ରେଲିଆ ମଧ୍ୟ ଅତ୍ୟଧିକ ଗ୍ରୀଷ୍ମ ଲହରର ସାମ୍ନା କରିବେ ବୋଲି ଗବେଷଣାରୁ ଜଣାପଡ଼ିଛି। ତେବେ ବିକଶିତ ରାଷ୍ଟ୍ରର ଜନସାଧାରଣ ଗ୍ରୀଷ୍ମ କଷ୍ଟରୁ ମୁକ୍ତି ପାଇଁ ଆବଶ୍ୟକ ଶୀତଳୀକରଣ ବ୍ୟବସ୍ଥା ଆପଣାଇପାରିବେ। ବିକାଶଶୀଳ ଏବଂ ଗରିବ ଦେଶର ଲୋକମାନେ ଗ୍ରୀଷ୍ମ ପ୍ରବାହରେ ଛଟପଟ ହେବେ ବୋଲି ଅଧ୍ୟୟନରେ କୁହାଯାଇଛି।



# କୁକୁଡ଼ାଙ୍କୁ ବୁଷ୍ଟର ଟିକା



**ରା**ଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୨୧ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ। ଏହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

# ବାଇଗଣରେ ସମନ୍ୱିତ ପୋକ ପରିଚାଳନା

**ବା**ଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ପାଇଁ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ। ନହେଲେ ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। ଅନ୍ୟପକ୍ଷରେ କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମି.ଲି. ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମି.ଲି. ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।



# ଡାଲିଜାତୀୟ ଫସଲ



**ଏ**କ କି.ଗ୍ରା. ଡାଲିଜାତୀୟ ବିହନ ପିଛା କାର୍ବୋକ୍ସିନ୍ ୩୭.୫% x ଥିରାମ୍ ୩୭.୫% ମିଶ୍ରିତ ଡିଏସ୍ ଫିମ୍ପିନାଶକ ବିଷ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଟିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

# ପ୍ରାଣୀମାନଙ୍କ ବିଷାକ୍ତକରଣର ଲକ୍ଷଣ ଓ ଚିକିତ୍ସା



ଡା. ହିମାଂଶୁ ବେହେରା

**ମ**ନୁଷ୍ୟମାନଙ୍କ ତୁଳନାରେ ପ୍ରାଣୀମାନଙ୍କ ମଧ୍ୟରେ ବିଷାକ୍ତକରଣ(poisoning) ମାତ୍ରା ଅଧିକ ଭାବରେ ପରିଲକ୍ଷିତ ହୋଇଥାଏ। ଏହାର ପ୍ରଭାବରେ ପ୍ରାଣୀ ସମ୍ପଦର ହାନି ଘଟିବା ସହ ପ୍ରାଣୀପାଳନ କରୁଥିବା ଚାଷୀମାନଙ୍କ ମଧ୍ୟ ଅର୍ଥହାନି ହୋଇଥାଏ। ଗ୍ରାମରେ ବସବାସ କରୁଥିବା ଲୋକମାନଙ୍କର ଶତ୍ରୁତାର ଶିକାର ମଧ୍ୟ ଅନେକ ସମୟରେ ପ୍ରାଣୀମାନଙ୍କୁ ଭୋଗିବାକୁ ପଡ଼ିଥାଏ। କେତେବେଳେ ଅଜାଣତରେ ପ୍ରାଣୀମାନେ ବିଷାକ୍ତକରଣର ଶିକାର ହେବା ସହ ଆଉ କେତେବେଳେ ସାମଜରେ କୁ-ପ୍ରକୃତିର ଲୋକମାନେ ଜାଣିଶୁଣି ପ୍ରାଣୀମାନଙ୍କୁ ବିଷାକ୍ତକରଣ କରିଥାଆନ୍ତି। ମୋଟାମୋଟି ଭାବରେ ବିଷାକ୍ତକରଣର ଉତ୍ସକୁ ୨ ଭାଗରେ ବିଭକ୍ତ କରାଯାଇପାରିବ। ତାହା ହେଲା-ପ୍ରାକୃତିକ ଉତ୍ସ ଏବଂ ମନୁଷ୍ୟ ଅଭିମୁଖୀ ବା ମନୁଷ୍ୟକୃତ ଉତ୍ସ। ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ଉତ୍ସକୁ ମଧ୍ୟ ପୁନଃ ଭାଗ କରାଯାଇପାରିବ, ଯେପରି କି : (୧) ବିଷଧର ପୁଷ୍ପ, ଲତା, ପତ୍ର ଇତ୍ୟାଦି, (୨) ବିଷଧର ସାପ, ବିଛା, ମହୁମାଛି, କୀଟପତଙ୍ଗ କାମୁଡ଼ିବା ଦ୍ୱାରା, (୩) ଖାଦ୍ୟରେ ଅତ୍ୟଧିକ ମାତ୍ରାରେ ଖଣିଜ ଲବଣ ବା ଧାତୁ-ଆର୍ସେନିକ ସୀମା, ପାରଦ, ସେଲେନିୟମ, କ୍ଷୟକାରକ ବାଷ୍ପ ଇତ୍ୟାଦି। ଏଥିଯୋଗୁ ମନୁଷ୍ୟକୃତ ଉତ୍ସକୁ ମଧ୍ୟ ପୁଣି ଭାଗ କରାଯାଇଛି, ଯେପରିକି, କୃଷି ସାର : ବିଭିନ୍ନ ପ୍ରକାର କୃଷି ବ୍ୟବହୃତ ସାର ଏବଂ ରସାୟନ ପଦାର୍ଥ, କୀଟନାଶକ ଦ୍ରବ୍ୟ, ମୂଷା ମାରିବା ପାଇଁ ଦ୍ରବ୍ୟ, କଳକାରଖାନାରୁ ନିର୍ଗତ ହେଉଥିବା ଦୂଷିତ ଦ୍ରବ୍ୟ ଏବଂ ବିକିରଣ ବିପଦ।

**ଇଚ୍ଛା ପୂର୍ବକ ବିଷାକ୍ତକରଣ :** ଏହାର ଅର୍ଥ ହେଉଛି ପ୍ରାଣୀମାନଙ୍କୁ କ୍ଷତିକାରକ ପଦାର୍ଥ ଦେଇ ବିଷାକ୍ତକରଣ କରାଇବା। ଏହାର ପ୍ରଭାବରେ ସେମାନଙ୍କ ଶରୀରରେ ଶ୍ୱାସକ୍ରିୟା ସମ୍ବନ୍ଧୀୟ ଅଙ୍ଗ, ଯକୃତ୍, କିଡ୍‌ନୀ, ଦାନ୍ତ, ହାଡ଼, ଚର୍ମ, ଖୁରା ଇତ୍ୟାଦି ପ୍ରଭାବିତ ହୋଇଥାଏ। କିଛି କ୍ଷେତ୍ରରେ ଏହା ଜରୁରୀ ଅବସ୍ଥାର ସଙ୍କେତ ଦେଇଥାଏ। ଏହି ଜରୁରିକାଳୀନ ପରିସ୍ଥିତି ଯେପରିକି ପାଟି, ଆଖି, ନାକ ଇତ୍ୟାଦିରୁ ଲାଳ ନିର୍ଗତ ହେବା, ବାନ୍ତିହେବା, ରକ୍ତ ବାହାରିବା, ଗର୍ଭ ନଷ୍ଟହେବା ଇତ୍ୟାଦି ଅସୁବିଧାକୁ ଯଥାସମ୍ଭବ ଶୀଘ୍ର ଚିକିତ୍ସା କରାଇବା ଦରକାର।

**ବିଷାକ୍ତକରଣର ପ୍ରକାର**

**ଅଳ୍ପ ସମୟରେ ବିଷାକ୍ତକରଣ :** ଏହାଦ୍ୱାରା ପ୍ରାଣୀମାନେ ଅତି କମ୍ ସମୟରେ ଅଧିକ ମାତ୍ରାରେ ବିଷାକ୍ତକରଣର ଶିକାର ହୋଇଥାଆନ୍ତି। ପ୍ରାଣୀମାନଙ୍କ ଶରୀରରେ ବହୁ ମାତ୍ରାରେ ବିଷର ଲକ୍ଷଣ ପରିଲକ୍ଷିତ ହୋଇଥାଏ ଏବଂ ତୁରନ୍ତ ଚିକିତ୍ସା ଅଭାବରୁ ପ୍ରାଣୀମାନେ ମୃତ୍ୟୁବରଣ କରିଥାଆନ୍ତି।

**କିଛିଦିନ ମଧ୍ୟରେ ବିଷାକ୍ତକରଣ :** ଏହାଦ୍ୱାରା ପ୍ରାଣୀମାନେ ଧୀରେ ଧୀରେ ବିଷାକ୍ତକରଣର ଶିକାର ହୋଇଥାଆନ୍ତି। କେତେକ କ୍ଷେତ୍ରରେ ଏହା ୯୦ଦିନ ପର୍ଯ୍ୟନ୍ତ ମଧ୍ୟ ହୋଇଥାଏ। ଉପଯୁକ୍ତ ଚିକିତ୍ସା କରାଇବା ଦ୍ୱାରା ପ୍ରାଣୀମାନେ ସୁସ୍ଥ ହୋଇଥାଆନ୍ତି।

**କିଛି ମାସ ବିଷାକ୍ତକରଣ :** ଏହାଦ୍ୱାରା ମୁଖ୍ୟତଃ ପ୍ରାଣୀମାନେ ୬ ମାସ ବା ଊର୍ଦ୍ଧ୍ୱ ସମୟ ପରେ ବିଷାକ୍ତକରଣର ଶିକାର ହୋଇଥାଆନ୍ତି। ଠିକ୍ ସମୟରେ ଏଭଳି ବିଷାକ୍ତକରଣକୁ ଚିହ୍ନଟକରି ଚିକିତ୍ସା କରିବା ଦ୍ୱାରା ପ୍ରାଣୀ ସୁସ୍ଥ ହୁଅନ୍ତି।

**ବିଷାକ୍ତକରଣ ଚିକିତ୍ସାର ସାଧାରଣ ମୂଳତତ୍ତ୍ୱ:** ଆନୁମାନିକ ଅଥବା ପରୀକ୍ଷାମୂଳକ ମାଧ୍ୟମରେ ବିଷାକ୍ତକରଣର କାରଣ ଜାଣିବା ପରେ ହିଁ ଚିକିତ୍ସା କରାଯାଇଥାଏ। ଚାଷୀମାନେ ବିଳମ୍ବ ନ କରି ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଥିବା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ ନିଅନ୍ତୁ। ଏହାର ଚିକିତ୍ସା ପଦ୍ଧତିକୁ ମୁଖ୍ୟତଃ ୫ ଭାଗରେ ବିଭକ୍ତ କରାଯାଇଛି।



**ସାଧାରଣ ଚିକିତ୍ସା :** ଏହି ଚିକିତ୍ସା ପ୍ରଣାଳୀରେ ବିଷାକ୍ତକରଣ ଉତ୍ସକୁ ଦୂରେଇଦେବା ପାଇଁ ଅଧିକ ପିଇବା ପାଣି ଦିଆଯାଇଥାଏ। ଏହି ପାଣିରେ ୩୦-୬୦ ଗ୍ରାମ ଲୁଣ ମିଶାଇ ଆକ୍ରାନ୍ତ ପ୍ରାଣୀଙ୍କୁ ପିଇବାକୁ ଦେବା ଦ୍ୱାରା ବାନ୍ତି ହୋଇଥାଏ ଏବଂ ବିଷାକ୍ତକରଣ ପ୍ରଭାବ କମ୍ ହୋଇଥାଏ। ୨୫୦-୫୦୦ ଗ୍ରାମର ମାଗ୍ନେସିୟମ ସଲ୍‌ଫେଟ୍ ଅଥବା ତୈଳ ଜାତୀୟ ପଦାର୍ଥ ଦେବା ଦ୍ୱାରା ଆକ୍ରାନ୍ତ ପ୍ରାଣୀମାନଙ୍କ ଖାଦ୍ୟନଳୀରେ ଥିବା ବିଷ ଝାଡ଼ା ଦ୍ୱାରା ବାହାରିଯାଇଥାଏ। ପ୍ରାଣୀର ଆଖି ଏବଂ ଚର୍ମ ବିଷାକ୍ତକରଣର ଶିକାର ହେବା ଦ୍ୱାରା ଅଧିକ ପରିମାଣରେ ପାଣି ବା ନର୍ମାଲ ସାଲାଇନ୍ ପାଣି ଦ୍ୱାରା ପ୍ରାଣୀଙ୍କୁ ଧୁଅନ୍ତୁ। ଅତ୍ୟଧିକ ପରିମାଣରେ ହୋଇଥିବା ବିଷାକ୍ତକରଣ ଦୂରକରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ନିହାତି ଦରକାର।

**ସାଧାରଣ ବିଷ ନିରୋଧକ ଔଷଧ :** ଦୁଇ ଭାଗ ଅକିଭେଟେଡ୍ ଚାର୍‌କୋଲ୍ ସହ ଏକ ଭାଗ ଟନିକ୍ ଏସିଡ୍ ୧ ଭାଗ ମ୍ୟାଗ୍ନେସିୟମ ଅକ୍ସାଇଡ୍ (ଯାହାକି ୨୫୦ ଗ୍ରାମ ବଡ଼ ପ୍ରାଣୀ ଏବଂ ୩୦ ଗ୍ରାମ ସାନ ପ୍ରାଣୀଙ୍କ ପାଇଁ)କୁ ମିଶାଇ ପ୍ରାଣୀଙ୍କୁ ଦିଅନ୍ତୁ। ୬-୮ଟି ଅଣ୍ଡାର ଧଳା ଅଂଶ ସହ ୫୦୦ ମିଲି ଦୁଗ୍ଧ ମିଶ୍ରଣକରି ଖାଦ୍ୟରେ ଦିଆଯାଇପାରିବ। ଏହା ଧାତବ ପଦାର୍ଥର ବିଷାକ୍ତକରଣରେ ବ୍ୟବହୃତ ହୋଇଥାଏ। ୧୦୦ ମି.ଲି. ପାଣିରେ ୨୦ ବୁନ୍ଦା ଟିଙ୍କଚର ଆୟୋଡିନ ମିଶାଇ ପ୍ରାଣୀଙ୍କୁ ପିଇବା ପାଇଁ ଦିଅନ୍ତୁ। ସେହିପରି ଅତ୍ୟଧିକ ଅମ୍ଳଜାତୀୟ ବିଷାକ୍ତ ଲବଣକୁ ଚୂନପାଣି ଦ୍ୱାରା ନିରୋଧ କରାଯାଇପାରିବ।

**ବିଷାକ୍ତକରଣ ପଦାର୍ଥ ପାଇଁ ନିର୍ଦ୍ଦିଷ୍ଟ ବିଷ ନିରୋଧକ ଔଷଧ :** ଏଚ୍‌ସିଏନ୍ ବିଷାକ୍ତକରଣ ପାଇଁ ସୋଡିୟମ ନାଇଟ୍ରାଇଟ୍ ଏବଂ ସୋଡିୟମ ଥାୟୋସଲ୍‌ଫେଟ୍, ନାଇଟ୍ରେଟ୍ ବିଷାକ୍ତକରଣ ପାଇଁ ମିଥାଇଲ ବ୍ଲୁ, ଓରୋଗାନୋ ଫସ୍‌ଫେଟ୍ ବିଷାକ୍ତକରଣ ପାଇଁ ଆଟ୍ରୋସିନ୍ ସଲ୍‌ଫେଟ୍ ଏବଂ ଅତ୍ୟଧିକ ସୀସା ଦ୍ୱାରା ବିଷାକ୍ତକରଣ ପାଇଁ କ୍ୟାଲ୍‌ସିୟମ ଡାଇସୋଡିୟମ ଇଡିଟିଏ ଦିଆଯାଇଥାଏ।

**ବିଷାକ୍ତକରଣର ଲାକ୍ଷଣିକ ଚିକିତ୍ସା :** ବିଷାକ୍ତକରଣର ଲକ୍ଷଣକୁ ନଜରରେ ରଖି ନିମ୍ନଲିଖିତ ଚିକିତ୍ସା କରାଯାଇଥାଏ। ହେଲେ ଏହି ଚିକିତ୍ସା ପୂର୍ବରୁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ନିହାତି ଜରୁରୀ।

- ପ୍ରଥମତଃ ଶ୍ୱାସକ୍ରିୟାରେ କୌଣସି ପ୍ରକାର ବାଧା ଦୂରକରିବା।
- କିଛି କ୍ଷେତ୍ରରେ ଶ୍ୱାସକ୍ରିୟାର ଠିକ୍ ମାତ୍ରା ପାଇଁ ଶ୍ୱାସକ୍ରିୟା ଉତ୍ତେଜକ ଦ୍ରବ୍ୟ ବ୍ୟବହାର କରାଯାଇଥାଏ।
- ଶରୀର ଆଲୋଡ଼ନକୁ ଶାନ୍ତକରିବା ଦ୍ରବ୍ୟ ଯେପିରକି ଡାୟାଜେମାସ ଇଞ୍ଜେକସନ ଦିଆଯାଇଥାଏ।
- ଶରୀରକୁ ଉତ୍ତେଜନ କରିପାରିବା ଭଳି ଦ୍ରବ୍ୟ ଯେପରି କାଫେଇନ୍ ବ୍ୟବହାର କରାଯାଇପାରିବ। (କ୍ରମଶଃ..)

-ଓୟୁଏଟି, ଭୁବନେଶ୍ୱର

# ପନିପରିବାରେ ଝାଉଁଳା ରୋଗର ପ୍ରତିକାର

**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବା ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମିଲି ଇଥିଅନ୍ ସିଞ୍ଚନ କରନ୍ତୁ।





# ମାଛଚାଷ

**ଏ**କ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ । ମାଛମାନଙ୍କୁ ଜୀବାଣୁଜନିତ ରୋଗ ଯଥା ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ୨ରୁ ୩ ଦିନ କରିବେ। ପଚା ଘା' ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

# କପାରେ ବକରା ପୋକ ଲାଗିଲେ..

**କ**ପାରେ ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳାଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।



# ଧାନ ଅମଳ ସମୟରେ...

**ଧା**ନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ରୁ ୨୦ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ %, ଦାନାଦାର ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ ।





# ଭାରତ ଆଜି ଆଫଗାନିସ୍ତାନକୁ ଭେଟିବ

**ନୂଆଦିଲ୍ଲୀ,୧୦।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ବିଜୟ ପରେ ବୁଧବାର ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଆଫଗାନିସ୍ତାନ ବିପକ୍ଷରେ ଖେଳିବ ଭାରତ। ଚେନ୍ନାଇର ସ୍ପିନିଂ ଟ୍ରାକ୍‌ରୁ ଖେଳି ଫେରିଥିବା ଭାରତ ଏକ ନୂତନ ଭେନ୍ୟୁରେ ଖେଳିବ। ଦିଲ୍ଲୀରେ ଖେଳା ଯାଇଥିବା ପ୍ରଥମ ମ୍ୟାଚ୍‌ରେ ୭୦୦ରୁ ଅଧିକ ରନ୍ ସଂଗୃହୀତ ହୋଇଥିଲା। ପିଚ୍ ପେସ୍ ବୋଲରଙ୍କୁ ସାମାନ୍ୟ ସହାୟତା କରୁଥିବା ବେଳେ ପ୍ରଥମ ମ୍ୟାଚ୍‌ର ଦଳରେ ଗୋଟିଏ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଚେନ୍ନାଇରେ ଖେଳୁଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ଥାନରେ ଭାରତ ମହମ୍ମଦ ଶାମିଙ୍କୁ ଖେଳାଇପାରେ। ବିଶ୍ୱକପ୍ ପୂର୍ବରୁ ଭିନ୍ନ ଭିନ୍ନ ଭେନ୍ୟୁରେ ଆଡ୍‌ଜଷ୍ଟ କରିବା ଭାରତ ପାଇଁ ବଡ ଚ୍ୟାଲେଞ୍ଜ ରହିବ ବୋଲି ରୋହିତ ଶର୍ମା କହିଥିଲେ। ଚଳିତ ବିଶ୍ୱକପ୍‌ରେ ଭାରତ ୮ଟି ଭିନ୍ନ ଭିନ୍ନ ଭେନ୍ୟୁରେ ଏହାର ମ୍ୟାଚଗୁଡିକ ଖେଳିବାକୁ ଥିବାବେଳେ ଏହା ଦଳ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ଭାବରେ ଉଭା ହେବ।



ନେଟ୍ସ ସେସନରେ ଅଧିନାୟକ ରୋହିତ ଶର୍ମାଙ୍କ ସହ କୋଚ୍ ରାହୁଲ ଦ୍ରାବିଡ।

ଅନ୍ୟପକ୍ଷରେ ଷ୍ଟାର ଭାରତୀୟ ବ୍ୟାଟର ତଥା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ର ହିରୋ ବିରାଟ କୋହଲି ନିଜ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବେ। ନିଜ ନାମରେ ନାମିତ ପ୍ୟାଭିଲିୟନ ଓ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବ୍ୟାଟିଂ କରିବାର ଚାପ ମଧ୍ୟ ରହିପାରେ। ତେବେ ଏଭଳି ଚାପର ମୁକାବିଲା କରିବାରେ କୋହଲି ସିଦ୍ଧହସ୍ତ। କୋହଲି ନିଜର ହୋମ୍‌କମିଙ୍ଗ ମ୍ୟାଚ୍‌ରେ ପୁଣି ଥରେ ଚେନ୍ନାଇର ସଫଳତା ଦୋହରାଇବାକୁ ଚାହିଁବେ।

ଡେଙ୍ଗୁ କାରଣରୁ ଶୁବମନ୍ ଗିଲ୍ ବାଦ୍ ପଡିଥିବା ବେଳେ ପୁଣି ଥରେ ଇଶାନ କିଶନଙ୍କୁ ଓପନ କରିବାର ସୁଯୋଗ ମିଳିବ। ତେବେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଖରାପ ଶଟ୍ ଖେଳି ଆଉଟ ହୋଇଥିବା ଇଶାନ କିଶନ ଓ ଶ୍ରେୟସ ଆୟରଙ୍କୁ ନିଜ ପ୍ରଦର୍ଶନରେ ସୁଧାର ଆଣିବାକୁ ପଡିବ। ପୂର୍ବରୁ ଦିଲ୍ଲୀର ପିଚ୍ ତଳୁଆ ରହୁଥିବା ବେଳେ ପ୍ରଥମ ମ୍ୟାଚରେ କିନ୍ତୁ ୩୧ ଛକା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଏସିଆ କପ୍‌ରେ ପ୍ରତ୍ୟାବର୍ତ୍ତନ ପରଠାରୁ ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ରହିଥିବା ଲୋକେଶ ରାହୁଲ୍‌ଙ୍କ ଉପରେ ସମସ୍ତଙ୍କ ନଜର ରହିବ। ବ୍ୟାଟିଂ ବିଭାଗରେ ପରିବର୍ତ୍ତନର ସମ୍ଭାବନା କମ୍ ରହିଥିବା ବେଳେ ବୋଲିଂ ବିଭାଗରେ ଗୋଟିଏ ପରିବର୍ତ୍ତନ ଆଶା କରାଯାଇପାରେ। ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ଥାନରେ ମହମ୍ମଦ ଶାମି ଖେଳିପାରନ୍ତି। ଅଷ୍ଟ୍ରେଲିଆ ପରି ଶକ୍ତିଶାଳୀ ଦଳ ବିପକ୍ଷରୁ ଖେଳି ଆସିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ରନ୍ ଭୋଜିରେ ସାମିଲ ହେବାକୁ ପ୍ରୟାସ କରିବ। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ପରାଜୟ ପରେ ଆଫଗାନିସ୍ତାନ ମଧ୍ୟ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ସ୍ପିନରମାନେ ଆଫଗାନିସ୍ତାନ ବୋଲିଂର ମୁଖ୍ୟ ଅସ୍ତ୍ର ହୋଇଥିବା ବେଳେ ରଶିଦ୍ ଖାନ୍ ଓ ମୁଜିବ୍ ଉର୍ ରେହମାନଙ୍କ ଉପରେ ସମସ୍ତଙ୍କ ନଜର ରହିବ। ମୁଜିବ୍ ବୋଲିଂ ଓପନ୍ କରୁଥିବା ବେଳେ ରଶିଦ୍ ପାୱାର ପ୍ଲେ ଓଭର ପରେ ବୋଲିଂ କରିଥାନ୍ତି। ତେବେ ଟି୨୦ ଭଳି ସେ ପ୍ରଭାବ ବିସ୍ତାର କରି ନ ପାରନ୍ତି। ଅନ୍ୟପକ୍ଷରେ ଆଫଗାନିସ୍ତାନ ପକ୍ଷରୁ କେବଳ ଓପନର ରହମାନୁଲ୍ଲା ଗୁରବାଜଙ୍କୁ ଛାଡିଲେ କୌଣସି ବ୍ୟାଟର ଫର୍ମରେ ନାହାନ୍ତି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ଆଫଗାନିସ୍ତାନ**

**ସ୍ଥାନ: ଦିଲ୍ଲୀ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଭିନ୍ନ ଏକ ଚ୍ୟାଲେଞ୍ଜ

**ଗୌତମ ଗମ୍ଭୀର**

ନିକଟରେ ତାଲିବାନ ଶାସନାଧୀନ ଆଫଗାନିସ୍ତାନରେ ଭୂମିକମ୍ପରେ ୨,୪୪୫ ଲୋକ ନିହତ ହୋଇଥିବା ବେଳେ ୯,୨୪୦ ଆହତ ହୋଇଛନ୍ତି। ଏହି ଦୁଃଖଦ ପରିସ୍ଥିତିରେ ଆଫଗାନିସ୍ତାନ କ୍ରିକେଟ ଦଳ ଭାରତରେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଖେଳୁଛି। ୨୦୦୮ରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣ ଘଟଣା ମୋର ମନେପଡ଼ିଯାଉଛି। ସେତେବେଳେ ମୁଁ ଭାରତୀୟ କ୍ରିକେଟ ଦଳର ଜଣେ ସଦସ୍ୟ ଥିଲି ଏବଂ ଆମେ କଟକଠାରେ ଇଂଲଣ୍ଡ ବିପକ୍ଷରେ ଏକ ମ୍ୟାଚ ଖେଳୁଥିଲୁ। ନ୍ୟୁଜ୍ ଚ୍ୟାନେଲରେ ଘଟଣାଟିର ଫଟୋ ଦେଖି ଆମେ ସ୍ତମ୍ଭୀଭୂତ ହୋଇଯାଇଥିଲୁ। ପୁଣି ମୁମ୍ବାଇରେ ଆତଙ୍କବାଦୀଙ୍କ ଦ୍ୱାରା ନରସଂହାର ବାସ୍ତବିକ ହୃଦୟବିଦାରକ ଥିଲା। ବର୍ତ୍ତମାନ ଆଫଗାନିସ୍ତାନ ଏକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏଭଳି ପରିସ୍ଥିତିରେ ଟୁର୍ନାମେଣ୍ଟ ଖେଳୁଥିବା ଆଫଗାନିସ୍ତାନ ଦଳର ଖେଳାଳିଙ୍କ ମାନସିକତା କ'ଣ ଥିବ ତାହା ଅନୁମାନ କରିହେଉଥିବ। ଏହି ଦଳ ବୁଧବାର ଆୟୋଜକ ଭାରତକୁ ଭେଟିବ। ରଶିଦ ଖାଁ ତାଙ୍କର ସମସ୍ତ ବିଶ୍ୱକପ୍ ମ୍ୟାଚ ଫି' ଭୂକମ୍ପ କ୍ଷତିଗ୍ରସ୍ତଙ୍କ ଉଦ୍ଦେଶ୍ୟରେ ଦାନ କରିଛନ୍ତି। କ୍ରିକେଟ ମହଲରୁ ଏଭଳି ସହାୟତା ମୁଁ ଆଶା କରୁଛି। ଏହା ଦୁଃଖର ବିଷୟ ଯେ, ଭୂକମ୍ପ ପ୍ରଭାବିତଙ୍କୁ ସମ୍ମାନ ଜଣାଇ ଏକ ମିନିଟ ନୀରବ ପ୍ରାର୍ଥନା କିମ୍ବା ଖେଳାଳିମାନେ କଳାପଟି ପିନ୍ଧି ଖେଳିବା ଦେଖିବାକୁ ମିଳି ନ ଥିଲା। ମୋର ମନେପଡୁଛି ଚଳିତବର୍ଷ ଓଡ଼ିଶାରେ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୬୦ଜଣଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ଯାଇ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍ ଫାଇନାଲ ବେଳେ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଖେଳାଳି ଏକ ମିନିଟ ନୀରବ ପ୍ରାର୍ଥନା ସହ ହାତରେ କଳାପଟି ବାନ୍ଧି ଖେଳିଥିଲେ। ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆକୁ ହରାଇ ଭାରତ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ଅନେକେ ହୁଏତ ସହମତ ହୋଇ ନ ପାରନ୍ତି, ଚେନ୍ନାଇ ପିଚ୍‌ର ଲକ୍ଷଣକୁ କିନ୍ତୁ ମୁଁ ପସନ୍ଦ କରେ। ଏହି ପିଚ୍‌ରେ ଜଣେ ବ୍ୟାଟରଙ୍କ ଧୈର୍ଯ୍ୟ ଓ ଦକ୍ଷତାର ପରୀକ୍ଷା ହୋଇପାରିବ। ଚିଦାମ୍ବରମ ଷ୍ଟାଡିୟମରେ ଦର୍ଶକଙ୍କ ଭିଡ଼ ଦେଖିଲେ ମନେହୁଏ ସେମାନେ କମ୍ ସ୍କୋର ବିଶିଷ୍ଟ ମ୍ୟାଚ ଦେଖିବାକୁ ପସନ୍ଦ କରନ୍ତି। ୫୦ଓଭର ଫର୍ମାଟ ଖେଳକୁ ବଞ୍ଚାଇ ରଖିବାକୁ ହେଲେ ସନ୍ତୁଳିତ ପିଚ୍‌ର ଆବଶ୍ୟକ ରହିଛି। କେ.ଏଲ୍. ରାହୁଲ ଓ ବିରାଟ କୋହଲିଙ୍କ ବ୍ୟାଟିଂ ଖୁବ୍ ଭଲ ଥିଲା। ରାହୁଲଙ୍କ ଫୁଟ୍‌ୱର୍କ ସହ ଅଫ୍-ସାଇଡ ଶଟ୍ ମୋତେ ପ୍ରଭାବିତ କରିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କ ବ୍ୟାଟିଂ ଆପାତତଃ ତ୍ରୁଟିହୀନ ଥିଲା। ଭାରତ ଏକଦା ମାତ୍ର ୨ ରନରେ ୩ ଉଇକେଟ ହରାଇ ସାରିଥିବା ବେଳେ ଚାପରେ ଥାଇ କୋହଲିଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଚ୍ୟାଲେଞ୍ଜିଂ ଥିଲା। ଉଭୟେ ଇନିଂସକୁ ଯେପରି ଭାବେ ଆଗେଇ ନେଲେ ତାହା ଦର୍ଶନୀୟ ଥିଲା। ରବିବାର ରାହୁଲ ଓ କୋହଲିଙ୍କର ଅଲଗା ଅଲଗା ମାପଦଣ୍ଡରେ ପରୀକ୍ଷା ହୋଇଥିଲା। ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ।

**(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା)**

OFFICIAL SPONSOR
ICC MEN'S CRICKET WORLD CUP INDIA 2023
SEAGRAM'S
ROYAL STAG
PACKAGED DRINKING WATER
#LargeHumaaraHai

# ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲେ ଗିଲ୍



ଶୁବମନ ଗିଲ୍

**ନୂଆଦିଲ୍ଲୀ,୧୦।୧୦(ପି.ଟି.)**

ଭାରତୀୟ ଇନଫର୍ମ ଓପନିଂ ବ୍ୟାଟର ଶୁବମନ୍ ଗିଲ୍ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହୋଇଛନ୍ତି। ଡେଙ୍ଗୁ କାରଣରୁ ଗିଲ୍‌ଙ୍କୁ ଚେନ୍ନାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚେନ୍ନାଇରେ ପହଞ୍ଚିବା ପରେ ଗିଲ୍‌ଙ୍କୁ ଜ୍ୱର ହୋଇଥିବା ବେଳେ ପରୀକ୍ଷଣରୁ ଡେଙ୍ଗୁ ବୋଲି ଜଣା ପଡିଥିଲା। ପ୍ଲେଟ୍‌ଲେଟ୍ କାଉଣ୍ଟ ହ୍ରାସ ପାଇଥିବା ବେଳେ ତାଙ୍କୁ ରବିବାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କାବେରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ବିସିସିଆଇର ଡାକ୍ତର ରିଜୱାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରୁଥିଲେ। ମଙ୍ଗଳବାର ତାଙ୍କୁ ହସ୍ପିଟାଲ୍‌ରୁ ଡିସଚାର୍ଜ କରାଯାଇଥିବା ବେଳେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ସେ ବାଦ୍ ପଡିବେ। ଡେଙ୍ଗୁ କାରଣରୁ ଶରୀର ଦୁର୍ବଳ ହୋଇ ଯାଇଥାଏ। ସମ୍ପୂର୍ଣ୍ଣ ସୁସ୍ଥ ହେବା ଲାଗି ୭-୧୦ ଦିନ ସମୟ ଲାଗିଥାଏ। ଏପରି କି ପୁଣେରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ସେ ଖେଳି ନ ପାରନ୍ତି। ସାଧାରଣତଃ ଶରୀରରେ ପ୍ଲେଟଲେଟ୍ ସଂଖ୍ୟା ୧.୫ ଲକ୍ଷରୁ ୪.୫ ଲକ୍ଷ ରହୁଥିବା ବେଳେ ଗିଲ୍‌ଙ୍କ ପ୍ଲେଟ୍‌ଲେଟ୍ ସ୍ତର ୭୦ ହଜାରକୁ ଖସି ଆସିଥିଲା। ଗିଲ୍ ସୁସ୍ଥ ହୋଇଥିବାରୁ ଅଧିନାୟକ ରୋହିତ ଶର୍ମା ଖୁସି ପ୍ରକାଶ କରିଛନ୍ତି। ଏହା ସହ ଗିଲ୍‌ଙ୍କ ଅନୁପସ୍ଥିତିରେ ଜଣେ ଖେଳାଳିଙ୍କୁ କଭର ଭାବରେ ମଧ୍ୟ ଅଣା ଯାଇପାରେ। ଋତୁରାଜ ଗାଏକ୍ୱାଡ ଓ ଯଶସ୍ୱୀ ଜୟସ୍ୱାଲ ଏହି ତାଲିକାରେ ଆଗୁଆ ରହିଛନ୍ତି।



ଭାରତ-ଆଫଗାନିସ୍ତାନ ବିଶ୍ୱକପ ମ୍ୟାଚ ପୂର୍ବରୁ ମଙ୍ଗଳବାର ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଏକ ବିରାଟ ଜାତୀୟ ପତାକା ସହ ପିଲାମାନେ।

# ମ୍ୟାଚ୍ ଅଧାରୁ ହସ୍ପିଟାଲ ଗଲେ ମେଣ୍ଡିସ୍

**ହାଇଦ୍ରାବାଦ, ୧୦।୧୦ (ପି.ଟି.)**

ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅଧାରୁ ହସ୍ପିଟାଲ ଯାଇଥିଲେ ଶ୍ରୀଲଙ୍କାର ଉଇକେଟ କିପର ବ୍ୟାଟର କୁଶଲ ମେଣ୍ଡିସ୍। ଦିନିକିଆ କ୍ୟାରିୟରର ତୃତୀୟ ଶତକ ହାସଲ କରିଥିବା କୁଶଲ ବ୍ୟାଟିଂ ଶେଷ କରିବା ପରେ କ୍ରାମ୍ପ କାରଣରୁ ହସ୍ପିଟାଲ ଯାଇଥିଲେ। ୭୭ ବଲ୍ ଖେଳି ମେଣ୍ଡିସ୍ ୧୨୨ ରନ୍ କରିଥିଲେ। ୨୮ ବର୍ଷୀୟ ଏହି ଖେଳାଳିଙ୍କ ଇନିଂସରେ ୧୪ ଚୌକା ଓ ଛକା ସାମିଲ ଥିଲା। ଶ୍ରୀଲଙ୍କା ପକ୍ଷରୁ ଦ୍ରୁତତମ ଶତକ ହାସଲ କରିଥିବା ବେଳେ ହାଇଦ୍ରାବାଦର ତାପମାତ୍ରା କାରଣରୁ ତାଙ୍କୁ କ୍ରାମ୍ପ ହୋଇଥିଲା। ଦୁଶାନ ହେମନ୍ତ ବଦଳ ଖେଳାଳି ଭାବରେ ଫିଲ୍ଡିଂ କରିଥିବା ବେଳେ ସାଦିରା ସମରବିକ୍ରମା ଉଇକେଟ କିପିଂ କରିଥିଲେ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୨ | ୨ | ୦ | ୪ | +୧.୯୫୮ |
| ପାକିସ୍ତାନ | ୨ | ୨ | ୦ | ୪ | +୦.୯୨୭ |
| ଦକ୍ଷିଣ ଆଫ୍ରିକା | ୧ | ୧ | ୦ | ୨ | +୨.୦୪୦ |
| ଭାରତ | ୧ | ୧ | ୦ | ୨ | +୦.୮୮୩ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୨ | ୧ | ୧ | ୨ | -୦.୬୫୩ |
| ଅଷ୍ଟ୍ରେଲିଆ | ୧ | ୦ | ୧ | ୦ | -୦.୮୮୩ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ଆଫଗାନିସ୍ତାନ | ୧ | ୦ | ୧ | ୦ | -୧.୪୩୮ |
| ନେଦରଲାଣ୍ଡ | ୨ | ୦ | ୨ | ୦ | -୧.୮୦୦ |

# ମଲାନଙ୍କ ଶତକ: ଇଂଲଣ୍ଡର ବୃହତ୍ ବିଜୟ

**ଧର୍ମଶାଳା, ୧୦।୧୦**

ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପରେ ନିଜର ପ୍ରଥମ ମ୍ୟାଚରେ ପରାଜୟ ପରେ ଗତଥରର ଚାମ୍ପିୟନ ଇଂଲଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଦାଓ୍ୱିଦ ମଲାନଙ୍କ ଶତକ ଏବଂ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏହି ଦଳ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବାଂଲାଦେଶକୁ ବୃହତ୍ ବ୍ୟବଧାନରେ ୧୩୭ ରନରେ ପରାସ୍ତ କରିଛି। ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୬୪ ରନ କରିଥିବାବେଳେ ବାଂଲାଦେଶ ୪୮.୨ ଓଭରରେ ୨୨୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଶତକୀୟ ଇନିଂସ ପାଇଁ ମଲନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୨ ମ୍ୟାଚରୁ ଏହା ଇଂଲଣ୍ଡର ପ୍ରଥମ ବିଜୟ ହୋଇଥିବାବେଳେ ବାଂଲାଦେଶର ପ୍ରଥମ ପରାଜୟ। ଇଂଲଣ୍ଡ ନିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ହାରି ଥିବାବେଳେ ବାଂଲାଦେଶ ପ୍ରତିପକ୍ଷ ଆଫଗାନିସ୍ତାନକୁ ପରାସ୍ତ କରିଥିଲା।

ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଦଳର ବୋଲରମାନେ ଆରମ୍ଭରୁ ସେମିତି କିଛି କରିସ୍ମା ଦେଖାଇପାରି ନ ଥିଲେ। ଫଳରେ ଇଂଲଣ୍ଡ ଓପନିଂ ଯୋଡ଼ିରେ ୧୧୫ ରନ ଯୋଗକରି ବଡ଼ ସ୍କୋର ଆଡ଼କୁ ଅଗ୍ରସର ହୋଇଥିଲା। ନିଜର ଶତକ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ ଜନି ବେୟାରଷ୍ଟୋ। ସେ ୫୯ ବଲରୁ ୫୨ (୮ ଚୌକା) ରନକରି ପ୍ୟାଭିଲିୟନ ଫେରିଥିଲେ। ମଲାନ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ୬ଷ୍ଠ ଦିନିକିଆ ଶତକ। ସେ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୦୭ ବଲ୍‌ରୁ ୧୬ ଚୌକା ଓ ୫ ଛକା ସହାୟତାରେ ୧୪୦ ରନ କରିଥିଲେ। ନିର୍ଭରଯୋଗ୍ୟ ଜୋ ରୁଟ୍ ଶତକର ନିକଟତର ହୋଇଥିଲେ ହେଁ ଦୁର୍ଭାଗ୍ୟଜନକଭାବେ ୮୨ ରନକରି ଶୋରିଫୁଲ୍ ଇସଲାମଙ୍କ ଏକ ସୁଇଂ ବଲ୍‌କୁ ଖେଳିବାକୁ ଯାଇ ଉଇକେଟ କିପର ମୁଶଫିକର ରହିମଙ୍କୁ କ୍ୟାଚ ଦେଇଥିଲେ। ମିଡିଲ୍ ଏବଂ ଟେଲ୍ ଏଣ୍ଡରଙ୍କ ବିଫଳତା ସତ୍ତ୍ୱେ ଇଂଲଣ୍ଡ ୩୬୪ ରନର ବଡ଼ ସ୍କୋର ଛିଡ଼ା କରିଥିଲା। ବାଂଲାଦେଶ ପକ୍ଷରୁ ମେହଦି ହାସନ ସର୍ବାଧିକ ୪ଟି, ଶୋରିଫୁଲ ଇସଲାମ ୩ଟି ଏବଂ ତାସକିନ ଅହମଦ ଓ ଶାକିବ ଅଲ୍ ହାସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଶତକ ମ୍ୟାଚରେ ବେୟାରଷ୍ଟୋଙ୍କ ଅର୍ଦ୍ଧଶତକ**



ଦାଓ୍ୱିଦ ମଲାନ

ବୃହତ୍ ଟାର୍ଗେଟର ଚାପ ବାଂଲାଦେଶ ଇନିଂସ ଆରମ୍ଭରୁ ପ୍ରତିଫଳିତ ହୋଇଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ୪୯ ରନ ମଧ୍ୟରେ ୪ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଇଂଲଣ୍ଡର ରିସି ଟୋପ୍‌ଲେ ବାଂଲାଦେଶର ଏହି ବିପର୍ଯ୍ୟୟ ଘଟାଇଥିଲେ। ଓପନର ଲିଟନ ଦାସ (୭୬ ରନ) ଓ ମିଡିଲ ଅର୍ଡରରେ ମୁଶଫିକର ରହିମ (୫୧) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ ହେଁ ତାହା ଇଂଲଣ୍ଡକୁ ଚ୍ୟାଲେଞ୍ଜ ଦେବାପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ତୋହିଦ ହ୍ରିଦୟ ୩୯ ରନ କରିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ରିସି ଟୋପଲେ ୪ଟି, କ୍ରିସ୍ ଓ୍ୱକ୍ସ ୨ଟି ଏବଂ ସାମ୍ କୁରାନ, ମାର୍କ ଉଡ୍, ଆଡିଲ ରଶିଦ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୦ ଓଭରରେ ୩୬୪/୯(ଦାଓ୍ୱିଦ ମଲାନ-୧୪୦, ଜୋ ରୁଟ୍-୮୨, ଜନିବେୟାରଷ୍ଟୋ-୫୨, ମେହଦି ହାସନ-୪/୭୧, ଶୋରିଫୁଲ ଇସଲାମ-୩/୭୫, ତାସକିନ ଅହମଦ-୧/୩୮, ଶାକିବ ଅଲ୍ ହାସନ-୧/୫୨)। ବାଂଲାଦେଶ ୪୮.୨ ଓଭରରେ ୨୨୭/ଅଲ୍‌ଆଉଟ (ଲିଟନ ଦାସ-୭୬, ମୁଶଫିକର ରହିମ-୫୧, ରିସି ଟୋପ୍‌ଲେ-୪/୪୩, କ୍ରିସ୍ ଓ୍ୱକ୍ସ-୨/୪୯, ଲିଆମ ଲିଭିଂଷ୍ଟୋନ-୧/୧୩, ମାର୍କ ଉଡ୍-୧/୨୯, ଆଡିଲ ରଶିଦ-୧/୪୨, ସାମ୍ କୁରାନ-୧/୪୭)।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୧/୨୦୨୩ Bhubaneswar, Wednesday, October 11/ 2023

# ଦେଶରେ ଉତ୍ସବର ପରିବେଶ: ମୋଦି

## ଏସିଆଡ୍ ମେଡାଲିଷ୍ଟଙ୍କୁ ସମ୍ବର୍ଦ୍ଧନା


ନୂଆଦିଲ୍ଲୀରେ ମଙ୍ଗଳବାର ଏସିଆନ ଗେମ୍ସ ପଦକ ବିଜେତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ନୂଆଦିଲ୍ଲୀ,୧୦।୧୦(ପି.ଟି.)** ହାଙ୍ଗଝୋରେ ଉଦ୍‌ଯାପିତ ହୋଇଥିବା ଏସିଆନ୍ ଗେମ୍ସ ୨୦୨୩ରେ ପଦକ ବିଜେତା ଭାରତୀୟ ଖେଳାଳିଙ୍କୁ ସମ୍ବର୍ଦ୍ଧନା ମଙ୍ଗଳବାର ଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଆଥ୍‌ଲେଟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୧୪୦ କୋଟି ଦେଶବାସୀଙ୍କ ପକ୍ଷରୁ ମୁଁ ସମସ୍ତ ଆଥ୍‌ଲେଟମାନଙ୍କୁ ସ୍ୱାଗତ କରିବାକୁ ଚାହୁଁଛି। ୧୯୫୧ରେ ଯେଉଁ ସ୍ଥାନରୁ ଏସିଆନ୍ ଗେମ୍ସ ଆରମ୍ଭ ହୋଇଥିଲା ସମାନ ସ୍ଥାନରେ ଆଥ୍‌ଲେଟମାନଙ୍କ ସହିତ ବସିବା ମୋ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିବା ସହିତ ନିରନ୍ତର ଅଧ୍ୟବସାୟ ପାଇଁ ଖେଳାଳି, କୋଚ୍, ଟ୍ରେନର ଓ ଫିଜିଓମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଦେଶ ମାଟିରେ ଏହା ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ଏକ କ୍ରୀଡା ରାଷ୍ଟ୍ର ଭାବରେ ଆମେ ଠିକ୍ ଦିଗରେ ଯାଉଥିବା ନେଇ ହୃଦ୍‌ବୋଧ ହେଉଛି ବୋଲି ମୋଦି କହିଥିଲେ। ଭାରତ ଚଳିତ ଗେମ୍ସରେ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ସହିତ ସମୁଦାୟ ୧୦୭ ପଦକ ହାସଲ କରିଛି। ଏହା ସହିତ ଖେଳାଳିମାନଙ୍କ ଏହି ସଫଳତାକୁ ସ୍ୱଦେଶୀ ଟିକାର ସଫଳତା ସହିତ ପ୍ରଧାନମନ୍ତ୍ରୀ ତୁଳନା କରିଥିଲେ। ଶୁଟିଂ, ଆର୍ଚେରୀ, ସ୍କ୍ୱାଶରେ ଭାରତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ମହିଳା କ୍ରିକେଟ ଓ ପୁରୁଷ କ୍ରିକେଟ ଦଳ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହିଳା ଶଟ୍‌ପୁଟ୍‌ରେ ୭୨ ବର୍ଷରେ, ୪X୪୦୦ ମିଟର ରିଲେରେ ୬୧ ବର୍ଷ ପରେ,ଇକ୍ୱେଷ୍ଟ୍ରିଆନରେ ୪୧ ଓ ବ୍ୟାଡ୍‌ମିଣ୍ଟନରେ ୪୦ ବର୍ଷ ପରେ ଭାରତ ପଦକ ହାସଲ କରିଥିଲା। ଦଶନ୍ଧି ଧରି ଭାରତ ଏହି ସବୁ ଇଭେଣ୍ଟରେ ପଦକ ହାସଲ କରି ନ ଥିବା ବେଳେ ଖେଳାଳିମାନଙ୍କ ପ୍ରୟାସରେ ହିଁ ଏହା ସମ୍ଭବ ହୋଇପାରିଛି। ଭାରତ ପଦକ ହାସଲ କରିଥିବା ଇଭେଣ୍ଟ ମଧ୍ୟରୁ ୨୦ଟିରେ ପ୍ରଥମ ଥର ପୋଡିୟମ ଫିନିଶ କରିବାରେ ସଫଳ ହୋଇଥିବା ବେଳେ ଦେଶର ଯୁବ ଖେଳାଳିଙ୍କ ପାଇଁ ଏହା ଏକ ନୂତନ ରାସ୍ତା ଉନ୍ମୁକ୍ତ କରିଛି।

ପ୍ରଧାନମନ୍ତ୍ରୀ ଦେଶର ନାରୀଶକ୍ତିକୁ ପ୍ରଶଂସା କରିବା ସହିତ ମହିଳା ଆଥ୍‌ଲେଟମାନଙ୍କୁ ଏହାର ଶ୍ରେୟ ଦେଇଥିଲେ। ଭାରତ ଯେତିକି ପଦକ ଜିତିଛି ଏହାର ଅଧାରୁ ଅଧିକ ମହିଳା ଖେଳାଳିମାନେ ଜିତିଥିବା ବେଳେ ପୁରୁଷ ଖେଳାଳିଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରମାଣିତ କରିଛନ୍ତି। ମହିଳା କ୍ରିକେଟ ଦଳ ପଦକ ଜିତି ଆରମ୍ଭ କରିଥିବା ବେଳେ ବକ୍ସିଂରେ ଭାରତୀୟ ଖେଳାଳି ସର୍ବାଧିକ ପଦକ ବିଜୟୀ ହେବାର ରେକର୍ଡ କରୁଛନ୍ତି। ଆଥ୍‌ଲେଟିକ୍ସରେ ମଧ୍ୟ ଭାରତୀୟ ମହିଳା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ମଧ୍ୟ ଆମର ଆଥ୍‌ଲେଟମାନେ ଭଲ ପ୍ରଦର୍ଶନ କରୁଥିଲେ। ୨୦୧୪ ପରଠାରୁ ସରକାରଙ୍କ ଉଦ୍ୟମ କାରଣରୁ ଏଥିରେ ଉନ୍ନତି ଆସିଛି। ୨୦୧୪ ପରଠାରୁ କ୍ରୀଡା ବଜେଟ୍‌କୁ ୩ ଗୁଣ ବୃଦ୍ଧି କରାଯାଇଥିବା ବେଳେ ଖେଲୋ ଇଣ୍ଡିଆ ଓ ଟପ୍ସରେ ଭାରତ ଆଗୁଆ ରହିଛି। ଭାରତ ଆଗାମୀ ଦିନରେ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବାର ଆଶା ରହିଥିବା ବେଳେ ୨୦୨୬ରେ ଜାପାନରେ ହେବାକୁ ଥିବା ଆଗାମୀ ସଂସ୍କରଣରେ ମଧ୍ୟ ସମାନ ପ୍ରଦର୍ଶନ ଦୋହରାଇବା ନେଇ ଆଶା କରାଯାଉଛି ବୋଲି ମୋଦି କହିଥିଲେ। ବର୍ତ୍ତମାନ ଦେଶର କୋଣଅନୁକୋଣରୁ ଆଥ୍‌ଲେଟମାନେ ଖେଲୋ ଇଣ୍ଡିଆ ଜରିଆରେ ଚୟନ ହେଉଛନ୍ତି। ସେହିପରି ଯୁବ ଖେଳାଳିମାନେ ବିଜୟୀ ହେବା କାରଣରୁ ଦେଶ ଏକ ସ୍ପୋର୍ଟିଂ ନେଶନ ହେବା ଆଡକୁ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି।

ଖେଲୋ ଇଣ୍ଡିଆ ବର୍ତ୍ତମାନ ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି। ଏହା ମଧ୍ୟରୁ ୩ ହଜାର ଆଥ୍‌ଲେଟ ବାହାରିଥିବା ବେଳେ ବିଗତ ୯ ବର୍ଷ ମଧ୍ୟରେ ସରକାର ୨୫ ହଜାର କୋଟି ଟଙ୍କା ବ୍ୟୟ କରିଛନ୍ତି। ଏହା ସହ ପ୍ରଧାନମନ୍ତ୍ରୀ କହିଥିଲେ, ବର୍ତ୍ତମାନ ସୋସିଆଲ ମିଡିଆରେ ଗୋଟ୍(ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ) ନାମକ ଶବ୍ଦ ବେଶ୍ ଭାଇରାଲ ହେଉଛି। ଆମର ପ୍ରତ୍ୟେକ ଖେଳାଳି ଜଣେ ଜଣେ ଗୋଟ୍ ବୋଲି ମୋଦି କହିଥିଲେ। ଏହା ସହ ପଦକ ବିଜେତା ଆଥ୍‌ଲେଟମାନେ ଡ୍ରଗ୍ସ ବ୍ୟବହାର ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ମଧ୍ୟ ମୋଦି ଆହ୍ୱାନ ଦେଇଥିଲେ।

# ସାତ୍ତ୍ୱିକ-ଚିରାଗ ବିଶ୍ୱର ନମ୍ବର ୧

**ନୂଆଦିଲ୍ଲୀ, ୧୦।୧୦ (ପି.ଟି.):** ବ୍ୟାଡ୍‌ମିଣ୍ଟ ବ୍ୟାଡ୍‌ମିଣ୍ଟ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ମଙ୍ଗଳବାର ବିଶ୍ୱ ର୍‍ୟାଙ୍କିଙ୍ଗ ଖେଳାଳି ତାଲିକା ପ୍ରକାଶ କରିଛନ୍ତି। ଭାରତର ଷ୍ଟାର ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରଥମ ଭାରତୀୟ ଡବଲ୍ସ ଯୋଡ଼ି ଭାବେ ଏଥିରେ ନମ୍ବର ୱାନ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ହାଙ୍ଗ୍‌ଝୋଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ସେମାନେ ଏହି ଗୌରବ ଅର୍ଜନ କରିଛନ୍ତି। ଏହି ଦୁଇଜଣ ଭାରତର ପୂର୍ବତନ ବିଶ୍ୱର ନମ୍ବର ୱାନଙ୍କୁ ନେଇ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏଥିରେ ପ୍ରକାଶ ପାଦୁକୋନ୍, ସାଇନା ନେହ୍ୱାଲ ଓ କିଡାମ୍ବି ଶ୍ରୀକାନ୍ତଙ୍କ ନାମ ରହିଛି। ସାତ୍ତ୍ୱିକ ଓ ଚିରାଗ ହେଉଛନ୍ତି ବର୍ତ୍ତମାନର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଓ ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ବିଜେତା। ଦୁହେଁ ଫାଇନାଲରେ ଦକ୍ଷିଣ କୋରିଆର ଚୋଇ ସୋଲ୍‌ଗ୍ୟୁ ଏବଂ କିମ୍ ଓନ୍‌ହୋଙ୍କୁ ୨୧-୧୮, ୨୧-୧୬ରେ ହରାଇ ଦେଇଥିଲେ। ସାତ୍ତ୍ୱିକ ଓ ଚିରାଗ ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୨୩ ମାର୍ଚ୍ଚରେ ସୁଇସ୍ ଓପନ୍‌ରେ ସେମାନଙ୍କର ପ୍ରଥମ ଟାଇଟଲ ହାସଲ କରିଥିଲେ। ଏପ୍ରିଲରେ ଦୁବାଇରେ ଏସିଆନ ଚାମ୍ପିୟନଶିପ୍‌ରେ ସେମାନେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଜୁନ୍‌ରେ ଇଣ୍ଡୋନେସିଆ ଓପନରେ ପ୍ରଥମ ଭାରତୀୟ ଭାବେ ଏକ ବିଡବ୍ଲ୍ୟୁଏଫ୍ ସୁପର ୧୦୦୦ ଟୁର୍ନାମେଣ୍ଟ ଜିତିଥିଲେ। ସାତ୍ତ୍ୱିକ -ଚିରାଗ ପରେ କୋରିଆ ଓପନ ସୁପର ୫୦୦ ଟାଇଟଲ ଜିତି ର୍‍ୟାଙ୍କିଙ୍ଗ ତାଲିକାରେ ଉପରକୁ ଉଠିବାରେ ଲାଗିଥିଲେ।

# ସ୍କୁଲ୍ସ ଚେସ୍: ଆଂଶିକା, ଶ୍ରୀୟାଂଶ ଚାମ୍ପିୟନ


ପୁରସ୍କାର ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୧୦।୧୦ (ତପନ ସ୍ୱାଇଁ)** ରାଜ୍ୟ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଢେଙ୍କାନାଳର ବ୍ରଜନାଥ ବଡ଼ଜେନା ସରକାରୀ ହାଇସ୍କୁଲ ପରିସରରେ ୬୭ତମ ରାଜ୍ୟ ସ୍କୁଲ୍ସ (୧୭ ବର୍ଷରୁ କମ୍) ଚେସ୍ ଚାମ୍ପିୟନଶିପ୍ ମଙ୍ଗଳବାର ଶେଷ ହୋଇଛି। ୨ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୨୩ ଜିଲାରୁ ୫୪ ବାଳିକା ଓ ୭୪ ବାଳକ ଅଂଶଗ୍ରହଣ କରିଥିଲେ। ୭ ରାଉଣ୍ଡ ଶେଷରେ ବାଳିକାରେ ଭୁବନେଶ୍ୱରର ଆଂଶିକା ପାଣ୍ଡେ ଓ ବାଳକରେ କଟକର ଶ୍ରୀୟାଂଶ ଦାସ ଚାମ୍ପିୟନ ହୋଇଛନ୍ତି। ଶ୍ରୀୟାଂଶ ୬.୫ ଓ ଆଂଶିକା ୫.୫ ପଏଣ୍ଟ ପାଇଛନ୍ତି। ବାଳିକା ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ଜୟଲକ୍ଷ୍ମୀ ସାହୁ, କନିସ୍କା ନାୟକ, ରାଜଶ୍ରୀ ପୁହାଣ ଓ ଅଞ୍ଜଳି ମିଶ୍ର ଟପ୍-୫ ଫିନିଶ୍ କରିଛନ୍ତି। ଏହି ପ୍ରତିଯୋଗୀମାନେ ଆଗାମୀ ୧୭ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ନମସ୍ୟା ନଳିନୀ, ଆୟୁଷି ମହାନ୍ତି, ରତପ୍ରଭା ସାହୁ ଓ ଶ୍ରେଷ୍ଟି ଶ୍ରେୟାସି ଷ୍ଟାଣ୍ଡବାଇ ରହିଛନ୍ତି। ସେହିପରି ବାଳକରେ ଶ୍ରୀୟାଂଶଙ୍କ ବ୍ୟତୀତ ପ୍ରିୟାଂଶ ଦାସ, ପ୍ରତ୍ୟୁଷ ନାୟକ, କୌସ୍ତୁଭ ଦାଶ ଓ ଓମ୍ ଆଦିତ୍ୟ ଖାଡ଼ଙ୍ଗା ଟପ୍-୫ ଫିନିଶ୍ କରି ଆଗାମୀ ଜାତୀୟ ପ୍ରତିଯୋଗିତାରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବାର ଯୋଗ୍ୟତା ପାଇଛନ୍ତି। ଅଂଶୁମାନ ମହାନ୍ତି, ଦିବ୍ୟଜ୍ୟୋତି ମିଶ୍ର, ଆଦିତ୍ୟ ରଞ୍ଜନ ଦାସ ଓ ସତ୍ୟମ ଓଝା ଷ୍ଟାଣ୍ଡବାଇ ରହିଛନ୍ତି। ଏମ୍‌ପି ମହେଶ୍ୱର ସାହୁ, ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଫିଜିକାଲ ଏଜୁକେଶନ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ। ବିଭୁଦତ୍ତ ରଥ, ସୌମ୍ୟକାନ୍ତ ସାହୁ ଓ ସନ୍ତୋଷ କୁମାର ସାହୁ ତାଙ୍କୁ ସହାୟତା କରିଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ